# ଧରିତ୍ରୀ
DHARITRI

ଢେଙ୍କାନାଳ, ରବିବାର, ନଭେମ୍ବର ୧/୨୦୨୦ (୧୨ପୃଷ୍ଠା+ଛୁଟିଦିନ) | Dhenkanal, Sunday, November 1/2020 | ★★★★★

୧୬ଶ ଭାଗ ୧୮୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-





## ଇଶାନ କିଶନଙ୍କ ଆକର୍ଷଣୀୟ ବ୍ୟାଟିଂ

ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ଆଇପିଏଲ୍ ମ୍ୟାଚରେ ଅପରାଜିତ ୭୨ ରନ ସ୍କୋର ପାଇଁ ମୁମ୍ବାଇ ଇଣ୍ଡିଆନ୍ସର ଇଶାନ କିଶନ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ୧୦

୦୨ ## ବିବାହ ବନ୍ଧନରେ କାଜଲ

ଅଭିନେତ୍ରୀ କାଜଲ ଅଗ୍ରୱାଲ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି। ମୁମ୍ବାଇର ଏକ ହୋଟେଲରେ ବୟଫ୍ରେଣ୍ଡ ଗୌତମ କିଚ୍‌ଲୁଙ୍କୁ ସେ ବିବାହ କରିଛନ୍ତି।






# ପ୍ରଶାସନ ଅନୁମତିରେ ମନ୍ଦିର ଖୋଲୁ

## ନଭେମ୍ବର ପାଇଁ ନୂଆ ଗାଇଡ୍‌ଲାଇନ

- ୧୬ ଯାଏ ଖୋଲିବନି ସିନେମା ହଲ୍, ସୁଇମିଂପୁଲ୍
- ସଂକ୍ରମିତ ଅଞ୍ଚଳରେ ଜାରି ରହିବ କଟକଣା
- ୩୦ ଯାଏ ସବୁ ଶିକ୍ଷାନୁଷ୍ଠାନ ବନ୍ଦ
- ଅନ୍‌ଲାଇନ, ଦୂରଶିକ୍ଷା ଜାରି ରହିବ
- ଉଚ୍ଚଶିକ୍ଷା ଗବେଷଣା ପାଇଁ ଅନୁମତି



**ଭୁବନେଶ୍ୱର,୩୧।୧୦(ବ୍ୟୁରୋ)**

କୋଭିଡ-୧୯ କଟକଣା ଯୋଗୁ ଗତ କିଛି ମାସ ହେବ ମନ୍ଦିର ଓ ଧାର୍ମିକ ସ୍ଥଳଗୁଡିକ ବନ୍ଦ ଥିବାବେଳେ ସେଗୁଡିକ ଖୋଲିବା ନେଇ ଆଶା ସଞ୍ଚାର ହୋଇଛି। ରାଜ୍ୟ ସରକାର ଶନିବାର ନଭେମ୍ବର ମାସ ପାଇଁ ଗାଇଡ୍‌ଲାଇନ ଜାରି କରିଛନ୍ତି। ମନ୍ଦିର ଓ ଅନ୍ୟାନ୍ୟ ଧର୍ମପୀଠରେ ସର୍ବସାଧାରଣ ଉପାସନା ପାଇଁ ଜିଲା ପ୍ରଶାସନ, ମହାନଗର ନିଗମ କମିଶନର କିମ୍ବା ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଅନୁମତି ନେବାକୁ ପଡିବ। ସଂକ୍ରମଣ ସ୍ଥିତିକୁ ଦେଖି କର୍ତ୍ତୃପକ୍ଷ ଧର୍ମାନୁଷ୍ଠାନ ଖୋଲିବାକୁ ଅନୁମତି ଦେବେ। ଏଥିସହ ବିଭିନ୍ନ ପରିଚାଳକଙ୍କ ସହ ଆଲୋଚନା କରି ଧର୍ମାନୁଷ୍ଠାନ ଖୋଲିବାକୁ କର୍ତ୍ତୃପକ୍ଷ ଅନୁମତି ଦେଇପାରିବେ ବୋଲି ଗାଇଡଲାଇନରେ ଉଲ୍ଲେଖ କରାଯାଇଛି।

ତେବେ ସିନେମାହଲ୍, ସୁଇମିଂପୁଲ, ଥିଏଟର, ଅଡିଟୋରିୟମ, ଆସେମ୍ବ୍ଲି ହଲ୍ ଆଦି ନଭେମ୍ବର ୧୬ ଯାଏ ବନ୍ଦ ରହିବ। କୋଭିଡ୍ ପରିସ୍ଥିତିର ସମୀକ୍ଷା କରିବା ପରେ ଉକ୍ତ ଅନୁଷ୍ଠାନ ଖୋଲିବା ନେଇ ସରକାର ନିଷ୍ପତ୍ତି ନେବେ। ଶନିବାର ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍‌ଆର୍‌ସି)ଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି କରାଯାଇଥିବା କୋଭିଡ୍ ଗାଇଡ୍‌ଲାଇନରେ ଏହି ସୂଚନା ଦିଆଯାଇଛି। ଏଥିସହିତ ନଭେମ୍ବର ୩୦ ଯାଏ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିବ। ତେବେ ଖାତାଦେଖା, ପ୍ରବେଶିକା ପରୀକ୍ଷା ଏବଂ ଅନ୍ୟାନ୍ୟା ପ୍ରଶାସନିକ କାର୍ଯ୍ୟ ଜାରି ରହିବ। ଅନ୍‌ଲାଇନ/ ଦୂରଶିକ୍ଷା ଜାରି ରହିବ। ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡିକ ଗବେଷଣା, ସ୍ନାତକୋତ୍ତର ବିଭାଗର ବିଜ୍ଞାନ ଓ ବୈଷୟିକ ଛାତ୍ରୀଛାତ୍ରଙ୍କ ପାଇଁ ଲାବରେଟୋରି ଖୋଲି ପାରିବେ। ଧାର୍ମିକ ଉପାସନା ପୀଠରେ ପୂଜାର୍ଚ୍ଚନା ପାଇଁ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଅନୁମତି ନେବାକୁ ପଡିବ। କୋଭିଡ୍ କଟକଣାକୁ ଦେଖି ବିଭିନ୍ନ ମନ୍ଦିର ପରିଚାଳକଙ୍କ ସହ ଆଲୋଚନା କରି କର୍ତ୍ତୃପକ୍ଷ ଅନୁମତି ଦେଇପାରିବେ।

ଆସନ୍ତା ନଭେମ୍ବର ୩୦ ଯାଏ ଅନ୍ତର୍ଜାତୀୟ ବିମାନ ଉଡ଼ାଣ ଉପରେ କଟକଣା ବଳବତ୍ତର ରହିବ। ☞ପୃଷ୍ଠା-୪

## ୧୫ ପରେ ନିଆଯିବ ସ୍କୁଲ ଖୋଲିବା ନିଷ୍ପତ୍ତି

**ଭୁବନେଶ୍ୱର, ୩୧।୧୦(ବ୍ୟୁରୋ)**

କରୋନା ମହାମାରୀ ପାଇଁ ରାଜ୍ୟରେ ଗତ ୭ମାସ ହେବ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିଛି। ସଂକ୍ରମଣ ଧୀରେ ଧୀରେ କମୁଥିବାରୁ ବର୍ତ୍ତମାନର ସ୍ଥିତିକୁ ଦୃଷ୍ଟିରେ ରଖି ସରକାର ଶିକ୍ଷାଷ୍ଠାନଗୁଡ଼ିକୁ ଖୋଲିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ତେବେ ନଭେମ୍ବର ୩୦ ପର୍ଯ୍ୟନ୍ତ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିବ। କିନ୍ତୁ ନବମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ ପାଇଁ ସ୍କୁଲ ଖୋଲିବା ନିଷ୍ପତ୍ତି ନଭେମ୍ବର ୧୫ ପରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନେଇପାରିବ। ଏ ନେଇ ଶନିବାର ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍‌ଆର୍‌ସି) ନିର୍ଦ୍ଦେଶନାମା ଜାରି କରିଛନ୍ତି।

ଶନିବାର ପୂର୍ବାହ୍ନରେ ରାଜ୍ୟ ସରକାର କେତେକ କଟକଣା ସହ ନଭେମ୍ବର ୧୬ ପରେ ନବମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ଖୋଲିବାକୁ ଅନ୍‌ଲକ୍ ୬.୦ ଗାଇଡ୍‌ଲାଇନ୍‌ରେ ସୂଚନା ଦେଇଥିଲେ। କିନ୍ତୁ ଘୋଷଣାର ମାତ୍ର କିଛି ସମୟ ମଧ୍ୟରେ ସେଥିରେ ପରିବର୍ତ୍ତନ କରାଯାଇଥିଲା। ସ୍କୁଲ ଖୋଲିବା ନେଇ ସରକାର ନିଷ୍ପତ୍ତି ବଦଳାଇଥିବା ଏସ୍‌ଆର୍‌ସି ସୂଚନା ଦେବା ସହିତ ସାନି ନିର୍ଦ୍ଦେଶାବଳୀ ☞ପୃଷ୍ଠା-୪


# କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ବ୍ରାଉନସୁଗାର ଜବତ

**ରାଜଧାନୀରେ ଧରାପଡ଼ିଲେ ବାଲେଶ୍ୱରର ଡିଲର**

**ଭୁବନେଶ୍ୱର,୩୧।୧୦(ବ୍ୟୁରୋ)**

ବାଲେଶ୍ୱରରୁ ରାଜଧାନୀକୁ ଚାଲାଣ ହେଉଛି ବ୍ରାଉନସୁଗାର। କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଶନିବାର ବରମୁଣ୍ଡା ବସ୍‌ଷ୍ଟାଣ୍ଡ ନିକଟରୁ ଜଣେ ଡିଲରଙ୍କୁ ଗିରଫ କରିବା ସହ ତାଙ୍କଠାରୁ ୧କେଜି ୧୭୦ ଗ୍ରାମ୍‌ର ବ୍ରାଉନସୁଗାର ଜବତ କରିଛି। ଏହାର ବଜାର ମୂଲ୍ୟ କୋଟିଏ ୧୭ଲକ୍ଷ ଟଙ୍କା ହେବ। ଗିରଫ ଡିଲର ଜଣକ ହେଲେ ବାଲେଶ୍ୱର ଜିଲା ଜଳେଶ୍ୱରର ବାସିନ୍ଦା ଶେଖ୍ ହାସିମ୍ ବକ୍ସ। ତାଙ୍କ ବିରୋଧରେ ଏସ୍‌ଟିଏଫ୍ ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା (ନଂ.୨୭/୨୦) ରୁଜୁ କରିବା ସହ ଅଧିକ ଖୋଳତାଡ଼ ଚାଲିଥିବା ☞ପୃଷ୍ଠା-୪

## ଜେମ୍ସ ବଣ୍ଡ୍ ଅଭିନେତା ସାନ୍ କୋନେରୀଙ୍କ ପରଲୋକ



ସାର୍ ସାନ୍ କୋନେରୀ

**ନୂଆଦିଲ୍ଲୀ,୩୧।୧୦**

ଜେମ୍ସ ବଣ୍ଡ୍ ସିରିଜ୍‌ର ଅଭିନେତା ସାର୍ ସାନ୍ କୋନେରୀଙ୍କର ଶନିବାର ପରଲୋକ ହୋଇଯାଇଛି। ତାଙ୍କୁ ୯୦ ବର୍ଷ ହୋଇଥିଲା। ଜେମ୍ସ ବଣ୍ଡ୍ ଚରିତ୍ରକୁ ସହଜ କରିବାରେ ସେ ପ୍ରଥମ ଅଭିନେତା ଥିଲେ। ସେ ୬ଟି ଜେମ୍ସ ବଣ୍ଡ୍ ଚଳଚ୍ଚିତ୍ରରେ ଅଭିନୟ କରିଥିଲେ। ସେଗୁଡ଼ିକ ହେଲା ଡ. ନୋ, ଫ୍ରମ୍ ରୁଷିଆ ୱିଥ୍ ଲଭ୍, ଗୋଲ୍ଡ ଫିଙ୍ଗର, ଥଣ୍ଡରବଲ୍, ୟୁ ଓନ୍‌ଲି ଲିଭ୍ ଟୁଆଇସ୍ ଏବଂ ଡାଏମଣ୍ଡସ୍ ଆର୍ ଫରଏଭର। ସ୍କଟଲ୍ୟାଣ୍ଡର ଏହି ଅଭିନେତାଙ୍କୁ ବ୍ରିଟିଶ ରାଣୀ ଏଲିଜାବେଥ ୨୦୦୦ରେ ନାଇଟ୍ ଉପାଧି ପ୍ରଦାନ କରିଥିଲେ। ଜେମ୍ସ ବଣ୍ଡ ସିରିଜ୍ ବ୍ୟତୀତ ସେ ଅନେକ ଚଳଚ୍ଚିତ୍ରରେ ଅଭିନୟ କରି ଦର୍ଶକ ମହଲରେ ବେଶ୍ ଆଦୃତ ହୋଇଥିଲେ। ଏହି କିମ୍ବଦନ୍ତୀ ଅଭିନେତା ଓସ୍କାର ସମେତ ଅନେକ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି।

# ଦେଶର ପ୍ରଥମ ସି-ପ୍ଲେନ୍ ସେବା ଆରମ୍ଭ



ଅହମ୍ମଦାବାଦସ୍ଥିତ ସାବରମତି ରିଭରଫ୍ରଣ୍ଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନେଇ ସି-ପ୍ଲେନ୍ ଅବତରଣ କରୁଛି।

**ନୂଆଦିଲ୍ଲୀ,୩୧।୧୦(ପିଆଇବି)**

ଦେଶର ପୂର୍ବତନ ଉପପ୍ରଧାନମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୪୫ତମ ଜନ୍ମବାର୍ଷିକୀ ତଥା ରାଷ୍ଟ୍ରୀୟ ଏକତା ଦିବସ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଗୁଜରାଟରେ କେଭାଡିଆ-ସାବରମତି ୱାଟର ଏରୋଡ୍ରମ୍ ଏବଂ ସି-ପ୍ଲେନ୍ ସେବା ଉଦ୍‌ଘାଟନ କରିଛନ୍ତି। ଏହା ଦେଶର ପ୍ରଥମ ସି-ପ୍ଲେନ୍ ସେବା, ଯାହା କେଭାଡିଆଠାରେ ଥିବା ଷ୍ଟାଚ୍ୟୁ ଅଫ୍ ୟୁନିଟିକୁ ଅହମଦାବାଦର ସାବରମତି ରିଭରଫ୍ରଣ୍ଟ ସହ ସଂଯୋଗ କରିବ। ସାବରମତିରୁ କେଭାଡିଆ ଯିବା ପାଇଁ ସଡ଼କ ପଥରେ ୪ ଘଣ୍ଟା ସମୟ ଲାଗୁଥିବାବେଳେ ସି-ପ୍ଲେନ୍‌ରେ ୪୫ ମିନିଟ ଲାଗିବ। ଏହି ପ୍ଲେନ୍ ପ୍ରତିଦିନ ଦୁଇଥର ଯିବାଆସିବା କରିବ। ଏଥିପାଇଁ ☞ପୃଷ୍ଠା-୪

# ୭୦୦ କି.ମି. ଟ୍ରାଫିକ୍ ଜାମ୍

**ଫ୍ରାନ୍ସରେ ଦ୍ୱିତୀୟ ଲକ୍‌ଡାଉନ ପୂର୍ବରୁ ଘରମୁହାଁ ଲୋକେ**

**ପ୍ୟାରିସ୍,୩୧।୧୦**

କରୋନା ସଂକ୍ରମଣ ବଢ଼ିଚାଲିଥିବାରୁ ଏହାକୁ ପ୍ରତିହତ କରିବା ଲାଗି ଫ୍ରାନ୍ସ ସରକାର ପୁଣି ଥରେ ୪ ସପ୍ତାହ ପାଇଁ ଦେଶବ୍ୟାପୀ ଲକ୍‌ଡାଉନ ଘୋଷଣା କରିଛନ୍ତି। ଶୁକ୍ରବାରଠାରୁ ସେଠାରେ ଲକ୍‌ଡାଉନ ଆରମ୍ଭ ହୋଇଛି। ସହର ମଧ୍ୟରେ ଆବଦ୍ଧ ହୋଇ ରହିବା ଅପେକ୍ଷା ପ୍ୟାରିସର ଜନସାଧାରଣ ଗ୍ରାମାଭିମୁଖୀ ହେବାରୁ ରାସ୍ତାଗୁଡ଼ିକ ପ୍ରବଳ ଗହଳି ହୋଇଥିଲା। ଗୁରୁବାର ସନ୍ଧ୍ୟାରେ ଗୋଟିଏ ସ୍ଥାନରେ ୭୦୦ କିଲୋମିଟର ପର୍ଯ୍ୟନ୍ତ ରାସ୍ତା ଜାମ୍ ହୋଇଥିବା ଡିଷ୍ଟୋପିଆନ୍ ଚିତ୍ରରୁ ଦେଖିବାକୁ ମିଳିଛି। ଆଗକୁ ଲମ୍ବା ଛୁଟି ଥିବାରୁ ଅଧିକାଂଶ ଲୋକ କାର ଚଳାଇ ଗ୍ରାମାଭିମୁଖେ ବାହାରି ପଡ଼ିଥିଲେ। ୟୁରୋପ ଏବଂ ଅନ୍ୟ ଦେଶରେ ପ୍ରଥମେ କରୋନା ମହାମାରୀ ବ୍ୟାପିବା ବେଳେ ଲକ୍‌ଡାଉନ ଘୋଷଣା ହେବା ଯୋଗୁ ଲୋକମାନଙ୍କୁ ଦୀର୍ଘ ସପ୍ତାହ ଘରେ ରହିବାକୁ ପଡ଼ିଥିଲା। ପୁଣି ସେଠାରେ ସେଭଳି ସ୍ଥିତି ଉପୁଜିବାକୁ ଯାଉଛି। କେତେକ ଦେଶରେ ସଂକ୍ରମଣ ରେକର୍ଡ ସ୍ତରରେ ପହଞ୍ଚିଥିବାବେଳେ ଏବେ ସେମାନେ ପୁଣିଥରେ କଠୋର କଟକଣା ଲଗାଇବାକୁ ଚିନ୍ତା କରୁଛନ୍ତି। ଫ୍ରାନ୍ସରେ ପୁନର୍ବାର ଲକ୍‌ଡାଉନ ଯୋଗୁ ରାଜଧାନୀର ଅଧିକାଂଶ ଅଞ୍ଚଳ ଶନିବାର ସକାଳେ ଖାଁଖାଁ ଲାଗିଥିଲା। ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନକୁ ବାଦ୍ ଦେଲେ ଅନ୍ୟ ସବୁ ଦୋକାନ ବନ୍ଦ ରହିଥିଲା। ପ୍ୟାରିସ୍‌ର ୬୭ ନିୟୁତ ଲୋକଙ୍କୁ ଘରୁ ନ ବାହାରିବାକୁ ଓ କାହାକୁ ଘରକୁ ଆସିବାକୁ ନ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାର ଉଲ୍ଲଂଘନ ହେଲେ ଜରିମାନା ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ। ମେଡିକାଲ କାମରେ କିମ୍ବା ଅତ୍ୟାବଶ୍ୟକ ସାମଗ୍ରୀ କିଣିବା ପାଇଁ ଦିନକୁ ଗୋଟିଏ ଘଣ୍ଟା ପାଇଁ ୧ କିଲୋମିଟର ମଧ୍ୟରେ ବାହାରକୁ ଯିବା ଲାଗି ଅନୁମତି ମିଳିଛି।

(ଫଟୋ: ପୃଷ୍ଠା-୯)

**ଆଜିର ସମ୍ପାଦକୀୟ**

**ବାସ୍ତବତାଠାରୁ ଦୂରରେ**

**ଆଜିର ମନ୍ତବ୍ୟ**

"ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଆମେରିକାକୁ ବିଭାଜନ କରି ନାଗରିକଙ୍କୁ ପରସ୍ପର ବିରୋଧରେ ଲଢ଼ାଉଛନ୍ତି।
-ଜୋ ବାଇଡେନ୍, ଡେମୋକ୍ରାଟିକ୍ ଦଳର ରାଷ୍ଟ୍ରପତି ପ୍ରାର୍ଥୀ

# ହୁଗୁଳା ହେଉଛି ସାତକୋଶିଆ ସୁରକ୍ଷା

- ବ୍ୟାଘ୍ର ପ୍ରକଳ୍ପକୁ ଅନୁଦାନ ନିଅଣ୍ଟ
- ଛଟେଇ ହେଲେଣି ୨୦୭ ଅସ୍ଥାୟୀ ୱାଚର
- ମାତିବେ ଶିକାରୀ, କାଠମାଫିଆ

**ଦିନେଶ ଦେହୁରୀ**
**ବନ୍ତଲା,୩୧।୧୦**

ମହାବଳ ବାଘ ମହାବୀରର ମୃତ୍ୟୁ ପରଠାରୁ ଅନୁଗୋଳ ଜିଲା ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପର ଭବିଷ୍ୟତ ଅନ୍ଧକାରକୁ ଠେଲି ହୋଇଯାଇଛି। ଏଠାରେ ପ୍ରଥମ କରି ଆରମ୍ଭ କରାଯାଇଥିବା ଦେଶର ଆନ୍ତଃରାଜ୍ୟ ବ୍ୟାଘ୍ର ସ୍ଥାନାନ୍ତର ପ୍ରକଳ୍ପକୁ ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ (ଏନ୍‌ଟିସିଏ) ବାତିଲ କରିଥିବା ବେଳେ ବାର୍ଷିକ ଅନୁଦାନରେ ମଧ୍ୟ ବଡ଼ ଆକାରର କାଟଛାଣ୍ଟ କରିଛି। ଫଳରେ ଏହାର ସିଧାସଳଖ ପ୍ରଭାବ ପ୍ରକଳ୍ପ ପରିଚାଳନା ଓ ସୁରକ୍ଷା ବ୍ୟବସ୍ଥା ଉପରେ ପଡ଼ିଛି। କର୍ମଚାରୀଙ୍କୁ ଦରମା ଦେବାକୁ ଅର୍ଥ ନିଅଣ୍ଟ ପଡୁଥିବାରୁ ବ୍ୟାଘ୍ର ପ୍ରକଳ୍ପର ସୁରକ୍ଷା ପାଇଁ ନିଯୁକ୍ତ ୱାଚରମାନଙ୍କୁ ଛଟେଇ କରାଯାଉଛି। ଇତିମଧ୍ୟରେ ୨୦୭ ଜଣ ଅସ୍ଥାୟୀ ୱାଚରଙ୍କୁ ବିଦା କରାଯାଇଥିବାରୁ ପ୍ରକଳ୍ପର ସୁରକ୍ଷା ଢିଲା ପଡ଼ିଯିବା ନେଇ ସାଧାରଣରେ ଆଶଙ୍କା ପ୍ରକାଶ ପାଇଛି।

ଅନୁଗୋଳ ସର୍କଲ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକଙ୍କ ଅଧୀନରେ ଥିବା ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡ, ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଓ ବାଇଶିପାଳି ବନ୍ୟପ୍ରାଣୀ ଖଣ୍ଡକୁ ନେଇ ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପ ଗଠନ କରାଯାଇଛି। କେନ୍ଦ୍ର ସରକାରଙ୍କ ବିଜ୍ଞପ୍ତି ଅନୁଯାୟୀ ଅନୁଗୋଳ, ଢେଙ୍କାନାଳ, ଆଠମଲ୍ଲିକ, ଆଠଗଡ଼ ଓ ବୌଦ୍ଧ ବନଖଣ୍ଡର କିଛି ସଂରକ୍ଷିତ ଜଙ୍ଗଲ ଏଥିରେ ସାମିଲ ପରେ ପ୍ରକଳ୍ପର ପରିସୀମା ୧୧୩୬.୭୦ ବର୍ଗ କିଲୋମିଟରକୁ ବୃଦ୍ଧି ପାଇଛି। ଏହାର ପରିଚାଳନା, ସୁରକ୍ଷା ପାଇଁ ଏନ୍‌ଟିସିଏ ପକ୍ଷରୁ ପ୍ରତିବର୍ଷ ଅନୁଦାନ ଦିଆଯାଇଥାଏ। ଏହାବାଦ୍ ରାଜ୍ୟ ସରକାରଙ୍କ ପକ୍ଷରୁ ମଧ୍ୟ ୪୦ ପ୍ରତିଶତ (ଏନ୍‌ଟିସିଏ ଅନୁଦାନ ଅନୁଯାୟୀ) ଅର୍ଥ ପ୍ରକଳ୍ପକୁ ପ୍ରଦାନ କରାଯାଏ। ୨୦୧୯-୨୦ ଆର୍ଥିକ ବର୍ଷରେ ବ୍ୟାଘ୍ର ପ୍ରକଳ୍ପ ଖର୍ଚ୍ଚ ପାଇଁ ଅନୁଗୋଳ ସର୍କଲ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷଣଙ୍କ ପକ୍ଷରୁ ୨୬ କୋଟି ୭୮ ଲକ୍ଷ ଟଙ୍କାର ପ୍ରସ୍ତାବ ଏନ୍‌ଟିସିଏକୁ ଦିଆଯାଇଥିଲା। କିନ୍ତୁ ଏନ୍‌ଟିସିଏ ୧୫ କୋଟି ୯୬ ଲକ୍ଷ ଟଙ୍କା ପ୍ରଦାନ କରିଥିଲା। ସେହିପରି ୨୦୨୦-୨୧ ଆର୍ଥିକ ବର୍ଷର ଖର୍ଚ୍ଚ ପାଇଁ ୧୫ କୋଟି ୯୬ ଲକ୍ଷ ଟଙ୍କା ମଗାଯାଇଥିବା ବେଳେ ମିଳିଥିଲା ମାତ୍ର ୩ କୋଟି ୮୨ ଲକ୍ଷ ଟଙ୍କା। ତେଣୁ ଖର୍ଚ୍ଚ କାଟ୍ କରିବାକୁ ଯାଇ ଗତ ସେପ୍ଟେମ୍ବରରୁ ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଅସ୍ଥାୟୀ ୱାଚରଙ୍କୁ ଛଟେଇ କରାଯାଉଛି। ଇତିମଧ୍ୟରେ ଢେଙ୍କାନାଳ ବନଖଣ୍ଡରୁ ୧୦ ଜଣ ଅସ୍ଥାୟୀ ୱାଚର, ଆଠମଲ୍ଲିକରୁ ୩୦ ଜଣ, ଆଠଗଡ଼ରୁ ୩୦, ସାତକୋଶିଆରୁ ୫୯, ଅନୁଗୋଳରୁ ୨୫, ମହାନଦୀ ☞ପୃଷ୍ଠା-୪




## ହରପ୍ରୀତ ସିଂ ଆଲାଏନ୍ସ ଏୟାର ସିଇଓ



ହରପ୍ରୀତ ସିଂ

**ନୂଆଦିଲ୍ଲୀ,୩୧।୧୦**

ଏୟାର ଇଣ୍ଡିଆର ସହଯୋଗୀ କମ୍ପାନୀ ଆଲାଏନ୍ସ ଏୟାରର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ) ଭାବେ ହରପ୍ରୀତ ସିଂ ଅବସ୍ଥାପିତ ହୋଇଛନ୍ତି। ଭାରତୀୟ ବିମାନ ଶିଳ୍ପରେ ଏକ କମ୍ପାନୀର ମଙ୍ଗ ସମ୍ଭାଳିବାରେ ସେ ହେଉଛନ୍ତି ପ୍ରଥମ ମହିଳା। ହରପ୍ରୀତ ବର୍ତ୍ତମାନ ଏୟାର ଇଣ୍ଡିଆର ବିମାନ ନିରାପତ୍ତା ବିଭାଗ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି। ନୂଆ ପଦୋନ୍ନତି ପରେ ତାଙ୍କ ସ୍ଥାନରେ କମ୍ପାନୀର ☞ପୃଷ୍ଠା-୪

ଧରିତ୍ରୀ
DHARITRI
ରବିବାର, ୧ ନଭେମ୍ବର, ୨୦୨୦



ଜନ ଅଧିକାର ପାର୍ଟି ନେତା ପପୁ ଯାଦବ ଶନିବାର ଏକ ପ୍ରଚାର ରାଲିରେ ଯୋଗଦେଇଥିଲେ। ମୁଜାଫରପୁରର ମିନାପୁର ନିର୍ବାଚନ ମଣ୍ଡଳରେ ଉଦ୍‌ବୋଧନ ଦେଉଥିବାବେଳେ ମଞ୍ଚ ଭୁଶୁଡ଼ି ପଡ଼ିବାରୁ ସେ ଆହତ ହୋଇଛନ୍ତି। ବିହାର ବିଧାନସଭା ନିର୍ବାଚନ ଲାଗି ପପୁଙ୍କ ଜନ ଅଧିକାର ପାର୍ଟି ଏବଂ ଚନ୍ଦ୍ରଶେଖର ଆଜାଦ ରାଭନଙ୍କ ଆଜାଦ ସମାଜ ପାର୍ଟି ପରସ୍ପର ହାତ ମିଳାଇ ପ୍ରଗତିଶୀଳ ଗଣତାନ୍ତ୍ରିକ ମେଣ୍ଟ ଗଠନ କରିଛନ୍ତି।



## ସଂକ୍ଷେପରେ

### ବିଜ୍ଞାପନରେ ସରକାର ଖର୍ଚ୍ଚ କରିଛନ୍ତି ୭୧୩.୨୦ କୋଟି

**ନୂଆଦିଲ୍ଲୀ,୩୧।୧୦(ଆଇଏଏନ୍‌ଏସ୍):** କେନ୍ଦ୍ର ସରକାର ୨୦୧୯-୨୦ ଆର୍ଥିକ ବର୍ଷରେ ବିଜ୍ଞାପନ ବାବଦରେ ୭୧୩.୨୦ କୋଟି ଟଙ୍କା ବ୍ୟୟ କରିଛନ୍ତି। ଅର୍ଥାତ୍ ଦିନକୁ ବିଜ୍ଞାପନ ବାବଦରେ ହାରାହାରି ୧.୯୫ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଏଥିରୁ ଅଧିକ ଭାଗ ଇଲେକ୍ଟ୍ରୋନିକ୍ ମିଡିଆକୁ ମିଳିଛି। ଆର୍‌ଟିଆଇ ଆବେଦନର ଉତ୍ତରରୁ ଏହି ତଥ୍ୟ ଜଣାପଡ଼ିଛି। ମୁମ୍ବାଇର ଆର୍‌ଟିଆଇ କର୍ମୀ ଜତିନ ଦେଶାଇ ଏଥିପାଇଁ ଆବେଦନ କରିଥିଲେ। ଇଲେକ୍ଟ୍ରୋନିକ ଓ ଛାପା ଗଣମାଧ୍ୟମ ସମେତ ଆଉଟଡୋର ମିଡିଆ ପ୍ରଚାରରେ ମୋଟ ୭୧୩.୨୦ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ବ୍ୟୁରୋ ଅଫ୍ ଆଉଟରିଚ୍ ଆଣ୍ଡ କମ୍ୟୁନିକେଶନ (ବିଓଆର୍) ପକ୍ଷରୁ ଉତ୍ତର ଦିଆଯାଇଛି। ସେଥିରୁ ଇଲେକ୍ଟ୍ରୋନିକ ମିଡିଆକୁ ୩୧୭.୦୫ କୋଟି ଟଙ୍କା ଯାଇଥିବାବେଳେ ଛାପା ଗଣମାଧ୍ୟମକୁ ୨୯୫.୦୫ କୋଟି ଏବଂ ଆଉଟଡୋର ମିଡିଆକୁ ୧୦୧.୧୦ କୋଟି ଟଙ୍କା ପ୍ରଦାନ କରାଯାଇଛି।

# ଭାଜପାକୁ ଇସିଙ୍କ କ୍ଲିନ୍ ଚିଟ୍

ନୂଆଦିଲ୍ଲୀ,୩୧।୧୦(ପି.ଟି.)

### ମାଗଣା ଟିକା ପ୍ରତିଶ୍ରୁତି ଆଚରଣ ବିଧିର ଉଲ୍ଲଂଘନ ନୁହେଁ




ନିର୍ବାଚନ ପ୍ରଚାର ବେଳେ ମାଗଣା କୋଭିଡ୍ ଟିକା ପ୍ରଦାନ ଲାଗି ପ୍ରତିଶ୍ରୁତି ଦେବା ଆଦର୍ଶ ଆଚରଣ ବିଧିର ଉଲ୍ଲଂଘନ ନୁହେଁ ବୋଲି ନିର୍ବାଚନ କମିଶନ (ଇସି) କହିଛନ୍ତି। ବିହାର ବିଧାନସଭା ନିର୍ବାଚନ ପାଇଁ ଭାଜପା ଏହାର ଇସ୍ତାହାରରେ ଜନସାଧାରଣଙ୍କୁ ମାଗଣାରେ କୋଭିଡ୍ ଟିକା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ଆର୍‌ଟିଆଇ କର୍ମୀ ସାକେତ୍ ଗୋଖଲେଙ୍କ ଅଭିଯୋଗ ଉପରେ କମିଶନ ଏହା କହିଛନ୍ତି।

ନିର୍ବାଚନ ବେଳେ ବିହାର ଜନସାଧାରଣଙ୍କୁ ମାଗଣା ଟିକା ପ୍ରଦାନର ପ୍ରତିଶ୍ରୁତି ଦେବା ପକ୍ଷପାତିତା ଓ କେନ୍ଦ୍ର ସରକାରଙ୍କ କ୍ଷମତାର ଅପବ୍ୟବହାର ବୋଲି ଗୋଖଲେ ଅଭିଯୋଗ କରିଥିଲେ। ତେବେ ଆଦର୍ଶ ଆଚରଣ ବିଧିର ଅଷ୍ଟମ ଅନୁଚ୍ଛେଦରେ ଇସ୍ତାହାରକୁ ନେଇ ରହିଥିବା ଗାଇଡ୍‌ଲାଇନ୍‌କୁ ଦର୍ଶାଇ କମିଶନ କହିଛନ୍ତି, ମାଗଣା ଟିକା ପ୍ରତିଶ୍ରୁତି ଆଚରଣ ବିଧିର ଉଲ୍ଲଂଘନ କରୁନାହିଁ। ସମ୍ବିଧାନରେ ଥିବା ରାଷ୍ଟ୍ରନୀତି ନିର୍ଦ୍ଦେଶିତ ସିଦ୍ଧାନ୍ତ ଅନୁଯାୟୀ ନାଗରିକମାନଙ୍କ ପାଇଁ ସରକାର ବିଭିନ୍ନ କଲ୍ୟାଣକାରୀ ପଦକ୍ଷେପ ନେଇପାରିବେ। ତେଣୁ ନିର୍ବାଚନୀ ଇସ୍ତାହାରରେ ଏଭଳି ପ୍ରତିଶ୍ରୁତି ଦେବାକୁ ବିରୋଧ କରାଯାଇପାରିବ ନାହିଁ ବୋଲି ଇସି କହିଛନ୍ତି। ନିର୍ବାଚନ ସମୟରେ ବିଭିନ୍ନ ରାଜନୈତିକ ଦଳ ଓ ପ୍ରାର୍ଥୀଙ୍କ ପକ୍ଷରୁ ନିର୍ବାଚନୀ ଇସ୍ତାହାର ପ୍ରକାଶ ପାଇଥାଏ। ବିହାର ନିର୍ବାଚନ ପାଇଁ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଭାଜପାର ଇସ୍ତାହାର ଜାରି କରିବା ଅବସରରେ ମାଗଣା କୋଭିଡ୍-୧୯ ଟିକା ଦେବାର ପ୍ରତିଶ୍ରୁତି ରଖିଥିଲେ।

### ସୁପ୍ରିମକୋର୍ଟ ଗଲେ କମଲନାଥ



#### ଇସିଙ୍କ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ

ଉପନିର୍ବାଚନ ପ୍ରଚାର ବେଳେ ଆଦର୍ଶ ଆଚରଣ ବିଧିର ଉଲ୍ଲଂଘନ କରିଥିବା ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ କମଲନାଥଙ୍କୁ ନିର୍ବାଚନ କମିଶନ (ଇସି) ଷ୍ଟାର ପ୍ରଚାରକ ତାଲିକାରୁ ବାଦ୍ ଦେଇଥିଲେ। ଏହାକୁ ସେ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ପିଟିଶନର ତ୍ୱରିତ୍ ଶୁଣାଣି ଲାଗି ଅଦାଲତଙ୍କୁ ଅନୁରୋଧ କରାଯାଇଥିବା ବରିଷ୍ଠ ଆଇନଜୀବୀ ତଥା ରାଜ୍ୟ ସଭା ସଦସ୍ୟ ବିବେକ ଟଙ୍ଖା କହିଛନ୍ତି। ମଧ୍ୟପ୍ରଦେଶର ୨୮ ବିଧାନସଭା ଆସନ ଲାଗି ଉପନିର୍ବାଚନ ଅନୁଷ୍ଠିତ ହେଉଛି।



ଶନିବାର ରାତିରେ ମୁମ୍ବାଇ ଆକାଶରେ ଦେଖାଦେଇଥିବା ନୀଳ ଜହ୍ନ।


# ଭୂକମ୍ପ ମୃତ୍ୟୁସଂଖ୍ୟା ୨୭

ଇଜ୍‌ମିର୍ (ତୁର୍କୀ),୩୧।୧୦

ତୁର୍କୀ ଓ ଗ୍ରୀସ୍‌ରେ ଶୁକ୍ରବାର ଅପରାହ୍ଣରେ ହୋଇଥିବା ଭୂକମ୍ପରେ ମୃତ୍ୟୁସଂଖ୍ୟା ୨୭କୁ ବୃଦ୍ଧି ପାଇଛି। ବଡ଼ ଧରଣର ଭୂକମ୍ପରେ ତୁର୍କୀର ଆଜିଆନ ଉପକୂଳ ଏବଂ ଗ୍ରୀସ୍‌ର ସାମୋସ ଦ୍ୱୀପ ଉତ୍ତର ଭାଗ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ଉଦ୍ଧାରକାରୀ ଟିମ୍ ଭଗ୍ନାବଶେଷ ତଳୁ କେତେକ ମୃତଦେହ ଉଦ୍ଧାର କରିଛନ୍ତି। ୮୦୦ରୁ ଅଧିକ ଲୋକ ଆହତ ହୋଇଥିବା ଜଣାପଡିଛି। ଇଜ୍‌ମିର ସହରର ବହୁ କୋଠା ଧ୍ୱଂସ ହେବା ସହ ସେଫେରିହିସାର ଜିଲା ଏବଂ ସାମୋସ୍‌ରେ ଛୋଟ ଧରଣର ସୁନାମି ଆସିଥିଲା। ଭୂକମ୍ପ ପରେ ଶତାଧିକ ପଶ୍ଚାତ୍ କମ୍ପନ ଅନୁଭୂତ ହୋଇଛି।

# ପୁଲ୍‌ୱାମା ଆକ୍ରମଣ: ସତ ପଦାକୁ ଆସିଲା

ଅହମଦାବାଦ,୩୧।୧୦



ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣ ପାକିସ୍ତାନ କରାଇଥିଲା। ଦୀର୍ଘଦିନ ପରେ ଏହି ସତ୍ୟତା ପଦାକୁ ଆସିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ପୁଲ୍‌ୱାମା ଆତଙ୍କବାଦୀ ଘଟଣାରେ ପାକିସ୍ତାନ ସମ୍ପୃକ୍ତ ଥିବା ଏହାର ଜଣେ ମନ୍ତ୍ରୀ ପାର୍ଲାମେଣ୍ଟରେ ସ୍ୱୀକାର କରିଛନ୍ତି। ଏହା ପରେ ବିରୋଧୀ ଦଳ ପ୍ରଶ୍ନ ଉଠାଉଥିବାରୁ ଏନେଇ ମୋଦି କଂଗ୍ରେସକୁ ଟାର୍ଗେଟ୍ କରିଛନ୍ତି। ଦେଶର ପ୍ରଥମ ଉପପ୍ରଧାନମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମବାର୍ଷିକୀ ତଥା ଏକତା ଦିବସ ଅବସରରେ ଗୁଜରାଟର କେଭାଡିଆଠାରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ଏହା କହିଛନ୍ତି।

ସେନା ଯବାନଙ୍କ ଉପରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପରେ କିଛି ରାଜନୈତିକ ଦଳ ନିଜର ସ୍ୱାର୍ଥ ରାଜନୀତି କରିବା ଆରମ୍ଭ କରିଥିଲେ।

### କଂଗ୍ରେସକୁ ପ୍ରଧାନମନ୍ତ୍ରୀଙ୍କ ଟାର୍ଗେଟ୍

ସେନାର ମନୋବଳ ବଢ଼ାଇବା ଜରୁରୀ ହୋଇଥିବାବେଳେ ଦେଶର ଜନସାଧାରଣଙ୍କୁ ଭ୍ରମାତ୍ମକ ମନ୍ତବ୍ୟ ଦେବା ଆରମ୍ଭ କରିଥିଲେ। ତେବେ ପଡ଼ୋଶୀ ଦେଶ ପାକିସ୍ତାନର ସ୍ୱୀକାରୋକ୍ତି ପରେ ଏବେ ସତର ପର୍ଦ୍ଦାଫାଶ୍ ହୋଇଛି। ସେ ରାହୁଲ ଗାନ୍ଧୀ ଅବା କଂଗ୍ରେସର ନାମ ନ ନେଇ କହିଛନ୍ତି ଯେ, ଦେଶର ସଙ୍କଟ ସମୟରେ କିଛି ଦଳ ଏବଂ କେତେକ ଲୋକ ନିଜର ସ୍ୱାର୍ଥ ପୂରଣ ପାଇଁ ପ୍ରୟାସ ହିଁ କରିଥାନ୍ତି।

## କୃଷି ଆଇନ ବିରୋଧରେ ୩ ବିଲ୍ ଆଣିଲା ରାଜସ୍ଥାନ

ନୂଆଦିଲ୍ଲୀ,୩୧।୧୦(ପି.ଟି.)

କେନ୍ଦ୍ର ସରକାରଙ୍କ ନୂତନ କୃଷି ଆଇନକୁ ଅକାମୀ କରିବା ପାଇଁ ରାଜସ୍ଥାନ ସରକାର ଶନିବାର ବିଧାନସଭାରେ ତିନୋଟି ବିଲ୍ ଆଗତ କରିଛନ୍ତି। ପୂର୍ବରୁ ପଞ୍ଜାବ ସରକାର ବିଧାନସଭାରେ କୃଷି ଆଇନ ବିରୋଧରେ ସଂକଳ୍ପ ଗୃହୀତ କରାଇବା ସହ ବିବାଦୀୟ ଆଇନ ବିରୋଧରେ ୪ ବିଲ୍ ଗୃହୀତ କରାଇଥିଲେ। ରାଜସ୍ଥାନର ସଂସଦୀୟ ବ୍ୟାପାର ମନ୍ତ୍ରୀ ଶାନ୍ତି ଧରିୱାଲ ଗୃହରେ ଅତ୍ୟାବଶ୍ୟକ ସାମଗ୍ରୀ (ସ୍ୱତନ୍ତ୍ର ବ୍ୟବସ୍ଥା ଓ ରାଜସ୍ଥାନ ସଂଶୋଧନ) ବିଲ୍, ୨୦୨୦, ମୂଲ୍ୟ ବୀମା ଓ କୃଷି ସେବା କୃଷକ (ସଶକ୍ତୀକରଣ ଓ ସୁରକ୍ଷା) ରାଜିନାମା (ରାଜସ୍ଥାନ ସଂଶୋଧନ) ବିଲ୍, ୨୦୨୦ ଏବଂ କୃଷି ଉତ୍ପାଦନର ବାଣିଜ୍ୟ ଓ ବ୍ୟବସାୟ (ପ୍ରୋତ୍ସାହନ ଓ ସୁବ୍ୟବସ୍ଥିତ କରିବା ଓ ରାଜସ୍ଥାନ ସଂଶୋଧନ) ବିଲ୍,୨୦୨୦ ଆଗତ କରିଛନ୍ତି।

# କମ୍ ଖର୍ଚ୍ଚରେ ମିଳିବ ଡାକ୍ତରୀ ଶିକ୍ଷା

ନୂଆଦିଲ୍ଲୀ,୩୧।୧୦(ପିଆଇବି)

କମ୍ ଖର୍ଚ୍ଚରେ ଯେପରି ଡାକ୍ତରୀ ଶିକ୍ଷା ଉପଲବ୍ଧ ହୋଇପାରିବ ସେ ଦିଗରେ ସରକାର ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି। ନ୍ୟାଶନାଲ ମେଡିକାଲ କମିଶନ (ଏନ୍‌ଏମ୍‌ସି) ନୂତନ ନିୟମାବଳୀ ସମ୍ପର୍କରେ ବିଜ୍ଞପ୍ତି ଜାରି କରିଛନ୍ତି। 'ବାର୍ଷିକ ଏମ୍‌ବିବିଏସ୍ ନାମଲେଖା ନିୟମାବଳୀ (୨୦୨୦) ପାଇଁ ସର୍ବନିମ୍ନ ଆବଶ୍ୟକତା' ନାମରେ ଏହି ବିଜ୍ଞପ୍ତି ଜାରି ହୋଇଛି। ସମସ୍ତ ନୂଆ ମେଡିକାଲ କଲେଜ ଏବଂ ହେବାକୁ ଥିବା ମେଡିକାଲ କଲେଜରେ ଏହି ନୂତନ ନିୟମାବଳୀ ଲାଗୁ ହେବ।

ନୂତନ ନିୟମାବଳୀରେ ମେଡିକାଲ କଲେଜ ଏବଂ ଏହାର ସ୍ୱୀକୃତିପ୍ରାପ୍ତ ଶିକ୍ଷାପ୍ରଦାନକାରୀ ହସ୍ପିଟାଲ ସ୍ଥାପନ ପାଇଁ ଆବଶ୍ୟକ ଜମି ପରିମାଣକୁ ହଟାଇ ଦିଆଯାଇଛି। ଶିକ୍ଷାନୁଷ୍ଠାନ ସ୍ଥାପନ ପାଇଁ ସର୍ବନିମ୍ନ ଆବଶ୍ୟକୀୟ ଜମି ନିଆଯାଇପାରିବ। ଉପଲବ୍ଧ ଶିକ୍ଷଣ ସ୍ଥାନକୁ ସବୁ ବିଭାଗ ବ୍ୟବହାର କରିପାରିବେ। ଏହାକୁ ଇ-ଲର୍ନିଂ ଓ ଅନ୍ୟ ବିଭାଗ ସହ ଡିଜିଟାଲ ଲିଙ୍କ୍ ପାଇଁ ବ୍ୟବହାର କରାଯାଇପାରିବ। ସେହିପରି ପିଲାମାନଙ୍କୁ ପ୍ରଶିକ୍ଷଣ ଦେବା ପାଇଁ ଅତ୍ୟାଧୁନିକ ଉପକରଣ ଥିବା 'ସ୍କିଲ୍ସ ଲାବରେଟୋରି' ରହିବ। ଲାଇବ୍ରେରି ସ୍ଥାନ ତଥା ବହି ଓ ପତ୍ରିକା ସଂଖ୍ୟା କମାଇ ଦିଆଯିବ। ଛାତ୍ରୀଛାତ୍ରଙ୍କ ଉପରେ ପାଠର ବୋଝ ବଢୁଥିବାରୁ ଷ୍ଟୁଡେଣ୍ଟ କାଉନସେଲିଂ ସେବାକୁ ବାଧ୍ୟତାମୂଳକ କରାଯିବ। ମେଡିକାଲ ଟ୍ରେନିଂ ପାଇଁ ଉପଯୁକ୍ତ ପରିଚାଳିତ ହସ୍ପିଟାଲ ଜରୁରୀ ହୋଇଥିବାବେଳେ ନୂଆ ନିୟମାବଳୀରେ ନୂଆ ମେଡିକାଲ କଲେଜ ସ୍ଥାପନ ନିମନ୍ତେ ଆବେଦନ ପାଇଁ ଭଲ ଚାଲୁଥିବା ୩୦୦ ଶଯ୍ୟା ବିଶିଷ୍ଟ ମଲ୍ଟି-ସ୍ପେଶିଆଲିଟି ହସ୍ପିଟାଲ ରହିଥିବା ଆବଶ୍ୟକ।



### ଆସିଲା ନୂଆ ନିୟମାବଳୀ

### ପ୍ରଶିକ୍ଷଣ ପାଇଁ 'ସ୍କିଲ୍ସ ଲାବରେଟୋରି'

## ଫୁରସତ

# କମୁଛି ଶରୀର ତାପମାତ୍ରା

**ମନୁଷ୍ୟ ଶରୀରର ହାରାହାରି ତାପମାତ୍ରା ୩୭ ଡିଗ୍ରୀ ସେଲ୍‌ସିୟସ୍। ଦୀର୍ଘ ୨୦୦ ବର୍ଷ ଧରି ଏହି ଧାରଣା ବଳବତ୍ତର ରହିଥିଲା। ହେଲେ ନିକଟରେ ସ୍ୱାସ୍ଥ୍ୟ ବିଜ୍ଞାନୀମାନେ କରିଥିବା ଗବେଷଣାରୁ ଏଥିରେ ବ୍ୟତିକ୍ରମ ପରିଲକ୍ଷିତ ହୋଇଛି। ମଣିଷ ଶରୀରର ହାରାହାରି ତାପମାତ୍ରା କ୍ରମାଗତ ଭାବେ ହ୍ରାସ ପାଉଥିବା ଏଥିରୁ ଜଣାପଡ଼ିଛି।**




୨୦୦ ବର୍ଷ ତଳେ ଜର୍ମାନ ଫିଜିସିଆନ କାର୍ଲ ଓ୍ୱଣ୍ଡରଲିଚ୍ ମଣିଷ ଶରୀରର ହାରାହାରି ତାପମାତ୍ରା ୯୮.୬ ଡିଗ୍ରୀ ଫାରେନହାଇଟ୍ (୩୭ ଡିଗ୍ରୀ) ବୋଲି ସ୍ପଷ୍ଟ କରିଥିଲେ। ସେବେଠାରୁ ଏହି ମାନକ ଆଧାରରେ ଡାକ୍ତର, ସ୍ୱାସ୍ଥ୍ୟକର୍ମୀମାନେ ରୋଗୀଙ୍କୁ ପରୀକ୍ଷା ନିରୀକ୍ଷା କରି ଆସୁଛନ୍ତି। ଥର୍ମୋମିଟରରେ ମଧ୍ୟ ତଦନୁଯାୟୀ ତାପମାତ୍ରା ମପାଯାଉଛି। ତେବେ ଗତ କିଛିବର୍ଷ ହେଲା ଶରୀର ତାପମାତ୍ରା କ୍ରମାଗତ କମୁଥିବା ଜଣାପଡ଼ିଛି, ଯାହାକୁ ନେଇ ଚିନ୍ତା ବ୍ୟକ୍ତ କରିଛନ୍ତି ସ୍ୱାସ୍ଥ୍ୟ ବିଶାରଦ।

୨୦୧୭ରେ ୟୁନାଇଟେଡ୍ କିଙ୍ଗ୍‌ଡମ୍‌ରେ ହୋଇଥିବା ଅଧ୍ୟୟନରେ ୩୫ ହଜାର ବ୍ୟକ୍ତିଙ୍କ ଶରୀରର ହାରାହାରି ତାପମାତ୍ରା ମପାଯାଇଥିଲା, ଯେଉଁଥିରୁ ଏହା ହାରାହାରି ୯୭.୯ ଡିଗ୍ରୀ ଫାରେନହାଇଟ୍ ବୋଲି ଜଣାପଡ଼ିଥିଲା। ସେହିପରି ୨୦୧୯ରେ ଆମେରିକାରେ ହୋଇଥିବା ଅନ୍ୟ ଏକ ଗବେଷଣାରୁ ଏହା ୯୭.୫ ଡିଗ୍ରୀ ଫାରେନହାଇଟ୍ ବୋଲି ଅଧ୍ୟୟନକାରୀ ଦାବି କରିଥିଲେ। ନିକଟରେ କାଲିଫର୍ନିଆର ୟୁସି ସାଣ୍ଟା ବାର୍‌ବାରା ରିସର୍ଚ୍ଚ ସେଣ୍ଟରର ପ୍ରଫେସର ମାଇକେଲ ଗୁର୍ବେନଙ୍କ ନେତୃତ୍ୱରେ ଅନ୍ତର୍ଜାତୀୟ ଫିଜିସିଆନ, ମାନବବିଜ୍ଞାନୀ ଏବଂ ସ୍ଥାନୀୟ ବିଶେଷଜ୍ଞଙ୍କୁ ନେଇ ଏକ ଟିମ୍ ବଲିଭିଆ ଏବଂ ଆମାଜନ ଅଞ୍ଚଳବାସୀଙ୍କ ଉପରେ ଅଧ୍ୟୟନ କରିଥିଲେ। ଏଥିରୁ ଶରୀର ତାପମାତ୍ରା ହ୍ରାସ ପାଉଥିବା ନେଇ ବହୁ ଗୁରୁତ୍ୱପୂର୍ଣ୍ଣ ସୂଚନା ମିଳିଛି।

ସାଇନ୍ ହେଲ୍‌ଥ ଏବଂ ଲାଇଫ୍ ହିଷ୍ଟ୍ରି ପ୍ରୋଜେକ୍ଟର ସହ ନିର୍ଦ୍ଦେଶକ ଗୁର୍ବେନ ଏବଂ ସହକର୍ମୀ ଦୀର୍ଘ ୧୬ ବର୍ଷ ଧରି ଜନସଂଖ୍ୟା ଏବଂ ଏହାକୁ ପ୍ରଭାବିତ କରୁଥିବା କାରଣ ଉପରେ ଅଧ୍ୟୟନ ଜାରି ରଖିଛନ୍ତି। ପୃଥିବୀର ଅନେକ ପ୍ରାନ୍ତରେ ମଣିଷ ଶରୀରର ହାରାହାରି ତାପମାତ୍ରା ଅସ୍ୱାଭାବିକ ଭାବେ ହ୍ରାସ ପାଉଛି। ପ୍ରତିବର୍ଷ ୦.୦୯ ଡିଗ୍ରୀ ଫାରେନହାଇଟ୍ ହିସାବରେ ଏହା କମୁଛି। ଗତ ଦୁଇଦଶନ୍ଧି ହେଲା ଏପରି ପରିବର୍ତ୍ତନ ଦେଖିବାକୁ ମିଳୁଛି। ୨୦୦ବର୍ଷ ତଳେ ଆମେରିକାରେ ହୋଇଥିବା ଗୃହଯୁଦ୍ଧ ସମୟରେ ସମାନ ପରିବର୍ତ୍ତନ ପରିଲକ୍ଷିତ ହୋଇଥିଲା। ଏହାକୁ ଜାଣିବା ଲାଗି ୫୫୦୦ ଜଣଙ୍କଠାରୁ ୧୮୦୦୦ ନମୁନା ସଂଗ୍ରହ କରାଯାଇଥିଲା। ଅଧ୍ୟୟନରେ ପରିବେଶର ତାପମାତ୍ରା, ଓଜନ ସମେତ ଶରୀରର ତାପମାତ୍ରାକୁ ପ୍ରଭାବିତ କରୁଥିବା ବିଭିନ୍ନ କାରକକୁ ସାମିଲ କରାଯାଇଥିଲା। ଏହାର କାରଣ ସମ୍ପର୍କରେ ସ୍ପଷ୍ଟ କରିବାକୁ ଯାଇ ଗୁର୍ବେନ କହିଛନ୍ତି, ପୂର୍ବାପେକ୍ଷା ସ୍ୱାସ୍ଥ୍ୟ ବିଜ୍ଞାନରେ ବେଶ୍ ଉନ୍ନତି ହୋଇଛି। ଲୋକମାନେ ସଂକ୍ରମଣରୁ ଦୂରେଇ ରହିବାକୁ ଯଥାସାଧ୍ୟ ଉଦ୍ୟମ କରୁଛନ୍ତି। ସ୍ୱଚ୍ଛ ପାଣି, ପରିବେଶ, ପ୍ରତିଷେଧକ ଟିକା ଉପଲବ୍ଧ ହୋଇଛି। ଭଲ ଚିକିତ୍ସା ସେବା ମିଳୁଛି। ଶାରୀରିକ ଶ୍ରମ କମିଛି। ଏସବୁ ଶରୀରର ତାତିକୁ ପ୍ରଭାବିତ କରୁଥାଇପାରେ ବୋଲି ଅନୁମାନ କରାଯାଉଛି। ହେଲେ ନିର୍ଦ୍ଦିଷ୍ଟ କେଉଁ କାରଣରୁ ଏପରି ପରିବର୍ତ୍ତନ ହେଉଛି ତାହା ସ୍ପଷ୍ଟ ହୋଇନାହିଁ। ଅଧ୍ୟୟନକାରୀମାନେ ଆହୁରି ମଧ୍ୟ କହିଛନ୍ତି, ସାରାଦିନରେ ମଣିଷ ଦେହର ତାତି ଗୋଟିଏ ଡିଗ୍ରୀ ଊଣା ବା ଅଧିକ ହୋଇପାରେ। ହେଲେ ଏକ ନିର୍ଦ୍ଦିଷ୍ଟ ଜନସମୂହର ହାରାହାରି ତାପମାତ୍ରା ହ୍ରାସ ଭିନ୍ନ ଦିଗକୁ ସୂଚାଉଛି। ଅନ୍ୟ ଗୋଷ୍ଠୀ ଉପରେ ପରୀକ୍ଷା ନିରୀକ୍ଷା କରାଗଲେ ଏ ସମ୍ପର୍କିତ ଅନେକ ତଥ୍ୟ ପଦାକୁ ଆସିବ ବୋଲି ସେମାନେ କହିଛନ୍ତି।

# ବଧୂ ବେଶରେ କାଜଲ

**ମୁମ୍ବାଇ:** ସାଉଥ୍ ତଥା ବଲିଉଡ ଅଭିନେତ୍ରୀ କାଜଲ ଅଗ୍ରୱାଲ ଶୁକ୍ରବାର ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି। ମୁମ୍ବାଇର ଏକ ହୋଟେଲରେ ବୟଫ୍ରେଣ୍ଡ ଗୌତମ କିଚ୍‌ଲୁଙ୍କୁ ସେ ବିବାହ କରିଛନ୍ତି। କରୋନା ଯୋଗୁ ବିବାହୋତ୍ସବରେ ବହୁତ କମ୍ ଲୋକ ସାମିଲ ହୋଇଥିଲେ। କେବଳ ପରିବାର ଲୋକଙ୍କ ଉପସ୍ଥିତିରେ ଏହି ବିବାହ ସମ୍ପନ୍ନ ହୋଇଥିଲା। କାଜଲ ଓ ଗୌତମ ବରଣମାଳା ପିନ୍ଧିଥିବା ଫଟୋ ସାମ୍ନାକୁ ଆସିଛି। ଫଟୋରେ ଉଭୟ ବେଶ୍ ଖୁସି ଥିବା ନଜର ଆସିଛି। ରିଲେଶନସିପ୍‌କୁ ନେଇ ଉଭୟ କିଛିଦିନ ହେବ ବେଶ୍ ଚର୍ଚ୍ଚାରେ ଥିଲେ। ୱେଡିଂ ଲେହେଙ୍ଗାରେ କାଜଲ ବେଶ ସୁନ୍ଦର ଦିଶୁଥିବାବେଳେ ମୁଣ୍ଡରେ ସୁନାର ଏକ ମଥା ପଟ୍ଟୀ ପିନ୍ଧିଥିଲେ। ଗୌତମ ମଧ୍ୟ ଏକ ସୁନ୍ଦର ଶେରୱାନି ପିନ୍ଧିଥିଲେ। ବିବାହ ପୂର୍ବରୁ କାଜଲଙ୍କ ସଙ୍ଗୀତ, ମେହେନ୍ଦୀ ଓ ହଳଦୀ ସେରିମୋନି ଫଟୋ ମଧ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। କାଜଲ ବିବାହ ପୂର୍ବରୁ ବଧୂ ବେଶରେ ଏକ ଫଟୋ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଥିଲେ।



କାଜଲ ଅଗ୍ରୱାଲ

# ସୁନା ମିଠା କିଲୋ ୯ହଜାର ଟଙ୍କା



**ଅହମ୍ମଦାବାଦ:** ସୁନାରେ ତିଆରି ହୋଇଛି ମିଠା। କିଲୋ ପିଛା ୯ ହଜାର ଟଙ୍କା। ଏମିତି ଏକ ସ୍ୱତନ୍ତ୍ର ମିଠା ତିଆରି ହୋଇଛି ଗୁଜରାଟର ସୁରଟରେ। ଏହି ମିଠାର ନାଁ ରହିଛି ଗୋଲ୍ଡ ଘାରି।

ଗୁଜରାଟରେ ଶରତ ପୂର୍ଣ୍ଣିମା ପରଦିନ ପାଳନ ହୋଇଥାଏ ଚାନ୍ଦି ପାଡ୍‌ଭୋ ଫେଷ୍ଟିଭାଲ୍ ଉପଲକ୍ଷେ ସୁରଟରେ ଏଭଳି ଏକ ସ୍ୱତନ୍ତ୍ର ଧରଣର ମିଠା ତିଆରି କରାଯାଇଛି। ଗୋଲ୍ଡ ଘାରି ମିଠା ହେଉଛି ଘାରି ମିଠାର ଏକ ଅଲଗା ରୂପ। ସାଧାରଣତଃ ଘାରି ମିଠା କିଲୋଗ୍ରାମ୍ ପିଛା ୬୦୦ ରୁ ୮୦୦ ଟଙ୍କାରେ ବିକ୍ରି ହୋଇଥାଏ। କିନ୍ତୁ ଏହି ଗୋଲ୍ଡ ଘାରି ମିଠାର କିଲୋ ପିଛା ଦାମ୍ ୯ ହଜାର ଟଙ୍କା। ଗୋଲ୍ଡ ଘାରି ମିଠାରେ କିଛି ପରିମାଣରେ ସୁନା ରହିଛି, ଯାହା ସ୍ୱାସ୍ଥ୍ୟ ପାଇଁ ବହୁତ ଭଲ ବୋଲି କହିଛନ୍ତି ମିଠା ତିଆରି କରିଥିବା ଦୋକାନୀ। ଆୟୁର୍ବେଦ ଅନୁସାରେ ସୁନା ହେଉଛି ଏକ ଉତ୍ତମ ଧାତୁ। ତେଣୁ ଏହି ଗୋଲ୍ଡ ଘାରି ମିଠା ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଭଲ। ଏହି ମିଠାର ବହୁତ ଡିମାଣ୍ଡ ରହିବ ବୋଲି କାରିଗରମାନେ ଆଶା ରଖିଛନ୍ତି। ଗୋଲ୍ଡ ଘାରି ଏବେ ସୁରଟର ବଜାରରେ ଲୋକଙ୍କୁ ଆକୃଷ୍ଟ କରିପାରିଛି। ଏହି ମିଠାକୁ ଚାନ୍ଦି ପାଡ୍‌ଭୋ ଉତ୍ସବ ନିମନ୍ତେ କରାଯାଇଥିଲେ ବି ଲୋକଙ୍କର ଯଦି ଅଧିକ ଆକର୍ଷଣ ରହିବ ଆଗକୁ ଏହିଭଳି ଗୋଲ୍ଡ ଘାରି ପ୍ରସ୍ତୁତି କରାଯିବ ବୋଲି ଦୋକାନୀ କହିଛନ୍ତି।

## ୭୦ ବର୍ଷରେ ଷ୍ଟାର

**ମୁମ୍ବାଇ:** ଯୁବପିଢିଙ୍କ ମଧ୍ୟରୁ ଅଧିକାଂଶ ଏବେ ନିଜ ନିଜର ୟୁଟ୍ୟୁବ ଚ୍ୟାନେଲ ଖୋଲି କିଛି ନୂଆ କରିବା ପାଇଁ ଚେଷ୍ଟା ଚଳାଇଛନ୍ତି। ଏହି ମାଧ୍ୟମରେ କେତେଜଣ ଲୋକପ୍ରିୟତା ହାସଲ କରିବାକୁ ଚେଷ୍ଟା ଜାରି ରଖିଛନ୍ତି। କିନ୍ତୁ ୭୦ ବର୍ଷରେ ବି ଜଣେ ମହିଳା ୟୁଟ୍ୟୁବ୍ ଚ୍ୟାନେଲରେ ଷ୍ଟାର୍ ହୋଇପାରନ୍ତି, ଏହାର ପ୍ରମାଣ ହେଉଛନ୍ତି ସୁମନ ଧାମନେ। ମହାରାଷ୍ଟ୍ରର ଏହି ମହିଳାଜଣକ ୟୁଟ୍ୟୁବ ଚ୍ୟାନେଲରେ ନିଜ ରୋଷେଇ ପ୍ରସ୍ତୁତି ଦେଖାଇ ଏବେ ଆଶ୍ଚର୍ଯ୍ୟଜନକଭାବେ ଲୋକପ୍ରିୟତା ହାସଲ କରିଛନ୍ତି। ଆଉ ଏଥିପାଇଁ ତାଙ୍କୁ ୟୁଟ୍ୟୁବ ଚ୍ୟାନେଲ ପକ୍ଷରୁ ସିଲ୍‌ଭର୍ ବଟମ୍ ସମ୍ମାନ ବି ଦିଆଯାଇଛି। ୭୦ ବର୍ଷ ବୟସରେ ସୁମନ ଯେ ସୋସିଆଲ୍ ମିଡିଆରେ ଷ୍ଟାର ହୋଇପାରିବେ ଏକଥା ସେ ନିଜେ ବି ଜାଣି ନ ଥିଲେ।

# ଉପନିର୍ବାଚନ ଲଢୁଛନ୍ତି କୋକେଇ ବାବା

**ଲକ୍ଷ୍ନୌ:** ଉତ୍ତରପ୍ରଦେଶରେ ନଭେମ୍ବର ୩ରେ ୭ଟି ବିଧାନସଭା ଆସନରେ ଉପନିର୍ବାଚନ ହେବାକୁ ଯାଉଛି। ସ୍ଥାନୀୟ ଦେଓରିଆ ସଦର ଆସନରୁ ରାଜନ ଯାଦବ ଓରଫ କୋକେଇ ବାବା ନିର୍ବାଚନ ଲଢୁଛନ୍ତି। ସେ ଗୋରଖପୁରର ବାସିନ୍ଦା। ଇତିମଧ୍ୟରେ କୋକେଇ ବାବା ୧୧ ଥର ନିର୍ବାଚନ ଲଢ଼ି ପରାଜିତ ହୋଇଛନ୍ତି। ସେ ବାରାଣାସୀରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ନିର୍ବାଚନ ଲଢ଼ିଥିଲେ। ସେହିପରି ଲକ୍ଷ୍ନୌରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ବିରୋଧ ସେ ନିର୍ବାଚନ ଲଢ଼ି ସାରିଛନ୍ତି। ୨୦୦୯ରେ ଗୋରଖପୁର ଲୋକସଭା ଆସନରୁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ବିରୋଧରେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। କୋକେଇ ବାବାଙ୍କ ଦଳୀୟ ଚିହ୍ନ ହାଣ୍ଡି। ସେ ନାମାଙ୍କନ ପତ୍ର ଦାଖଲ କରିବାଠାରୁ ଆରମ୍ଭ କରି ନିର୍ବାଚନ ପ୍ରଚାରରେ କୋକେଇରେ ବସି ଆସିଥାନ୍ତି। ତାଙ୍କୁ ବୋହି ନେବା ସମୟରେ ଲୋକେ ରାମ୍ ନାମ୍ ସତ୍ୟ ହୈ, ହରି ନାମ୍ ସତ୍ୟ ହୈ କହିଥାନ୍ତି। ୨୦୦୮ରେ ଏମ୍‌ବିଏ ପାସ୍ କରି ସେ ବ୍ୟାଙ୍କକରେ ଏକ ବହୁରାଷ୍ଟ୍ରୀୟ କମ୍ପାନୀରେ ଚାକିରି କରିଥିଲେ। ପରବର୍ତ୍ତୀ ସମୟରେ ସାମାଜିକ କର୍ମୀ ଭାବେ ସେ ସମାଜସେବା ଆରମ୍ଭ କରିଥିଲେ।



## ସଂକ୍ଷେପରେ

### ହଟିଲା ବେଆଇନ ନିର୍ମାଣ



**ଛେଣ୍ଡିପଦା, ୩୧।୧୦(ସ୍ୱ.ପ୍ର.):** ଅନୁଗୋଳ-ଛେଣ୍ଡିପଦା ୬୩ ନଂ ରାଜ୍ୟ ରାଜପଥର ଛେଣ୍ଡିପଦା ବ୍ଲକ ଛକ ନିକଟରେ ସରକାରୀ ଜମି ଜବରଦଖଲ ସହ ହୋଇଥିବା ବେଆଇନ ନିର୍ମାଣକୁ ଶନିବାର ତହସିଲ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି। ସେଠାରେ ୩ଟି ସ୍ଥାନରେ ନିର୍ମାଣ କରାଯାଇଥିବା ଦୋକାନ ଗୃହକୁ ଛେଣ୍ଡିପଦା ତହସିଲ ପକ୍ଷରୁ ବେଆଇନ ଘୋଷଣା କରାଯାଇଥିଲା। ଗତ ଗୁରୁବାର ଅତିରିକ୍ତ ତହସିଲଦାର ପ୍ରକାଶ ଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ଉଚ୍ଛେଦ ଉଦ୍ୟମକୁ ନିର୍ମାଣକାରୀ ବ୍ୟକ୍ତି ବିରୋଧ କରିଥିଲେ। ଘଟଣାରେ ଅତିରିକ୍ତ ତହସିଲଦାରଙ୍କ ଅଭିଯୋଗ କ୍ରମେ ଛେଣ୍ଡିପଦା ଥାନାରେ ୫ ଜଣଙ୍କ ନାମରେ ମାମଲା ରୁଜୁ କରାଯାଇଛି। ଛେଣ୍ଡିପଦା ତହସିଲଦାର ଡାନିଏଲ ଏକ୍କା, ଥାନା ଅଧିକାରୀ ଜ୍ଞାନରଞ୍ଜନ ସାମଲ ଓ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇ ସେଠାରୁ ବେଆଇନ ନିର୍ମାଣ ହଟାଯାଇଛି।

### ବାହାରିଲେ ୧୭ ସଂକ୍ରମିତ

ଢେଙ୍କାନାଳ ଅଫିସ, ୩୧।୧୦- ଢେଙ୍କାନାଳରେ କରୋନା ସଂକ୍ରମଣ କମିବାରେ ଲାଗିଛି। ଶନିବାର ଜିଲାରୁ ୧୭ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ୩୫ ଜଣ ସୁସ୍ଥ ହୋଇଛନ୍ତି। ଏହାକୁ ମିଶାଇ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୫୦୯୧ ଏବଂ ଆରୋଗ୍ୟଙ୍କ ସଂଖ୍ୟା ୪୭୫୫ରେ ପହଞ୍ଚିଛି। ନୂଆ ମାମଲା ମଧ୍ୟରେ ଢେଙ୍କାନାଳ ପୌରାଞ୍ଚଳର ୩, କାମାକ୍ଷାନଗର ବ୍ଲକ ଏବଂ ଏନ୍ଏସିର ୫, ହିନ୍ଦୋଳ ବ୍ଲକ ଏବଂ ଏନଏସିର ୨, ଭୁବନ ବ୍ଲକ ଏବଂ ଏନ୍ଏସିର ୨, ଓଡ଼ାପଡ଼ା ବ୍ଲକର ୨, ପରଜଙ୍ଗ ବ୍ଲକର ୧, କଙ୍କଡ଼ାହାଡ଼ ବ୍ଲକର ୧, ସଦର ବ୍ଲକର ଜଣେ ଅଛନ୍ତି। ଆକ୍ରାନ୍ତଙ୍କୁ ଜିଲା କୋଭିଡ୍ ହସ୍ପିଟାଲ ସମେତ କେୟାର ସେଣ୍ଟରରେ ଭର୍ତ୍ତି କରାଯାଇଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

### କୂଅରେ ପଡ଼ି ଶିଶୁ ମୃତ

**ଭୁବନ, ୩୧।୧୦(ଡି.ଏନ.ଏ.):** ଭୁବନ ଏନ୍ଏସି ଅନ୍ତର୍ଗତ ୧୪ନଂ. ୱାର୍ଡର ମୋହନ ମଲିକଙ୍କ ୭ବର୍ଷର ପୁଅ ପବିତ୍ରଙ୍କ ଶନିବାର କୂଅରେ ପଡ଼ି ମୃତ୍ୟୁ ଘଟିଛି। ପାଖପଡ଼ୋଶୀ ପିଲାଙ୍କ ସହ ଖେଳୁଥିବାବେଳେ ଏହି ଦୁଃଖଦ ଘଟଣା ଘଟିଥିଲା। ପରିବାର ଲୋକେ ଏହା ଜାଣି ପାରି ନ ଥିଲେ। ଖୋଜାଖୋଜି କରିବା ବେଳେ କୂଅରୁ ପବିତ୍ରଙ୍କ ମୃତଦେହ ଠାବ କରାଯାଇଥିଲା। ଭୁବନ ଡାକ୍ତରଖାନାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କୁମାର ପୂର୍ଣ୍ଣିମାରେ ସବୁଆଡେ ହସଖୁସିର ମାହୋଲ ଥିବାବେଳେ ଏହି ଦୁର୍ଘଟଣା ଅଞ୍ଚଳରେ ଶୋକର ଛାୟା ଖେଳାଇଦେଇଛି।

# ୮ ପଞ୍ଚାୟତ ପାଇଁ ଚିନ୍ତା ନାହିଁ

**ବଇଣ୍ଡା, ୩୧।୧୦(ଡି.ଏନ.ଏ.)**



- ଡାକ୍ତରଶୂନ୍ୟ ଡାକ୍ତରଖାନା
- ସେବାରୁ ବଞ୍ଚିତ ୩୫ ହଜାର ଲୋକ
- ଦୁର୍ଘଟଣାଗ୍ରସ୍ତ, ପ୍ରସୂତି ହନ୍ତସନ୍ତ

କରୋନା ମହାମାରୀବେଳେ ସ୍ୱାସ୍ଥ୍ୟସେବାର ଗୁରୁତ୍ୱ ବଢ଼ିଛି। ସମସ୍ତଙ୍କ ନିକଟରେ ଉତ୍ତମ ଚିକିତ୍ସା ସୁବିଧା ପହଞ୍ଚାଇବା ଉପରେ ଗୁରୁତ୍ୱ ଦେଉଥିବା ସରକାର କହୁଛନ୍ତି। ହେଲେ ଗ୍ରାମାଞ୍ଚଳରେ ଏହାର ବାସ୍ତବତା ଭିନ୍ନ। ଡାକ୍ତରଖାନା ଅଛି। ଆନୁଷଙ୍ଗିକ ଭିତ୍ତିଭୂମି ବି ରହିଛି। ହେଲେ ସେବା ଯୋଗାଇବାକୁ ନାହାନ୍ତି ଡାକ୍ତର। ସ୍ୱାସ୍ଥ୍ୟସେବାର ଏଭଳି ଦୟନୀୟ ଚିତ୍ର ଦେଖିବାକୁ ମିଳିଛି ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ। ଏହା ଉପରେ ନିର୍ଭରଶୀଳ ୮ ପଞ୍ଚାୟତର ପାଖାପାଖି ୩୫ ହଜାର ଜନସାଧାରଣ ନାହିଁ ନ ଥିବା ସମସ୍ୟା ଭୋଗୁଥିବାବେଳେ ଏଥିପ୍ରତି କାହାରି ଚିନ୍ତା ନ ଥିବା ଅଭିଯୋଗ ହୋଇଛି।

ଠାକୁରଗଡ଼ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ମଇମୁରା, ଠାକୁରଗଡ଼, ଆମ୍ବଶରମୁଣ୍ଡା, କୃତ୍ତିବାସପୁର, କୁରୁମଟାପ, ସାନହୁଲା, ପେଡ଼ିପଥର, କନ୍ତପଡ଼ା ପଞ୍ଚାୟତର ୩୫ ହଜାରରୁ ଊର୍ଦ୍ଧ୍ୱ ବାସିନ୍ଦା ନିର୍ଭରଶୀଳ। ହେଲେ ଦୀର୍ଘଦିନ ହେଲା ଏଠାରେ ଜଣେ କେହି ସ୍ଥାୟୀ ଡାକ୍ତର ନାହାନ୍ତି। କମ୍ପାଉଣ୍ଡର, ଡ୍ରେସର ପଦବୀ ଖାଲି ପଡ଼ିଛି। ସାମାନ୍ୟ ଜ୍ୱର ହେଲେ ରୋଗୀଙ୍କୁ ୧୮ କି.ମି. ଦୂର ବଇଣ୍ଡା ଏବଂ ଆଠମଲ୍ଲିକ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ଯିବାକୁ ପଡୁଛି। ଦୁର୍ଘଟଣାରେ ଗୁରୁତର ଏବଂ ଗର୍ଭବତୀ ଆବଶ୍ୟକ ସମୟରେ ସେବାରୁ ବଞ୍ଚିତ ହେଉଛନ୍ତି। ଅନେକ ଔଷଧ ଦେୟମୁକ୍ତ ଥିବାବେଳେ ପରିଚାଳନାଗତ ଅବ୍ୟବସ୍ଥା ଯୋଗୁ ରୋଗୀମାନେ ଅଧିକ ଟଙ୍କା ଦେଇ ଔଷଧ କିଣିବାକୁ ବାଧ ହେଉଛନ୍ତି। ଜଙ୍ଗଲ ଅଧ୍ୟୁଷିତ ଅଞ୍ଚଳବାସୀ କ୍ୱାକ୍‌ଙ୍କ ଦ୍ୱାରା ଶୋଷଣର ଶିକାର ହେଉଛନ୍ତି। ଧୀରେ ଧୀରେ ଡାକ୍ତରଖାନା ଉପରୁ ଲୋକଙ୍କ ବିଶ୍ୱାସ ଉଠିବାରେ ଲାଗିଛି। କିଛିଦିନ ତଳେ ଆଠମଲ୍ଲିକ ବିଧାୟକ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନରେ ଆସିଥିବାବେଳେ ଅଞ୍ଚଳବାସୀ ଡାକ୍ତର ନିଯୁକ୍ତି ଦାବି ଉଠାଇଥିଲେ। ଜିଲା ସ୍ୱାସ୍ଥ୍ୟ ଅଧିକାରୀ, ଜିଲାପାଳ, ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଏହାସତ୍ତ୍ୱେ କୌଣସି ସୁଫଳ ମିଳୁ ନ ଥିବା ଅଭିଯୋଗ ହୋଇଛି। ତୁରନ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଏମ୍‌ବିବିଏସ୍ ଡାକ୍ତରଙ୍କୁ ନିଯୁକ୍ତି ଦେବାକୁ ଠାକୁରଗଡ଼ ଗ୍ରାମବାସୀ ଦାବି କରିଛନ୍ତି।

ଏ ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଭୟ କୁମାର ଦାସ କୁହନ୍ତି, ଠାକୁରଗଡ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ଜଣେ ଏମ୍‌ବିବିଏସ୍ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଛି। ଏ ସଂକ୍ରାନ୍ତ ଫାଇଲ ଜିଲାପାଳଙ୍କ ନିକଟକୁ ଯାଇଛି। ସେଠାରୁ ଅନୁମୋଦିତ ହେଲେ ସମ୍ପୃକ୍ତ ଡାକ୍ତର କାର୍ଯ୍ୟରେ ଯୋଗଦେବେ।

### ସାଧାରଣ ଚିକିତ୍ସା ବି ମିଳୁନି



ସ୍ୱାସ୍ଥ୍ୟକେନ୍ଦ୍ରରେ ସାଧାରଣ ଚିକିତ୍ସା ସୁବିଧା ବି ମିଳୁନାହିଁ। ଗରିବ ଲୋକେ ଅଯଥା ଖର୍ଚ୍ଚାନ୍ତ ହୋଇ ୧୮ କିମି ଦୂର ଆଠମଲ୍ଲିକ ଉପଖଣ୍ଡ ଚିକିତ୍ସାଳୟ ଉପରେ ନିର୍ଭର କରୁଛନ୍ତି। ସ୍ଥାୟୀ ଡାକ୍ତର ନିଯୁକ୍ତି ପାଇଁ ବହୁବାର ଦାବି ସତ୍ତ୍ୱେ କେହି ଶୁଣୁନାହାନ୍ତି।

-ଅନାମ ଚରଣ ସ୍ୱାଇଁ, ରାଣୀବନ୍ଧ

### ଖାଲି ପଦବୀରେ ନିଯୁକ୍ତି ନାହିଁ



ଠାକୁରଗଡ ସ୍ୱାସ୍ଥ୍ୟକେନ୍ଦ୍ର ସବୁକ୍ଷେତ୍ରରେ ଅବହେଳିତ। ଅନେକ ପଦବୀ ଖାଲି ପଡିଛି। ସରକାର ନିଯୁକ୍ତି ଦେଉନାହାନ୍ତି। ଡାକ୍ତର ଅଭାବ ଯୋଗୁ ଅଞ୍ଚଳବାସୀ ହଇରାଣ ହରକତ ହେଉଛନ୍ତି। ବିଧାୟକ ଏଥିପ୍ରତି ଦୃଷ୍ଟି ଦେବା ଜରୁରୀ।

-ବସନ୍ତ କୁମାର ସାହୁ, ଠାକୁରଗଡ

### ଦିଆଯାଉନି ଦେୟମୁକ୍ତ ଔଷଧ



ସାମାନ୍ୟ ଜ୍ୱର ହେଲେ ଦୂରକୁ ଯାଇ ଚିକିତ୍ସା କରିବାକୁ ପଡୁଛି। ଦୁର୍ଘଟଣାଗ୍ରସ୍ତଙ୍କୁ ପ୍ରାଥମିକ ଚିକିତ୍ସା ମିଳୁନାହିଁ। ଦେୟମୁକ୍ତ ଔଷଧରୁ ଲୋକେ ବଞ୍ଚିତ ହେଉଛନ୍ତି। ଜଙ୍ଗଲ ଅଧ୍ୟୁଷିତ ଅଞ୍ଚଳବାସୀଙ୍କ ଉତ୍ତମ ସ୍ୱାସ୍ଥ୍ୟସେବା ଉପରେ ସରକାର ଗୁରୁତ୍ୱ ଦେବା ଆବଶ୍ୟକ।

-ବିଷ୍ଣୁଚରଣ ସାହୁ, ବାଲିପଞ୍ଚା

### ଖର୍ଚ୍ଚାନ୍ତ ହେଉଛନ୍ତି ଗରିବ



କରୋନା ସଂକ୍ରମଣ ଭୟରେ ଲୋକେ ଦୂରସ୍ଥାନକୁ ଯାଇ ଚିକିତ୍ସିତ ହେବାକୁ ସୁରକ୍ଷିତ ମଣୁନାହାନ୍ତି। ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ସେବା ମିଳୁ ନ ଥିବାରୁ ହନ୍ତସନ୍ତ ହେବାକୁ ପଡୁଛି। ବାଧ ହୋଇ ଘରୋଇ ହସ୍ପିଟାଲରେ ଖର୍ଚ୍ଚାନ୍ତ ହେଉଛନ୍ତି। ସ୍ଥାୟୀ ଡାକ୍ତର ନିଯୁକ୍ତି ଅତ୍ୟନ୍ତ ଜରୁରୀ।

-ପ୍ରସନ୍ନ କୁମାର ବିଶ୍ୱାଳ, ସଦାନନ୍ଦପୁର

### ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ



ଡାକ୍ତର ନ ଥିବାରୁ ଗର୍ଭବତୀଙ୍କୁ ଠିକ୍ ସମୟରେ ସେବା ମିଳୁନି। ଜୀବନକୁ ବିପଦରେ ପକାଇ ସେମାନେ ଅନ୍ୟ ମେଡିକାଲ ଯାଉଛନ୍ତି। କର୍ମଚାରୀ ଅଭାବରୁ ଠାକୁରଗଡରେ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି।

-ସୌମ୍ୟରଞ୍ଜନ ନାୟକ, ଦାମୋଦରପୁର

## ପଥରଗଡ଼ରେ କଂଗ୍ରେସ ଟିମ୍

**ଅନୁଗୋଳ ଅଫିସ, ୩୧।୧୦**

ଅନୁଗୋଳ ବ୍ଲକ ଶରଧାପୁର ପଞ୍ଚାୟତ ପଥରଗଡ଼ରେ ବିଷାକ୍ତ ମଦମୃତ୍ୟୁ ଘଟଣାରେ ପ୍ରାଣ ହରାଇଥିବା ୪ ଜଣ ପରିବାରକୁ ଭେଟିଛି ଅନୁଗୋଳ ଜିଲା କଂଗ୍ରେସ କମିଟିର ଏକ ଟିମ୍। ଜିଲା ସଭାପତି ବିପ୍ଳବ ଜେନାଙ୍କ ନେତୃତ୍ୱରେ କାର୍ଯ୍ୟକର୍ତ୍ତାମାନେ ପରିବାରକୁ ଭେଟି ସମବେଦନା ଜଣାଇବା ସହ ଶୁଖିଲା ଖାଦ୍ୟ, ଶୀତବସ୍ତ୍ର ଓ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ମୃତକଙ୍କ ପରିବାରକୁ ୨୫ ଲକ୍ଷ ଟଙ୍କା ସହାୟତା, ପିଲାଙ୍କ ଉଚ୍ଚଶିକ୍ଷା ଓ ଆବାସ ଯୋଜନାରେ ଗୃହ ଯୋଗାଇ ଦେବାକୁ ଜିଲା ସଭାପତି ଦାବି କରିଛନ୍ତି। ଏହା ନ ହେଲେ କଂଗ୍ରେସ କର୍ମୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଜିତେନ୍ଦ୍ର ସାହୁ, ସପ୍ତେଶ୍ୱର ନାୟକ, ଟିକନ ବେହେରା, ଆଲୋକ ଦାଶଙ୍କ ସହ ବହୁ କଂଗ୍ରେସ କର୍ମୀ ଓ ଛାତ୍ର ନେତା ଉପସ୍ଥିତ ଥିଲେ।

## ଶିକ୍ଷାବିତ୍‌ଙ୍କ ପରଲୋକ

**ବଇଣ୍ଡା, ୩୧।୧୦(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ କୃତ୍ତିବାସପୁର ପଞ୍ଚାୟତ କୃତ୍ତିବାସପୁର ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଉଗ୍ରସେନ ସାହୁ(୭୭)ଙ୍କ ଶୁକ୍ରବାର ସନ୍ଧ୍ୟାରେ ହୃଦ୍‌ଘାତରେ ପରଲୋକ ଘଟିଛି। ଛାତିରେ ଯନ୍ତ୍ରଣା ହେବାରୁ ପରିବାର ଲୋକେ ତାଙ୍କୁ ଆଠମଲ୍ଲିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

# କଟକଣା ଆଳରେ ଚାଲିଛି ଜୁଲମ

**ଢେଙ୍କାନାଳ ଅଫିସ, ୩୧।୧୦**



ବୈଠକରେ କମିଟିର କର୍ମକର୍ତ୍ତାମାନେ।

- ମିଳିତ ବଜାର ପୂଜା କମିଟିର ଅଭିଯୋଗ
- ଅସନ୍ତୋଷ ଜାହିର କଲେ ବରିଷ୍ଠ କର୍ମକର୍ତ୍ତା

ଢେଙ୍କାନାଳର ବିଶ୍ୱପ୍ରସିଦ୍ଧ ଲକ୍ଷ୍ମୀପୂଜାକୁ କରୋନା ଫିକା କରିଦେଇଛି। ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା କୋଭିଡ୍ ନିୟମାବଳୀ ଅନୁଯାୟୀ ମଣ୍ଡପରେ ପରମ୍ପରା ରକ୍ଷା କରିବାକୁ ବିଧି ଅନୁଯାୟୀ ପୂଜାର୍ଚ୍ଚନା ଚାଲିଛି। ତେବେ ପୋଲିସ କଟକଣା ଆଳରେ ଜୁଲମ କରୁଥିବା ଅଭିଯୋଗ ଆଣିଛି ମିଳିତ ବଜାର ପୂଜା କମିଟି। ଏ ନେଇ କର୍ମକର୍ତ୍ତାମାନେ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ଏକ ଜରୁରୀ ବୈଠକରେ ଅସନ୍ତୋଷ ଜାହିର କରିଛନ୍ତି।


ମିଳିତବଜାର ଲକ୍ଷ୍ମୀପୂଜା କମିଟି ସଭାପତି ବିଶ୍ୱନାଥ ବେହେରାଙ୍କ ଅଧ୍ୟକ୍ଷତାରେ ମିନାବଜାର ପୂଜାମଣ୍ଡପ ନିକଟରେ ଅନୁଷ୍ଠିତ ଏହି ବୈଠକରେ ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ସେହିପରି ପୂଜା ପୂର୍ବରୁ ପ୍ରଶାସନ ଏବଂ ପୂଜା ପ୍ରତିଷ୍ଠାନ କର୍ମକର୍ତ୍ତାଙ୍କୁ ନେଇ ହୋଇଥିବା ବୈଠକରେ ପୌରସଂସ୍ଥା ଓ ପୂର୍ତ୍ତ ବିଭାଗ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ଆଲୋକୀକରଣ, ରାସ୍ତା କାମ କରିବାକୁ ନିଷ୍ପତ୍ତି ହୋଇଥିଲା। ହେଲେ ଅଦ୍ୟାବଧି ତାହା ହୋଇ ନ ଥିବା ଅଭିଯୋଗ ହୋଇଛି। ବୈଠକରେ ମିନାବଜାର ପୂଜା କମିଟି ସଭାପତି ରବି ନାରାୟଣ ପଟ୍ଟନାୟକ, ସମ୍ପାଦକ ପୀତବାସ ସାହୁ, ଶାନ୍ତି କମିଟି ସଭ୍ୟ ନବକିଶୋର ଗୁରୁ, ରାମଚନ୍ଦ୍ର ପାତ୍ର, ଦୀପକ ପ୍ରସାଦ ପଟ୍ଟନାୟକ, ସୁଧାଂଶୁ ଦଳେଇ, ନବୀନଚନ୍ଦ୍ର ନାରାୟଣ ଦାସ, ଗୋପାଳ ପାତ୍ର, ପ୍ରଦ୍ୟୁମ୍ନ ରଥ, ବସନ୍ତ ସାହୁ, ଜ୍ଞାନଚାନ୍ଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ୟା ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଇବାକୁ ନିଷ୍ପତ୍ତି ହୋଇଛି।

## ଆନ୍ଦୋଳନ, ଖଣି କାର୍ଯ୍ୟ ବାଧାପ୍ରାପ୍ତ

**କଣିହାଁ, ୩୧।୧୦(ଡି.ଏନ.ଏ.)**

ଅନୁଗୋଳ ଜିଲା ଏମ୍‌ସିଏଲର କଣିହାଁ କୋଇଲା ଖଣିରେ କାର୍ଯ୍ୟରତ ଟ୍ରକ୍, ଡୋଜର ଚାଳକ ଶୁକ୍ରବାରଠାରୁ ବିଭିନ୍ନ ଦାବିରେ ଆନ୍ଦୋଳନ କରିଛନ୍ତି। ଫଳରେ ୨ ଦିନ ହେଲା କଣିହାଁ ଓସିପିରେ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଆନ୍ଦୋଳନକାରୀଙ୍କ ଅଭିଯୋଗ ମୁତାବକ, ଖଣିରେ କୋଇଲା ଖନନ, ଉତ୍ତୋଳନ, ପରିବହନ କାର୍ଯ୍ୟ ପାଇଁ ଠିକାସଂସ୍ଥା ଅଧୀନରେ ୪ ଶହରୁ ଊର୍ଦ୍ଧ୍ୱ ଚାଳକ ଓ ନିୟନ୍ତ୍ରକ କାର୍ଯ୍ୟ କରୁଛନ୍ତି। ହେଲେ ସେମାନଙ୍କୁ ଉପଯୁକ୍ତ ପାରିଶ୍ରମିକ, ମେଡିକାଲ ସୁବିଧା ସହ ଦୁର୍ଗାପୂଜା ବୋନସ ଆଦି ପ୍ରଦାନ କରାଯାଉନାହିଁ। ଏହି ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏ ନେଇ କଣିହାଁ ଓସିପିର ବିଭାଗୀୟ ଅଧିକାରୀଙ୍କୁ ଯୋଗାଯୋଗ ସତ୍ତ୍ୱେ ମତାମତ ମିଳିପାରିନାହିଁ।

## ୨୮ ମଣ୍ଡପରେ ଧନଦାତ୍ରୀ



ଅନୁଗୋଳ ଷ୍ଟାଡିୟମଠାରେ ପୋଲିସ କର୍ମଚାରୀଙ୍କୁ ବିବରଣୀ ପ୍ରଦାନ କରାଯାଉଛି।

**ଅନୁଗୋଳ ଅଫିସ, ୩୧।୧୦**

ଅନୁଗୋଳର ଗଣପର୍ବ ଲକ୍ଷ୍ମୀପୂଜା କୋଭିଡ୍ ଗାଇଡ୍‌ଲାଇନ୍‌ରେ ପାଳନ କରାଯାଉଛି। ଶୁକ୍ରବାର ବିଳମ୍ବିତ ରାତିରୁ ବିଭିନ୍ନ ଜଳାଶୟରୁ ପାଣି ଆଣି ପୂଜା କମିଟିଗୁଡ଼ିକ ପକ୍ଷରୁ ଧନଦାତ୍ରୀଙ୍କୁ ବରଣି କରାଯାଇଥିଲା। ଶନିବାର ବିଭିନ୍ନ ମଣ୍ଡପରେ ବିଧି ଅନୁଯାୟୀ ମା’ ପୂଜା ପାଇଛନ୍ତି। କଟକଣା ଯୋଗୁ ସହରରେ ପାର୍ବଣ ମାହୋଲ ନ ଥିବାବେଳେ ପ୍ରତି ମଣ୍ଡପ ସମ୍ମୁଖରେ ପୋଲିସ ମୁତୟନ କରାଯାଇଛି।

ଅନୁଗୋଳ ସହର ଓ ଉପକଣ୍ଠର ୨୮ଟି ମଣ୍ଡପରେ ମା’ ଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା ଚାଲିଛି। ଆଇନ୍ ଶୃଙ୍ଖଳା ନିୟନ୍ତ୍ରଣ ପାଇଁ ଦୁଇ ଜଣ ଆଡିଶନାଲ ଏସ୍‌ପିଙ୍କ ସହ ୪ ଜଣ ଡିଏସ୍‌ପି, ୯ ଜଣ ଇନ୍ସପେକ୍ଟର, ଏସ୍‌ଆଇ ଓ ଏଏସ୍‌ଆଇଙ୍କୁ ମିଶାଇ ମୋଟ ୩୫ ଜଣଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଏଥିସହ ୭ ପ୍ଲାଟୁନ୍ ପୋଲିସ ଫୋର୍ସ ସହ ଜିଲାର ପୋଲିସମାନେ ମଧ୍ୟ ମୁତୟନ ହୋଇଛନ୍ତି। ଏ ନେଇ ଅନୁଗୋଳ ଷ୍ଟାଡ଼ିୟମରେ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ବିସ୍ତୃତ ବିବରଣୀ ପ୍ରଦାନ କରାଯାଇଥିଲା। ବିଭିନ୍ନ ମଣ୍ଡପ ସମ୍ମୁଖରେ ପୋଲିସ ମୁତୟନ କରାଯାଇଛନ୍ତି। ସହରର ବିଭିନ୍ନ ଛକରେ ୮ଟି ପୋଲିସ ଆଉଟ୍ ପୋଷ୍ଟ କରାଯାଇଛି। ସମ୍ପୂର୍ଣ୍ଣ ନିରାଡମ୍ବର ଭାବେ ପୂଜା ପାଳନ ହେଉଛି।

## ମଣ୍ଡପରେ ମହାମାୟା



ଢେଙ୍କାନାଳ ଗଣେଶ ବଜାର ପୂଜା ପ୍ରତିଷ୍ଠାନ।



ଆନନ୍ଦ ବଜାର।



ମହାବୀର ବଜାର।



ଅନୁଗୋଳ ଡେଲି ମାର୍କେଟ।



ଶାନ୍ତି ବଜାର।




ହରିମହୁରୀ ଛକ।



ସଞ୍ଜୀବନୀ ମାର୍କେଟ।

## କରୋନା ସଂକ୍ରମଣ ସ୍ଥିତି



| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୪,୬୧,୮୦,୩୦୭ | ୧୧,୯୭,୪୮୯ | ୩,୩୩,୮୭,୦୬୫ |
| ଭାରତ | ୮୧,୭୮,୬୪୫ | ୧,୨୨,୦୯୯ | ୭୪,୮୧,୯୫୧ |
| ଓଡ଼ିଶା | ୨,୯୦,୧୧୬ | ୧୩୨୦(+୫୩) | ୨,୭୫,୭୪୯ |

ଶନିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

## ଜନ୍ମଦିନର ଶୁଭେଚ୍ଛା

ନାମ: ...............................
ବୟସ:...............................
ଜନ୍ମ ତାରିଖ: ...............................


ଆଶିଶ
ପରିବାରବର୍ଗ


ଓମ୍
ପରିବାରବର୍ଗ


ବାପୁନି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ...

କ୍ରାଇମ୍‌ବ୍ରାଞ୍ଚ ଏଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀ ସୂଚନା ଦେଇଛନ୍ତି। ବାଂଲାଦେଶରୁ ଭାୟା ପଶ୍ଚିମବଙ୍ଗ ଦେଇ ଓଡ଼ିଶାକୁ ବ୍ରାଉନସୁଗାର ଚାଲାଣ ହେଉଛି। ଜଳପଥରେ ମଧ୍ୟ ନିଶା ମାଫିଆମାନେ ଅଭିନବ ଉପାୟରେ ବ୍ରାଉନସୁଗାର ଆଣୁଛନ୍ତି। ତେବେ ଏହି ଚୋରାଚାଲାଣର ପେଣ୍ଠସ୍ଥଳ ପାଲଟିଛି ବାଲେଶ୍ୱର। ସେଠାରେ ଏକାଧିକ ଡିଲର ସକ୍ରିୟ ରହିବା ସହ ସେମାନେ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳକୁ ଏହାର ଚୋରାଚାଲାଣ କରୁଛନ୍ତି। ଗିରଫ ଡିଲର ଶେଖ୍ ହାସିମ ଏମାନଙ୍କ ମଧ୍ୟରେ ଅନ୍ୟତମ। ସେ ପଶ୍ଚିମବଙ୍ଗରୁ ବ୍ରାଉନସୁଗାର ଆଣି ଅନ୍ୟ ବ୍ୟବସାୟୀଙ୍କୁ ଯୋଗାଇଥାନ୍ତି। ତେବେ ତାଙ୍କ ବ୍ୟବସାୟର ବଡ଼ ବଜାର ହେଉଛି ଭୁବନେଶ୍ୱର। ଶନିବାର ସକାଳେ ସେ ବ୍ରାଉନସୁଗାର ଧରି ବସ୍ ଯୋଗେ ଆସୁଥିବା ନେଇ ଏସ୍‌ଟିଏଫ୍‌କୁ ଖବର ମିଳିଥିଲା। ଏସ୍‌ଟିଏଫ୍‌ର ଏକ ଟିମ୍ ବରମୁଣ୍ଡା ବସ୍‌ଷ୍ଟାଣ୍ଡ୍ ନିକଟରେ ଛକି ରହିଥିଲେ। ହାସିମ୍ ବସ୍‌ରୁ ଓହ୍ଲାଇବା ପରେ ତାଙ୍କୁ ଏସ୍‌ଟିଏଫ୍‌ର ଅଧିକାରୀମାନେ କାବୁ କରିନେବା ସହ ଯାଞ୍ଚ କରିଥିଲେ। ତାଙ୍କ ନିକଟରୁ ୧କେଜି ୧୭୦ ଗ୍ରାମର ବ୍ରାଉନସୁଗାର ମିଳିଥିଲା। ତେବେ ହାସିମ ପଶ୍ଚିମବଙ୍ଗର କାହାଠାରୁ ବ୍ରାଉନସୁଗାର ଆଣୁଥିଲେ, ଭୁବନେଶ୍ୱରରେ କାହାକୁ ବିକିବାକୁ ଆସିଥିଲେ, ଏହି କାରବାରର ମାଷ୍ଟରମାଇଣ୍ଡ ସେ ନା ଆଉକିଏ, ଏମିତି ଅନେକ ତଥ୍ୟ ହାସଲ ପାଇଁ ଏସ୍‌ଟିଏଫ୍ ଶେଖ୍ ହାସିମ୍‌ଙ୍କୁ ୫ ଦିନିଆ ରିମାଣ୍ଡରେ ଆଣିବାକୁ କୋର୍ଟରେ ଆବେଦନ କରିଥିବା ଜଣାପଡିଛି।

ପୂର୍ବରୁ ବ୍ରାଉନସୁଗାର କାରବାରର ଅନ୍ୟତମ ମାଷ୍ଟରମାଇଣ୍ଡ୍ ଶେଖ୍ ରାଜାଙ୍କଠାରୁ ଆରମ୍ଭ କରି ବହୁ ଡିଲର, ବ୍ୟବସାୟୀଙ୍କୁ ଏସ୍‌ଟିଏଫ୍ ଗିରଫ କରିଛି। ଏପରି କି ଏହି କଳା କାରବାରରେ ସମ୍ପୃକ୍ତ ଥିବା ଅଭିଯୋଗରେ ଅନେକ ପୋଲିସ ଅଧିକାରୀ ଗିରଫ ସହ ନିଲମ୍ବିତ ହୋଇଛନ୍ତି। ସେହିଭଳି ଚଳିତବର୍ଷ ରାଜ୍ୟ ପୋଲିସ ୩୦ କେଜିରୁ ଊର୍ଦ୍ଧ୍ୱ ବ୍ରାଉନସୁଗାର ଜବତ କଲାଣି। ଏହାର ବଜାର ମୂଲ୍ୟ ୩୩ କୋଟିରୁ ଊର୍ଦ୍ଧ୍ୱ ହେବ। କେବଳ ଏସ୍‌ଟିଏଫ୍ ୨୨କେଜି ୧୬୮ ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ୨୪ଟି ଏନ୍‌ଡିପିଏସ୍ ମାମଲା ରୁଜୁ କରି ୪୪ଜଣ ନିଶା ମାଫିଆଙ୍କୁ ଗିରଫ କରିଛି। ନିଶା ମାଫିଆଙ୍କ ପ୍ରତି ଏସ୍‌ଟିଏଫ୍‌ର ଏଭଳି କଠୋର ଆଭିମୁଖ୍ୟ ଜାରି ରହିବ ବୋଲି କ୍ରାଇମବ୍ରାଞ୍ଚ ଏଡିଜି କହିଛନ୍ତି। କିନ୍ତୁ ରାଜ୍ୟ ଏସ୍‌ଟିଏଫ୍ କୋଲକାତା ପୋଲିସ ସହ ସମନ୍ୱୟ ରଖି ତଦନ୍ତ କଲେ ଓଡ଼ିଶାରେ ନିଶା କାରବାରରେ ରୋକ୍ ଲାଗିବ ବୋଲି କୁହାଯାଇଛି।

## ୧୫ ପରେ ନିଆଯିବ ...

ଜାରି କରିଥିଲେ। ପରିବର୍ତ୍ତିତ ନିର୍ଦ୍ଦେଶାବଳୀ ଅନୁସାରେ ନଭେମ୍ବର ୧୫ ପରେ ନବମରୁ ଦ୍ୱାଦଶ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ପାଇଁ ନିଜ ତତ୍ତ୍ୱାବଧାନରେ ବା ନିରୀକ୍ଷଣରେ ସ୍କୁଲ ଖୋଲିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତାରିଖ ଧାର୍ଯ୍ୟ କରିପାରିବ। କିନ୍ତୁ ତା'ପୂର୍ବରୁ ବିଭିନ୍ନ ଷ୍ଟେକ୍‌ହୋଲ୍ଡରଙ୍କ ସହ ବିଭାଗ ଆଲୋଚନା କରି ଆବଶ୍ୟକ ଗାଇଡ୍‌ଲାଇନ୍ ଓ ଏସ୍‌ଓପି ଜାରି କରିବ। ଏନେଇ ବିଭାଗୀୟ ମନ୍ତ୍ରୀ ସମୀର ରଞ୍ଜନ ଦାଶ ପ୍ରତିକ୍ରିୟ ରଖି କହିଥିଲେ, ସ୍କୁଲ ଖୋଲିବା ପାଇଁ ବିଭାଗ ପ୍ରସ୍ତୁତ ହେଉଛି। ଏସ୍‌ଓପି ପ୍ରସ୍ତୁତ ପାଇଁ ବିଭାଗୀୟ ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସ୍କୁଲ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ଏସ୍‌ଓପି ପ୍ରସ୍ତୁତ କରାଯିବ। କେଉଁ ତାରିଖରୁ ସ୍କୁଲ ଖୋଲାଯିବ ସେନେଇ ଖୁବ୍‌ଶୀଘ୍ର ଘୋଷଣା କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

ଅନ୍ୟପଟେ ନଭେମ୍ବର ୩୦ ପର୍ଯ୍ୟନ୍ତ ଶିକ୍ଷାନୁଷ୍ଠାନଗୁଡ଼ିକ ବନ୍ଦ ରହୁଥିଲେ ମଧ୍ୟ ପରୀକ୍ଷା, ମୂଲ୍ୟାୟନ ଓ ପ୍ରଶାସନିକ କାର୍ଯ୍ୟ ଜାରି ରହିବ। ଅନ୍‌ଲାଇନ୍ ଟିଚିଂ ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଉଚ୍ଚଶିକ୍ଷା ବିଭାଗ ଉଭୟ ଶିକ୍ଷକ ଓ ଅଣ-ଶିକ୍ଷକଙ୍କୁ କଣ୍ଟେନମେଣ୍ଟ ଜୋନ୍ ବାହାରେ ଥିବା ସ୍କୁଲଗୁଡ଼ିକୁ ଯିବାକୁ ଅନୁମତି ଦେଇପାରିବେ। ତେବେ ଏହି ସମୟରେ ଭାରତ ସରକାରଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟର ଏସ୍‌ଓପିକୁ ଅନୁକରଣ କରାଯିବ। ସେହିଭଳି ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକ କେବଳ ଗବେଷଣା କରୁଥିବା ଓ ବିଜ୍ଞାନ ଓ ବୈଷୟିକ ପାଠ୍ୟକ୍ରମରେ ପିଜି କରୁଥିବା ଛାତ୍ରୀଛାତ୍ରଙ୍କ ପାଇଁ ଖୋଲା ରହିବ। ସମସ୍ତ ତାଲିମ କାର୍ଯ୍ୟକ୍ରମ ମଧ୍ୟ ଜାରି ରହିବ ବୋଲି ନିର୍ଦ୍ଦେଶନାମାରେ ରହିଛି।

## ପ୍ରଥମ ପୃଷ୍ଠାରୁ...

## ପ୍ରଶାସନ ଅନୁମତିରେ ...

ଏହି ସମୟ ମଧ୍ୟରେ କୌଣସି ପ୍ରକାର ସାମାଜିକ, ରାଜନୈତିକ, ଆମୋଦ ପ୍ରମୋଦ, ଖେଳକୁଦ, ଧାର୍ମିକ କାର୍ଯ୍ୟକ୍ରମ ଏବଂ ଅନ୍ୟାନ୍ୟ ଜନସମାଗମ ଉପରେ ପୂର୍ବଭଳି କଟକଣା ଜାରି କରାଯାଇଛି। ତେବେ ନଭେମ୍ବର ୩ରେ ହେବାକୁ ଥିବା ଉପନିର୍ବାଚନ ପାଇଁ ଭାରତର ନିର୍ବାଚନ କମିଶନଙ୍କ ଦ୍ୱାରା ଅନୁମତି ଦିଆଯାଇଥିବା ରାଜନୈତିକ ଜନସମାଗମ ନିର୍ବାଚନ ପ୍ରଚାର ଶେଷ ଯାଏ ବଳବତ୍ତର ରହିବ। ବିବାହ ଉତ୍ସବ ପାଇଁ ୨୦୦ ଏବଂ ଶବଦାହ ଓ ଶୁଦ୍ଧିକ୍ରିୟାରେ ସର୍ବାଧିକ ୫୦ଜଣ ଯୋଗଦେଇପାରିବେ। ଯଦି ବନ୍ଦ ଘର ଭିତରେ କୌଣସି କାର୍ଯ୍ୟକ୍ରମ କରାଯାଉଥିବ ତେବେ ହଲ୍‌ର ସମୁଦାୟ ସିଟ୍‌ର ୫୦ ପ୍ରତିଶତକୁ ବ୍ୟବହାର ପାଇଁ ଅନୁମତି ଦିଆଯାଇଛି। ଖୋଲାପଡିଆର କ୍ଷମତାକୁ ଦେଖି ସମାବେଶ ପାଇଁ ଅନୁମତି ଦିଆଯିବ। ମାସ୍କ ପିନ୍ଧିବା, ସାମାଜିକ ଦୂରତା, ଥର୍ମାଲ ସ୍କ୍ରିନିଂ ଏବଂ ହାତ ଧୋଇବା ଉପରେ ଗୁରୁତ୍ୱ ଦିଆଯାଇଛି। କେନ୍ଦ୍ର ଓ ରାଜ୍ୟ ସରକାର ଜାରି କରିଥିବା ଗାଇଡ୍‌ଲାଇନକୁ କଡ଼ାକଡ଼ି ପାଳନ କରିବାକୁ କୁହାଯାଇଛି।

କୋଭିଡ୍ ସଂକ୍ରମିତ ଅଞ୍ଚଳରେ ଲକ୍‌ଡାଉନ କଟକଣା ଜାରିରହିବ। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏବଂ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଜାରି କରାଯାଇଥିବା ଗାଇଡ୍‌ଲାଇନକୁ କଡ଼ାକଡ଼ି ପାଳନ କରାଯିବ। ସଂକ୍ରମିତ ଅଞ୍ଚଳରେ ଅତ୍ୟାବଶ୍ୟକ ସେବା ଜାରି ରହିବ । ଘରକୁ ଘର ବୁଲି ସର୍ବେକ୍ଷଣ, ଚିହ୍ନଟ ଆଦି ପ୍ରକ୍ରିୟା ଜାରି ରହିବ। ତେବେ ଜିଲା, ସବ୍‌ଡିଭିଜନ କିମ୍ବା ସ୍ଥାନୀୟ କର୍ତ୍ତୃପକ୍ଷ ସଂକ୍ରମିତ ଅଞ୍ଚଳ ବାହାରେ ଲକ୍‌ଡାଉନ ଘୋଷଣା କରିପାରିବେ ନାହିଁ। ଯଦି କୌଣସି ପ୍ରକାର ଯାତାୟାତ କିମ୍ବା ଜନସମାଗମ ଉପରେ କଟକଣା ଜାରି କରିବାକୁ ଚାହିଁବେ ସମ୍ପୃକ୍ତ ଅଧିକାରୀ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ଜରିଆରେ କେନ୍ଦ୍ର ସରକାରଙ୍କ ସହ ଏ ନେଇ ଆଲୋଚନା କରି ନିଷ୍ପତ୍ତି ନେବେ।

ଅନ୍ୟପକ୍ଷେ କୋଭିଡ୍ ସୁରକ୍ଷାକୁ ପାଳନ କରି ଖୋଲାମଞ୍ଚ ଥିଏଟରକୁ ଅନୁମତି ଦିଆଯାଇଛି। କ୍ରୀଡ଼ା ଓ ଯୁବସେବା ବ୍ୟାପାର ବିଭାଗ ପକ୍ଷରୁ ସ୍ୱୀକୃତି ଦିଆଯାଇଥିବା ସୁଇମିଂପୁଲ୍‌ଗୁଡିକ ପ୍ରଶିକ୍ଷଣ ପାଇଁ ଖୋଲାଯିବ। ସ୍ୱାସ୍ଥ୍ୟ ସୁରକ୍ଷା ଗାଇଡ୍‌ଲାଇନକୁ ଅନୁସରଣ କରି ଉକ୍ତ ଅନୁମତି ଦିଆଯାଇଛି। ସମସ୍ତ କେନ୍ଦ୍ର ଓ ରାଜ୍ୟ ସରକାରୀ କାର୍ଯ୍ୟାଳୟ ଓ ବେସରକାରୀ କାର୍ଯ୍ୟାଳୟ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା କୋଭିଡ୍ ଗାଇଡ୍‌ଲାଇନକୁ ବାଧ୍ୟତାମୂଳକ ପାଳନ କରିବାକୁ କୁହାଯାଇଛି। ଏହାଛଡ଼ା ସର୍ବସାଧାରଣ ସ୍ଥାନରେ ଛେପ ନ ପକାଇବା ଉପରେ କଟକଣା ଜାରି କରାଯାଇଛି। ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନଗୁଡିକ ଗ୍ରାହକମାନଙ୍କର ସାମାଜିକ ଦୂରତା ଓ ମାସ୍କ ପିନ୍ଧିବାକୁ ଗୁରୁତ୍ୱ ଦେବେ। ସେଲୁନ, ସ୍ପା, ବିୟୁଟି ପାର୍ଲର କୋଭିଡ୍-୧୯ ଗାଇଡ୍‌ଲାଇନକୁ କଡ଼ାକଡି ପାଳନ କରିବାକୁ କୁହାଯାଇଛି। ଆନ୍ତଃ ରାଜ୍ୟ ଯାତ୍ରୀବାହୀ, ମାଲବାହୀ ଯାନ ଚଳାଚଳ ଉପରେ କୌଣସି କଟକଣା ନାହିଁ। ତେବେ ୬୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ବ୍ୟକ୍ତି, ୧୦ ବର୍ଷରୁ କମ୍ ବୟସର ପିଲା ଏବଂ ଗର୍ଭବତୀ ମହିଳାଙ୍କୁ ଘରେ ରହିବାକୁ ପରାମର୍ଶ ଦିଆଯାଇଛି।

## ଦେଶର ପ୍ରଥମ ସି-ପ୍ଲେନ୍ ...

ସର୍ବନିମ୍ନ ଟିକେଟ ଦାମ୍ ୧୪୦୦ ଟଙ୍କା ରହିଛି। ଯାତ୍ରୀ ଉକ୍ତ ପ୍ଲେନ୍‌ରୁ ସର୍ଦ୍ଦାର ପଟେଲ୍‌ଙ୍କ ଷ୍ଟାଚ୍ୟୁ ଅଫ୍ ୟୁନିଟି ଦେଖିବାର ସୁଯୋଗ ପାଇବେ।

ଉଦ୍‌ଘାଟନ ସମୟରେ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହରଦୀପ୍ ସିଂ ପୁରୀ ଉପସ୍ଥିତ ଥିଲେ। ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ଦୁଇଦିନିଆ ଗୁଜରାଟ ଗସ୍ତରେ ଅଛନ୍ତି। ଉଦ୍‌ଘାଟନ ପୂର୍ବରୁ ସେ ଷ୍ଟାଚ୍ୟୁ ଅଫ୍ ୟୁନିଟଠାରେ ଅର୍ଦ୍ଧସାମରିକ ବାହିନୀର ପରେଡ ଦେଖିବା ସହ ଦେଶର ସଂହତି ଓ ସାର୍ବଭୌମତ୍ୱର ସୁରକ୍ଷା ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ।

## ହୁଗୁଳା ହେଉଛି ...

ବନ୍ୟପ୍ରାଣୀ ବନଖଣ୍ଡରୁ ୫୩ ଜଣଙ୍କୁ ବିଦା କରାଯାଇ ସାରିଛି। ଏହି ଅସ୍ଥାୟୀ ୱାଚରମାନେ ଜଙ୍ଗଲ ସହ ବନ୍ୟଜନ୍ତୁ, ପରିବେଶ ସୁରକ୍ଷା, ଜନ୍ତୁ ଶିକାରୀ ଓ କାଠମାଫିଆଙ୍କୁ ଧରିବା କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ପ୍ରକଳ୍ପର ସୁରକ୍ଷାକୁ ଧ୍ୟାନରେ ରଖି ଏନ୍‌ଟିସିଏ ତରଫରୁ ଏମାନଙ୍କୁ ବିଭିନ୍ନ ପ୍ରକାର ତାଲିମ ମଧ୍ୟ ପ୍ରଦାନ କରାଯାଇଥିଲା। ଏମାନେ ଦୈନିକ ଜଙ୍ଗଲ ମଧ୍ୟରେ ୧୦ କି.ମି. ପାଦରେ ଚାଲି ହାତୀ, ବାଘଙ୍କ ଗତିବିଧି ଓ ଶିକାରୀମାନଙ୍କ ଉପରେ ନଜର ରଖୁଥିଲେ। କିନ୍ତୁ ଏତେ ସଂଖ୍ୟକ ୱାଚରଙ୍କୁ ଏକାବେଳେ ଛଟେଇ କରାଯାଇଥିବାରୁ ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପର ସୁରକ୍ଷା ନେଇ ଏବେ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ପ୍ରକଳ୍ପ ମଧ୍ୟରେ ଶିକାରୀ ଓ କାଠ ମାଫିଆଙ୍କ ଉପସ୍ଥିତି ବହୁ ପୂର୍ବରୁ ରହିଥିବା ବେଳେ ମହାବଳ ବାଘ ମହାବୀର ମଧ୍ୟ ଶିକାରୀଙ୍କ ହାବୁଡ଼ରେ ପଡ଼ିଥିବା କୁହାଯାଇ ଆସୁଛି। ତେଣୁ ଖର୍ଚ୍ଚ କାଟ୍ ପାଇଁ ୨୦୭ ୱାଚରଙ୍କୁ ବିଦା କରାଯିବା ପରେ ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପର ସୁରକ୍ଷା ପ୍ରଭାବିତ ହେବା ଆଶଙ୍କା ସୃଷ୍ଟି ହୋଇଛି।

ଏ ସମ୍ପର୍କରେ ଅନୁଗୋଳ ସର୍କଲ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ତଥା ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପ କ୍ଷେତ୍ର ନିର୍ଦ୍ଦେଶକ ପ୍ରଦୀପ ରାଜ କରାଟେ କହିଛନ୍ତି, ଏନ୍‌ଟିସିଏ ଅନୁଦାନ ହ୍ରାସ କରିଥିବାରୁ ଏପରି ସମସ୍ୟା ସୃଷ୍ଟି ହୋଇଛି। ଫଳରେ ଡିଏଫ୍‌ଓମାନେ ବାଧ୍ୟ ହୋଇ ଅସ୍ଥାୟୀ ୱାଚରଙ୍କୁ ଛଟେଇ କରିଛନ୍ତି। ଅଧିକ ଅର୍ଥ ପାଇଁ ପ୍ରସ୍ତାବ ଦିଆଯାଇଛି। ତାହା ଆସିଲେ ଅସ୍ଥାୟୀ ଭାବରେ ସେମାନଙ୍କୁ ପୁଣି ରଖିବାର ବ୍ୟବସ୍ଥା କରାଯିବ। କିନ୍ତୁ ସ୍ୱଳ୍ପ ଅନୁଦାନ ଯୋଗୁ ପ୍ରକଳ୍ପ ସୁରକ୍ଷା କ୍ଷେତ୍ରରେ ବହୁ ସମସ୍ୟା ସୃଷ୍ଟି ହେଉଛି ବୋଲି କ୍ଷେତ୍ର ନିର୍ଦ୍ଦେଶକ ପ୍ରକାଶ କରିଛନ୍ତି।

## ହରପ୍ରୀତ ସିଂ ଆଲାଏନ୍ସ ...

ବରିଷ୍ଠ କମାଣ୍ଡର କ୍ୟାପଟେନ ନିବେଦିତା ଭାସିନଙ୍କୁ ନିଯୁକ୍ତି ଦିଆଯାଇଛି। ୧୯୮୮ରେ ଏୟାର ଇଣ୍ଡିଆରେ ପ୍ରଥମ ମହିଳା ପାଇଲଟ ଭାବେ ହରପ୍ରୀତ ଯୋଗଦେଇଥିଲେ। ହରପ୍ରୀତ ସ୍ୱାସ୍ଥ୍ୟଗତ କାରଣରୁ ପାଇଲଟ ଭାବେ ବେଶି ଦିନ କାର୍ଯ୍ୟ କରି ପାରି ନ ଥିଲେ ମଧ୍ୟ ବିମାନ ନିରାପତ୍ତା କ୍ଷେତ୍ରରେ ସେ ବେଶ୍ ସକ୍ରିୟ ରହିଆସିଛନ୍ତି। ସେ ମହିଳା ପାଇଲଟ ଆସୋସିଏଶନର ମୁଖ୍ୟ ଭାବେ କାର୍ଯ୍ୟ କରିବା ସହ ଅନେକଙ୍କ ଲାଗି ପ୍ରେରଣାର ଉତ୍ସ ହୋଇପାରିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଶ୍ରୀଚନ୍ଦ୍ର ପ୍ରଭାବରେ ଅର୍ଥଲାଭ ସହ ପାରିବାରିକ ଶାନ୍ତି ପାଇବେ। କିନ୍ତୁ ଦୂରଯାତ୍ରା ଓ ବିବାଦୀୟ ପରିବେଶରୁ ଦୂରେଇ ରହିବା ଭଲ ହେବ। ମନରେ ଅସ୍ଥିରତା ଲାଗି ରହିବା କାରଣରୁ ଅନ୍ୟମାନଙ୍କ କଥାଗୁଡିକ ଠିକ୍ ଥିଲେ ମଧ୍ୟ ଆପଣଙ୍କୁ ଭଲ ଲାଗିବ ନାହିଁ । କଳା, ସାହିତ୍ୟ, ସାମ୍ବାଦିକତା, ସଭାସମିତି ଓ ସଂଗଠନ କ୍ଷେତ୍ରରୁ ପ୍ରଶଂସିତ ହୋଇପାରନ୍ତି ।

**ବୃଷ**
ଚନ୍ଦ୍ରଙ୍କ ନକ୍ଷତ୍ରରେ ଶୁକ୍ର ଆପଣଙ୍କୁ ବୈଷୟିକ ସୁଖ, ସମ୍ପଦ ପ୍ରଦାନ କରିବାରେ ସହାୟକ ହେବେ। ଆପଣ ଘର ସକାଶେ, ଜମିଜମା, ଯାନ୍ତ୍ରିକ ଜିନିଷ କ୍ଷେତ୍ରରେ କିଛି ଅର୍ଥ ବ୍ୟୟ କରିବାକୁ ବାଧ ହୋଇପାରନ୍ତି। କ୍ରୀଡା, କଳା, ସାହିତ୍ୟ ଚର୍ଚ୍ଚାଦିରେ ପ୍ରତିଯୋଗିତା କିମ୍ବା ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ପାଇପାରିବେ।

**ମିଥୁନ**
ଘରୋଇ ବ୍ୟାପାରରେ ଅନ୍ୟମାନଙ୍କ ହସ୍ତକ୍ଷେପ ଯୋଗୁଁ ଅଶାନ୍ତ ବାତାବରଣ ସୃଷ୍ଟିର ଆଶଙ୍କା ରହିଛି। ପୂର୍ବରୁ ପ୍ରତିଶ୍ରୁତି ଦେଇଥିବା ମିତ୍ରମାନେ ନିଜର ମତ ହଠାତ୍ ବଦଳାଇ ଅସହଯୋଗ କରିପାରନ୍ତି। ଶିଳ୍ପ, ବାଣିଜ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଓ ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ ।

**କର୍କଟ**
ଦଶମ ଚନ୍ଦ୍ର ହେତୁ କୌଣସି ନୂତନ ପରିବେଶରେ ସହାବସ୍ଥାନରୁ ନିଜକୁ ଭାଗ୍ୟବାନ୍ ମନେକରିପାରନ୍ତି। ଦୀର୍ଘଦିନରୁ ଅପେକ୍ଷା କରିଥିବା ଖବରଟି ଆଜି ପୂର୍ବାହ୍ନରେ ପାଇ ସାମୟିକ ଖୁସୀ ରହିବେ। ଶିଳ୍ପ, ସାମ୍ବାଦିକତା, ପରିବହନ, ବାଣିଜ୍ୟ ଓ ବ୍ୟବସାୟରେ ଲାଭ ଆଶାନୁରୂପ ପାଇପାରିବେ ।

**ସିଂହ**
ରବିଙ୍କ ଦୁର୍ବଳତା ସାଇନୋସାଇଟିସ୍ ଭଳି ରୋଗ ଜନିତ ମୁଣ୍ଡବ୍ୟଥା କିମ୍ବା କ୍ରନିକ୍ ରୋଗ ପୀଡାକୁ ନିମନ୍ତ୍ରଣ କରିପାରେ। ବ୍ୟବସାୟକୁ ଆଗକୁ ବଢାଇବା ପାଇଁ କୌଣସି ନୂତନ ପଦକ୍ଷେପ ଗ୍ରହଣ କରିବେ। କର୍ମକ୍ଷେତ୍ରରେ ଅପରାହ୍ନ ସମୟରେ କାରଣ ନ ଥାଇ ମଧ୍ୟ ଦୋଷୀ ସାବ୍ୟସ୍ତ ହେବାର ଆଶଙ୍କା ରହିଛି ।

**କନ୍ୟା**
ରବିଙ୍କ ନକ୍ଷତ୍ରସ୍ଥ ବୃହସ୍ପତିଙ୍କ ଯୋଗୁଁ ପାରିବାରିକ ଅଶାନ୍ତି କ୍ଷେତ୍ରରେ ଭୁଲ୍ ବୁଝାମଣା ହିଁ ପ୍ରଧାନ କାରଣ ହେବ। ବନ୍ଧୁଙ୍କ ସହ ବହୁତ ଦିନରୁ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବାରେ ବନ୍ଧୁ ସାହାଯ୍ୟ କରିବେ। ପଡୋଶୀଙ୍କ ସହ ମିଷ୍ଟାଳାପରେ ମାତିରହିବା ସଙ୍ଗକୁ କେତେକ କ୍ଷେତ୍ରରେ ଉପସ୍ଥିତ ବୁଦ୍ଧି ଖଟାଇ ପରିସ୍ଥିତିକୁ ସୁଧାରି ନେଇପାରନ୍ତି।

**ତୁଳା**
ଷଷ୍ଠଭାବସ୍ଥ ମଙ୍ଗଳ ହେତୁ ପତ୍ନୀଙ୍କ କ୍ଷୋଭ, ସନ୍ତାନଙ୍କ ବେଖାତିର କାମ ସଙ୍ଗକୁ ଭାବପ୍ରବଣତାଜନିତ ମାନସିକ ସ୍ଥିରତା ରହି ନ ପାରେ। ଖଳ ଲୋକଙ୍କ ପ୍ରାୟୋଜିତ କାର୍ଯ୍ୟାବଳୀ ମାଧ୍ୟମରେ ମିଥ୍ୟା ଗୁଜବ ମନକୁ ଆତଙ୍କିତ କରିପାରେ। ଅନିୟମିତ ଆହାର ଯୋଗୁଁ ସ୍ୱାସ୍ଥ୍ୟହାନି ଘଟିବାର ସୂଚନା ରହିଛି।

**ବିଛା**
ଶୁକ୍ର ନକ୍ଷତ୍ରସ୍ଥ ଚନ୍ଦ୍ରଙ୍କ ଯୋଗୁଁ ଆପଣ କଳ୍ପନା ମାଧ୍ୟମରେ ମାନସିକ ସ୍ତରରେ ଆନନ୍ଦ ଅନୁଭବ କରିବେ ଯେହେତୁ ବାସ୍ତବତା ବହୁ ଦୂରରେ ରହିଯିବ। କଳା, ସାହିତ୍ୟ ଓ ଅଭିନୟ କ୍ଷେତ୍ରରୁ ପ୍ରଶଂସା ପାଇବେ । ଯେଉଁ ବିବାଦୀୟ ଘଟଣା ପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ।

**ଧନୁ**
ବନ୍ଧୁଙ୍କ ପ୍ରେରଣାରେ କେତେକ ନୂତନ କାମର ପରିକଳ୍ପନା କରିବେ କିନ୍ତୁ ଖର୍ଚ୍ଚଭାର ଯୋଗୁଁ ଚିନ୍ତାପ୍ରକଟ କରିପାରନ୍ତି। ପାରିବାରିକ ସମସ୍ୟାକୁ ସୁଧାରି ନେବାରେ ପାଖ,ପଡୋଶୀମାନେମାନେ ସାହାଯ୍ୟ କରିବେ। ଶୁକ୍ର ଓ ବୃହସ୍ପତିଙ୍କ ସମ୍ବନ୍ଧରୁ ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ଅଯଥା ଅଶାନ୍ତିର ବାତାବରଣ ସୃଷ୍ଟି ହେବାର ଆଶଙ୍କା ରହିଛି।

**ମକର**
ଆପଣ ଯେଉଁଥିପାଇଁ ଆଶଙ୍କା କରୁଛନ୍ତି ସେହି କ୍ଷେତ୍ରରେ କିଛି ଅସୁବିଧା ହେବ ନାହିଁ । ପରିବାରରେ ପିଲାମାନଙ୍କ ପଢା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। କର୍ମକ୍ଷେତ୍ରରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇଁ ମନୋବଳ ବୃଦ୍ଧି ପାଇବ। ବାହାର ସ୍ଥାନରେ କାହାକୁ ଅପେକ୍ଷା କରି ବିରକ୍ତ ହେବେ ଏବଂ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ।

**କୁମ୍ଭ**
ଶାରୀରିକ ସୁସ୍ଥତା ଅକ୍ଷୁର୍ଣ୍ଣ ରହିଲେ ମଧ୍ୟ ଶତ୍ରୁରାଶିସ୍ଥ ଶନି ହେତୁ କାର୍ଯ୍ୟରେ ବିଘ୍ନ ଘଟିପାରେ। ପିଲାମାନଙ୍କର କିଛି ସମସ୍ୟାକୁ ନେଇ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ। ବନ୍ଧୁଙ୍କ ଉପରେ ବୃଥା ସନ୍ଦେହ କରନ୍ତୁ ନାହିଁ, ଯାହାଦ୍ୱାରା ଲାଭ ବଦଳରେ କ୍ଷତିହିଁ ହେବ। ଜମିଜମା, କଳ କାରଖାନା, ପରିବହନରେ ସମସ୍ୟା ଜଟିଳ ହୋଇପାରେ।

**ମୀନ**
ରାଶିରେ ମଙ୍ଗଳ ଓ କର୍ମସ୍ଥ ବୃହସ୍ପତିଙ୍କ ଯୋଗୁଁ ସ୍ୱାସ୍ଥ୍ୟ ସମସ୍ୟା ସୁଧୁରି ଯିବ ଓ ଯାହା ଚାହୁଁଛନ୍ତି ତାହା ପାଇବାରେ ଅସୁବିଧା ରହିବ ନାହିଁ। ପରିବାରରେ ଛୋଟ କଥାକୁ କେନ୍ଦ୍ର କରି କଳହ ସୃଷ୍ଟି ହେବ। ପ୍ରକୃତ ଘଟଣା ନ ବୁଝି ପଡୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ଉତ୍ତରଭାଦ୍ରବ ନକ୍ଷତ୍ର ଅଭାବ ନ ଥିଲେ ମଧ୍ୟ ମନ ଶାନ୍ତି ପାଇବା କଷ୍ଟକର ହୋଇପଡିବ ।

ଆଜି କାର୍ତ୍ତିକ କୃଷ୍ଣ ପ୍ରତିପଦା ରବିବାର,କାର୍ତ୍ତିକ ବ୍ରତାରମ୍ଭ, ନଭେମ୍ବର ୧ ତାରିଖ, ବିଶ୍ୱ ଶୁଦ୍ଧ ଶାକାହାରୀ ଦିବସ, ରାଶି ନକ୍ଷତ୍ର-ଦ୍ୱିଜା/ମେଷ, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ମେଷ ରାଶିର ଘାତବାର, ଦିବା ଘ.୦୬.୩୬ମି.ଗତେ ଘ. ୦୮.୫୨ମି. ମଧ୍ୟେ, ଘ.୧୧.୫୨ମି. ଗତେ ଘ.୦୨.୫୩ମି. ମଧ୍ୟେ, ରାତ୍ରି ଘ.୦୭.୪୧ମି. ଗତେ ଘ.୦୯.୨୩ମି. ମଧ୍ୟେ, ଘ.୧୧.୫୫ମି. ଗତେ ଘ.୦୧.୩୭ମି. ମଧ୍ୟେ,ଘ.୦୨.୨୮ମି.ଗତେ ଘ.୦୫.୫୨ମି.ମଧ୍ୟେ ଅମୃତବେଳା। ଦିବା ଘ.୦୩.୩୮ମି.ଗତେ ଘ.୦୪.୨୩ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ.୦୩.୪୩ମି. ଗତେ ଘ.୦୫.୦୮ମି.ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




BRIDE WANTED

Match for Brahmin Boy SWE Bangalore/ 1984/ 16L. Contact: 9437110595 D-18756

Kaibarta Boy 1984 Software Engineer, Bangalore caste-no-bar. 7377203805 D-18731




HIRE

Required 30Nos of Hyva(10 wheels) for mines project at Joda & Barbil having long term basis. Trip wise billing per month estimate bill 4.5L -5L Call - 9439856856, 9776001000. D-18734




SALE

Duplex for sale at GGP Square, Rasulgarh, Bhubaneswar. Mob No. 9040312112 D-18766

ଖୋର୍ଦ୍ଧା New ବାଇପାସ୍ ପାଖରେ yellowzone plot Rev ରୋଡ଼କୁ ଲାଗି 350/- ଡିଶି ଘର କରନ୍ତୁ। 9938066403, 9438315973 D-69193

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/-, ଅରଗୁଳ IIT 1200sqft. 1,32,000/- (Outright). 9348232008, 9776974912 D-69189

**30'Road residential gated community advanced boundarywall gharabari plot sale Gudiapokhari near KEC College. 7992736330, 9238902929** D-69191

NH side gharabari plot Hanspal, Pahal, Balianta. Bank loan available. 9337259012 D-18755

Litigation free plot main road side in Bhubaneswar, Nakhara, Balianta flat 2BHK simplex, duplex available anyone to purchase please contact- 8249742867, 9853821712 D-70006

Infosis-II ପାଖରେ 690/- ସୁନ୍ଦରପଦା 1200/- ପିପିଲି NHକୁ ଲାଗି 800/-ରେ 30' road ଘରବାରି ପାଚେରି ଥାଇ plot କିଣନ୍ତୁ। 7978641199 D-69574

ଭୁବନେଶ୍ୱର Gudiapokhari ଏବଂ KEC ଠାରେ ଅଗ୍ରୀମ Boundarywall, 30ft Road ଏବଂ ବାସଉପଯୋଗୀ plot ଦିଆଯାଉଅଛି Sqft.650/- 7008045582, 9692003948 D-18775

PURCHASE

Required 3 Acres/ above land near Pitapalli by pass, clear approach road 9938895656 D-18767

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Shop TO-Let near NH-16, Rasulgarh, Bhubaneswar, Contact: 9861031002, 8480830749 D-18772

**Godown space available near Puri bypass area 18000/-, open space 15000/-. 9938125254** D-18598

2BHK (both attached toilet), kitchen, drawingroom at Cuttack Road, for bachelor/ family. Contact-9937672073 D-69635

**Rent for 2200 sqft. commercial space, Unit-9, prime location. Contact- 9437057789, 7853958839** D-69928




Herbal full body massage by smart / expert therapist. Contact: 8338067247. D-69798

Refreshments rejuvenation Body Massage therapy with experienced therapists, Bhubaneswar. 9337973945. D-69800

Swarna Spa gives Durga Puja offer @899 all type massages Ashok Nagar, 9556978408 D-70001

Get refreshment body massage by expert therapist contact for 7205084157. D-69799

Refreshing your mind body with best Panchakarma Therapy,Bhubaneswar 8763725072 D-18768

Newly open full body massage SPA in Bhubaneswar. Contact: 7205058838. D-70003

Rejuvenate and Ayurvedic full body massage by smart therapist. 9348123330. D-70004

Refreshing your mind & body with best therapy at Lotus Spa. 8018234866 D-69571




**ଓଡ଼ିଆ, ହିନ୍ଦି, ଇଂରାଜୀ ଭାଷାରେ ଜାତକ, ଲାଲକିତାବ, ମୁହୁର୍ତ୍ତ, ଡେଲି ଏକ୍ସପ୍ଲୋରର, କୁଣ୍ଡଳୀ, ବିବାହ ମିଳନ, କାଳସର୍ପ ଏବଂ ମାଙ୍ଗଳିକ ଦୋଷ ମିଳେ। Contact: Bhubaneswar- 9040151899** D-69929

Agarbati, Paper plate, Silper ମେସିନ ଘରେ ବସାଇ ରୋଜଗାର କରନ୍ତୁ! 7077645763 D-18684

**ଜନ୍ମଦିନ ଶୁଭେଚ୍ଛା**



**ଶାଶ୍ୱତ ଚନ୍ଦ୍ର ନାଥ (ବାପୁନି)**
ଅଁଲୋ, କଟକ
ଆଜି ତୋର ଚତୁର୍ଦ୍ଦଶ ଜନ୍ମଦିନରେ ମା' ଶାରଳାଙ୍କ ନିକଟରେ ପ୍ରାର୍ଥନା କରୁଛୁ, ତୋର ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ।
-:ଶୁଭେଚ୍ଛା ସହ:-
ଜେଜେମାଆ, ଜେଜେବାପା, ବାବା, ମାମା, ଆଈ, ପିଉସୀ, ପିଉସା, ମାମୁ, ମାଇଁ, ଗୁଡୁଭାଇ, ଟୁଇଁଦିଦି ଓ ପରିବାରବର୍ଗ ।
ଧ-୧୮୭୫୪

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

LOST

ମୁଁ ଶ୍ରୀ ମାନସ କୁମାର ନାୟକ, ପିତା: ୰ଗଣେଶ୍ୱର ନାୟକ, ଗ୍ରାମ: ଜଏରଶାସନ, ମନ୍ଦାରିଆପାଟଣା, ପୋଷ୍ଟ: ଜଗନ୍ନାଥପୁର, ଥାନା- ବାଲିଅନ୍ତା, ଜିଲ୍ଲା-ଖୋର୍ଦ୍ଧା (ମୋବାଇଲ୍: 9861996600) ଏତଦ୍ୱାରା ଜଣାଉଅଛି ଯେ 26.10.2020 ତାରିଖ ଅପରାହ୍ନରେ ମୋ ଘରୁ ତ୍ରିନାଥବଜାର, ଖୋର୍ଦ୍ଧାକୁ ଆସୁଥିବା ସମୟରେ ମୋର ସ୍ୱର୍ଗତା ମା'ଙ୍କ ନାମରେ ଥିବା ଜମିର ମୂଳ (ଅରିଜିନାଲ୍) ବିକ୍ରୟ କବଲା ନଂ. 2323, ତାରିଖ 03.03.2006 କେଉଁଠାରେ ହଜିଯାଇଛି। ମୋର ସମସ୍ତ ଚେଷ୍ଟା ସତ୍ତ୍ୱେ ଏହା ମିଳିପାରିଲା ନାହିଁ। ଯଦି କୌଣସି ସହୃଦୟ ବ୍ୟକ୍ତି ଉକ୍ତ କବଲାଟିକୁ ପାଇଥାଆନ୍ତି ତେବେ ଉପରବର୍ଣ୍ଣିତ ଠିକଣାରେ ଜଣାଇଲେ ମୁଁ ଚିରଉପକୃତ ହେବି। ଧ-୧୮୭୭୧

AFFIDAVIT

Before the Executive Magistrate, Bhawanipatna, I Tikimani Bag, W/o- Dibakar Bag, D/o- Daityari Naik, R/o. Anjali Nagar, Bhawanipatna, P.O/P.S- Bhawanipatna Town, Dist. Kalahandi do hereby declare that in my educational certificates my name mentioned as Tikimani Dei, D/o- Daityari Naik, in ROR Khata No. 91/559 mentioned as Tikimani Dei, W/o- Dibakar Bag, in Aadhaar Card mentioned as Tikimani Bag D/o- Daitari Naik. That the names Tikimani Dei, D/o- Daityari Naik, Tikimani Dei, W/o- Dibakar Bag, Tikimani Bag, D/o- Daitari Naik Tikimani Bag, W/o- Dibakar Bag belongs to one and same person. D-18779

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## ସଂକ୍ଷେପରେ

### ଉପନିର୍ବାଚନ: ମତଦାନ ପାଇଁ ୧୨ ପରିଚୟ ପତ୍ର

**ଭୁବନେଶ୍ୱର,୩୧।୧୦(ବ୍ୟୁରୋ):** ନଭେମ୍ବର ୩ରେ ବାଲେଶ୍ୱର ଏବଂ ତିର୍ତ୍ତୋଲ ବିଧାନସଭା ଆସନ ପାଇଁ ଉପନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ଜିଲା ପ୍ରଶାସନ ତରଫରୁ ଭୋଟଗ୍ରହଣ ଲାଗି ସମ୍ପୂର୍ଣ୍ଣ ବ୍ୟବସ୍ଥା କରାଯାଇଛି। ମତଦାନ ପାଇଁ କେବଳ ଚିରକୁଟ କିମ୍ବା ଫଟୋଭୋଟର ସ୍ଲିପ ଯଥେଷ୍ଟ ନୁହେଁ। ମତଦାନ ବେଳେ ୧୨ଟି ପରିଚୟ ପତ୍ର ମଧ୍ୟରୁ ଯେ କୌଣସି ଗୋଟିଏ ନେବାକୁ ଭାରତର ମୁଖ୍ୟ ନିର୍ବାଚନ କମିଶନଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ସେଗୁଡିକ ହେଲା ଭୋଟର ପରିଚୟପତ୍ର, ଡ୍ରାଇଭିଂ ଲାଇସେନ୍ସ, ଫଟୋଥିବା ସରକାରୀ ଚାକିରି ପରିଚୟ ପତ୍ର, ଫଟୋଥିବା ବ୍ୟାଙ୍କ ଓ ପୋଷ୍ଟ ଅଫିସ ପାସ୍‌ବୁକ୍, ଶ୍ରମ ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସ୍ୱାସ୍ଥ୍ୟ ବୀମା କାର୍ଡ, ଏମ୍‌ପି ଓ ବିଧାୟକଙ୍କୁ ଦିଆଯାଇଥିବା ସରକାରୀ ପରିଚୟ ପତ୍ର, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ଜବ୍‌କାର୍ଡ, ଫଟୋଥିବା ପେନସନ ଦସ୍ତାବିଜ, ଏନ୍‌ପିଆର ସ୍ମାର୍ଟକାର୍ଡ, ପାସ୍‌ପୋର୍ଟ, ପାନ୍‌କାର୍ଡ ଏବଂ ଆଧାରକାର୍ଡ। ଉପରୋକ୍ତ ପରିଚୟ ପତ୍ର ଦେଖାଇ ଭୋଟରମାନେ ନିଜର ମତାଧିକାର ସାବ୍ୟସ୍ତ କରିପାରିବେ।

### ରଞ୍ଜନ କୁମାର ଦାସ ସଂସ୍କୃତି ବିଭାଗ ଭାରପ୍ରାପ୍ତ ନିର୍ଦ୍ଦେଶକ



**ଭୁବନେଶ୍ୱର, ୩୧।୧୦(ବ୍ୟୁରୋ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ଶାସନ ସଚିବ ରଞ୍ଜନ କୁମାର ଦାସଙ୍କୁ ବିଭାଗର ଭାରପ୍ରାପ୍ତ ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ବିଭାଗର ନିର୍ଦ୍ଦେଶକ ଥିବା ବିଜୟ କୁମାର ନାୟକ ଶନିବାର ଅବସର ଗ୍ରହଣ କରିଥିବାରୁ ଏହି ପଦରେ ସ୍ଥାୟୀ ନିଯୁକ୍ତି ପର୍ଯ୍ୟନ୍ତ ଅତିରିକ୍ତ ସଚିବ ଦାସ ଦାୟିତ୍ୱ ସମ୍ଭାଳିବେ। ଏଥିସହ ତାଙ୍କୁ ମଧ୍ୟ ଓଡ଼ିଆ ଭାଷା ପ୍ରତିଷ୍ଠାନର ଭାରପ୍ରାପ୍ତ ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି।

### ବାଲେଶ୍ୱର, ତିର୍ତ୍ତୋଲ ଦାୟିତ୍ୱ ଆଗରୁ କାହାର ଥିଲା: ନିରଞ୍ଜନ

**ଭୁବନେଶ୍ୱର,୩୧।୧୦(ବ୍ୟୁରୋ):** ଅସତ୍ୟ କଥା କହି ଏବଂ ପ୍ରତିଶ୍ରୁତି ଦେଇ ଅର୍ଥବଳ, ପ୍ରଶାସନକଳକୁ ନିୟୋଜିତ କରି ଭୋଟ ନେବାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସିଦ୍ଧହସ୍ତ। କେତେ ପ୍ରକାର ପ୍ରତିଶ୍ରୁତି ଦେଇଛନ୍ତି ଓ ଅସତ୍ୟ କହିଛନ୍ତି ତା'ର ଲମ୍ବା ତାଲିକା ରହିଛି। ନବୀନବାବୁ ଭର୍ଚୁଆଲ ରାଲି କରି କହିଲେ ଯେ, ବାଲେଶ୍ୱର ଓ ତିର୍ତ୍ତୋଲର ଦାୟିତ୍ୱ ସେ ନିଜେ ନେଲେ। ୨୧ବର୍ଷ ଧରି ଏହି ଦୁଇ ବିଧାନସଭାର ଦାୟିତ୍ୱ କ'ଣ ତାଙ୍କର ନ ଥିଲା ବୋଲି ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ ଏକ ପ୍ରେସ୍ ବାର୍ତ୍ତାରେ ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି ଯେ, ଯଦି ଏ ଦୁଇଟି ନିର୍ବାଚନ ମଣ୍ଡଳୀର ଦାୟିତ୍ୱ ନବୀନବାବୁ ନେଲେ ତେବେ ଅନ୍ୟ ୧୪୫ ନିର୍ବାଚନମଣ୍ଡଳୀ ଦାୟିତ୍ୱ କାହାର? ଏପରି ଭାବରେ ସେ ବିଜେପୁରରେ ମଧ୍ୟ ପ୍ରଚାର କରିଥିଲେ। ସେଠାରେ କେତେ ପ୍ରତିଶ୍ରୁତି ରଖି ଦାୟିତ୍ୱ ନେଇଥିଲେ ସେକଥା ସେଠାକାର ଲୋକଙ୍କୁ ପଚାରିଲେ ସେମାନେ କହିବେ। ନିଜେ ସୁରକ୍ଷିତ ରହି ଶହଶହ ଲୋକଙ୍କୁ ଡାକି ଭର୍ଚୁଆଲ ରାଲି କରି ସେମାନଙ୍କୁ କ'ଣ ବିପଦକୁ ଠେଲି ଦିଆଯାଉନି କି ବୋଲି ପ୍ରଶ୍ନ କରିଛନ୍ତି। ସେହିଭଳି ମୋଦିଙ୍କର ମଧ୍ୟ ପ୍ରତିଶ୍ରୁତିର ଲମ୍ବା ତାଲିକା ରହିଛି। ସେ କହିଛନ୍ତି ଯେ, ଚାଇନା ପଟୁ ଇଞ୍ଚେ ସୁଦ୍ଧା ଭାରତ ଭୂମି ମାଡ଼ି ନାହିଁ ବୋଲି ସେମାନେ କହୁଛନ୍ତି। ଲଦାଖରେ ଯାଇ ଆମେ ପଚାରିବା କି ପ୍ରକୃତରେ ଚାଇନା କେତେ ମାଡ଼ିଆସିଛି ତାହା ଜଣାପଡ଼ିବ, ଏକଥା ଭାରତବାସୀ ଜାଣିସାରିଲେଣି। ଏପରି ଅସତ୍ୟ କଥା ଓ ପ୍ରତିଶ୍ରୁତି ଦେଇ ସେ ଭୋଟ ନେବାରେ ଯେଉଁ ନିପୁଣତା ହାସଲ କରିଛନ୍ତି ତା'ର ଉଚିତ ଜବାବ ଦେବାପାଇଁ ସମୟ ଆସିଛି। ବାଲେଶ୍ୱରବାସୀ ଓ ତିର୍ତ୍ତୋଲବାସୀ ତା'ର ଉଚିତ ଜବାବ ଦେବେ। ଭବିଷ୍ୟତରେ ପରିବର୍ତ୍ତନର ଏକ ମୂଳଦୁଆ ତିର୍ତ୍ତୋଲ, ବାଲେଶ୍ୱର ଠାରୁ ଆରମ୍ଭ କରି ଭାରତବର୍ଷର ଓ ଓଡ଼ିଶାର ଉପକାର କରିବେ ବୋଲି ସେ କହିଛନ୍ତି।

# ଆଉ ଏକ ଖଣି ଦୁର୍ନୀତିର ପୂର୍ବାଭାସ

ଯାଜପୁର ଅଫିସ,୩୧।୧୦



ନେଉଳପୁର ପାହାଡ଼ ନିକଟରେ ଗଦା ହୋଇଥିବା ଲୁହାପଥରକୁ ଜେସିବି ଦ୍ୱାରା ଉଠାଯାଉଛି।

- ଧର୍ମଶାଳା ଅଞ୍ଚଳରୁ ୨୦୦ଟନ୍ ଚୋରା ଲୁହାପଥର ଜବତ
- କାର୍ଯ୍ୟାନୁଷ୍ଠାନ ଭୟରେ ଅନ୍‌ଲୋଡିଂ କରି ଫେରାର
- ଖଣି ବିଭାଗୀୟସ୍ତରରେ ତଦନ୍ତ ଚାଲିଛି: ଡିଡିଏମ୍

ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ନେଉଳପୁର, ହରଦେଇପୁର ପ୍ରଭୃତି ଅଞ୍ଚଳରେ ଶନିବାର ବିପୁଳ ପରିମାଣର ଚୋରା ଲୁହାପଥର ଜବତ ହୋଇଛି। ଯାଜପୁରରୋଡ ଖଣି ଉପନିର୍ଦ୍ଦେଶାଳୟ ପକ୍ଷରୁ ପ୍ରାୟ ୨୦୦ଟନ୍ ଚୋରା ଲୁହାପଥର ଜବତ କରାଯାଇଛି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ କାଏମା ପାହାଡ଼ ନିକଟରେ ୧ହଜାରରୁ ଊର୍ଦ୍ଧ୍ୱ ଟନ୍ ଚୋରା ଲୁହାପଥର ଗଦା ହୋଇଥିବା ମଧ୍ୟ ସୂଚନା ମିଳିଛି। ତେବେ ଏହି ବିପୁଳ ପରିମାଣର ଲୁହାପଥର କେଉଁଠି ଆସିଲା ସେନେଇ ଖଣି ବିଭାଗ ପାଖରେ କୌଣସି ଖବର ନାହିଁ। ଖଣି ବିଭାଗ ପକ୍ଷରୁ ଏନେଇ ଥାନାରେ କୌଣସି ମାମଲା ମଧ୍ୟ ରୁଜୁ ହୋଇନାହିଁ। ବିନା ମାଲିକାନାରେ ଏତେ ପରିମାଣର ଲୁହାପଥର ଗଦା ହେବା ୧୦ବର୍ଷ ତଳର ଖଣି ଦୁର୍ନୀତିର ପୂର୍ବାଭାସ ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଖଣି ବିଭାଗ ଓ ପାରାଦୀପ ପୋର୍ଟର କେତେକ ଅସାଧୁ କର୍ମଚାରୀଙ୍କ ସହଯୋଗରେ ନକଲି ଚାଲାଣ କାଟି ଚୋରା ଲୁହାପଥର ପରିବହନ କରାଯାଉଥିବା ଏଥିରୁ ସନ୍ଦେହ କରାଯାଉଛି।

ପାଖାପାଖି ୧୦ ବର୍ଷ ତଳେ ଯୋଡ଼ା ଖଣି ଅଞ୍ଚଳରୁ ୫୯,୨୦୩ କୋଟି ଟଙ୍କାର ଲୁହାପଥର ଓ ମାଙ୍ଗାନିଜ ଅଧିକ ଉତ୍ତୋଳନ କରାଯାଇ ଚୋରାଚାଲାଣ ହୋଇଥିବା ଶାହା କମିଶନ ରିପୋର୍ଟରୁ ଜଣାପଡ଼ିଥିଲା। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଶାହା କମିଶନଙ୍କ ଚଢ଼ାଉ ଭୟରେ ସେତେବେଳେ ଚୋରା ମାଫିଆମାନେ କୋଟି କୋଟି ଟଙ୍କାର ଲୁହାପଥର ଲୁଚାଇ ରଖିଥିଲେ। ସେତେବେଳେ ଧର୍ମଶାଳା ତହସିଲ ଅନ୍ତର୍ଗତ ହରିଦାସପୁରଠାରେ ଭିଜିଲାନ୍ସ ଓ ଖଣି ବିଭାଗର ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ପ୍ରାୟ ୨୩,୧୦୦ ମେଟ୍ରିକ ଟନ୍ ଲୁହାପଥର ଜବତ କରିଥିଲେ। ରାଜ୍ୟ ସରକାର ଏକାଧିକ ଖଣି କମ୍ପାନୀ ନାମରେ ଡିମାଣ୍ଡ ନୋଟିସ ଦେଇ କିଛି ମାତ୍ରାରେ ଜରିମାନା ଆଦାୟ କରିଥିଲେ। ହେଲେ ୩୪ଖଣି କମ୍ପାନୀ ଖଣି ମନ୍ତ୍ରଣାଳୟର ରିଭିଜନ ଅଥରିଟିର ଦ୍ୱାରସ୍ଥ ହୋଇଥିଲେ। ରାଜ୍ୟ ସରକାର ଡିମାଣ୍ଡ ନୋଟିସ୍ ଜାରି କରିବା ପୂର୍ବରୁ ସମ୍ପୃକ୍ତ କମ୍ପାନୀଗୁଡ଼ିକୁ କୌଣସି ସୁଯୋଗ ଦିଆଯାଇ ନ ଥିଲା। ଏପରି କି ଖଣି ଲୁଟ ଅଭିଯୋଗ ସମ୍ପର୍କରେ ସତ୍ୟତାର ଯାଞ୍ଚ ନ କରି ମନମୁଖି ଭାବେ ଦର ନିର୍ଣ୍ଣୟ କରାଯାଇଥିଲା ବୋଲି ଦର୍ଶାଇ ରିଭିଜନ ଅଥରିଟି ନିକଟରେ ରହିତାଦେଶ ପାଇଁ ନିବେଦନ କରାଯାଇଥିଲା। ଉକ୍ତ ଆବେଦନର ଶୁଣାଣି କରି ସମ୍ପୃକ୍ତ ଖଣି କମ୍ପାନୀଗୁଡ଼ିକଠାରୁ କୌଣସି ଅସୁଲ ନ କରିବାକୁ ରହିତାଦେଶରେ ନିର୍ଦ୍ଦେଶ ହୋଇଥିଲା। ଫଳରେ ଡିମାଣ୍ଡ ନୋଟିସ ତାଲିକାରେ ଥିବା କେତେକ ଖଣି କମ୍ପାନୀ ଏବେ ପୁଣି ଖଣି ଲିଜ୍ ହାତେଇବାରେ ସଫଳ ହୋଇଛନ୍ତି। ଏପରି କି କେତେକ କମ୍ପାନୀ ଚଞ୍ଚକତା କରି ଚୋରା କାରବାର ଚଳାଇଥିବା ସନ୍ଦେହ କରାଯାଉଛି। ତେବେ କୌଣସି କାର୍ଯ୍ୟାନୁଷ୍ଠାନର ଆଭାସ ପାଇ ଦୁର୍ବୃତ୍ତମାନେ ଶୁକ୍ରବାର ରାତିରେ ନେଉଳପୁର ଓ ହରଦେଇପୁର ଅଞ୍ଚଳର ବିଭିନ୍ନ ସ୍ଥାନରେ ଚୋରା ଲୁହାପଥର ଅନ୍‌ଲୋଡିଂ କରି ଫେରାର ହୋଇଯାଇଥିବା ସୂଚନା ମିଳିଛି।

ଏ ସଂକ୍ରାନ୍ତରେ ଯାଜପୁରରୋଡ ଖଣି ଉପ ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ (ଡିଡିଏମ୍) ପ୍ରିୟଦର୍ଶୀ ସନ୍ଦୀପ କୁମାର ବଳଙ୍କୁ ପଚାରିବାରେ ସେ କହିଛନ୍ତି ଲୁହାପଥର ଗଦା ହୋଇଥିବା ଖବର ପାଇ ବିଭାଗୀୟ ଚଢ଼ାଉ କରାଯାଇଥିଲା। ପ୍ରାୟ ୨୦୦ ଟନ୍ ଲୁହାପଥର ଜବତ କରାଯାଇ ରଖାଯାଇଛି। ବାକି ଗଦା ହୋଇଥିବା ଲୁହାପଥରକୁ ପୁଣି ଜବତ କରିବାକୁ ପ୍ରକ୍ରିୟା ଚାଲିଛି। ତେବେ ଏହି ଚୋରା ଖଣିର ମାଲିକ ସମ୍ପର୍କରେ କିଛି ଖବର ମିଳିନାହିଁ। ଖଣି ବିଭାଗର ନିଜସ୍ୱ କାର୍ଯ୍ୟାନୁଷ୍ଠାନ କରିବାର କ୍ଷମତା ରହିଛି, ତେଣୁ ଥାନାରେ ଅଭିଯୋଗ କରିବାର ଆବଶ୍ୟକତା ନାହିଁ। ଏନେଇ ଖଣି ବିଭାଗୀୟସ୍ତରରେ ତଦନ୍ତ ଚାଲିଛି ବୋଲି ସେ କହିଛନ୍ତି।

# ୨.୮ କେଜି ଅଳଙ୍କାର ଲୁଟ୍

ବ୍ରହ୍ମପୁର ଅଫିସ,୩୧।୧୦

### ଜୁଏଲେରିର ୨ କର୍ମଚାରୀ ଅଟକ



ବ୍ରହ୍ମପୁର ବଡ଼ ବଜାରରେ ଥିବା ବିନୋଦ ଜୁଏଲେରିରୁ ଶୁକ୍ରବାର ରାତିରେ ଚୋରି ହୋଇଛି। ଚୋରମାନେ ଷ୍ଟୋର୍‌ରେ ଥିବା ଆଇରନ୍ ଚେଷ୍ଟ ଭାଙ୍ଗି ପ୍ରାୟ ୨କେଜି ୮୦୦ଗ୍ରାମ୍ ଓଜନର ସୁନା ଗହଣା ଚୋରି କରିଥିବା ମାଲିକ ଜେ.ରବିକୁମାର ଥାନାରେ ଅଭିଯୋଗ କରିଛନ୍ତି। ବଡ଼ ବଜାର ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସାଇଣ୍ଟିଫିକ୍ ଟିମ୍ ସହାୟତାରେ ବିଭିନ୍ନ ସ୍ଥାନରୁ ନମୁନା ସଂଗ୍ରହ କରାଯାଇଛି। ନମ୍ବର ୨୨୨/୨୦ରେ ଏକ ମାମଲା ରୁଜୁ ହୋଇଥିବା ବଡ଼ ବଜାର ଥାନା ଅଧିକାରୀ ପ୍ରଶାନ୍ତ ଭୂପତି ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଶୁକ୍ରବାର ରାତିରେ ମାଲିକ ରବି ଓ ଅନ୍ୟ କର୍ମଚାରୀ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ଶନିବାର ସକାଳେ ରବି ଦୋକାନକୁ ଆସିଥିଲେ। ପ୍ରଥମ ମହଲାର ଏକ ଆଜବେଷ୍ଟସ୍ ଓ ଶିଡ଼ି ଘର ଆଜବେଷ୍ଟସ୍ ଭଙ୍ଗା ଯାଇଥିବା ରବି ଦେଖିବାକୁ ପାଇଥିଲେ। ପରେ ସେ ବଡବଜାର ଥାନାକୁ ଖବର ଦେଇଥିଲେ। ଘଟଣାର ତଦନ୍ତ ବେଳେ ଚୋରମାନେ ଆଜବେଷ୍ଟସ୍ ଭାଙ୍ଗି ପ୍ରଥମ ମହଲା ହୋଇ ତଳ ମହଲାକୁ ଆସି ଥିବା ପୋଲିସ ଅନୁମାନ କରୁଛି। ଆଇରନ୍ ଚେଷ୍ଟରେ ଥିବା ହାର, ଚେନ୍ ଓ ମୁଦି ଆଦି ଚୋରି ହୋଇଥିବା ମାଲିକ ଅଭିଯୋଗ କରିଛନ୍ତି। ପୋଲିସ ଦୋକାନ ସିସିଟିଭି ଫୁଟେଜ୍ ସଂଗ୍ରହ କରି ତଦନ୍ତ ଜାରି ରଖିଛି। ଅନ୍ୟପଟେ ଉକ୍ତ ସୁନା ଦୋକାନରେ କାମ କରୁଥିବା ୨ କର୍ମଚାରୀଙ୍କୁ ଥାନାରେ ଅଟକ ରଖି ପୋଲିସ ପଚରାଉଚରା ଚଳାଇଥିବା ଜଣାପଡିଛି। ସୂଚନାଯୋଗ୍ୟ, ସମ୍ମୁଖ ପଟେ ଜୁଏଲେରି ରହିଥିବା ବେଳେ ପଛପଟେ ଷ୍ଟୋର୍ ରୁମ୍ ରହିଛି।

# ଶିବରାତ୍ରି ପୂର୍ବରୁ ରାସ୍ତା ପ୍ରଶସ୍ତୀକରଣ

ଭୁବନେଶ୍ୱର(ବ୍ୟୁରୋ)/ପୁରୁଣା ଭୁବନେଶ୍ୱର,୩୧।୧୦(ଡି.ଏନ୍.ଏ.)

### ଏକାମ୍ର ପ୍ରକଳ୍ପ ସମୀକ୍ଷା କଲେ ୫-ଟି ସଚିବ



ଆସନ୍ତା ମହାଶିବରାତ୍ରି ପୂର୍ବରୁ ଲିଙ୍ଗରାଜ ମନ୍ଦିରକୁ ସଂଯୋଗ କରୁଥିବା ସମସ୍ତ ରାସ୍ତାର ପ୍ରଶସ୍ତୀକରଣ କାର୍ଯ୍ୟ ଶେଷ ହେବ। ଏଥିସହିତ ଭକ୍ତମାନଙ୍କ ଯିବା ଆସିବା ସହଜ କରିବାକୁ ବିକଳ୍ପ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ଭି.କେ. ପାଣ୍ଡିଆନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମହାଶିବରାତ୍ରିରେ ମହାଦୀପ ଦର୍ଶନ କରିବାକୁ ବହୁ ସଂଖ୍ୟାରେ ଭିଡ଼ ପରିଲକ୍ଷିତ ହେବ। ତେଣୁ ଏହା ପୂର୍ବରୁ ଏକାମ୍ର କ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଶେଷ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏହି କ୍ରମରେ ଶନିବାର ଭୋର ସମୟରେ ୫-ଟି ସଚିବ ଏକାମ୍ର ପ୍ରକଳ୍ପ ବୁଲି ଦେଖିବା ସହ କାର୍ଯ୍ୟ ଅଗ୍ରଗତିର ସମୀକ୍ଷା କରିଛନ୍ତି। ନଭେମ୍ବର ଶେଷ ସୁଦ୍ଧା ଜମି ଅଧିଗ୍ରହଣ ଶେଷ କରିବା ସହ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକଳ୍ପ ପାଇଁ ୮୦ ପ୍ରତିଶତ ଜମି ଅଧିଗ୍ରହଣ କାର୍ଯ୍ୟ ଶେଷ ହୋଇଛି। କୋଭିଡ୍ ପରିସ୍ଥିତି ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ଯୁଦ୍ଧକାଳୀନଭିତ୍ତିରେ ଚାଲିଥିବାରୁ ସେ ଅଧିକାରୀମାନଙ୍କୁ ପ୍ରଶଂସା କରିଥିଲେ। ଏହି ସମୀକ୍ଷା ବେଳେ ପୂର୍ତ୍ତ ବିଭାଗ ସଚିବ କିଷନ କୁମାର ଏବଂ ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ ଉପସ୍ଥିତ ଥିଲେ।

ବିନ୍ଦୁସାଗରକୁ ଯିବା ଲାଗି ନୂଆ ରାସ୍ତା ପଥଚାରୀମାନଙ୍କୁ ସହାୟତା କରିବ। ମନ୍ଦିରକୁ ଯିବା ଲାଗି ଇ-ଯାନବାହନର ବ୍ୟବହାର କରାଯିବ। ଯଦ୍ୱାରା ସମ୍ପୃକ୍ତ ଅଞ୍ଚଳରେ ଯାନବାହନଜନିତ ଧୂଆଁ ଠାରୁ ମନ୍ଦିରକୁ ସୁରକ୍ଷିତ ରଖାଯାଇ ପାରିବ। ଏପରି କି ଯାତ୍ରୀ ଏବଂ କୀର୍ତ୍ତିରାଜିକୁ ପ୍ରଦୂଷଣ ଓ ଧୂଆଁରୁ ରକ୍ଷା କରାଯାଇ ପାରିବ। ନୂଆ ରାସ୍ତା ଲିଙ୍ଗରାଜ ହାଟରୁ ତାଳେଶ୍ୱର ଛକ ଏବଂ ଲିଙ୍ଗରାଜ ହାଟରୁ ବିନ୍ଦୁସାଗରକୁ ସଂଯୋଗ କରିବ। ମନ୍ଦିର ସମ୍ମୁଖ ଭାଗରେ ଇଷ୍ଟର୍ନ ପ୍ଲାଜା ଏବଂ ଉତ୍ତରରେ ଉତ୍ତର ପ୍ଲାଜାର ବିକାଶ କରାଯିବ। ଏଥିସହିତ ବଡ଼େଇବାଙ୍କ ବ୍ରଜବନ୍ଧୁ କଲ୍ୟାଣ ମଣ୍ଡପ ନିକଟରେ ବସ୍ ପାର୍କିଂ ପାଇଁ ବ୍ୟବସ୍ଥା କରାଯିବ। ମନ୍ଦିର ଚତୁଃପାର୍ଶ୍ୱରେ ଥିବା ଡ୍ରେନ୍ ବ୍ୟବସ୍ଥାର ମଧ୍ୟ ସମୀକ୍ଷା କରାଯାଇଥିଲା। ଗୋପାଳତୀର୍ଥ ମଠ ଏବଂ ଶଙ୍କରାନନ୍ଦ ମଠ ଜମି ଅଧିଗ୍ରହଣ କରାଯାଇଛି। ଅନ୍ୟାନ୍ୟ କୋଠା ଓ ଜମି ଅଧିଗ୍ରହଣ ପରେ ଭକ୍ତମାନେ ସେଠାରୁ ବିନ୍ଦୁସାଗରକୁ ଦେଖିପାରିବେ। ଖାଲିସ୍ଥାନ ଯୋଗୁ ମନ୍ଦିର ଓ ବିନ୍ଦୁସାଗରକୁ ଏକ ସଙ୍ଗେ ଭକ୍ତମାନେ ଦର୍ଶନ କରିବା ସହ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇପାରିବ। ମନ୍ଦିର ବେଢ଼ାକୁ ପରିବେଶ ଅନୁକୂଳ ବ୍ୟବସ୍ଥା ଅନୁଯାୟୀ ସଫା ରଖାଯିବ। ଏହି ସମୀକ୍ଷା ବୈଠକରେ ତୀର୍ଥଯାତ୍ରୀଙ୍କ ପାଇଁ ଥିବା ସୁବିଧା ସୁଯୋଗ ବିଷୟରେ ଆଲୋଚନା ହୋଇଥିଲା। ମହାଶିବରାତ୍ରି ପୂର୍ବରୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିବା କାର୍ଯ୍ୟ ଶେଷ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

### ରାଷ୍ଟ୍ରୀୟ ଏକତା ଦିବସରେ ଶପଥ ପାଠ

**ଭୁବନେଶ୍ୱର,୩୧।୧୦(ବ୍ୟୁରୋ):** ରାଷ୍ଟ୍ରୀୟ ଏକତା ଦିବସ ଉପଲକ୍ଷେ ଓଡ଼ିଶା ବିଧାନସଭା ପକ୍ଷରୁ ଶନିବାର ଶପଥ ପାଠ କାର୍ଯ୍ୟକ୍ରମ କରାଯାଇଛି। ରାଷ୍ଟ୍ରୀୟ ଏକତା ଓ ଅଖଣ୍ଡତା ବଜାୟ ରଖିବା ପାଇଁ ସମସ୍ତ କର୍ମଚାରୀ ଶପଥ ପାଠ କରିଛନ୍ତି। ବିଧାନସଭା ଉପଶାସନ ସଚିବ ଶିଶିରକାନ୍ତ ସ୍ୱାଇଁ ଉପସ୍ଥିତ କର୍ମଚାରୀମାନଙ୍କୁ ଶପଥ ପାଠ କରାଇଥିଲେ। ଏଥିରେ ନିରାପତ୍ତା ଅଧିକାରୀ ନଟରାଜ ଡୁଙ୍ଗଡୁଙ୍ଗଙ୍କ ସମେତ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଅକ୍ଟୋବରରେ ଗଲା ୪୬୧ ଜୀବନ

- ୭୦,୯୯୭ ଆକ୍ରାନ୍ତ, ୯୦,୦୪୯ ସୁସ୍ଥ
- ଆଉ ୧୪୭୦ ଆକ୍ରାନ୍ତ
- ୧୯୧୧ ସୁସ୍ଥ, ୧୨ ମୃତ

ଭୁବନେଶ୍ୱର, ୩୧।୧୦ (ବ୍ୟୁରୋ)

ରାଜ୍ୟରେ ଗତ କିଛିଦିନ ହେଲା ଦୈନିକ କରୋନା ସଂକ୍ରମଣ କମୁଥିଲେ ମଧ୍ୟ ମୃତ୍ୟୁ ସଂଖ୍ୟା ଥମିବାର ନାଁ ଧରୁନି। କେବଳ ଅକ୍ଟୋବର ମାସରେ ୭୦,୯୯୭ଜଣ ଆକ୍ରାନ୍ତ ହୋଇଥିବାବେଳେ ରେକର୍ଡସଂଖ୍ୟକ ୯୦,୦୪୯ଜଣ ସୁସ୍ଥ ହୋଇଛନ୍ତି। ହେଲେ ଏହି ଘାତକ ମହାମାରୀରେ ୪୬୧ ଜଣଙ୍କ ଜୀବନ ଯାଇଥିବାରୁ ଚିନ୍ତା ବଢ଼ିଛି। ଏପଟେ ଶେଷ ୨୪ ଘଣ୍ଟାରେ ରାଜ୍ୟରେ ଆଉ ୧୪୭୦ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିଭଳି ୧୯୧୧ଜଣ ସୁସ୍ଥ ହୋଇଥିବାବେଳେ ଆଉ ୧୨ଜଣଙ୍କ ମୃତ୍ୟୁ ଘଟିଛି।

ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗର ତଥ୍ୟ ଅନୁସାରେ, ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ଖୋର୍ଦ୍ଧାରୁ ସର୍ବାଧିକ ୧୭୦ଜଣ ରହିଥିବାବେଳେ କଟକରୁ ଦ୍ୱିତୀୟ ସର୍ବାଧିକ ୧୨୬ ଓ ସୁନ୍ଦରଗଡ଼ରୁ ଆଉ ୧୧୨ଜଣ ଚିହ୍ନଟ ହୋଇଛନ୍ତି। ବାକିସବୁ ଜିଲାରେ ଶହେଠାରୁ କମ୍ ସଂଖ୍ୟକ ପଜିଟିଭ୍ ରୋଗୀ ବାହାରିଛନ୍ତି। ୧୪୭୦ଟି ନୂଆ ମାମଲା ସହ ଓଡ଼ିଶାର ମୋଟ ସଂକ୍ରମଣ ୨,୯୦,୧୧୬ରେ ପହଞ୍ଚିଛି। ସେହିଭଳି ୧୯,୯୧୧ଜଣ ଆକ୍ରାନ୍ତ ସୁସ୍ଥ ହୋଇଥିବାରୁ ଆରୋଗ୍ୟ ସଂଖ୍ୟା ୨, ୭୫, ୭୪୯ ଛୁଇଁଛି। ଅନ୍ୟପକ୍ଷରେ ନୂଆ ମୃତକଙ୍କ ମଧ୍ୟରୁ ସୁନ୍ଦରଗଡ଼ ଓ ଖୋର୍ଦ୍ଧାରୁ ୩ଜଣ ଲେଖାଏ ରହିଥିବାବେଳେ କେନ୍ଦୁଝରରୁ ଦୁଇଜଣ ଏବଂ ଗଞ୍ଜାମ, ନୂଆପଡ଼ା, ପୁରୀ ଓ ଝାରସୁଗୁଡ଼ାରୁ ଜଣେ ଲେଖାଏ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ଏହାକୁ ମିଶାଇ ରାଜ୍ୟରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୧,୩୨୦କୁ ବୃଦ୍ଧି ପାଇଛି ଓ ବର୍ତ୍ତମାନ ୧୪,୯୦୫ ସକ୍ରିୟ ସଂକ୍ରମିତ ରହିଛନ୍ତି।

# ବୁର୍ଖା ପିନ୍ଧାଇ ହିନ୍ଦୁ ଯୁବତୀଙ୍କୁ ଅପହରଣ

କଳିଙ୍ଗନଗର, ୩୧।୧୦ (ଡି.ଏନ.ଏ.)

### ଯାଜପୁର ରୋଡ୍ ଷ୍ଟେଶନରେ ଯୁବକ ଅଟକ

ଗଞ୍ଜାମ ଅଞ୍ଚଳର ଜଣେ ହିନ୍ଦୁ ସମ୍ପ୍ରଦାୟ ଯୁବତୀଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ପଶ୍ଚିମବଙ୍ଗ ମୁର୍ଶିଦାବାଦ ଅଞ୍ଚଳର ଜଣେ ଯୁବକ ଅପହରଣ କରି ନେଉଥିବାବେଳେ ଯାଜପୁର ରୋଡ୍ ରେଳଷ୍ଟେଶନରେ ଶୁକ୍ରବାର ରାତିରେ ଧରାପଡ଼ିଛନ୍ତି। ବଜରଙ୍ଗ ଦଳ କାର୍ଯ୍ୟକର୍ତ୍ତା, ସ୍ଥାନୀୟ ପୋଲିସ ଏବଂ ରେଲୱେ ପୋଲିସ ସହଯୋଗରେ ସମ୍ପୃକ୍ତ ଯୁବକଙ୍କୁ କାବୁ କରାଯିବା ସହ ଯୁବତୀଙ୍କୁ ଉଦ୍ଧାର କରାଯାଇଛି।

ସମ୍ପୃକ୍ତ ଯୁବକ ଉକ୍ତ ଯୁବତୀଙ୍କୁ କାର୍‌ରେ ଭୁବନେଶ୍ୱର ଆଣିଥିଲେ। ପରେ ସେଠାରୁ ପୁରୀ ହାଓଡା ଟ୍ରେନ୍ ଯୋଗେ କଲିକତା ନେଇଥାନ୍ତେ ଏବଂ ସେଠାରୁ ବିଦେଶକୁ ଚାଲାଣ କରିଥାନ୍ତେ ବୋଲି ଯୁବତୀଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ସମ୍ପୃକ୍ତ ଯୁବକଙ୍କ ନିକଟରୁ ଦୁବାଇର ଭିସା ଏବଂ ପାସପୋର୍ଟ ଜବତ କରାଯାଇଛି। ସମ୍ପୃକ୍ତ ଯୁବକ ଯୁବତୀମାନଙ୍କୁ ବିଭିନ୍ନ ଲୋଭ ଦେଖାଇ ବିଦେଶକୁ ଚାଲାଣ କରୁଥିବା ପୋଲିସ ସନ୍ଦେହ କରୁଛି। ଗଞ୍ଜାମ ପୋଲିସ ଉଭୟଙ୍କୁ ନିଜ ହେପାଜତକୁ ନେଇ ତଦନ୍ତ ଜାରି ରଖିଛି। ବଜରଙ୍ଗ ଦଳ ରାଜ୍ୟ ପରିଚାଳନା କମିଟି ସଦସ୍ୟ ଦେବାଶିଷ ରାଉତ, ଭୁବନେଶ୍ୱର କାର୍ଯ୍ୟକର୍ତ୍ତା ଜ୍ୟୋତିପ୍ରକାଶ ସ୍ୱାଇଁ, ଯାଜପୁରରୋଡ୍ ଥାନାଧିକାରୀ ଅନୀଲ ମହାନ୍ତି ଓ ରେଲୱେ ପୋଲିସ ଚଢ଼ାଉରେ ସାମିଲ ଥିଲେ।

# ପୁଅର ବିବାହ ଭୋଜି ପାଇଁ ଯନ୍ତ୍ରୀଙ୍କୁ ୧ ଲକ୍ଷ ଜରିମାନା

ଦେବଗଡ,୩୧।୧୦(ଡି.ଏନ.ଏ.)

ଦେବଗଡ଼ ଥାନା ସୁଗୁଡା ପଞ୍ଚାୟତ ଅଧୀନ କମଳା ବଗିଚା ଗ୍ରାମରେ ଶନିବାର ଜଣେ ଯନ୍ତ୍ରୀ କୋଭିଡ ନିୟମ ଉଲ୍ଲଂଘନ କରି ବିବାହ ଭୋଜିର ଆୟୋଜନ କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ ସେଠାରେ ଚଢାଉ କରାଯାଇ ତାଙ୍କଠାରୁ ୧ଲକ୍ଷ ଟଙ୍କା ଜୋରିମାନା ଆଦାୟ କରାଯାଇଛି।

ସୁଚନା ମୁତାବକ, କମଳା ବଗିଚା ଗ୍ରାମର କୁଳାନ ଟପ୍ପୋ ନାମକ ଉଠା ଜଳସେଚନ ବିଭାଗର ଜଣେ ଯନ୍ତ୍ରୀଙ୍କ ପୁଅଙ୍କ ବିବାହ ଉତ୍ସବ ରାଉରକେଲାରେ ଅନୁଷ୍ଠିତ ହୋଇଥିଲା। ଶନିବାର ମଧ୍ୟାହ୍ନରେ କମଳା ବଗିଚା ଗ୍ରାମସ୍ଥିତ ବାସଭବନରେ ସେ ବିବାହ ଭୋଜିର ଆୟୋଜନ କରିଥିଲେ। କୋଭିଡ ନିୟମ ଉଲ୍ଲଂଘନ କରି ଜାତି ସମାଜର ୫ ଶହରୁ ଉର୍ଦ୍ଧ୍ୱ ଲୋକ ଏହି ଭୋଜିରେ ସାମିଲ ହୋଇଥିଲା। ସୂଚନା ପାଇବା ପରେ ତାଙ୍କଠାରୁ ୧ ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇଥିଲା।

# ଶ୍ରୀମନ୍ଦିର ଖୋଲିବା ଆଶା କ୍ଷୀଣ

ପୁରୀ ଅଫିସ,୩୧।୧୦

### ଅନ୍‌ଲକ-୬ ଗାଇଡ୍‌ଲାଇନ

- ଭକ୍ତଙ୍କ ହଁ, ସେବାୟତଙ୍କ ନା
- ପ୍ରଶାସନ ନିଷ୍ପତ୍ତି ଉପରେ ନଜର



ରାଜ୍ୟ ସରକାର ଶନିବାର ଅନ୍‌ଲକ୍-୬ ଗାଇଡ୍‌ଲାଇନ ଜାରି କରିଛନ୍ତି। ଏହି ଗାଇଡ୍‌ଲାଇନ ଅନୁସାରେ ସ୍ଥାନୀୟ ପ୍ରଶାସନ ଅନୁମତିରେ ଧର୍ମାନୁଷ୍ଠାନ ଖୋଲିପାରିବ। ଅର୍ଥାତ୍ ସ୍ଥାନୀୟ ପ୍ରଶାସନିକ ଅଧିକାରୀ ପରିସ୍ଥିତିକୁ ଦେଖି ଏ ନେଇ ଅନୁମତି ଦେଇପାରିବେ। ତେବେ ଏହି ଗାଇଡ୍‌ଲାଇନକୁ ଦେଖିଲେ ସାମ୍ପ୍ରତିକ ସ୍ଥିତିରେ ଭକ୍ତଙ୍କ ପାଇଁ ଶ୍ରୀମନ୍ଦିର ଖୋଲିବା ଆଶା କ୍ଷୀଣ। କାରଣ ରବିବାରଠାରୁ ଧର୍ମ ମାସ କାର୍ତ୍ତିକ ଆରମ୍ଭ ହେଉଥିବାବେଳେ ଆଗକୁ ଦୁର୍ଲଭ ନାଗାର୍ଜୁନ ବେଶ ରହିଛି। ପୂର୍ବରୁ ସେବାୟତ ଓ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷଙ୍କଠାରୁ ଶ୍ରୀମନ୍ଦିର ଖୋଲିବା ନେଇ ମୁଖ୍ୟ ପ୍ରଶାସକ ମତାମତ ଲୋଡ଼ିଥିଲେ। ଯେଉଁଥିରେ ପ୍ରାୟ ୯୦ ପ୍ରତିଶତ କାର୍ତ୍ତିକ ଓ ନାଗାର୍ଜୁନ ବେଶ ପରେ କରୋନା ସ୍ଥିତିକୁ ଦେଖି ମନ୍ଦିର ଖୋଲିବା ପାଇଁ ନିଷ୍ପତ୍ତି ହେଉ ବୋଲି ମତ ଦେଇଥିଲେ। ଶ୍ରୀମନ୍ଦିର ନୀତି ସବ୍ କମିଟି ଏବଂ ଛତିଶା ନିଯୋଗ ବୈଠକରେ ବି ଏଥର ଭକ୍ତ ନାଗାର୍ଜୁନ ବେଶ ଦର୍ଶନ କରିପାରିବେ ନାହିଁ ବୋଲି ଚୂଡ଼ାନ୍ତ ହୋଇଛି। ତେଣୁ ନଭେମ୍ବର ଶେଷ ସୁଦ୍ଧା ଶ୍ରୀମନ୍ଦିର ଖୋଲିବା ଆଶା କ୍ଷୀଣ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ଶ୍ରଦ୍ଧାଳୁଙ୍କୁ କୋଭିଡ୍ କଟକଣା ମାନି ମନ୍ଦିର ପ୍ରବେଶ ଅନୁମତି ଦିଆଯାଉ ବୋଲି କହୁଥିବାବେଳେ ସେବାୟତମାନେ କିନ୍ତୁ ଏବେ ମନ୍ଦିର ଖୋଲିବା ସପକ୍ଷରେ ନାହାନ୍ତି। ଏଭଳି ସ୍ଥିତିରେ ସ୍ଥାନୀୟ ପ୍ରଶାସନ ସରକାରଙ୍କ ନୂଆ ଗାଇଡ୍‌ଲାଇନକୁ ଅନୁପାଳନ କରି କି ନିଷ୍ପତ୍ତି ନେଉଛି ତାହା ଉପରେ ଏବେ ସମସ୍ତଙ୍କ ନଜର।

କରୋନା ପାଇଁ ଗତ ମାର୍ଚ୍ଚ ୨୦ରୁ ଶ୍ରୀମନ୍ଦିରରେ ଭକ୍ତଙ୍କ ଦର୍ଶନ ବନ୍ଦ ରହିଛି। ତେବେ ସେବାୟତମାନେ ମହାପ୍ରଭୁଙ୍କ ନୀତିକାନ୍ତି କରୁଛନ୍ତି। ଅନ୍‌ଲକ-୪ ଓ ଅନ୍‌ଲକ-୫ରେ ଶ୍ରୀମନ୍ଦିର ଖୋଲିବା ନେଇ ଆଶା ସଞ୍ଚାର ହୋଇଥିଲା। କିନ୍ତୁ କରୋନା ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏ ସଂକ୍ରାନ୍ତରେ କୌଣସି ନିଷ୍ପତ୍ତି ନେଇ ନ ଥିଲେ। ଫଳରେ ଏପର୍ଯ୍ୟନ୍ତ କଟକଣା ବଳବତ୍ତର ରହିଛି। ନିକଟରେ ମୁଖ୍ୟ ଶାସନ ସଚିବ ମନ୍ଦିର ଖୋଲିବା ନେଇ ସ୍ଥାନୀୟ ପ୍ରଶାସନକୁ ରିପୋର୍ଟ ମାଗିବା ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଏବଂ ଜିଲାପାଳ ବିଭିନ୍ନ ପକ୍ଷଙ୍କଠାରୁ ମତାମତ ସଂଗ୍ରହ କରିଥିଲେ। ୬ଦିନ ଧରି ଭର୍ଚୁଆଲ ବୈଠକ ହୋଇଥିଲା। ଅଧିକାଂଶ ବର୍ତ୍ତମାନ ପରିସ୍ଥିତିରେ ଭକ୍ତଙ୍କ ଲାଗି ଶ୍ରୀମନ୍ଦିର ଖୋଲିବା ସପକ୍ଷରେ ନ ଥିଲେ। ଅନ୍‌ଲକ-୬ ଗାଇଡ୍‌ଲାଇନ ଅନୁଯାୟୀ ସ୍ଥାନୀୟ ପ୍ରଶାସନ ଅନୁମତିରେ ଧର୍ମାନୁଷ୍ଠାନ ଖୋଲାଯାଇପାରିବ ବୋଲି କୁହାଯାଇଛି।

ଏହାକୁ ଶ୍ରଦ୍ଧାଳୁ ସ୍ୱାଗତ କରିଛନ୍ତି। ଭକ୍ତ ସନ୍ତୋଷ ସାହୁ କହିଛନ୍ତି, ୭ମାସରୁ ଊର୍ଦ୍ଧ୍ୱ ହେଲା ମହାପ୍ରଭୁଙ୍କ ଦର୍ଶନ ବନ୍ଦ ରହିଛି। ଏବେ ସରକାରଙ୍କ କୋଭିଡ୍ ଗାଇଡ୍‌ଲାଇନ ପାଳନ ପୂର୍ବକ ଜିଲା ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇ ଭକ୍ତଙ୍କୁ ମନ୍ଦିରକୁ ଛଡ଼ାଯାଉ। ଅପର ପକ୍ଷରେ ବରିଷ୍ଠ ଦଇତାପତି ସେବାୟତ ବିନାୟକ ଦାସମହାପାତ୍ର କହିଛନ୍ତି, ଶୀତଦିନେ କରୋନା ସଂକ୍ରମଣ ବଢିବ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ସତର୍କ କରାଇଛନ୍ତି। ତେଣୁ ଏହାକୁ ଆମକୁ ମାନିବାକୁ ପଡ଼ିବ। କାର୍ତ୍ତିକ ମାସ ଏବଂ ନାଗାର୍ଜୁନ ବେଶ ପରେ କରୋନା ସ୍ଥିତିକୁ ଅନୁଧ୍ୟାନ କରି ପଦକ୍ଷେପ ନିଆଯାଉ ବୋଲି ଦାସମହାପାତ୍ର ମତ ଦେଇଛନ୍ତି।

ମୁଖ୍ୟାଳୟ
କର୍ମଚାରୀ ରାଜ୍ୟ ବୀମା ନିଗମ
ଶ୍ରମ ଓ ନିୟୋଜନ ମନ୍ତ୍ରଣାଳୟ
ଭାରତ ସରକାର
ମେଡିକାଲ ଏଜୁକେଶନ ସେଲ୍, ପଞ୍ଚଦୀପ ଭବନ, ସି.ଆଇ.ଜି. ମାର୍ଗ, ନୂଆଦିଲ୍ଲୀ-୧୧୦୦୦୨
ଇମେଲ୍: dmc-dl@esic.nic.in; mecell.hq@esic.nic.in
ୱେବ୍‌ସାଇଟ୍: https://www.esic.nic.in

ନାମଲେଖା ବିଜ୍ଞପ୍ତି

ଶିକ୍ଷାବର୍ଷ ୨୦୨୦-୨୧ ପାଇଁ 'ବୀମାଭୁକ୍ତ ବ୍ୟକ୍ତି (ଆଇପି) କୋଟା' ଅଧୀନରେ ଇଏସ୍‌ଆଇସି ମେଡିକାଲ/ଡେଣ୍ଟାଲ ତଥା କେତେକ ସରକାରୀ ମେଡିକାଲ କଲେଜରେ ୟୁଜି ପାଠ୍ୟକ୍ରମ (ଏମ୍‌ବିବିଏସ୍/ବିଡିଏସ୍)ରେ 'ବୀମାଭୁକ୍ତ ବ୍ୟକ୍ତି (ଆଇପି)ଙ୍କ ସନ୍ତାନଙ୍କ ନାମଲେଖା

ଶିକ୍ଷାବର୍ଷ ୨୦୨୦-୨୧ ପାଇଁ 'ବୀମାଭୁକ୍ତ ବ୍ୟକ୍ତିଙ୍କ କୋଟା' ଅଧୀନରେ ଅନୁମୋଦିତ ନାମଲେଖା ନୀତି ଓ ପଦ୍ଧତି ଅନୁଯାୟୀ ଇଏସ୍‌ଆଇସି ମେଡିକାଲ/ଡେଣ୍ଟାଲ କଲେଜ ଓ କେତେକ ସରକାରୀ ମେଡିକାଲ କଲେଜଗୁଡ଼ିକରେ ୟୁଜି ପାଠ୍ୟକ୍ରମ (ଏମ୍‌ବିବିଏସ୍/ବିଡିଏସ୍)ରେ ନାମଲେଖା ପାଇଁ ଇଏସ୍‌ଆଇ ସ୍କିମ୍ ଅଧୀନରେ 'ବୀମାଭୁକ୍ତ ବ୍ୟକ୍ତି (ଆଇପି)ଙ୍କ ସନ୍ତାନ'ଙ୍କଠାରୁ ଦରଖାସ୍ତ ଆମନ୍ତ୍ରଣ କରାଯାଉଛି।
ଜାତୀୟ ଯୋଗ୍ୟତା-ତଥା-ପ୍ରବେଶିକା ପରୀକ୍ଷା (ୟୁଜି) - ୨୦୨୦ [ଏନ୍‌ଇଇଟି (ୟୁଜି) - ୨୦୨୦]ରେ ଯୋଗ୍ୟତା ହାସଲ କରିଥିବା ପ୍ରାର୍ଥୀମାନେ ଆବେଦନ କରିବା ପାଇଁ ଯୋଗ୍ୟ ହେବେ। ଯୋଗ୍ୟତାର ଅନ୍ୟାନ୍ୟ ସର୍ତ୍ତାବଳୀ ଇଏସ୍‌ଆଇସି ୱେବ୍‌ସାଇଟ୍ ଅର୍ଥାତ୍ www.esic.nic.inରେ 'ନାମଲେଖା' ଲିଙ୍କ୍ ଅଧୀନରେ ଦେଖାଯାଇପାରିବ।
ପ୍ରାର୍ଥୀମାନଙ୍କୁ ସେମାନଙ୍କର ମେଧା-ତଥା-ପସନ୍ଦର ଅନୁଷ୍ଠାନ ଭିତ୍ତିରେ, 'ବୀମାଭୁକ୍ତ ବ୍ୟକ୍ତି କୋଟା' ପାଇଁ ସ୍ୱାସ୍ଥ୍ୟ ସେବା ମହାନିର୍ଦ୍ଦେଶାଳୟ (ଡିଜିଏଚ୍‌ଏସ୍) ଦ୍ୱାରା ସଞ୍ଚାଳିତ ହେବାକୁ ଥିବା ଏକ କେନ୍ଦ୍ରୀକୃତ ଅନ୍‌ଲାଇନ୍ କାଉନସେଲିଂ ମାଧ୍ୟମରେ, ସେମାନଙ୍କ ୱେବ୍‌ସାଇଟ୍ www.mcc.nic.inରେ ପ୍ରଦତ୍ତ ଅନୁସୂଚୀ ଅନୁଯାୟୀ ସିଟ୍ ଆବଣ୍ଟନ କରାଯିବ।
ଆହୁରି ମଧ୍ୟ ଏହା ସୂଚିତ କରାଯାଉଛି ଯେ:
କ. ଆବଣ୍ଟିତ ହେବାକୁ ଥିବା ସିଟ୍‌ଗୁଡ଼ିକର ପ୍ରୋଭିଜନାଲ ସଂଖ୍ୟା ପରୀକ୍ଷାମୂଳକ ଅଟେ ଏବଂ ତାହା ପରିବର୍ତ୍ତିତ ହୋଇପାରେ।
ଖ. ଅଧିକ ବିବରଣୀ/ନିର୍ଦ୍ଦେଶାବଳୀ ପାଇଁ ନିୟମିତ ଭାବେ ଇଏସ୍‌ଆଇସି (www.esic.nic.in) ଏବଂ ଡିଜିଏଚ୍‌ଏସ୍ (www.mcc.nic.in) ୱେବ୍‌ସାଇଟ୍ ଯାଞ୍ଚ କରିବା ଲାଗି ପ୍ରାର୍ଥୀମାନଙ୍କୁ ଅନୁରୋଧ କରାଯାଉଛି।
ଗ. ୨୦୨୦-୨୧ ପାଇଁ ଆଇପି କୋଟା ଅଧୀନରେ ନାମଲେଖା ସମ୍ବନ୍ଧରେ ସଞ୍ଚାଳିତ ସମସ୍ତ ପ୍ରକ୍ରିୟା/କ୍ରିୟା, ମାନ୍ୟବର ମାଡ୍ରାସ ଉଚ୍ଚନ୍ୟାୟାଳୟଙ୍କ ସମ୍ମୁଖରେ ୨୦୧୯ର ଡବ୍ଲ୍ୟୁଏ ୨୨୭୪ ଓ ୨୩୦୪ର ଚୂଡ଼ାନ୍ତ ରାୟ ଉପରେ ନିର୍ଭର କରିବ।
ମେଡିକାଲ କମିଶନର (ଏମ୍‌ଇ)
ମହାନିର୍ଦ୍ଦେଶକ, ଇଏସ୍‌ଆଇସିଙ୍କ ପାଇଁ

ଯଦି ତୁମେ ସତ୍ୟ ଓ ଉତ୍କୃଷ୍ଟତମ କଳା ଚାହଁ– ତେବେ ଏହା ଏକ ଦିବ୍ୟଜଗତର ଜନ୍ମଭୂମିକୁ ଅବତରଣ କରିବାର ଅଭିବ୍ୟକ୍ତି ହେବା ଉଚିତ।... କଳା ଏକ ଜୀବନ୍ତ ସଙ୍ଗତି ଓ ସୌନ୍ଦର୍ଯ୍ୟ ଯାହାକି ଆମ ଜୀବନଚର୍ଯ୍ୟାରେ ସର୍ବଦା ପ୍ରକାଶ ପାଇବା ଉଚିତ। –ଶ୍ରୀମା



# ବାସ୍ତବତାଠାରୁ ଦୂରରେ



ଆକାର ପଟେଲ

ବିଜ୍‌ନେସ ନ୍ୟୁଜ୍‌ପେପର ଇକୋନୋମିକ ଟାଇମ୍ସକୁ ପ୍ରଧାନମନ୍ତ୍ରୀ ଏକ ବିଚିତ୍ର ସାକ୍ଷାତ୍‌କାର ଦେଇଛନ୍ତି। ଏହାର ଦୃଷ୍ଟିକୋଣ ଆତ୍ମବିଶ୍ୱାସରେ ଭରା, ସୁନ୍ଦରଭାବେ ଉପସ୍ଥାପନ କରାଯାଇଛି, କିନ୍ତୁ ଏହା ବାସ୍ତବତାଠାରୁ ଦୂରରେ ରହିଛି। ସେ କୋଭିଡ୍ ମହାମାରୀ ପରିଚାଳନା ଠିକ୍ ବାଟରେ କରିଥିବା ଏଥିରେ ଦାବି କରିଛନ୍ତି। କେବଳ ଏତିକି ନୁହେଁ ଅନ୍ୟ ଦେଶଗୁଡ଼ିକ ଏଥିପାଇଁ ଯାହା କରିନାହାନ୍ତି ସେ ତାହା କରିଥିବା କହିଥିଲେ। ତାଙ୍କ ମତରେ ସେ ଜୀବନ ରକ୍ଷା କରିଛନ୍ତି। ସେ କହିଛନ୍ତି 'ମୁଁ ଜଣେ ସ୍ୱାସ୍ଥ୍ୟ ବିଶେଷଜ୍ଞ ନୁହେଁ, କିନ୍ତୁ ମୋ ଆକଳନ ସଂଖ୍ୟା ଉପରେ ଆଧାରିତ। ମୁଁ ଭାବୁଛି ଆମେ କେତେ ଜୀବନ ବଞ୍ଚାଇବାକୁ ସକ୍ଷମ ହୋଇଛେ ସେହି ମାପରେ କରୋନା ଭୂତାଣୁ ବିରୋଧୀ ଲଢ଼େଇକୁ ଆକଳନ କରିବା ଉଚିତ।' ମୋଦି ଏହି ସାକ୍ଷାତ୍‌କାରରେ କୌଣସି ସଂଖ୍ୟା ପ୍ରଦାନ କଲେ ନାହିଁ। ସଂଖ୍ୟା ସମସ୍ତଙ୍କୁ ଜଣାଥିବାରୁ ହୁଏତ ଏହାର ଆବଶ୍ୟକତା ସେ ଉପଲବ୍ଧି କରିନାହାନ୍ତି। ଭାରତ ବିଶ୍ୱରେ ଦ୍ୱିତୀୟ ବୃହତ୍ତମ କରୋନା ସଂକ୍ରମିତ ରାଷ୍ଟ୍ର। ମୃତକଙ୍କ ସଂଖ୍ୟାରେ ଏବେ ଏହା ବିଶ୍ୱରେ ତୃତୀୟ। ଜନସଂଖ୍ୟା ଦୃଷ୍ଟିରୁ ଭାରତ ଚାଇନା ସହ ତୁଳନୀୟ। ହେଲେ ଚାଇନା ଗୋଟିଏ ଥରରେ କରୋନା ମହାମାରୀକୁ ନିୟନ୍ତ୍ରଣକୁ ଆଣିପାରିଲା। ଫେବୃୟାରୀ ୧୨, ଏହି ଗୋଟିଏ ଦିନରେ ସଂକ୍ରମଣ ଶୀର୍ଷକୁ ଛୁଇଁଲା ପରେ କୌଣସି ବାଟରେ ଏହାକୁ ନିୟନ୍ତ୍ରଣ କରିପାରିଲା। ସଂସ୍କୃତି, ଭୌଗୋଳିକ ଦୃଷ୍ଟିକୋଣରୁ ତୁଳନୀୟ ଭାରତର ପଡ଼ୋଶୀ ବାଂଲାଦେଶ ଏବଂ ପାକିସ୍ତାନର ସଂକ୍ରମିତ ଓ ମୃତକଙ୍କ ସଂଖ୍ୟା( ଏକ ଲକ୍ଷରେ) ପାଖାପାଖି ଦୁଇଗୁଣରୁ ଅଧିକରେ ପହଞ୍ଚିବା ଭଳି ଆମେ ମଧ୍ୟ ପହଞ୍ଚିଛୁ। ଏଣୁ କାହାକୁ ଆଧାର କରି ଆମେ କହିପାରିବା ଯେ ମୋଦି ସରକାର ତୁଳନାତ୍ମକ ଭାବେ ଭଲ କରିଛନ୍ତି। ଆମକୁ ବ୍ରାଜିଲ, ଇଟାଲୀ ଓ ଆମେରିକା ସହ ତୁଳନା କରିବା ଉଚିତ ବୋଲି ସେ ଭାବିଛନ୍ତି। କିନ୍ତୁ କାହିଁକି?

ସେ ଦାବି କରିଛନ୍ତି ଯେ, ଭାରତ ବିଶ୍ୱରେ ଦ୍ୱିତୀୟ ବୃହତ୍ତମ ସଂକ୍ରମିତ ରାଷ୍ଟ୍ର ହେଲେ ବି ବିନା ବଳପ୍ରୟୋଗରେ ଜନ ଭାଗୀଦାରି ସହାୟତାରେ କୋଭିଡ ନିୟନ୍ତ୍ରଣ କରିବାରେ ଏହା ଏକ ବିଶ୍ୱ ଆଦର୍ଶ। କିନ୍ତୁ ଭାରତରେ ଲାଗୁ କରାଯାଇଥିବା ଲକ୍‌ଡାଉନ ବିଶ୍ୱର ସବୁଠୁ ଖରାପ ଥିଲା। ବିପର୍ଯ୍ୟୟ ପରିଚାଳନା ଆଇନ ଲାଗୁ କରି ଏଥିରେ ସରକାର ବଳ ପ୍ରୟୋଗ କଲେ। କାମ, ଖାଦ୍ୟ କିମ୍ବା ଆଶ୍ରୟ ବିନା ଲୋକେ ଘରକୁ ଫେରିବାବେଳେ ଦଣ୍ଡ ପାଇଲେ, ଏମିତି କି ଜେଲ ଗଲେ। ଜାତୀୟ ରାଜପଥରେ ଲୋକମାନଙ୍କୁ ପୋଲିସ ନିର୍ଯାତନା ଦେଲା ଓ ଏହି ଭୟରେ ଲୋକେ ଟ୍ରେନଲାଇନ ଉପରେ ଚାଲିଚାଲି ଗଲାବେଳେ ଟ୍ରେନ୍ ସେମାନଙ୍କ ଉପରେ ମାଡ଼ିଗଲା। ଏହା ହିଁ ବଳପ୍ରୟୋଗର ନିଚ୍ଛକ ଛବି। ଗୁଜରାଟରେ ସମ୍ଭବତଃ ଏହାର ସଂଜ୍ଞା କିଛି ଭିନ୍ନ।

ପ୍ରସ୍ତୁତ ନ ହୋଇ ମନମୁଖି ଭାବେ ଲାଗୁ କରାଯାଇଥିବା ଲକ୍‌ଡାଉନ ଲୋକଙ୍କ ଜୀବନ ବଞ୍ଚାଇପାରିଲାନି। ସଂକ୍ରମଣ ବ୍ୟାପିବା ଏବଂ ଘରେ ସପ୍ତାହ ସପ୍ତାହ ଧରି ବଳପୂର୍ବକ ଭାବେ ଲୋକଙ୍କୁ ବନ୍ଦ କରି ରଖିବା ମଧ୍ୟରେ କିଛି ସମ୍ପର୍କ ରହିଲାନି। ସଂକ୍ରମଣ ବ୍ୟାପିଲା ଓ ଲକ୍‌ଡାଉନ ଅର୍ଥବ୍ୟବସ୍ଥାକୁ କ୍ଷତି କଲା। ଅଗଷ୍ଟ ଓ ସେପ୍ଟେମ୍ବରର ତଥ୍ୟ 'ଅର୍ଥବ୍ୟବସ୍ଥା ପୁଣି ଟ୍ରାକକୁ ଫେରୁଛି ବା ଅର୍ଥବ୍ୟବସ୍ଥାରେ ସୁଧାର ଆସୁଛି' ବୋଲି ଯାହା ଦର୍ଶାଇଛି ତାହା ଉପରେ ପ୍ରଧାନମନ୍ତ୍ରୀ ନିଶ୍ଚିତ ଅଛନ୍ତି। ହେଲେ କେଉଁଠି ସୁଧାର ଆସୁଛି? କୋଭିଡ୍ ମହାମାରୀ ଦେଖାଦେବା ପୂର୍ବରୁ ଲଗାତର ଦୁଇବର୍ଷ ହେବ ଭାରତର ଜିଡିପି ଖସି ଚାଲିଛି। ଜାନୁୟାରୀ ୨୦୧୮ରୁ ୧୦ଟି ତ୍ରୈମାସିକରେ ଲଗାତର ପ୍ରତ୍ୟେକଟିରେ ଜିଡିପି କମିଚାଲିଛି। କୋଭିଡ୍ ପୂର୍ବରୁ ଅଭିବୃଦ୍ଧି ୩% ଥିଲା। ସୁଧାର ଆସୁଛି ବୋଲି ଯାହା କହୁଛୁ ସେଥିରୁ ଆମେ କ'ଣ ପାଇଛୁ? ଅର୍ଥବ୍ୟବସ୍ଥା ଫେବୃୟାରୀରେ ଯାହା ଥିଲା ସେଠିକୁ ଶୀଘ୍ର ଫେରି ଅସିବା କଥା ଯଦି ସେ ଭାବୁଥାନ୍ତି, ତେବେ ତାଙ୍କ ନିକଟରେ ଭୁଲ ପରାମର୍ଶଦାତାମାନେ ରହିଛନ୍ତି ବୋଲି କହିବାକୁ ହେବ। ଏପ୍ରିଲ ଏବଂ ଜୁନ୍ ମଧ୍ୟରେ ପଡୁଥିବା ଜିଡିପିର ଗୋଟିଏ ତ୍ରୈମାସିକରେ ଆମେ ବିଫଳ ହେଲୁ। ଜୁଲାଇ–ସେପ୍ଟେମ୍ବର ତ୍ରୈମାସିକରେ ଏହା ଆଉ ତଳକୁ ଖସିବ ନାହିଁ ବୋଲି ଆଶା କରିବା, କିନ୍ତୁ ତାହା ଖସିବ। ଯଦି ଏହା ନ ହୁଏ ତେବେ ତ୍ରୈମାସିକରେ ଜିଡିପିର କ୍ଷତି ଭରଣା କରିବା ଲାଗି ଦୁଇ ବର୍ଷ ଲାଗିଯିବ। ଅର୍ଥାତ, ଚଳିତ ବର୍ଷ ଫେବୃୟାରୀରେ ଜିଡିପି ଯାହା ଥିଲା ସେଠାକୁ ଦୁଇବର୍ଷ ପରେ ଆମେ ଫେରିବାର ସମ୍ଭାବନା ରହିଛି। 'ଟ୍ରାକକୁ ଫେରୁଛି 'ର ମାନେ ଏହା ନୁହେଁ।

ସେ ସବୁବେଳେ ୫ ଟ୍ରିଲିୟନ ଡଲାର ଅର୍ଥବ୍ୟବସ୍ଥାର କଥା କହୁଛନ୍ତି। ଗୋଟିଏ ପକ୍ଷରେ ଦେଖିବାକୁ ଗଲେ ଏହା ଏକ ମାମୁଲି କଥା। ଭାରତର ଅର୍ଥବ୍ୟବସ୍ଥା ଯେଉଁଭଳି ଗତି କରୁନା କାହିଁକି ତାହା କୌଣସି ସମୟରେ ସେଠାରେ ପହଞ୍ଚିବ। କିନ୍ତୁ ୨୦୨୪ରେ ଏଠାରେ ପହଞ୍ଚିବ ବୋଲି ମୋଦି ଯାହା କହୁଛନ୍ତି ସେଥିରୁ ଜଣାପଡୁଛି ଯେ ଗତ ତିନି ବର୍ଷରେ କ'ଣ ଘଟିଛି ତାହା ସମ୍ପର୍କରେ ସେ ଅଜ୍ଞ ରହିଛନ୍ତି। ସେ ସାକ୍ଷାତକାରରେ କହିଛନ୍ତି ଯେ, ଏହାକୁ ନେଇ ଅଧିକାଂଶ ନିରାଶାବାଦୀ ଲୋକ ସନ୍ଦେହରେ ରହିଛନ୍ତି। ତୁମେ ଯଦି ସେମାନଙ୍କ ସାଥୀରେ ରହିବ ତୁମେ ବି ହତାଶା ଓ ନିରାଶର ସ୍ୱର ଶୁଣିବ'। ନା, ଏହାକୁ ନିରାଶା ନୁହେଁ ବରଂ ବାସ୍ତବତା ଏବଂ ଠିକ୍ ସଂଖ୍ୟା ଜାଣିବାର ସକ୍ଷମତା କୁହାଯାଇପାରେ। ପ୍ରଧାନମନ୍ତ୍ରୀ ବାସ୍ତବତାକୁ ସମ୍ମୁଖୀନ ହେବାକୁ ଅକ୍ଷମ ଥିଲେ କିମ୍ବା ଆମ ଧାରଣାଠାରୁ ବାସ୍ତବତା ଭିନ୍ନ ବୋଲି ଆମମାନଙ୍କୁ ଅବଗତ କରାଇବାରେ ସେ ଅତ୍ୟଧିକ ନିଶ୍ଚିତ ଥିଲେ କି ନାହିଁ ତାହା କହିବା ମୁସ୍କିଲ। ଫେବୃୟାରୀ ପର୍ଯ୍ୟନ୍ତ ଆମ ସେନା ଯେଉଁ ଜାଗାରେ ପାଟ୍ରୋଲିଂ କରୁଥିଲେ ତାହାକୁ ଚାଇନା ମାଡିବସିନି ବୋଲି ଯଦି କହିବା, ତେବେ ସେ ଆକ୍‌ଚୁଆଲ ଲାଇନ୍ ଅଫ୍ କଣ୍ଟ୍ରୋଲ(ଏଲ୍ଏସି)କୁ ଟପିନାହିଁ ବୋଲି ଧରାଯିବ। ଯଦି ଆମେ ଆମକୁ ଚାଇନା ଓ ପାକିସ୍ତାନ ସହ ତୁଳନା ନ କରି ବ୍ରାଜିଲ ଏବଂ ଇଟାଲୀ ସହ ତୁଳନା କରିବା ତେବେ କୋଭିଡ୍ ସଂଖ୍ୟା ଆମକୁ ବଢିଆ ଦେଖାଯିବ। 'ଆତ୍ମନିର୍ଭର ଭାରତ କେବଳ ପ୍ରତିଯୋଗିତା ନହେଁ ବରଂ ଏକ ସମ୍ପନ୍ନତାର ବିଷୟ, ଏହା ପ୍ରଭୁତ୍ୱ ନୁହେଁ ବରଂ ନିର୍ଭରଶୀଳତାର ବିଷୟ, ଏହା ନିଜକୁ ନୁହେଁ ବରଂ ସାରା ବିଶ୍ୱକୁ ଦେଖିବାର ବିଷୟ'– ଏଭଳି ମୂଲ୍ୟହୀନ ଉକ୍ତିକୁ ଯଦି ଆମେ ଗ୍ରହଣ କରିବା ତେବେ ୩୦ ମାସ ଧରି ମାନ୍ଦା ଅର୍ଥବ୍ୟବସ୍ଥାରେ ସୁଧାର ଆଣିବା ଲାଗି କରାଯାଉଥିବା ପ୍ରୟାସର ଏହା ଏକ ବିକଳ୍ପ ବୋଲି ଧରିନେବା।

Email:aakar.patel@gmail.com

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 3 | | | | | | 4 | 8 | | | E | | | |
| | | | | 2 | | | 7 | 3 | | | | 8 | | |
| D | | | | 8 | | C | | | | | | | | A |
| | | E | | | | 6 | 2 | | | 7 | 8 | | 1 | C |
| | | 4 | | | | 5 | | | 1 | D | | | 0 | 3 |
| B | | | 1 | 4 | 6 | | 3 | | | | | | 2 | |
| 5 | 4 | | | | | 0 | | 9 | | 2 | | | A | 7 |
| 0 | 9 | | | D | | 8 | | | 3 | | 4 | | | |
| 6 | | A | | | 5 | | D | | | | | | | |
| | | | | | 9 | 2 | | 1 | | 0 | C | | 5 | |
| 9 | | | | 3 | D | | | A | | | | 0 | 4 | |
| | | 1 | 9 | | E | | | B | | | | | | |
| E | 5 | | 0 | | 8 | | | | D | | 3 | | | |
| | | | | | | | 8 | | | E | 0 | 6 | D | 1 |
| | 2 | | | | | | E | | | | 5 | 9 | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | 5 | 9 | 7 | B | 1 | 2 | 0 | 3 | D | 4 | E | 8 | C | 6 |
| 3 | B | 1 | C | E | 8 | 7 | 6 | 4 | 9 | 2 | A | 5 | 0 | D |
| 7 | 6 | 2 | 9 | D | 5 | E | B | C | 0 | 8 | 1 | 3 | A | 4 |
| 4 | D | 8 | 2 | 0 | 3 | 9 | A | 5 | B | C | 6 | 7 | E | 1 |
| 0 | E | C | 6 | A | 4 | 8 | 1 | D | 3 | 7 | 5 | 2 | B | 9 |
| 1 | C | 5 | 0 | 2 | B | D | 4 | 6 | 7 | A | 3 | E | 9 | 8 |
| B | 9 | E | A | 8 | C | 5 | 3 | 0 | 2 | 6 | D | 4 | 1 | 7 |
| D | 3 | 0 | 4 | 1 | 6 | A | 8 | 7 | C | E | 9 | B | 2 | 5 |
| 2 | 7 | 6 | D | 5 | 9 | 1 | E | B | 8 | 0 | 4 | C | 3 | A |
| 8 | A | 4 | E | 3 | 7 | C | 2 | 9 | 1 | 5 | B | D | 6 | 0 |
| 5 | 0 | B | 3 | 4 | D | 6 | C | 8 | A | 9 | 2 | 1 | 7 | E |
| 9 | 4 | 7 | B | 6 | 2 | 0 | D | 1 | E | 3 | 8 | A | 5 | C |
| 6 | 1 | A | 8 | C | E | 3 | 7 | 2 | 5 | D | 0 | 9 | 4 | B |
| E | 8 | 3 | 5 | 7 | 0 | B | 9 | A | 4 | 1 | C | 6 | D | 2 |
| C | 2 | D | 1 | 9 | A | 4 | 5 | E | 6 | B | 7 | 0 | 8 | 3 |

ଗତ କାଲିର ଉତ୍ତର

# ସାହିତ୍ୟ ବେପାରୀଙ୍କ କଥା



ଚିତ୍ର ଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

ପ୍ରଥମରୁ କହି ରଖିବା ଉଚିତ ହେବ ଯେ, ଏ କଥା ସାହିତ୍ୟକୁ ପୁଞ୍ଜି କରି ବେପାର କରୁଥିବା ପୁସ୍ତକ ପ୍ରକାଶକଙ୍କ କଥା ନୁହେଁ। ପାଣ୍ଡୁଲିପି ବୋଲି କୁହାଯାଉଥିବା ସ୍ରଷ୍ଟାଙ୍କ ସାରସ୍ୱତ ସୃଷ୍ଟିକୁ ପୁସ୍ତକରେ ରୂପାନ୍ତରିତ କରି ପାଠକଙ୍କ ପାଖରେ ପହଞ୍ଚାଇ ଦେଉଥିବା ବହି ବିକ୍ରେତାଙ୍କ କଥା ନୁହେଁ ଯେ। ଏହା ହେଉଛି ସେଇମାନଙ୍କ କଥା, ଯେଉଁମାନେ ନିଜେ କିଛି ସୃଷ୍ଟି କରିବା ସହ ସୃଜନ କର୍ମରେ ରୁଚି ରଖୁଥିବା ସତୀର୍ଥ ସମଧର୍ମା ସ୍ରଷ୍ଟାମାନଙ୍କ ପ୍ରତି ଶ୍ରଦ୍ଧାଶୀଳ ହୋଇ ସେମାନଙ୍କ ସାରସ୍ୱତ ସାଧନାକୁ ସମ୍ମାନ ଜଣାଇବା ପାଇଁ ବିଭିନ୍ନ ସାହିତ୍ୟ ସଙ୍ଗଠନ ଗଢି ତହିଁର କର୍ମକର୍ତ୍ତା ବୋଲାନ୍ତି। ସାହିତ୍ୟ ସଡ଼କର ବନ୍ଧୁର ରାସ୍ତାରେ ନିଜେ ଚାଲିବା ସହିତ ଅନ୍ୟ ସହଯାତ୍ରୀମାନଙ୍କୁ ସୈଖ୍ୟ ଯୋଗାଇ ଦେବା ଓ ସେମାନଙ୍କ ସଫଳ ସାଧନାର ଯାତ୍ରା ପଥରେ ତୋରଣ ସଜାଇ ସେମାନଙ୍କୁ ସ୍ୱାଗତ କରିବା ଭଳି ମହାନ୍ କାର୍ଯ୍ୟରେ ବ୍ୟାପୃତ ଥିବା ଲୋକମାନଙ୍କୁ ବେପାରୀ କହି ତାଙ୍କ ମହାନତାକୁ କ୍ଷୁଣ୍ଣ କରିବାର ପ୍ରୟାସ ଏକ ମହାନ୍ କାର୍ଯ୍ୟ ନୁହେଁ।

ତଥାପି ସେମାନଙ୍କ ମଧ୍ୟରୁ କେତେକଙ୍କୁ ବେପାରୀ କହିବାରେ ଯେମିତି କିଛି କୁଣ୍ଠା ନାହିଁ। ସେମିତି ନ କହିବାର କିଛି କାରଣ ମଧ୍ୟ ନାହିଁ। ଏମାନେ ସଚ୍ଚା ସାହିତ୍ୟର ସୁରଭିରେ ସୁରଭିତ ବୋଲି ଏକ ମିଥ୍ୟା ପ୍ରତ୍ୟୟ ସୃଷ୍ଟି କରି ଯାବତୀୟ ମିଥ୍ୟାଚାରର ଆଶ୍ରୟ ନିଅନ୍ତି, ସାହିତ୍ୟକୁ ପୁଞ୍ଜିକରି ବେଶ୍ କିଛି ଅର୍ଥ ଉପାର୍ଜନ କରନ୍ତି ଓ ଏଥିପାଇଁ ଅତ୍ୟନ୍ତ ନିଷ୍ଠୁର ଭାବେ ଅନ୍ୟମାନଙ୍କ ଭାବ ଓ ଆବେଗର ତଣ୍ଟି ଚିପି ହତ୍ୟା କରନ୍ତି। ଅତିରିକ୍ତ ମୁନାଫା ପାଇଁ ଅପମିଶ୍ରଣ ଆଦି ଯାବତୀୟ ଅନାଚାରରେ ଲିପ୍ତ ରହୁଥିବା ଅସାଧୁ ବେପାରୀଙ୍କ ପରି ଏମାନେ ସାହିତ୍ୟର ଶୁଦ୍ଧ ଅମୃତଭାଣ୍ଡରେ ମିଶାଇ ଦିଅନ୍ତି ଯେତେ ସବୁ ଅଶୁଦ୍ଧ ଅବିଶ୍ୱସ୍ତତାର ବୁନ୍ଦା ବୁନ୍ଦା ବିଷ, କେବଳ କିଛି ଅର୍ଥ ଉପାର୍ଜନ କରିବା ଲାଳସାରେ। ଅଥଚ ଲୋକଚକ୍ଷୁରେ ଏମାନଙ୍କ ପରିଚୟ ହେଉଛି ସାହିତ୍ୟିକ, ସାରସ୍ୱତ ସାଧକ ଓ ସାହିତ୍ୟ ସଙ୍ଗଠକ!!

ଏମିତି ଜଣେ ସାହିତ୍ୟ ସଙ୍ଗଠକଙ୍କ ବେପାରୀ ବୁଦ୍ଧିରେ ପ୍ରତାରିତ ହୋଇ ନିଜ କବିପଣକୁ ଅଭିଶାପ ଦେଇଥିବା ଜଣେ ଗାଉଁଲି କବିଙ୍କ କଥା। କବିଙ୍କ କଥା ତ ନୁହେଁ, କବିଙ୍କ କଷଣ! କବି ଜଣକ ରହୁଥିଲେ ଗାଁରେ। ଗାଁ ପୋଷ୍ଟ ଅଫିସରେ କାମ କରୁଥିଲେ। ଲଙ୍କା, ପିଆଜ ଓ ବଡି ପୋଡା ଦେଇ ପଖାଳ ଖାଉଥିଲେ ଓ ଆଖପାଖ କେଇ ଖଣ୍ଡ ଗାଁର ଡାକ ଯୋଗାଯୋଗ ବ୍ୟବସ୍ଥା ସମ୍ପାଦନ କରିବା ଓ ନିଜ ଛୋଟ ପରିବାରଟିର ଦାୟିତ୍ୱ ନିର୍ବାହ କରିବା ମଧ୍ୟରେ ଏକ ଯୋଜନାବିହୀନ ଜୀବନଟିଏ ଜିଇ ଚାଲୁଥିଲେ। ତଥାପି ସେ କବିତା ଲେଖୁଥିଲେ। ମେଘମୁକ୍ତ ଆକାଶର ନୀଳିମା ଓ ଗାଁ କ୍ଷେତର ସବୁଜିମାକୁ ନିଜ ସୀମିତ ସ୍ୱର ଓ ଶବ୍ଦରେ ବାନ୍ଧି ରଖୁଥିଲେ। କେହି ପଢୁ କି ନ ପଢୁ, ନିଜେ ଲେଖି ନିଜକୁ ଶୁଣାଉଥିଲେ। କସ୍ତୁରୀ ମୃଗ ପରି ନିଜ ସୁରଭିରେ ନିଜେ ବିମୋହିତ ହେଉଥିଲେ ଓ ସୁଯୋଗ ପାଇଲେ ନିଜ ଗାଁଠାରୁ ଦଶ ମାଇଲ ଦୂର ସହରରେ ହେଉଥିବା ବିଭିନ୍ନ କବିତା ଆସରରେ ସୁର ମେଲାଇ ନିଜ କବିତା ବୋଲୁଥିଲେ।

ସେମିତି ଏକ କବିତା ଆସରରେ ଥରେ ଆୟୋଜକଙ୍କ ଏକ ଅଭିନବ ଘୋଷଣା ତାଙ୍କ କବିସତ୍ତାକୁ ଏକ ବିଚିତ୍ର କୁତୁକୁତୁ ଭାବେ ବାନ୍ଧି ପକାଇଲା, ଯେଉଁ ଦିନ ସେ ଶୁଣିଲେ ଆୟୋଜକଙ୍କ ସେହି ସାହିତ୍ୟ ସଙ୍ଗଠନ ସେଯାଏ ଅସ୍ୱୀକୃତ, ଅବହେଳିତ ଥିବା କବିମାନଙ୍କ ସୃଷ୍ଟିକୁ ନେଇ ଏକ କବିତା ସଙ୍କଳନ ପ୍ରକାଶ କରିବ। ବନ୍ଧ୍ୟା ନାରୀର ପ୍ରଥମ ମାତୃତ୍ୱ ଭଳି ମୁଗ୍ଧ ଅନୁଭବ ନେଇ ସେ ସେଇ ସହରର ବିଶିଷ୍ଟ କବି ବୋଲାଉଥିବା ସେହି ଆୟୋଜକଙ୍କୁ ସାକ୍ଷାତ କଲେ ଓ ତାଙ୍କ ବରାଦ ମୁତାବକ ନିଜର ଏକ ଫଟୋ ଓ ତିନିଶହ ଟଙ୍କା ସହ ସ୍ୱନିର୍ବାଚିତ ତିନୋଟି କବିତା ପଇଠ କଲେ। ଆପଣା ଜୀବନ ଜଞ୍ଜାଳକୁ ନେଇ ବଞ୍ଚୁଥିବା ଗାଁ ଭୂଇଁର ନିରୋଳା କବିଟିଏ। ଅପମିଶ୍ରଣ ବିହୀନ ନିଜ ଭାବ ଓ ଭାଷାକୁ ମୁଦ୍ରିତ କଳେବରରେ ଦେଖିବାର ଆକାଂକ୍ଷା ତା' ପାଇଁ କେତେ ତୀବ୍ର ହୋଇପାରେ, ଏହା ତା' ଛଡା ଆଉ କେହି ବୁଝିପାରନ୍ତେ ନାହିଁ। ସ୍ୱଚକ୍ଷୁରେ ଈଶ୍ୱରଙ୍କୁ ପ୍ରତ୍ୟକ୍ଷ କରିବାର ଅଲୌକିକ ଅନୁଭବ ବୋଧହୁଏ ଏ ପ୍ରକାର ଆକୁଳତା ଠାରୁ କିଛି ଭିନ୍ନ ହୁଅନ୍ତା ନାହିଁ। ଯାଉ ପଛେ କଷ୍ଟଲବ୍ଧ ତିନିଶହ ଟଙ୍କା, ନିଜ ସୃଷ୍ଟିର ପ୍ରଥମ ପ୍ରକାଶକୁ ପ୍ରତ୍ୟକ୍ଷ କରିବାର ସ୍ୱର୍ଗୀୟ ଅନୁଭବ ତୁଳନାରେ ପାର୍ଥିବ ଅର୍ଥର ମୂଲ୍ୟ କେଉଁ ବଡ କଥା ଯେ!

ଅନ୍ତରରେ ସଞ୍ଚିତ ସମସ୍ତ ଆବେଗକୁ ନେଇ ଆମର ଏ ପଲ୍ଲୀ କବି ଅପେକ୍ଷା କରି ଚାଲିଲେ ଦିନ ଓ ମାସ ମାସ ଧରି। ପାଖାପାଖି ବର୍ଷଟିଏ ବିତିଗଲା ସିନା, ତାଙ୍କ ଅପେକ୍ଷାର ଅବସାନ ହେଲା ନାହିଁ। ଶେଷରେ ସେଇ ସୁଦିନଟି ଆସିଲା, ଯେଉଁଦିନ କବି ଖବର ପାଇଲେ ପତ୍ରିକାଟି ପ୍ରକାଶ ପାଇଛି ଓ କଥିତ ପତ୍ରିକାଟିର ଉନ୍ମୋଚନ ସହିତ ଏକ ମନୋଜ୍ଞ କବିତା ଆସର ଅନୁଷ୍ଠିତ ହେଉଛି। କବି ଆଶା କରୁଥିଲେ ବର୍ଷାଧିକ କାଳ ଅପେକ୍ଷା କରିଥିବା ଏମିତି ଏକ ଅବସର ପାଇଁ ତାଙ୍କୁ ନିମନ୍ତ୍ରଣ ମିଳିବ। ମାତ୍ର ଏ ସମ୍ପର୍କିତ କୌଣସି ସୂଚନା ନ ମିଳିବାରୁ ଅନିମନ୍ତ୍ରିତ ଭାବେ ସେ ପହଞ୍ଚି ଯାଇଥିଲେ ଉତ୍ସବସ୍ଥଳରେ।

ତଥାକଥିତ ପ୍ରତିଷ୍ଠିତ ସାହିତ୍ୟିକମାନଙ୍କ ଯୋଗଦାନରେ ସମ୍ଭ୍ରାନ୍ତ ଜଣାପଡୁଥିବା ସାହିତ୍ୟ ଆସରରେ ଯୋଗଦେଇ ପଲ୍ଲୀ ମାଟିର କବି ନିଜ କବିପଣକୁ ସାର୍ଥକ ମନେକଲେ। ଓଜସ୍ୱିନୀ ଭାଷଣ ପର୍ବ ମଧ୍ୟରେ ବହୁ ଅଭିଳଷିତ ପତ୍ରିକାଟିର ଉନ୍ମୋଚନ ସରିଲା ଓ ସଭା ଶେଷରେ ସେହି ସଙ୍ଗଠକଙ୍କୁ ସାକ୍ଷାତ କରି ପତ୍ରିକାଟିଏ ମାଗିବା ପାଇଁ ପ୍ରାୟ ଘଣ୍ଟାଏ ଅପେକ୍ଷା କରିବା ପରେ ବଡ କୁଣ୍ଠିତ ଚିତ୍ତରେ ସଙ୍ଗଠକ ମହୋଦୟ ପତ୍ରିକାଟିଏ ଧରାଇ ଦେଲେ ସିନା, ମାତ୍ର ଖୋଲିବାକୁ ବାରଣ କରି କହିଲେ, ଉପସ୍ଥିତ ସମସ୍ତଙ୍କୁ ଦେବା ପାଇଁ ଆମ ପାଖରେ ଏତେ ପତ୍ରିକା ନାହିଁ। ଆପଣ ଚୁପଚାପ ନେଇଯାନ୍ତୁ। ଘରେ ଯାଇ ପଢିବେ।

ସେଇ ମୁହୂର୍ତ୍ତରେ ନିଜର ଓ ନିଜ କବିତାର ମୁଦ୍ରିତ ପ୍ରତିରୂପ ଦେଖିବାକୁ ମନର ବ୍ୟାକୁଳତା ନିଜ ଭିତରେ ଚାପି ରଖି ଗ୍ରାମ୍ୟ କବି ଗ୍ରାମକୁ ବାହୁଡି ଆସିଲେ। ଘରେ ପହଞ୍ଚି ପତ୍ରିକାଟିର ମୂଳରୁ ଶେଷ ଯାଏ ଏକାଧିକ ବାର ତନ୍ନ ତନ୍ନ କରି ଖୋଜିଲେ ମଧ୍ୟ କେଉଁଠି ନିଜକୁ ଅବା ନିଜ କବିତାଟିକୁ ପାଇଲେ ନାହିଁ। ନିଷ୍କପଟ ଭାବେ କେଇ ମାସ ତଳେ ନିଜର ଏ ଦୟନୀୟ ଅନୁଭୂତି ଏ ଲେଖକ ପାଖରେ ବଖାଣି ଦୀର୍ଘଶ୍ୱାସ ଛାଡି ସେ କହୁଥିଲେ, 'ପତ୍ରିକାଟିରେ କେହି ଜଣେ ବି ନବୀନ ନ ଥିଲେ। ସବୁବେଳେ ସବୁ ପତ୍ରିକାରେ ବାହାରୁଥିବା ସେଇ କେଇଜଣ ତଥାକଥିତ ପ୍ରବୀଣ କବିଙ୍କ କବିତାରେ ପୂରି ଉଠିଥିଲା ପତ୍ରିକାଟିର ପ୍ରତ୍ୟେକ ପୃଷ୍ଠା। ଅତ୍ୟନ୍ତ ଦୁଃଖରେ କହୁଥିଲେ ସେ, ମୋ ଭଳି ଏମିତି କେତେଜଣ ତିନିଶହ ଲେଖାଏ ଦେଇଥିବେ କେଜାଣି?

ସାହିତ୍ୟର ଏହି କୁତ୍ସିତ ବେପାରର ଇତିହାସରେ ଏହା ପ୍ରଥମ ଘଟଣା ନୁହେଁ କି ଶେଷ ଘଟଣା ବି ନୁହେଁ। କେବଳ ଯାହା ସ୍ଥାନ କାଳ ପାତ୍ର ବିଶେଷରେ ଘଟଣାଗୁଡିକ ଭିନ୍ନ ଭିନ୍ନ ରୂପରେ ପ୍ରକଟିତ ହୋଇଥାଏ। ଛୋଟଠୁ ବଡ ପର୍ଯ୍ୟନ୍ତ, ପୁଣି ଅଖ୍ୟାତଠାରୁ ସୁଖ୍ୟାତ ଯାଏ ବହୁ ସାହିତ୍ୟ ଅନୁଷ୍ଠାନ ଦ୍ୱାରା ଉପଲବ୍ଧ ହେଉଥିବା ସମ୍ମାନ, ପୁରସ୍କାର ବା ସମ୍ବର୍ଦ୍ଧନା ମୂଳରେ କେତେବେଳେ ଗୋପନରେ ତ ଅନ୍ୟ ବେଳେ ପ୍ରକାଶ୍ୟରେ ଲାଳିତ ହୋଇ ଚାଲି ଆସୁଛି ଏହି ସବୁ ସମ୍ମାନ ସମ୍ବର୍ଦ୍ଧନା କିଣାବିକାର ବଜାର। ପ୍ରାୟ ବର୍ଷକ ତଳେ ଏ ଲେଖକର ଜଣେ ବନ୍ଧୁଙ୍କ ନିକଟକୁ ଫୋନ ଆସିଲା ରାଜଧାନୀର ଏକ ସାହିତ୍ୟ ଅନୁଷ୍ଠାନର ସମ୍ପାଦକଙ୍କଠାରୁ। ଫୋନର ବାର୍ତ୍ତାଟି ଥିଲା ଏହିପରି – ''ଆପଣଙ୍କ ସାହିତ୍ୟ କୃତି ଆମ ରାଜ୍ୟର ବାଣୀ ଭଣ୍ଡାରରେ ସାଇତି ରଖିଲାଭଳି ଅମୂଲ୍ୟ ସମ୍ପଦ। ଆପଣଙ୍କ ଭଳି ପ୍ରଭାବଶାଳୀ ଲେଖକମାନଙ୍କ ପରିଚୟ ପ୍ରକାଶ କରିବାର ମହତ୍ ଲକ୍ଷ୍ୟ ନେଇ ଆମେ ଏକ ଲେଖକ ପରିଚୟ ଗ୍ରନ୍ଥ ପ୍ରକାଶ କରିବାକୁ ସିଦ୍ଧାନ୍ତ ନେଇଛୁ। ଦୟାକରି ଆପଣଙ୍କ କୃତି ସମ୍ପର୍କରେ ସମ୍ୟକ୍ ସୂଚନା ଦେଇ ଫଟୋ ସହିତ ପାଞ୍ଚଶହ ଟଙ୍କା ସହଯୋଗ କରିବାକୁ ଅନୁରୋଧ।'' ବନ୍ଧୁ ଜଣକ ଏମିତି ପରିଚୟ ସଙ୍କଟରେ ଆକ୍ରାନ୍ତ ଥିଲେ ଯେ, ଆଗପଛ ନ ବିଚାରି ସ୍ମାର୍ଟଫୋନର ହ୍ୱାଟସ୍‌ଆପରେ ନିଜ ସାହିତ୍ୟ କୃତିର ବିଶଦ୍ ବିବରଣୀ ସହ ନିଜର ଏକ ସୁଦୃଶ୍ୟ ଫଟୋ ପଠାଇ ଦେଲେ। ପରେ ପରେ ପାଞ୍ଚଶତ ମୁଦ୍ରା ବି ଅନ୍‌ଲାଇନ ଟ୍ରାନ୍ସଫରରେ ପଟ ପରିବର୍ତ୍ତନ କରିଦେଲେ। ବାସ୍, ସେଦିନରୁ ଆଜି ଯାଏ ବର୍ଷଟିଏରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ବି ସେ ସେହି ପରିଚୟ ଗ୍ରନ୍ଥଟିର ମୁଖ ଦର୍ଶନ କରି ନାହାନ୍ତି। ଫୋନ କଲେ ବି ଧରିବାକୁ କେହି ନାହାନ୍ତି। ସାରସ୍ୱତ ଜଗତରେ ସାଧୁତାର କି ଦାରୁଣ ବିପର୍ଯ୍ୟୟ! ମୂଲ୍ୟବୋଧର କି ମର୍ମନ୍ତୁଦ ଅବକ୍ଷୟ!!


ବଡ ବିଷମ ସାହିତ୍ୟର ଏହି ବେପାର ବୃତ୍ତି। ଏଠାରେ ଅକବିଟିଏ ରାତାରାତି କବି ପାଲଟିଯାଏ, ଅଯୋଗ୍ୟ ଜଣେ ଯୋଗ୍ୟ ସ୍ରଷ୍ଟାର ସନନ୍ଦପତ୍ରରେ ସମ୍ମାନିତ ହୁଏ, ପରସ୍ପର ମଧ୍ୟରେ ପୁରସ୍କାର ଆଦାନପ୍ରଦାନ ହୁଏ ଓ ସର୍ବୋପରି ଦରବାରୀ ଭାଟର ସ୍ତବପାଠ ପରି ସାହିତ୍ୟ ପାଲଟିଯାଏ ଏକ ସ୍ୱରହୀନ, ସନ୍ଦେଶବିହୀନ ଅସାହିତ୍ୟ।

ସାହିତ୍ୟ ସମାଜର ଦର୍ପଣ। ଏକ ଶୁଦ୍ଧ ଜୀବନର ଆଦର୍ଶ ସମ୍ବିଧାନ। ସାହିତ୍ୟ ସ୍ରଷ୍ଟାମାନେ ଆବେଗରେ ବଞ୍ଚନ୍ତି, ଆବେଗରେ ମରନ୍ତି। ଗୋଟିଏ ଜୀବନକାଳ ମଧ୍ୟରେ ବାରମ୍ବାର ଜନ୍ମ ନିଅନ୍ତି, ବହୁବାର ମରନ୍ତି। ଜୀବନ ଏମାନଙ୍କୁ ବାନ୍ଧି ରଖି ପାରେନା କି ମରଣ ଏମାନଙ୍କୁ ମୁକ୍ତ କରିପାରେନା। ଆବେଗ ଓ ଉଦାରତାରେ ଭରପୂର ଏକ ନିଆରା ଜୀବନ ବଞ୍ଚୁଥିବା ଏଇ ଲୋକମାନେ ଅନ୍ୟମାନଙ୍କ ଆବେଗକୁ ଏମିତି ନିର୍ମମ ଭାବେ ହତ୍ୟା କରିପାରନ୍ତି କିପରି? ନିଜ ସୃଷ୍ଟିରେ ଜୀବନର ଜୟଗାନ କରୁଥିବା ବେଳେ ଅର୍ଥ ପାଇଁ ଜୀବନର ଅପମାନ କରନ୍ତି କାହିଁକି? ଅର୍ଥ ଉପାର୍ଜନ ପାଇଁ ତ ଖୋଲା ପଡିଛି ବେପାର ବଣିଜର ପ୍ରଶସ୍ତ ଇଲାକା। ତେବେ ସେଥିପାଇଁ ସାହିତ୍ୟ ଭଳି ଏକ ଦିବ୍ୟ ଦ୍ରବ୍ୟକୁ ଚୋରା ବଜାରରେ କିଣାବିକା କରିବା ଯେ ସବୁଠୁ ନିକୃଷ୍ଟତମ ମାଧ୍ୟମ, ଏକଥା କଥିତ ସାହିତ୍ୟ ବେପାରୀମାନେ କେବେ ବୁଝିବେ କେଜାଣି??

ପ୍ରଜ୍ଞା ନିଳୟ, ବିଦ୍ୟାପତିନଗର,
ଚକେଇସିହାଣି, ଭୁବନେଶ୍ୱର
ମୋ–୯୭୭୬୭୭୭୧୫୦

# ଦ୍ୱୀପର ଅଧୀଶ୍ୱର

ବ୍ୟକ୍ତିତ୍ୱ



ୱାଭେଲ ରାମକଲୱାନ୍

ବିଶ୍ୱର କୌଣସି ପ୍ରାନ୍ତରେ ଭାରତୀୟ ବଂଶୋଦ୍ଭବ ନିଜ ନାମ ଉଜ୍ଜ୍ୱଳ କଲେ ତାହାର ଅନେକ ଶ୍ରେୟ ଭାରତ ମାଟିକୁ ଆସିଥାଏ। ଏବେ ଦ୍ୱୀପପୁଞ୍ଜର ଦେଶ ସିଚେଲ୍ସର ରାଷ୍ଟ୍ରପତି ହୋଇଛନ୍ତି ୱାଭେଲ ରାମକଲୱାନ୍। ଭାରତ ମହାସାଗର ଭିତରେ ଥିବା ଏହି ଦ୍ୱୀପପୁଞ୍ଜର ଅଧୀଶ୍ୱର ହେବାରେ ସେ ଯେତିକି କୀର୍ତ୍ତିମାନ ସ୍ଥାପନ କରିଛନ୍ତି, ତା'ଠାରୁ ଅଧିକ ରେକର୍ଡ କରିଛନ୍ତି ୧୯୭୭ ମସିହା ପରେ କୌଣସି ବିରୋଧୀ ଦଳ ସେଠାରେ କ୍ଷମତାକୁ ଆସିବାକୁ ନେଇ। ଏହି ରାଷ୍ଟ୍ରର ଇତିହାସ ଦେଖିଲେ ସିଚେଲ୍ସ ୧୯୭୬ ଯାଏ ବ୍ରିଟିଶ ଉପନିବେଶ ଥିଲା। ସ୍ୱାଧୀନତା ପାଇବାର ବର୍ଷକ ପରେ ୧୯୭୭ରେ ଏକ ସାମରିକ ବିଦ୍ରୋହ ଜରିଆରେ ମିଷ୍ଟର ଫୌରେ ରାଷ୍ଟ୍ରର ସର୍ବେସର୍ବା ପାଲଟିଯାଇଥିଲେ। ୧୯୯୩ରେ ଗଣତନ୍ତ୍ର ଆସିବା ପର୍ଯ୍ୟନ୍ତ ସେ କ୍ଷମତା ଉପଭୋଗ କରୁଥିଲେ। ତା' ପରେ ରାମକଲୱାନ୍‌ଙ୍କ ରାଜନୈତିକ ଯାତ୍ରା ଆରମ୍ଭ ହୋଇଥିଲା। ବର୍ତ୍ତମାନ ସେ କ୍ଷମତା ଚୌକିରେ ବସିବାର ସୁଯୋଗ ପାଇଛନ୍ତି। ତାଙ୍କର ପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀ ଡାନି ଫୌରେଙ୍କୁ ପରାସ୍ତ କରି ସେ ଅକ୍ଟୋବର ୨୫ରେ ରାଷ୍ଟ୍ରପତି ନିର୍ବାଚିତ ହୋଇଛନ୍ତି। ଭାରତୀୟ ବଂଶୋଦ୍ଭବ ପୂଜକ ଆଖ୍ୟା ପାଇଥିବା ରାମକଲୱାନ୍ ଦେଶର ସର୍ବୋଚ୍ଚ ପଦବୀରେ ଅଭିଷିକ୍ତ ହେବା ପରେ ତାଙ୍କ ବ୍ୟକ୍ତିତ୍ୱକୁ ନେଇ ଚର୍ଚ୍ଚା ହେବା ସ୍ୱାଭାବିକ।

ରାମକଲୱାନ୍ ୧୫ ମାର୍ଚ୍ଚ ୧୯୬୧ରେ ସିଚେଲ୍ସର ପ୍ରମୁଖ ଦ୍ୱୀପ ମାହେରେ ଜନ୍ମଗ୍ରହଣ କରିଥିଲେ। ମାତାପିତାଙ୍କ ସେ ତୃତୀୟ ସନ୍ତାନ ଥିଲେ। ପିତା ଥିଲେ ଜଣେ ଟିଣ କାରିଗର ଓ ମାତା ଥିଲେ ପ୍ରଧାନ ଶିକ୍ଷୟିତ୍ରୀ। ରାମକଲୱାନ୍‌ଙ୍କ ଜେଜେ ବିହାର ଗୋପାଳଗଞ୍ଜରୁ ସିଚେଲ୍ସ ଯାଇଥିଲେ। ସିଚେଲ୍ସ କଲେଜରେ ରାମକଲୱାନ୍‌ଙ୍କ ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷା ଶେଷ ହୋଇଥିଲା। ଉଲ୍ଲେଖଯୋଗ୍ୟ ଯେ, ଏହି ଶିକ୍ଷାନୁଷ୍ଠାନରେ ଦେଶର ସମ୍ଭ୍ରାନ୍ତ ପିଲାମାନେ ପଢ଼ିଥାଆନ୍ତି। ମରିସସ୍‌ର ସେଣ୍ଟ ପଲ୍ସ ଥିଓଲୋଜିକାଲ କଲେଜରେ ଧାର୍ମିକ ଶିକ୍ଷା ଶେଷ କରିବା ପରେ ୧୯୮୫ରେ ରାମକଲୱାନ୍ ଜଣେ ପୂଜକ ଭାବେ କାର୍ଯ୍ୟ କରିଥିଲେ। ତେବେ ଧର୍ମଶାସ୍ତ୍ର ଉପରେ ଅଧିକ ପଢ଼ିବା ଲାଗି ସେ ବର୍ମିଂହାମ ବିଶ୍ୱବିଦ୍ୟାଳୟ ଯାଇଥିଲେ। ସେଠାରୁ ଫେରିବା ପରେ ରାମକଲୱାନ୍ ଜଣେ ପୋଖତ ଧର୍ମଯାଜକ ପାଲଟିଯାଇଥିଲେ। ସମାଜର ବିଭିନ୍ନ ବର୍ଗର ଲୋକଙ୍କ ସହ ମିଶିବା ବେଳେ ସେ ସରକାରଙ୍କ ଦ୍ୱାରା ନିର୍ଯାତିତ ହେଉଥିବା ନାଗରିକଙ୍କ ଦୁର୍ଦ୍ଦଶା ଦେଖିଥିଲେ। ମାନବ ଅଧିକାର ଉଲ୍ଲଂଘନ ହେଉଥିବା ସେ ଜାଣିବା ପରେ ରାଜନୀତିରେ ପ୍ରବେଶ କରିଥିଲେ। ୧୯୯୩ରେ ଦେଶରେ ନୂଆ ସମ୍ବିଧାନ ଆସିଥିଲା। ସେହିବର୍ଷ ସାଧାରଣ ନିର୍ବାଚନ ମଧ୍ୟ ହୋଇଥିଲା। ସେଥିରେ ରାମକଲୱାନ୍‌ଙ୍କ ଦଳ ଅନ୍ୟ ପାର୍ଟି ସହ ମିଶି ନିର୍ବାଚନ ଲଢ଼ିଥିଲା। ମିଳିତ ପାର୍ଟି ମାତ୍ର ୯ ପ୍ରତିଶତ ଭୋଟ ପାଇଥିଲା। ତଥାପି ସେତିକି ଲୋକ ସମର୍ଥନରେ ରାମକଲୱାନ୍‌ଙ୍କୁ ନ୍ୟାଶନାଲ ଆସେମ୍ବ୍ଲିକୁ ଯିବାରେ ସୁଯୋଗ ମିଳିଥିଲା। ୧୯୯୮ରେ ତାଙ୍କ ପାର୍ଟି ୨୭ ପ୍ରତିଶତ ଭୋଟ ପାଇ ନ୍ୟାଶନାଲ ଆସେମ୍ବ୍ଲିରେ ନିଜର ଆଖିଦୃଶିଆ ସିଟ୍ ପାଇପାରିଥିଲା। ହେଲେ ୨୦୦୬ ଓ ୨୦୧୧ରେ ସେ ଜେମ୍ସ ମାଇକେଲଙ୍କଠାରୁ ରାଷ୍ଟ୍ରପତି ନିର୍ବାଚନରେ ହାରି ଯାଇଥିଲେ। ୨୦୧୫ରେ ସିଚେଲ୍ସରେ ପ୍ରଥମ ରନ୍‌ଅଫ୍ ଇଲେକ୍‌ଶନ ହୋଇଥିଲା। ସେଥିରେ ମଧ୍ୟ ରାମକଲୱାନ୍ ପଛରେ ପଡ଼ିଯାଇଥିଲେ। ଦୁଇଥର ବିରୋଧୀ ଦଳ ନେତା ହୋଇଥିଲେ ହେଁ ଶାସନ ଗାଦିରେ ବସିବା ଲାଗି ତାଙ୍କୁ ଅନେକ ସଂଘର୍ଷ କରିବାକୁ ପଡ଼ିଥିଲା। ତଥାପି ନିରାଶ ହୋଇ ନ ଥିଲେ। ୨୦୨୦ରେ ସେ ରାଷ୍ଟ୍ରପତି ଥିବା ଡାନି ଫୌରେଙ୍କୁ ଗାଦିଚ୍ୟୁତ କରିବାରେ ସକ୍ଷମ ହୋଇଛନ୍ତି।

ରାମକଲୱାନ୍ ଭାରତକୁ ଏକ ବନ୍ଧୁ ରାଷ୍ଟ୍ର ଭାବେ ଦେଖିଥାଆନ୍ତି। ଭାରତ ମହାସାଗରରେ ଜଳଦସ୍ୟୁଙ୍କ ଉତ୍ପାତ, ଡ୍ରଗ୍ସ କାରବାର ଓ ଶିକାର ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଥାଏ। ୨୦୧୮ରେ ସିଚେଲ୍ସର ଆସମ୍ପଶନ ଦ୍ୱୀପର ଏକ ଅଂଶରେ ଭାରତ ସହ ମିଶି ସିଚେଲ୍ସ ମିଳିତ ସମରାଭ୍ୟାସ କରିବା ଲାଗି ରାଜି ହୋଇଥିଲା। ହେଲେ ଭାରତ ଓ ଚାଇନା ମଧ୍ୟରେ ବିବାଦ ଲାଗି ରହିଥିବାରୁ ସିଚେଲ୍ସବାସୀ ଏହାର ପ୍ରତିବାଦ କରିଥିଲେ। ତଥାପି ସିଚେଲ୍ସକୁ ଭାରତ ଡୋର୍ନିୟର ଡିଓ–୨୨୮ ଏୟାରକ୍ରାଫ୍ଟ ଦେବାକୁ ରାଜି ହୋଇଛି। ହୁଏତ ଆଗକୁ ରାମକଲୱାନ୍‌ଙ୍କ ନେତୃତ୍ୱରେ ପାର୍ଲାମେଣ୍ଟରେ ସଂଖ୍ୟାଗରିଷ୍ଠତା ହାସଲ କରିଥିବା ଲିନ୍‌ୟୋନ ଡେମୋକ୍ରାଟିକ୍ ସେସେଲ୍‌ୱା (ଏଲ୍‌ଡିଏସ୍) ଦୁଇ ଦେଶ ମଧ୍ୟରେ ଉତ୍ତମ ସମ୍ପର୍କ ସ୍ଥାପନ କରିବାକୁ ବାଟ ଦେଖାଇବ ବୋଲି ଭାରତୀୟ ଆଶା ରଖିବେ।

–ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ମଧ୍ୟପ୍ରଦେଶର ଖପରଖେଦା ଗାଁର ମହିଳା ଚାଷୀ ଲକ୍ଷ୍ମୀ ପରଟେ ନିଜେ ଚାଷ କରିବା ସହ ୬ଟି ଗାଁର ଚାଷୀମାନଙ୍କୁ ଜୈବିକ ପଦ୍ଧତିରେ ଚାଷ କରିବାକୁ ପ୍ରୋତ୍ସାହିତ କରିପାରିଛନ୍ତି। ଲକ୍ଷ୍ମୀ ୨୦୧୬ର ଶେଷ ଭାଗରେ ଚାଷ ଆରମ୍ଭ କରିଥିଲେ। ସେ କେବଳ ଟମାଟୋ ଚାଷ କରି ପ୍ରଚୁର ଉତ୍ପାଦନ କରୁଛନ୍ତି। ସେ ଏଥିରେ କୌଣସି ରାସାୟନିକ ସାର, କୀଟନାଶକ ପ୍ରୟୋଗ କରୁନାହାନ୍ତି। ଲକ୍ଷ୍ମୀଙ୍କ ସହଯୋଗରେ ଏବେ ୬ଟି ଗାଁର ଚାଷୀମାନେ ୧୨୫ ଏକର ଜମିରେ ଜୈବିକ ପଦ୍ଧତିରେ ଟମାଟୋ ଚାଷ କରୁଛନ୍ତି। ୧ ଏକରରେ ଯେତିକି ଟମାଟୋ ଫଳିବା କଥା ତା'ଠାରୁ ୩୦ % ଅଧିକ ଫଳାଉଛନ୍ତି। ଏହି ଟମାଟୋ ବେଶିଦିନ ରହିପାରୁଛି, ବଜାରରେ ଏହାର ଚାହିଦା ବି ଅଧିକ। ଲକ୍ଷ୍ମୀ ଶସ୍ୟବର୍ଜ୍ୟରୁ ଖତ ପ୍ରସ୍ତୁତ କରି ପ୍ରୟୋଗ କରିବା ସହ ଅନ୍ୟ ଚାଷୀମାନଙ୍କୁ ମଧ୍ୟ ତାହା ଉପଯୋଗ କରିବାରେ ସାହାଯ୍ୟ କରୁଛନ୍ତି। ଚାଷ ଲାଗି ଜୈବିକ ଖତ ପ୍ରସ୍ତୁତ କରିବା ଓ ବିଭିନ୍ନ ଗଛପତ୍ର ମିଶ୍ରଣରେ ଜୈବିକ କୀଟନାଶକ ତିଆରି କରିବାର ଉପାୟ ସମ୍ପର୍କରେ ମହିଳାମାନଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧ ନଭେମ୍ବର ୧୯୯୫

- ତାଇୱାନର ଦକ୍ଷିଣାଞ୍ଚଳ ସହର ଚିୟାଇଠାରେ ଏକ ୧୪ ମହଲା କୋଠାରେ ଅଗ୍ନିକାଣ୍ଡ ଘଟିବା ଫଳରେ ୧୨ ମୃତ।
- ପୂର୍ବତନ ଟେଷ୍ଟ ତାରକା ସୟଦ ମୁସ୍ତାକ ଅଲୀ ପ୍ରଥମ ବ୍ୟକ୍ତି ଭାବେ କର୍ଣ୍ଣେଲ ସି.କେ.ନାଇଡୁ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ।
- ବିଶ୍ୱର ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ୍ ଭାବେ ଜଣାଶୁଣା ସଚିନ ତେନ୍ଦୁଲକର ଏବଂ ଆମେରିକାର ୱାର୍ଲ୍ଡ ଟେଲ ଟିଭି ସଂସ୍ଥା ମଧ୍ୟରେ ଏକ ନୂତନ ଚୁକ୍ତି ସ୍ୱାକ୍ଷରିତ।

## ପାଠକ ଶ୍ରେଷ୍ଠ ବିଚାରକ

### ସମସ୍ୟାରେ ଲିଙ୍ଗିପୁର ହାଉସିଂ କଲୋନୀ

ମହାଶୟ,

ଲିଙ୍ଗିପୁର ପଞ୍ଚାୟତ ୱାର୍ଡ ନଂ–୪, ୩ ଏବଂ ୨ ଅନ୍ତର୍ଗତ ହାଉସିଂ କର୍ପୋରେସନ କଲୋନୀରେ ମୌଳିକ ଆବଶ୍ୟକତା ପହଞ୍ଚି ପାରିନାହିଁ। ଉକ୍ତ ଅଞ୍ଚଳରେ ସ୍ଥାୟୀ ପାଇପ ଯୋଗେ ପାନୀୟ ଜଳ ବ୍ୟବସ୍ଥା ନାହିଁ। ସ୍ୱେରେଜ ଲାଇନ୍ ଥିଲେ ମଧ୍ୟ ତାହା କାର୍ଯ୍ୟକ୍ଷମ ଅବସ୍ଥାରେ ନାହିଁ। ଏହି କଲୋନୀକୁ ବିଏମ୍‌ସି ଅଧୀନରେ ରଖିବା ପାଇଁ ପଦକ୍ଷେପ ନିଆଯିବାର ଆବଶ୍ୟକତା ରହିଛି। ସୂଚନାଯୋଗ୍ୟ କଲୋନୀସ୍ଥ ପାର୍କ ୧୯୮୯ ଜାନୁୟାରୀ ୨୬ ତାରିଖରେ ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ଏହି କଲୋନୀ ବିଡିଏ ଟାଉନ୍ ପ୍ଲାନିଂ ଏରିଆ ଅଧୀନରେ ଆସୁଛି ଏବଂ ବିଏମ୍‌ସି ୱାର୍ଡ ନଂ ୫୯ର ନିକଟବର୍ତ୍ତୀ। ଓଡ଼ିଶା କୋ–ହାଉସିଂ କର୍ପୋରେସନର ଏହି ପ୍ରକଳ୍ପକୁ ବିଡିଏ ୧୯୯୧ ମସିହାରେ ଅନୁମୋଦନ କରିଥିଲା।

–କମ୍ବଳାକାନ୍ତ ସେନାପତି, ନାଗେଶ୍ୱର ଟାଙ୍ଗୀ

### ପରିବା ଦର ଆକାଶଛୁଆଁ

ଜନସାଧାରଣଙ୍କ ପାଇଁ ନିତ୍ୟବ୍ୟବହାର୍ଯ୍ୟ ପନିପରିବା ଦର ଆକାଶଛୁଆଁ ହେଲାଣି। ବାଇଗଣ, ଭେଣ୍ଡି, ସାରୁ, ପୋଟଳ, କଲରା, ବିଲାତି, କଖାରୁ, ବୋଇତି ଆଳୁ, ବିନ୍, ଝୁଡଙ୍ଗ, ଫୁଲକୋବି ଏବଂ ଜହ୍ନି ଚଳିଶ ଟଙ୍କା ଉପରେ ରହିଛି। ଏପରି ମୂଲ୍ୟବୃଦ୍ଧି ଉପରେ ସରକାରଙ୍କ ନିୟନ୍ତ୍ରଣ ରହୁନାହିଁ। ଖାଉଟି ହନ୍ତସନ୍ତ ହେଉଛନ୍ତି।

–ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

## ଚିରନ୍ତନୀ

ସିନ୍ଧୁ ବ୍ୟବଧାନ କାଟି
ମିଳନର ଛନ୍ଦେ ମାତି
ନିଭିଯିବ କେବେ ସତେ
ଜୀବନେ ଜୀବନ
କେଉଁ ଦିନ ହୋଇବ ମିଳନ। –(ବ୍ୟବଧାନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସୁକୁମାରେ ଓଡ଼ିଆ ଯବାନଙ୍କ ଆତ୍ମହତ୍ୟା

**ବ୍ରଜରାଜନଗର,(ଡି.ଏନ.ଏ.):** ଛତିଶଗଡ଼ର ମାଓବାଦୀ ଅଧ୍ୟୁଷିତ ସୁକୁମାରେ ମୁତୟନ ଓଡ଼ିଆ ଯବାନ ନିଜ ସର୍ଭିସ ରାଇଫଲରୁ ଗୁଳି ଚଳାଇ ଆତ୍ମହତ୍ୟା କରିଛନ୍ତି। ତାଙ୍କ ନାମ କମଳାକାନ୍ତ ରୋହିଦାସ(୨୮)। ଘର ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଅନ୍ତର୍ଗତ ସାଇବିହାର। ସେ ୨୦୧୭ରେ ସିଆରପିଏଫ୍‌ର ୨୨୩ ବାଟାଲିୟନରେ ଯୋଗଦେଇଥିଲେ। ଶୁକ୍ରବାର ବିଳମ୍ବିତ ରାତିରେ କମଳକାନ୍ତ ହଠାତ୍ ମାନସିକ ଭାରସାମ୍ୟ ହରାଇ ଏପରି ପଦକ୍ଷେପ ନେଇଥିବା ଜଣାପଡିଛି। ତେବେ କେଉଁ କାରଣରୁ ସେ ଆତ୍ମହତ୍ୟା କଲେ ତାହା ସ୍ପଷ୍ଟ ହୋଇନାହିଁ।

## ସଂକ୍ଷେପରେ

### ୨ ରେଲୱେ ଅଧିକାରୀ ବହିଷ୍କୃତ ସମଲେଶ୍ୱରୀ ଏକ୍ସପ୍ରେସ୍ ଦୁର୍ଘଟଣା ମାମଲା

**ରାୟଗଡ଼ା ଅଫିସ,୩୧।୧୦:** ରାୟଗଡ଼ା ଜିଲାରେ ୨୦୧୯ ଜୁନ୍ ୨୫ରେ ଘଟିଥିବା ହାଓଡା-ଜଗଦଳପୁର ସମଲେଶ୍ୱରୀ ଏକ୍ସପ୍ରେସ୍ ଟ୍ରେନ୍ ଇଞ୍ଜିନ ଦୁର୍ଘଟଣା ମାମଲାରେ ପୂର୍ବତଟ ରେଳପଥ ପକ୍ଷରୁ ଜିଲାର ୨ ଜଣଙ୍କୁ ଚାକିରିରୁ ବହିଷ୍କାର କରାଯାଇଛି। ଦୁହେଁ ହେଲେ ରାୟଗଡ଼ା ଜିଲା କେଉଟଗୁଡ଼ା ଷ୍ଟେଶନ ପରିଚାଳକ ସଞ୍ଜୟ ଟପୋ ଏବଂ କ୍ୟାବିନ୍ ପରିଚାଳକ ଜେ. ପ୍ରକାଶ। ସେହିପରି ସିଗ୍‌ନାଲ ଇଏସ୍ଏମ୍ ଟେକ୍ନିସିଆନ ଈଶ୍ୱର ରାଓଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଥିବାବେଳେ ସିଙ୍ଗାପୁର ରୋଡ୍ ଷ୍ଟେଶନ ପରିଚାଳକ ଭୁବୁନି ପ୍ରଧାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଛି। ସୂଚନାଯୋଗ୍ୟ, ରେଲୱେର ଏକ ମେଣ୍ଟେନାନ୍ସ ଟାୱାର କାର୍ କାର୍ଯ୍ୟରେ ନିୟୋଜିତ ଥିବା ସମୟରେ ସିଙ୍ଗାପୁର ରୋଡ୍-କେଉଟଗୁଡ଼ା ରେଳ ଷ୍ଟେଶନ ମଧ୍ୟବର୍ତ୍ତୀ ସ୍ଥାନରେ ସମଲେଶ୍ୱରୀ ଏକ୍ସପ୍ରେସ୍‌ର ଇଞ୍ଜିନ କାର୍‌କୁ ଧକ୍କା ଦେଇଥିଲା। ଏହାଦ୍ୱାରା ଟ୍ରେନ୍ ଇଞ୍ଜିନରେ ନିଆଁ ଲାଗିବା ସହ ଏହା ଲାଇନଚ୍ୟୁତ ହୋଇଥିଲା। ଏହି ଦୁର୍ଘଟଣାରେ ମେଣ୍ଟେନାନ୍ସ କାର୍‌ରେ ଥିବା ୩ ରେଲୱେ କର୍ମଚାରୀଙ୍କ ମୃତ୍ୟୁ ଘଟିଥିଲା।

### ନନ୍ଦନକାନନରେ ନୀଳଗାଈ ମୃତ

**ବାରଙ୍ଗ,୩୧।୧୦(ଡି.ଏନ୍.ଏ.):** ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ଶନିବାର ସକାଳେ ଏକ ମାଈ ନୀଳଗାଈର ମୃତ୍ୟୁ ଘଟିଛି। ୬୯ନଂ ଏନକ୍ଲୋଜରରେ ରହୁଥିବା ଏହି ନୀଳ ଗାଈଟିର କିଛିଦିନ ହେବ ଅସୁସ୍ଥ ହୋଇପଡୁଥିବାରୁ ଠିକ୍ ଭାବେ ଚଲାବୁଲା କରିପାରୁ ନ ଥିବା କର୍ମଚାରୀମାନେ ଦେଖିଥିଲେ। ପରେ ତାକୁ ନନ୍ଦନକାନନ ଡାକ୍ତରଖାନାରେ ରଖି ଚିକିତ୍ସା କରାଯାଉଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ମୃତ୍ୟୁବରଣ କରିଥିଲା। ପରେ ତା'ର ମୃତଦେହ ବ୍ୟବଚ୍ଛେଦ କରିବାରୁ ଯକୃତରେ ଟ୍ୟୁମର ଥିବାରୁ ମୃତ୍ୟୁ ହୋଇଥିଲା ବୋଲି ନନ୍ଦନକାନନ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଏହି ନୀଳଗାଈର ମୃତ୍ୟୁପରେ ସଂଖ୍ୟା ହ୍ରାସ ପାଇ ୧୬ରେ ପହଞ୍ଚିଛି। ସେଥିମଧ୍ୟରେ ୩ ଅଣ୍ଡିରା,୧୧ମାଈ,୨ଜଣଙ୍କର ଲିଙ୍ଗ ନିରୂପଣ ହୋଇପାରି ନାହିଁ।

### ଶୀତ ଅଧିବେଶନ ପରେ ଇ-ବିଧାନସଭା

**ଭୁବନେଶ୍ୱର,୩୧।୧୦(ବ୍ୟୁରୋ):** ଆସନ୍ତା ଶୀତ ଅଧିବେଶନ ପରେ ହିମାଚଳ ପ୍ରଦେଶ ଢାଞ୍ଚାରେ ଓଡ଼ିଶା ବିଧାନସଭାକୁ ଇ-ବିଧାନସଭାରେ ପରିଣତ କରାଯିବ। ଓଡ଼ିଶାର ଏକ ପ୍ରତିନିଧି ମଣ୍ଡଳୀ ଗତବର୍ଷ ହିମାଚଳପ୍ରଦେଶ ଗସ୍ତ କରି ସେଠାକାର ଇ-ଭିତ୍ତିଭୂମିର ଅନୁଧାନ କରିଛନ୍ତି। ଓଡ଼ିଶା ବିଧାନସଭାକୁ ଇ-ବିଧାନସଭାରେ ପରିଣତ କରିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର କହିଛନ୍ତି। ନ୍ୟାଶନାଲ ଇ-ବିଧାନସଭା ଆପ୍ଲିକେଶନ(ଏନ୍ଇଭିଏ)ଓଡ଼ିଶା ବିଧାନସଭାରେ କାର୍ଯ୍ୟକାରୀ କରାଯିବ। ଇ-ବିଧାନସଭା ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ବିଧାନସଭାର ସମସ୍ତ କାର୍ଯ୍ୟ ୱାଇଫାଇ ଜରିଆରେ ହେବ। ଇତିମଧ୍ୟରେ ଭିଡିଓ କନ୍‌ଫରେନ୍ସ ସୁବିଧା କାର୍ଯ୍ୟ ଶେଷ କରାଯାଇଛି। ଏଥିପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ପକ୍ଷରୁ ୬୦:୪୦ ଅନୁପାତରେ ଅର୍ଥ ମଞ୍ଜୁର କରାଯାଇଛି। କେନ୍ଦ୍ର ସରକାର ଏଥିପାଇଁ ପ୍ରଥମ କିସ୍ତି ପଠାଇ ଦେଇଛନ୍ତି ବୋଲି ପାତ୍ର କହିଛନ୍ତି। ଇତିମଧ୍ୟରେ ବିଧାୟକମାନଙ୍କୁ ଆଇପ୍ୟାଡ ଓ ଲାପଟପ ଯୋଗାଇ ଦିଆଯାଇଛି। ବିଧାନସଭାର ୪୪୬ କର୍ମଚାରୀଙ୍କ ପାଇଁ ଏହାକୁ କମ୍ପ୍ୟୁଟରୀକରଣ କରାଯାଇଛି। ସମସ୍ତ ଭିତ୍ତିଭୂମି କାର୍ଯ୍ୟ ଶେଷ ହେବା ପରେ କର୍ମଚାରୀମାନଙ୍କୁ ତାଲିମ ପ୍ରଦାନ କରାଯିବ ବୋଲି ବାଚସ୍ପତି କହିଛନ୍ତି।

# ଅଲିଭ୍ ରିଡ୍‌ଲେଙ୍କ ସୁରକ୍ଷା ଚିନ୍ତା

**କେନ୍ଦ୍ରାପଡ଼ା ଅଫିସ, ୩୧।୧୦**

■ ଆଜିଠାରୁ ସାମୁଦ୍ରିକ କଟକଣା
■ ବନ ବିଭାଗର ସ୍ପିଡ୍ ବୋଟ୍, ସାମୁଦ୍ରିକ ଥାନାରେ କର୍ମଚାରୀ ଅଭାବ
■ ତଟକ୍ଷୟ ମଧ୍ୟ ସମସ୍ୟା ସୃଷ୍ଟି କରିବ

ବିରଳ ଅଲିଭ୍ ରିଡ୍‌ଲେ କଇଁଛ ସୁରକ୍ଷା ପାଇଁ ବିଶ୍ୱ ପ୍ରସିଦ୍ଧ ଗହୀରମଥା ସାମୁଦ୍ରିକ ଅଞ୍ଚଳରେ ନଭେମ୍ବର ୧ ରବିବାରଠାରୁ କଟକଣା ଆରମ୍ଭ ହେଉଛି। ଏହି କଟକଣା ଆଗାମୀ ୭ ମାସ ଅର୍ଥାତ୍ ମେ ୩୧ ପର୍ଯ୍ୟନ୍ତ ବଳବତ୍ତର ରହିବ। ଏହି ସମୟରେ ସମୁଦ୍ର ତଟାଞ୍ଚଳରୁ ୨୦ କିଲୋମିଟର ଦୂର ପର୍ଯ୍ୟନ୍ତ ମାଛଧରା ବନ୍ଦ ସହିତ ଅନ୍ୟ କେତେକ କଟକଣା କାର୍ଯ୍ୟକାରୀ ହେବ। ଏ ନେଇ ବନ ବିଭାଗ ପ୍ରସ୍ତୁତ ଥିବା ପ୍ରକାଶ କରିଥିଲେ ମଧ୍ୟ ଭାରତୀୟ ବନ୍ୟପ୍ରାଣୀ ସୁରକ୍ଷା ଅଧିନିୟମ ୧୯୭୨ ସିଡ୍ୟୁଲ ୧ରେ ଥିବା ଏହି ଜୀବର ସୁରକ୍ଷାକୁ ନେଇ ପରିବେଶବିତ୍ ଓ ବୁଦ୍ଧିଜୀବୀମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ବନ ବିଭାଗର ସ୍ପିଡ୍ ବୋଟ୍ ଅଚଳ, ସାମୁଦ୍ରିକ ଥାନାରେ କର୍ମଚାରୀଙ୍କ ଅଭାବ, ସମୁଦ୍ର ତଟରକ୍ଷା ବାହିନୀ ସହିତ ଭାବ ବିନିମୟରେ ଅଭାବ ଆଦି ବେଆଇନ ପ୍ରବେଶକୁ ସୁଯୋଗ ଦେବ। ସେହିପରି ତଟକ୍ଷୟ ଯୋଗୁ ପ୍ରଜନନ ସ୍ଥଳ କମିବା, ନିକଟସ୍ଥ ହୁଇଲର ଦ୍ୱୀପରୁ ବାରମ୍ବାର କ୍ଷେପଣାସ୍ତ୍ର ପରୀକ୍ଷଣ ହେବା ଅଲିଭ୍ ରିଡ୍‌ଲେଙ୍କ ପ୍ରଜନନକୁ ପ୍ରଭାବିତ କରିବ ବୋଲି ସେମାନେ ଆଶଙ୍କା ପ୍ରକଟ କରିଛନ୍ତି।

ବୁଦ୍ଧିଜୀବୀ ଗଣେଶ ଚନ୍ଦ୍ର ସାମଲ, ଜଗନ୍ନାଥ ଦାସ, ଦୋଳଗୋବିନ୍ଦ ଜେନା, ପରିବେଶବିତ୍ ହେମନ୍ତ କୁମାର ରାଉତ, ଅଶୋକ କୁମାର ସ୍ୱାଇଁ ପ୍ରମୁଖ କହିଛନ୍ତି,



ଗହୀରମଥାରେ ଅଲିଭ୍ ରିଡ୍‌ଲେ ଶାବକ। (ଫାଇଲ ଫଟୋ)

ପ୍ରତିବର୍ଷ ୪ରୁ ୫ ଲକ୍ଷ ପର୍ଯ୍ୟନ୍ତ ଅଲିଭ୍ ରିଡ୍‌ଲେ ଏହି ଅଞ୍ଚଳକୁ ପ୍ରଜନନ ସ୍ଥଳ ଭାବେ ବାଛିବା ପ୍ରକୃତିପ୍ରେମୀଙ୍କୁ ଆଶ୍ଚର୍ଯ୍ୟ କରିଛି। ତେବେ ୧୪୩୫ ବର୍ଗ କିଲୋମିଟରର ଏହି କଇଁଛଙ୍କ ଅନୁଡିଶାଳ ବିଭିନ୍ନ କାରଣରୁ ଦୁର୍ବଳ ହେଉଥିବା ଆଇୟୁସିଏନର ରେଡ୍ ଡାଟାବୁକରେ ଉଲ୍ଲେଖ ହେଉଛି। ୧ ହଜାର ଶାବକଙ୍କ ମଧ୍ୟରୁ ମାତ୍ର ଗୋଟିଏ ପୂର୍ଣ୍ଣ ବୟସ୍କ ହେଉଥିବା ଆଇୟୁସିଏନ ଦର୍ଶାଇଥିବା ବେଳେ କଇଁଛ ମୃତ୍ୟୁକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ରାଜ୍ୟ ସରକାରଙ୍କ ବନ ଓ ପରିବେଶ ବିଭାଗ ୧୯୯୭ ସେପ୍ଟେମ୍ବର ୨୭ରେ ଗହୀରମଥାର ଏହି ସାମୁଦ୍ରିକ ଅଞ୍ଚଳକୁ ଜାତୀୟ ଉଦ୍ୟାନ ଭିତରକନିକା ମଧ୍ୟରୁ ଅଲଗା କରି ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରିଛନ୍ତି। ଗହୀରମଥା ସାମୁଦ୍ରିକ ଅଞ୍ଚଳ ୧୪୩୫ ବର୍ଗ କିଲୋମିଟର ମଧ୍ୟରୁ ମାତ୍ର ୨୭ ବର୍ଗ କିଲୋମିଟର ସ୍ଥଳଭାଗ। ତେବେ ଏହି ସ୍ଥଳଭାଗ ସାମୁଦ୍ରିକ ତଟକ୍ଷୟର ଶିକାର ହେଉଛି। ବିଗତ ବର୍ଷଗୁଡିକରେ ନାଶୀ ୧ ଓ ୨, ବାବୁବାଲି, ଏକକୁଳା ଆଦି ସ୍ଥାନର ଆକାର କମିଛି। ପ୍ରଜନନ ସ୍ଥାନ ଅପେକ୍ଷା କଇଁଛଙ୍କ ଅକାଳ ମୃତ୍ୟୁ ଏବେ ସମସ୍ୟା ହୋଇଛି। ଏହି ନିଷିଦ୍ଧାଞ୍ଚଳରେ ବହୁ ସମୟରେ ବେଆଇନ ମାଛଧରା ସେମାନଙ୍କ ଜୀବନ ପ୍ରତି ବିପଦ ସାଜିଛି। ବେଆଇନ ଭାବେ ପ୍ରବେଶ କରୁଥିବା ଟ୍ରଲର ଧରିବା ପାଇଁ ବନ ବିଭାଗ ନିକଟରେ ଉପଯୁକ୍ତ ଇଞ୍ଜିନ ବିଶିଷ୍ଟ ବୋଟ୍ ନାହିଁ। ଜିଲାରେ ତନ୍ତିଆପାଳ, ଖରିନାସୀ ଓ ଜମ୍ବୁ ସାମୁଦ୍ରିକ ଥାନା ଥିଲେ ମଧ୍ୟ କର୍ମଚାରୀଙ୍କ ଅଭାବ ରହିଛି। ସେହିପରି ତଟ ସୁରକ୍ଷା ବାହିନୀ ସହିତ ସମ୍ପର୍କ ରଖିବାରେ ବହୁ ସମୟରେ ବନ ବିଭାଗ ବିଫଳ ହେଉଛି।

ରାଜ୍ୟ ସରକାର ଅଲିଭ୍ ରିଡ୍‌ଲେଙ୍କ ସୁରକ୍ଷା ପାଇଁ ବିଭିନ୍ନ ଯୋଜନା କରିଛନ୍ତି। ପ୍ରଚାର ପ୍ରସାର ପାଇଁ ଏହି ଜୀବକୁ ମାସ୍କଟ ଭାବେ ବ୍ୟବହାର କରୁଥିବା ବେଳେ ଇକୋ ଟୁରିଜିମ ପାଇଁ ବ୍ୟବସ୍ଥା କରିଛନ୍ତି। ତେବେ ଏହା ଗହୀରମଥାରେ କାର୍ଯ୍ୟକାରୀ ହେଉ ନ ଥିବା ନେଇ ସେମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଡିଏଫ୍‌ଓ ବିକାଶ ରଞ୍ଜନ ଦାଶ କହିଛନ୍ତି, ବିରଳ ଅଲିଭ୍ ରିଡ୍‌ଲେଙ୍କ ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ହୋଇଛି। ଏକକୁଳା ସମୁଦ୍ରରେ ଏକ କ୍ୟାମ୍ପ ଅନବରତ ରହିବାକୁ ଥିବାବେଳେ ବାବୁବାଲି ଓ ଅଗରନାଶୀରେ କ୍ୟାମ୍ପ କରାଯାଇଛି। ଗତ କଟକଣା ସମୟରେ ସମୁଦ୍ର ମଧ୍ୟକୁ ବେଆଇନ ପ୍ରବେଶ କରିଥିବା ୭୦ ବୋଟ୍ ଓ ଟ୍ରଲର ଜବତ କରାଯାଇଥିବା ବେଳେ ୪୫୦ରୁ ଅଧିକ ଲୋକଙ୍କ ନାମରେ ମାମଲା ରୁଜୁ ହୋଇଛି। ଆସନ୍ତା ଦିନରେ କଟକଣାକୁ କଡାକଡି କରାଯିବ।

# ମହାନଦୀରୁ ବିରଳ ମାଛ ଉଦ୍ଧାର

**ସୋନପୁର,୩୧।୧୦(ନି.ପ୍ର.)**

ସୁବର୍ଣ୍ଣପୁର ସହର ନିକଟ ଦେଇ ପ୍ରବାହିତ ମହାନଦୀର ତେନ୍ତୁଳିଘାଟସ୍ଥିତ ଲଙ୍କେଶ୍ୱରୀ ଗଣ୍ଡ ନିକଟରୁ ମତ୍ସ୍ୟଜୀବୀମାନେ ଶୁକ୍ରବାର ସନ୍ଧ୍ୟାରେ ଏକ ବିରଳ ମାଛ ଉଦ୍ଧାର କରିଛନ୍ତି। ଏହାର ଓଜନ ପ୍ରାୟ ୧ କେ.ଜି ହେବ। ଦେଶୀ ଡଙ୍ଗାରେ ସୋନପୁର ସହର କେଉଟ ପଡାର ମତ୍ସ୍ୟଜୀବୀ ବୈଦ୍ୟନାଥ ସାହୁ, ଦୁବେଇ ବେହେରା, ବଳରାମ ମଲ୍ଲିକ ଓ ଉଦ୍ଧବ ମହାଲିକ ଜାଲ ପକାଇ ମାଛ ଧରୁଥିବା ବେଳେ ଏହି ମାଛଟି ଜାଲରେ ପଡିଥିଲା। ତେବେ ମତ୍ସ୍ୟଜୀବୀମାନେ ପୂର୍ବରୁ କେଉଁଠି ଏ ପ୍ରକାର ମାଛ ଦେଖି ନ ଥିବାରୁ ପ୍ରଥମେ ବିଷାକ୍ତ ମାଛ ବୋଲି ଭାବି ଭୟଭୀତ ହୋଇପଡିଥିଲେ। ପରେ ଏହି ଜୀବନ୍ତ ମାଛକୁ ପଡାକୁ ଆଣି ବୟସ୍କଙ୍କୁ ଦେଖାଇଥିଲେ। ମାତ୍ର ବୟସ୍କ ମତ୍ସ୍ୟଜୀବୀମାନେ ଏଭଳି ମାଛ କେବେ ଦେଖି ନ ଥିବା କହିଥିଲେ। ମାଛକୁ ଦେଖିବା ପାଇଁ ପଡାରେ ଭିଡ ଜମିଥିଲା। ସମସ୍ତଙ୍କ ନିଷ୍ପତ୍ତି ପରେ ମତ୍ସ୍ୟଜୀବୀମାନେ ଉକ୍ତ ମାଛକୁ ଜୀବନ୍ତ ଅବସ୍ଥାରେ ମହାନଦୀରେ ଛାଡି ଦେଇଛନ୍ତି। ମାଛ ଦେହରେ ଝୋଟି ଚିତା ପରି ଚିତ୍ରିତ ଚିହ୍ନ ରହିଛି। ତଳ ପଟେ ମୁହଁ ଅଛି। ସେହିପରି



ମତ୍ସ୍ୟଜୀବୀଙ୍କ ଦ୍ୱାରା ଉଦ୍ଧାର ହୋଇଥିବା ବିରଳ ପ୍ରଜାତିର ମାଛ।

ପିଠି ଓ ପେଟରେ ଦନ୍ତୁରିତ କଣ୍ଟା ରହିଛି। ସ୍ଥାନୀୟ ମତ୍ସ୍ୟଜୀବୀ ବଣ୍ଠା ନାଏକ(୭୫) କୁହନ୍ତି,ଜୀବନକାଳ ମଧ୍ୟରେ ଆମେ ଏଭଳି ମାଛ କେବେ ଦେଖିନୁ। ଏହି ବିରଳ ମାଛଟି ମହାନଦୀର ସାତକୋଶିଆ ଗଣ୍ଡରୁ ଉପରକୁ ଉଠି ଆସି ଥାଇପାରେ। ଏ ସମ୍ପର୍କରେ ସୁବର୍ଣ୍ଣପୁର ଜିଲା ମତ୍ସ୍ୟ ଅଧିକାରୀ ଗଜେନ୍ଦ୍ର ପ୍ରଧାନଙ୍କୁ ପଚାରିବାରୁ ଏହି ମାଛ କ୍ୟାଟ୍ ଫିଶ ପ୍ରଜାତିର। ମାଛର ନାମ ସକର ମାଉଥ୍ କ୍ୟାଟ୍ ଫିଶ। ଏହାର ବୈଜ୍ଞାନିକ ନାମ ହାଇପୋଷ୍ଟୋମସ ପ୍ଲୋକୋଷ୍ଟୋମସ ବୋଲି କହିଛନ୍ତି।



ପୁରୀ ଶ୍ରୀମନ୍ଦିର ଉତ୍ତର ଦ୍ୱାର ସମ୍ମୁଖରେ ମହାପ୍ରସାଦ ବିକ୍ରି ଲାଗି ପ୍ରସ୍ତୁତ ହୋଇଥିବା ସେଡ୍।

# ମହାପ୍ରସାଦ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା

**ପୁରୀ ଅଫିସ,୩୧।୧୦**

## ଆଜିଠୁ କାର୍ତ୍ତିକ ବ୍ରତ

ରବିବାରଠାରୁ କାର୍ତ୍ତିକ ମାସ ଆରମ୍ଭ ହେଉଛି। ପ୍ରତିବର୍ଷ କାର୍ତ୍ତିକ ମାସରେ ବହୁ ସଂଖ୍ୟାରେ ହବିଷିଆଳି ପୁରୀ ଆସି ମାସାଧିକ କାଳ ରହି କାର୍ତ୍ତିକ ବ୍ରତ ପାଳନ କରିଥାନ୍ତି। ଭୋରୁ ଶ୍ରୀକ୍ଷେତ୍ରର ତୀର୍ଥ ପୁଷ୍କରିଣୀରେ ସ୍ନାନସାରି ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କ ମଙ୍ଗଳ ଆଳତି ଦର୍ଶନ କରିଥାନ୍ତି। ତୁଳସୀ ଚଉରା ମୂଳେ ରାଇ ଦାମୋଦରଙ୍କୁ ପୂଜା ଓ ସନ୍ଧ୍ୟାରେ ଆକାଶ ଦୀପ ଟାଣିବା ସହ ମହାପ୍ରସାଦ ସେବନ କରିଥାନ୍ତି। ତେବେ ଏଥର କରୋନା ସଂକ୍ରମଣ ଭୟ ଥିବାରୁ ସରକାରଙ୍କ ପକ୍ଷରୁ ହେଉଥିବା ହବିଷିଆଳି ଶିବିର ବନ୍ଦ କରାଯାଇଛି। ବାହାରୁ ଆସୁଥିବା ହବିଷିଆଳିଙ୍କୁ ଏ ବର୍ଷ ପୁରୀ ନ ଆସି ଘରେ ରହି କାର୍ତ୍ତିକ ବ୍ରତ ପାଳନ କରିବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ଏ ପର୍ଯ୍ୟନ୍ତ ଭକ୍ତଙ୍କୁ ଶ୍ରୀମନ୍ଦିରକୁ ଛଡ଼ାଯାଇ ନାହିଁ। ତଥାପି ନିଜସ୍ୱ ଉଦ୍ୟମରେ ପୁରୀ ଆସିଥିବା ହବିଷିଆଳିମାନେ କିପରି ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ପରିକ୍ରମା କରିପାରିବେ ଏବଂ ସୁବିଧାରେ ମହାପ୍ରସାଦ ପାଇପାରିବେ ସେ ନେଇ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ସେହିପରି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମଧ୍ୟ ସ୍ୱତନ୍ତ୍ର ଭାବେ କାର୍ତ୍ତିକ ମାସ ନୀତି ନିର୍ଘଣ୍ଟ ହୋଇଛି।

# କୂଅରେ ପଡ଼ିଲା ମାଈହାତୀ

## ଜଗି ରହିଛନ୍ତି ହାତୀପଲ

**ରେଢାଖୋଲ,୩୧।୧୦(ଡି.ଏନ.ଏ.)**

ରେଢାଖୋଲ ବନଖଣ୍ଡର କୁକୁଡାବାହାଲି ପଞ୍ଚାୟତ ବଡକସିବାହାଲ ଗାଁମୁଣ୍ଡରେ ଥିବା ଶରତ ରାଉଳଙ୍କ ଏକ ପରିତ୍ୟକ୍ତ କୂଅରେ ଶନିବାର ରାତି ପ୍ରାୟ ୮ଟା ବେଳେ ଏକ ମାଈହାତୀ ଖସି ପଡିଛି। ଏହି ଘଟଣା ପରେ କୂଅ ଚାରିପାଖରେ ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ହାତୀ ଘେରି ରହିବା ସହ ଗର୍ଜନ କରିଥିଲେ। ଏଥିଯୋଗୁ ଗ୍ରାମବାସୀ ହାତୀକୁ ଉଦ୍ଧାର ପାଇଁ କୂଅ ପାଖକୁ ଯାଇପାରି ନ ଥିଲେ। ଖବର ପାଇ ଜଣେ ଫରେଷ୍ଟର ଓ ଅନ୍ୟ କେତେଜଣ ବନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଥିବା ଖବର ମିଳିଛି। ହେଲେ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ହାତୀକୁ ଉଦ୍ଧାର ପାଇଁ ଉଦ୍ୟମ ଆରମ୍ଭ ହୋଇ ନାହିଁ ବୋଲି ସରପଞ୍ଚ ଗୋଲଖ ପ୍ରଧାନ କହିଛନ୍ତି। ଗାଁ ଭିତରକୁ ହାତୀପଲ ପଶି ଆସିବା ଆଶଙ୍କାରେ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ପଲରେ ଥିବା ଏହି ହାତୀଟି କୌଣସି କାରଣରୁ କୂଅରେ ପଡିଯାଇଥିବା ଅନୁମାନ କରାଯାଉଛି।

# ବଳଦେବଜୀଉଙ୍କ ମନ୍ଦିରରେ ପଶିଲେ ଶ୍ରଦ୍ଧାଳୁ

**କେନ୍ଦ୍ରାପଡ଼ା ଅଫିସ, ୩୧।୧୦**

କରୋନା ସଂକ୍ରମଣ ପାଇଁ କେନ୍ଦ୍ରାପଡ଼ା ଜିଲା ଇଚ୍ଛାପୁରସ୍ଥ ଶ୍ରୀ ବଳଦେବଜୀଉଙ୍କ ମନ୍ଦିର ବନ୍ଦ ରହିଛି। ତେବେ ଶନିବାର ସନ୍ଧ୍ୟାରେ ନିୟମ ଉଲ୍ଲଂଘନ କରି ଶ୍ରଦ୍ଧାଳୁମାନେ ମନ୍ଦିର ମଧ୍ୟରେ ପଶି ଶ୍ରୀଜୀଉଙ୍କୁ ଦର୍ଶନ କରିଛନ୍ତି। ଏ ନେଇ ମନ୍ଦିର ଟ୍ରଷ୍ଟବୋର୍ଡ ପକ୍ଷରୁ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ହେଲେ ରିପୋର୍ଟ ପ୍ରସ୍ତୁତ ସମୟ ସୁଦ୍ଧା କୌଣସି ନିର୍ଣ୍ଣୟ ନିଆଯାଇପାରି ନାହିଁ। ସୂଚନାଯୋଗ୍ୟ ଯେ, କରୋନା ସଂକ୍ରମଣ ରୋକିବା ପାଇଁ ଗତ ଏପ୍ରିଲରୁ ଧର୍ମାନୁଷ୍ଠାନ ବନ୍ଦ ରହିଛି। ଇତିମଧ୍ୟରେ ଅନଲକ୍ ପ୍ରକ୍ରିୟା ଆରମ୍ଭ ହୋଇଥିଲେ ମଧ୍ୟ ଧର୍ମାନୁଷ୍ଠାନ ଖୋଲିବା ନିଷ୍ପତ୍ତି ହୋଇପାରିନାହିଁ। ତେବେ ଏହି ଅନୁଷ୍ଠାନଗୁଡିକ ଜିଲା ପ୍ରଶାସନର ତନଖି ପରେ ଖୋଲାଯିବା ପାଇଁ ରାଜ୍ୟ ସରକାର ସ୍ଥିର କରିଛନ୍ତି। ଏହି ଖବର ଜଣାପଡିବା ପରେ ଶ୍ରୀଜୀଉଙ୍କ ସାନ୍ଧ୍ୟ ଦର୍ଶନ ସମୟରେ ଶ୍ରଦ୍ଧାଳୁମାନେ ମନ୍ଦିର ମଧ୍ୟକୁ ଅବାଧରେ ପ୍ରବେଶ କରିଥିଲେ। ଏ ସମ୍ପର୍କରେ ଶ୍ରୀଜୀଉଙ୍କ



ଟ୍ରଷ୍ଟ ବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ କହିଛନ୍ତି, ଗତ ସନ୍ଧ୍ୟାରୁ ଶ୍ରୀଜୀଉଙ୍କ ମନ୍ଦିର ପ୍ରବେଶ ଦ୍ୱାରରେ ମୁତୟନ ଥିବା ପୋଲିସକୁ ଜିଲା ପୋଲିସ ଅନ୍ୟତ୍ର ନିୟୋଜିତ କରିଛନ୍ତି। ପୋଲିସ ନ ଥିବାରୁ ଶ୍ରଦ୍ଧାଳୁ ମନ୍ଦିର ମଧ୍ୟରେ ପଶିଥିବା ନେଇ ଜିଲା ପ୍ରଶାସନକୁ ଟ୍ରଷ୍ଟ ପକ୍ଷରୁ ଅବଗତ କରାଯାଇଛି।

# ଅସଜଡ଼ାକୁ ଯୋଡ଼ିବାକୁ ପ୍ରୟାସ

**ତିର୍ତ୍ତୋଲ, ୩୧।୧୦ (ସ୍ୱ.ପ୍ର.)**

ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି ଉପନିର୍ବାଚନ ପ୍ରଚାର ଓ ଶୋଭାଯାତ୍ରା। ଭୋଟରଙ୍କୁ ଆକର୍ଷିତ କରିବା ପାଇଁ ୩ ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସ ଆପ୍ରାଣ ଉଦ୍ୟମ ଜାରି ରଖିଛନ୍ତି। ବିଭିନ୍ନ ଦଳ ଭିନ୍ନ ରଣନୀତି ଆପଣାଉଥିବା ନଜରକୁ ଆସୁଥିବାବେଳେ ଭାଜପା ଏବେ ଦଳର ପୁରୁଣା ସହଯୋଗୀଙ୍କୁ ଏକାଠି କରିବାକୁ ଅଣ୍ଟା ଭିଡ଼ିଛି। ଦଳର ହେଭିୱେଟ ନେତାମାନେ ନିର୍ବାଚନୀ ପ୍ରଚାରକୁ ଓହ୍ଲାଇବାପରେ ଏପରି ତ୍ୱରିତ ପଦକ୍ଷେପ ନିଆଯାଉଥିବା ଭାଜପାର ଜନୈକ ବରିଷ୍ଠ କର୍ମୀଙ୍କଠାରୁ ସୂଚନା ମିଳିଛି। ନିଜ ନାମ ଗୋପନ ରଖିବା ସର୍ତ୍ତରେ ସେ କହିଛନ୍ତି, ନିର୍ବାଚନୀ ତାରିଖ ଘୋଷଣା ହେବାଠୁ ପ୍ରାର୍ଥୀ ଘୋଷଣା ପର୍ଯ୍ୟନ୍ତ ଦଳର ପୁରୁଣା କର୍ମୀଙ୍କ ସହ ଆଲୋଚନା କରାଯାଇ ନ ଥିଲା। ହେଲେ ଗତ ୨ଦିନ ହେବ ଦଳ ଏବେ ଅସଜଡ଼ାକୁ ପୁଣି ଯୋଡ଼ିବା ଆରମ୍ଭ କରିଛି। ଭାଜପାର ରାଜ୍ୟ ତଥା କେନ୍ଦ୍ରୀୟସ୍ତରୀୟ ନେତାମାନେ ଏବେ ତିର୍ତ୍ତୋଲ, ରଘୁନାଥପୁର ଓ ବିରିଡ଼ିର ବ୍ଲକସ୍ତରୀୟ ପୁରୁଣା କର୍ମୀଙ୍କୁ ସହଯୋଗ ପାଇଁ ମନାଇବାକୁ ଚେଷ୍ଟା କରିବା ସହ ବିଭିନ୍ନ ସ୍ଥାନରେ ବୈଠକ କରୁଛନ୍ତି। ବିଶେଷ କରି ତିର୍ତ୍ତୋଲ ନିର୍ବାଚନୀ ମଣ୍ଡଳୀ ଅଧୀନରେ ଥିବା ତିର୍ତ୍ତୋଲ ଓ ବିରିଡିରେ ଦଳର ସ୍ଥିତି ଠିକ୍ ନ ଥିବାରୁ ବରିଷ୍ଠ ନେତାମାନେ ଏବେ ଦଳୀୟ କନ୍ଦଳ ଭୁଲି ସହଯୋଗ କରିବାକୁ ମନାଉଛନ୍ତି। କିନ୍ତୁ ଦଳୀୟ କର୍ମୀଙ୍କ ଅସନ୍ତୋଷ ଥମି ନାହିଁ। ନିର୍ବାଚନକୁ ଆଉ ମାତ୍ର ୩ ଦିନ ଥିବାବେଳେ କାହିଁକି ଏବେ ଦଳର ପୁରୁଣା କର୍ମୀଙ୍କୁ ଖୋଜାପଡୁଛି ବୋଲି ସେମାନେ ପ୍ରଶ୍ନ କରୁଥିବା ଶୁଣିବାକୁ ମିଳୁଛି ବୋଲି ଉକ୍ତ କର୍ମୀ ଜଣକ ପ୍ରକାଶ କରିଛନ୍ତି।

ଶୁକ୍ରବାରଠାରୁ ତିର୍ତ୍ତୋଲ, ରଘୁନାଥପୁର ଓ ବିରିଡ଼ିର ବିଭିନ୍ନ ପଞ୍ଚାୟତରେ ଭାଜପା ଓ ଆର୍‌ଏସ୍ଏସ୍ କର୍ମୀଙ୍କ ଲୁଚାଛପା ରୁଦ୍ଧଦ୍ୱାର ବୈଠକ ଜାରି ରହିଥିବା ବିଶେଷସୂତ୍ରରୁ ଜଣାପଡ଼ିଛି। ଦଳୀୟ ପ୍ରାର୍ଥୀଙ୍କୁ ସହଯୋଗ କରୁ ନ ଥିବା କର୍ମୀଙ୍କୁ ଏକାଠି କରାଯାଉଛି। ଦଳ ପକ୍ଷରୁ ସେମାନଙ୍କୁ ଆଗାମୀ ଦିନରେ ସମସ୍ତ ସହଯୋଗ ଯୋଗାଇ ଦିଆଯିବ, ଏବେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କର କି ନ କର କିନ୍ତୁ ଅସହଯୋଗ କର ନାହିଁ ବୋଲି କୁହାଯାଉଥିବା ଶୁଣିବାକୁ ମିଳୁଛି। ତେବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ପ୍ରଚାର କରିବା ପରେ ଦଳୀୟ କର୍ମୀଙ୍କ ମନୋବଳ ବଢ଼ିଥିବା କେତେକ କର୍ମୀ ପ୍ରକାଶ କରିଛନ୍ତି।

# ୟୁନିୟନ ବ୍ୟାଙ୍କରୁ ଡକାୟତି ଉଦ୍ୟମ

**ରେଢାଖୋଲ ୩୧।୧୦ (ଡି.ଏନ.ଏ)**

■ ଗ୍ୟାସ୍ ସିଲିଣ୍ଡର, କଟର ଓ ଶାବଳ ଜବତ
■ ଗ୍ୟାସ୍ ସରିଯିବାରୁ ଫେରାର ହେଲେ ଡକାୟତ
■ ପୋଲିସ ତଦନ୍ତରେ ମିଳିଲାନି ସୁରାକ

ସମ୍ବଲପୁର ଜିଲା ରେଢାଖୋଲ ବ୍ଲକ କଦଳିଗଡ ପଞ୍ଚାୟତ ପରିସରରେ ଥିବା ୟୁନିୟନ ବ୍ୟାଙ୍କରେ ଶନିବାର ବିଳମ୍ବିତ ରାତ୍ରିରେ ଡକାୟତି ଉଦ୍ୟମ ହୋଇଛି। ଏହି ସମୟରେ ସିଲିଣ୍ଡରରୁ ଗ୍ୟାସ୍ ସରିଯିବା କିମ୍ବା କେହି ଆସିଯିବା କାରଣରୁ ଡକାୟତମାନେ ଫେରାର ହୋଇଯାଇଛନ୍ତି। ଖବର ପାଇ ରେଢାଖୋଲ ଏସ୍‌ଡିପିଓ ହାଡିବନ୍ଧୁ ସ୍ୱାଇଁ, ଥାନାଧିକାରୀ ପ୍ରଶାନ୍ତ କୁମାର ସାମଲ ପ୍ରମୁଖ ଘଟଣାସ୍ଥଳକୁ ଯାଇ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରିଥିଲେ ମଧ୍ୟ କୌଣସି ସୁରାକ ମିଳିନାହିଁ। ପୋଲିସ ଘଟଣାସ୍ଥଳରୁ ଅକ୍ସିଜେନ ଗ୍ୟାସ ସିଲିଣ୍ଡର, ୫କେଜି ଏଲ୍‌ପିଜି ଗ୍ୟାସ୍ ଟାଙ୍କି, ଶାବଳ, କଟର, କରତ, ଛଣି ଆଦି ଜବତ କରିଛି। ବ୍ୟାଙ୍କ ମ୍ୟାନେଜର ନିହାର ରଞ୍ଜନ କିସାନଙ୍କ ଅଭିଯୋଗକୁ ଭିତ୍ତି କରି ରେଢାଖୋଲ ଥାନା ପୋଲିସ ଏକ ମାମଲା (ନଂ.୧୯୨/୨୦) ରୁଜୁ କରି ଘଟଣାର ତଦନ୍ତ କରୁଛି।

ପୋଲିସ ସୂଚନା ଅନୁସାରେ, ଶନିବାର ରାତି ପ୍ରାୟ ସାଢେ ୧ଟା ବେଳେ ଡକାୟତ ଦଳ କଦଳିଗଡ ପଞ୍ଚାୟତ ପରିସରରେ ଥିବା ୟୁନିୟନ ବ୍ୟାଙ୍କ ପଛପାଖ ଝରକାର କବାଟ ଓ ଗ୍ରୀଲ୍‌କୁ କାଟି ବ୍ୟାଙ୍କ ଭିତରକୁ ପଶିଥିଲେ। ପରେ ଷ୍ଟ୍ରଙ୍ଗରୁମ୍ କବାଟକୁ ଭାଙ୍ଗି ଆଇରନ ଚେଷ୍ଟକୁ ଗ୍ୟାସ୍ କଟରରେ କାଟିବାକୁ ଉଦ୍ୟମ କରିବା ବେଳେ ସିଲିଣ୍ଡରରୁ ଗ୍ୟାସ୍ ଶେଷ ହୋଇଯାଇଥିଲା। ଫଳରେ ଡକାୟତମାନେ ଗ୍ୟାସ୍ ସିଲିଣ୍ଡର ସହ



ଘଟଣାସ୍ଥଳରେ ପୋଲିସ ତଦନ୍ତ କରୁଛି।

ଅନ୍ୟାନ୍ୟ ଜିନିଷପତ୍ର ଛାଡି ଫେରାର ହୋଇଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଥିବା ପୋଲିସ କହିଛି। ଏପରିକି ଷ୍ଟ୍ରଙ୍ଗରୁମ୍ କବାଟ ଭାଙ୍ଗିବା ବେଳେ ସାଇରନ ମଧ୍ୟ ବାଜି ନ ଥିଲା କି ବ୍ୟାଙ୍କରେ କେହି ସିକ୍ୟୁରିଟି ଗାର୍ଡ ନ ଥିବା ଜଣାପଡିଛି। ଅପରପକ୍ଷରେ ଶନିବାର ଲକ୍ଷ୍ମୀପୂଜା ପାଇଁ କଦଳିଗଡ ଛକରେ ଯୁବକମାନେ ରୁଣ୍ଡ ହୋଇଥିବାବେଳେ କୌଣସି କାମରେ ସେହି ବାଟଦେଇ ଆସିଥିବାରୁ ଡକାୟତମାନେ ଫେରାର ହୋଇଯାଇଥିବା କୁହାଯାଉଛି। ରବିବାର ସକାଳେ ସ୍ଥାନୀୟ ଲୋକମାନେ ବ୍ୟାଙ୍କର ଝରକା ଭାଙ୍ଗିଥିବା ଦେଖି ପୋଲିସ ଓ ବ୍ୟାଙ୍କ ମ୍ୟାନେଜରଙ୍କୁ ସୂଚନା ଦେଇଥିଲେ। ତେବେ ବ୍ୟାଙ୍କରୁ ଟଙ୍କା କି ଜିନିଷ ଚୋରି ହୋଇ ନ ଥିବା ପୋଲିସ କହିଛି।

# ପୂର୍ବତନ ଜିଲାପାଳଙ୍କ ବିରୋଧରେ ଭାଜପାର କାର୍ଯ୍ୟାନୁଷ୍ଠାନ ଦାବି

**ଭୁବନେଶ୍ୱର,୩୧।୧୦(ବ୍ୟୁରୋ)**

ତିର୍ତ୍ତୋଲ ଉପନିର୍ବାଚନରେ ଭୋଟରଙ୍କୁ ବିଜେଡି ସପକ୍ଷରେ ଭୋଟ ଦେବା ଲାଗି ସରକାରୀ ପ୍ରଶାସନିକ ଅଧିକାରୀ ପ୍ରବର୍ତ୍ତାଇବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଶାସକ ଦଳର ମନ୍ତ୍ରୀ ଓ ନେତାମାନେ ନିର୍ବାଚନ ଆଚରଣବିଧି ଉଲ୍ଲଂଘନ କରୁଥିବା ବେଳେ ଜଗତ୍‌ସିଂହପୁରର ପୂର୍ବତନ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ବିଜେଡ ପାଇଁ ପ୍ରଚାର କରି ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ଭୋଟରଙ୍କୁ ପ୍ରବର୍ତ୍ତାଇବା ଏବଂ ଧମକାଇବା ନିନ୍ଦନୀୟ। ଏହା ବିରୋଧରେ ଭାଜପାର ଏକ ପ୍ରତିନିଧି ଦଳ ଅକ୍ଟୋବର ୨୪ରେ ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ତଥ୍ୟ ପ୍ରମାଣ ଉପସ୍ଥାପନ କରି ସମ୍ପୃକ୍ତ ସରକାରୀ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲା। କିନ୍ତୁ ୭ ଦିନ ବିତିଥିଲେ ମଧ୍ୟ ରାଜ୍ୟ ନିର୍ବାଚନ ଅଧିକାରୀ ଦୋଷୀଙ୍କ ବିରୋଧରେ କୌଣସି ପଦକ୍ଷପ ନେଇନାହାନ୍ତି ବୋଲି ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ ଅଭିଯୋଗ କରିଛନ୍ତି।

୧୨ ଦିନ ଧରି ତିର୍ତ୍ତୋଲ ଜଗତ୍‌ସିଂହପୁରର ପୂର୍ବତନ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ବେଆଇନ ଭାବେ ନିଜ କ୍ଷମତାକୁ ଅପବ୍ୟବହାର କରି ନିର୍ବାଚନକୁ ପ୍ରଭାବିତ କରୁଛନ୍ତି। ଉପନିର୍ବାଚନ ପୂର୍ବରୁ ତାଙ୍କ ନାଁରେ ଶାସକ ଦଳ ସପକ୍ଷରେ କାର୍ଯ୍ୟକରୁଥିବା ଅଭିଯୋଗ ଆସିବାରୁ ତାଙ୍କୁ ଜିଲାପାଳ ପଦବୀରୁ ହଟାଇ ଦିଆଯାଇଥିଲା। ଏବେ ସେ ପୁଣିଥରେ ତିର୍ତ୍ତୋଲରେ ଭାଜପାର ନେତୃବୃନ୍ଦଙ୍କୁ ଧମକ ଦେଉଛନ୍ତି। ବିଜେଡିକୁ ଭୋଟ ନ ଦେଲେ ସରକାରୀ ଯୋଜନାରୁ ନାଁ କାଟିଦେବାର ଭୟ ଗରିବ ଲୋକମାନଙ୍କୁ ଦେଖାଉଛନ୍ତି। ଏଭଳି ଏକ ଆପରାଧିକ କାର୍ଯ୍ୟରେ ସାମିଲ ଥିବା ପୂର୍ବତନ ଜିଲାପାଳଙ୍କ ବିରୋଧରେ ରାଜ୍ୟ ନିର୍ବାଚନ ଅଧିକାରୀ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ସେ କରିଛନ୍ତି।

ଧରିତ୍ରୀ
DHARITRI
ଢେଙ୍କାନାଳ, ରବିବାର, ୧ ନଭେମ୍ବର ୨୦୨୦



## କଟକଣାରେ ପୂଜା ଆରମ୍ଭ

**ବଉଣ୍ଡା, (ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଲକ୍ଷ୍ମୀବଜାରରେ ଶନିବାର କୋଭିଡ୍ କଟକଣା ମଧ୍ୟରେ ପ୍ରଶାସନଠାରୁ ଅନୁମତି ଅଣାଯାଇ ଲକ୍ଷ୍ମୀପୂଜା ଆରମ୍ଭ ହୋଇଛି। କଳସରେ ପାଣି ଆଣିବା ପରେ ସାମାଜିକ ଦୂରତା ରକ୍ଷା କରାଯାଇ ପୂଜା କରାଯାଇଥିଲା। ଏଥିରେ ପୂଜା କମିଟିର ହେମନ୍ତ କୁମାର ଖୁଣ୍ଟିଆ, ସମ୍ପାଦକ ସତ୍ୟବ୍ରତ ସେନାପତି, କୋଷାଧ୍ୟକ୍ଷ ମନୋଜ କୁମାର ସାହୁ, ଅକ୍ଷୟ କୁମାର ବିଶ୍ୱାଳ ସହଯୋଗ କରିଥିଲେ। ସେହିପରି ବଉଣ୍ଡା ବସଷ୍ଟାଣ୍ଡ, କଦଳୀମୁଣ୍ଡାଠାରେ ମଧ୍ୟ ପୂଜା ଆରମ୍ଭ ହୋଇଛି।

**ସଂକ୍ଷେପରେ**

## କରୋନା ନେଲା ଡାକ୍ତରଙ୍କ ଜୀବନ

**ବୌଦ୍ଧ, ୩୧।୧୦(ସ୍ୱ.ପ୍ର.):** ବୌଦ୍ଧ ଜିଲା ମୁଖ୍ୟ ଚିକିତ୍ସାଳୟର ଶିଶୁରୋଗ ବିଶେଷଜ୍ଞ ଡା. ବିଶ୍ୱନାଥ ରାଉତ (୪୦)ଙ୍କ ଶୁକ୍ରବାର ରାତିରେ ହାଇଦ୍ରାବାଦସ୍ଥିତ ଏକ ମେଡିକାଲରେ ମୃତ୍ୟୁ ଘଟିଛି। ବୌଦ୍ଧ ଜିଲା କୋଭିଡ୍ ହସ୍ପିଟାଲ ଦାୟିତ୍ୱରେ ଥିବା ସମୟରେ ଗତ ଅଗଷ୍ଟରେ କରୋନାରେ ସଂକ୍ରମିତ ହୋଇଥିଲେ। ସ୍ୱାସ୍ଥ୍ୟରେ ଅବନତି ହେବାରୁ ତାଙ୍କୁ ପ୍ରଥମେ ଭୁବନେଶ୍ୱର ଏବଂ ପରେ ହାଇଦ୍ରାବାଦର ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଶନିବାର ମୃତଦେହ ପୈତୃକ ଗ୍ରାମ ଅନୁଗୋଳ ଜିଲା ତାଳଚେରସ୍ଥିତ ତାଳଗଡ଼କୁ ଅଣାଯାଇଥିଲା। ବୌଦ୍ଧ ଜିଲାପାଳ ଲଲାଟେନ୍ଦୁ ମିଶ୍ର, ସିଡିଏମ୍‌ଓ ଡ.ତ୍ରିଲୋଚନ ପ୍ରଧାନ, ଏଡିଏମ୍‌ଓ ଡ. କିଶୋର ଚନ୍ଦ୍ର ପଟ୍ଟନାୟକଙ୍କ ସମେତ ବହୁ ଡାକ୍ତର, ସ୍ୱାସ୍ଥ୍ୟକର୍ମୀ ଉପସ୍ଥିତ ରହି ଶେଷଦର୍ଶନ କରିଥିଲେ। ପୋଲିସ ପକ୍ଷରୁ ଗାର୍ଡ ଅଫ ଅନର ଦିଆଯିବା ପରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

## ଅନୁଗୋଳରୁ ୧୧୪ ପଜିଟିଭ୍

**ଅନୁଗୋଳ ଅଫିସ, ୩୧।୧୦:** ଅନୁଗୋଳ ଜିଲାରୁ ଶନିବାର ୧୧୪ ଜଣ ନୂଆ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାପରେ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୮,୯୩୫ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ଚିହ୍ନଟଙ୍କ ମଧ୍ୟରେ ବଅଁରପାଳ ବ୍ଲକରୁ ୩୯ ଜଣ, ତାଳଚେର ବ୍ଲକରୁ ୨୩ ଓ ପୌରାଞ୍ଚଳରୁ ୬, ଅନୁଗୋଳ ପୌରାଞ୍ଚଳରୁ ୧୧ ଓ ବ୍ଲକରୁ ୪ ଜଣ, କଣିହାଁ ବ୍ଲକରୁ ୧୦, ଛେଣ୍ଡିପଦା ବ୍ଲକରୁ ୮, ପାଲଲହଡ଼ା ବ୍ଲକରୁ ୭, କିଶୋରନଗର ବ୍ଲକରୁ ୫, ଆଠମଲ୍ଲିକ ବିଜ୍ଞାପିତ ଅଞ୍ଚଳ ପରିଷଦରୁ ଜଣେ ରହିଛନ୍ତି। ଅନ୍ୟପକ୍ଷରେ ଜିଲାରୁ ଆଉ ୧୩୪ ଜଣ ସୁସ୍ଥ ହୋଇଛନ୍ତି।

## ରୋଗୀଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କର: ଜିଲାପାଳ

**ଢେଙ୍କାନାଳ ଅଫିସ, ୩୧।୧୦:** ଢେଙ୍କାନାଳ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଶନିବାର ପୂର୍ବାହ୍ନରେ ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରିଛନ୍ତି। ସେ କୋଭିଡ୍ ୱାର୍ଡ, ଶିଶୁ ଓ ପ୍ରସୂତି ବିଭାଗ, ଭେଷଜ ଓ ସର୍ଜରି ୱାର୍ଡ ପରିଦର୍ଶନ କରିବା ସହ ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟଙ୍କ ପ୍ରତି ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବାକୁ ପରାମର୍ଶ ଦେଇଥିଲେ। ଜିଲାପାଳ ରୋଗୀଙ୍କୁ ଦିଆଯାଉଥିବା ଖାଦ୍ୟ ଏବଂ ଔଷଧ ସମ୍ପର୍କରେ ପଚାରି ବୁଝିବା ସହ ପରିବେଶ ପରିଷ୍କାର ରଖିବାକୁ କହିଥିଲେ। ଠିକ୍ ଭାବେ କର୍ତ୍ତବ୍ୟ ସମ୍ପାଦନ କରିବା, ରାଜ୍ୟ ସରକାରଙ୍କ ନିର୍ଦ୍ଦେଶନାମା ଅନୁଯାୟୀ କାର୍ଯ୍ୟ ସମ୍ପାଦନ କରିବାକୁ ଉପସ୍ଥିତ ଡାକ୍ତର, ସ୍ୱାସ୍ଥ୍ୟକର୍ମୀଙ୍କୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ଏହାପରେ ସେ ଚିକିତ୍ସାଳୟର ସୁରକ୍ଷା ଓ ନିରାପତ୍ତା ଅନୁଧ୍ୟାନ କରିଥିଲେ।

## ସ୍କୁଲରୁ ଗଛକଟା ଅଭିଯୋଗ

**ଅନୁଗୋଳ ଅଫିସ, ୩୧।୧୦:** ଅନୁଗୋଳ ସହର ଉପକଣ୍ଠ ଖଲାରୀ ଉଚ୍ଚ ବିଦ୍ୟାଳୟ ପରିସରରୁ ବେଆଇନ୍ ଭାବେ ଗଛ କଟାଯାଇଥିବା ଗ୍ରାମବାସୀ ଜିଲାପାଳ ଓ ବନ ବିଭାଗ ନିକଟରେ ଅଭିଯୋଗ କରିଛନ୍ତି। ସ୍କୁଲ ପରିସରରେ ଥିବା ମୂଲ୍ୟବାନ ଗଛଗୁଡିକୁ କର୍ତ୍ତୃପକ୍ଷ ବିନା ଅନୁମତିରେ କାଟିଦେଇଥିବାରୁ ଏହାର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଆଶୁତୋଷ ସାହୁ, ସୌମ୍ୟରଞ୍ଜନ ସାହୁ, ଗୌରୀଶଙ୍କର ସାହୁ ପ୍ରମୁଖ ଦାବି କରିଛନ୍ତି। ଏ ନେଇ ପ୍ରଧାନଶିକ୍ଷୟିତ୍ରୀ କହିଛନ୍ତି ଯେ, ବିଦ୍ୟାଳୟର ନୂତନ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ସେଠାରେ ଥିବା କୌଣସି ମୂଲ୍ୟବାନ ଗଛ ନ ଥିବାରୁ ତାହାକୁ କଟାଯାଇଛି।

## ଐକ୍ୟ, ଅଖଣ୍ଡତା ଉପରେ ଗୁରୁତ୍ୱ

**ଢେଙ୍କାନାଳ ଅଫିସ, ୩୧।୧୦:** ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ପିଙ୍ଗୁଆ ଡିଗ୍ରୀ କଲେଜରେ ଶନିବାର ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ଓଡ଼ିଆ ବିଭାଗ ଅଧ୍ୟାପକ ଦୀପ୍ତିରଞ୍ଜନ ମହାଲିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ସାମରିକ ଅଧିକାରୀ ଧର୍ମେନ୍ଦ୍ର ଧଳ ଯୋଗଦେଇ ଦେଶର ଐକ୍ୟ ଓ ଅଖଣ୍ଡତା ଉପରେ ଗୁରୁତ୍ୱାରୋପ କରିଥିଲେ। ଅଧ୍ୟାପକ ବାବୁଲି ସାହୁ, ଗ୍ରନ୍ଥାଗାରିକ ରଞ୍ଜନ କୁମାର ସାହୁ, ଏନ୍‌ଏସ୍‌ଏସ୍, ଯୁବ ରେଡ୍‌କ୍ରସ୍‌ର ସ୍ୱେଚ୍ଛାସେବୀମାନେ ଉପସ୍ଥିତ ଥିଲେ।

# ପଶୁପକ୍ଷୀଙ୍କ ସାଥୀ ଅଜୟ

**ଖଇରା, ୩୧।୧୦(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ହରିପୁର ପଞ୍ଚାୟତ ଯୋରାଗଡିଆ ଗ୍ରାମର ଏକ ଭିନ୍ନ ମଣିଷ ଅଜୟ ସ୍ୱାଇଁ। ପଶୁପକ୍ଷୀଙ୍କ ପ୍ରତି ରହିଛି ତାଙ୍କର ଅନାବିଳ ପ୍ରେମ। ଲକ୍‌ଡାଉନ ସମୟରେ ସେ ପଶୁପକ୍ଷୀଙ୍କୁ ନିୟମିତ ଆହାର ଯୋଗାଇ ସର୍ବ ସମ୍ମୁଖରେ ଭିନ୍ନ ପରିଚୟ ସୃଷ୍ଟି କରିଛନ୍ତି। ତାଙ୍କର ଜୀବନ ଶୈଳୀ ସମ୍ପୂର୍ଣ୍ଣ ନିଆରା। ପ୍ରତ୍ୟେକ ସକାଳେ ସେ ଗାଧେଇବା ପରେ ଘର ଛାତ ଉପରକୁ ଯାଇ ପାରା,କାଉ ବଣିମାନଙ୍କୁ ଖାଦ୍ୟ ଦେଇଥାନ୍ତି। ବାଡିରେ ଥିବା ପିମ୍ପୁଡିମାନଙ୍କୁ ଖାଦ୍ୟ ଦେଇ କୁପାରୀ ବଜାରକୁ ଯାଆନ୍ତି । ସେଠାରେ ମଧ୍ୟ କାଉ ଓ କୁକୁରଙ୍କୁ ଆହାର ଦେଇଥାନ୍ତି । ଏସବୁ କାମ ପରେ ସେ ନିଜେ ଜଳପାନ କରିଥାନ୍ତି । ମାସର ଅନ୍ତତଃପକ୍ଷେ ଥରେ ଚଣ୍ଡିଖୋଲସ୍ଥିତ ଚଣ୍ଡିମନ୍ଦିରକୁ ଯାଇ ସେଠାରେ ମାଙ୍କଡମାନଙ୍କୁ ପର୍ଯ୍ୟାପ୍ତ ଭୋଜନ ଦେବାରେ ତାଙ୍କୁ ଅତ୍ୟନ୍ତ ଆନନ୍ଦ ମିଳିଥାଏ । ସେହିଭଳି ହାଟଡିହି ବ୍ଲକର ଗଡଚଣ୍ଡି, ମୟୂରଭଞ୍ଜ ଜିଲାର ସମବୃକ୍ଷ ଆଦି ସ୍ଥାନକୁ ଯାଇ ସେଠାରେ ମଧ୍ୟ ପଶୁପକ୍ଷୀଙ୍କୁ ଆହାର ଯୋଗାଇ ନିଆରା ପରିଚୟ ସୃଷ୍ଟି କରିଛନ୍ତି । ପୂର୍ବରୁ ବିଜେଡିର ବିଭିନ୍ନ ପଦରେ ଅଭିଷିକ୍ତ ଥିବା ଅଜୟ ବର୍ତ୍ତମାନ ମାନବ ଅଧିକାର ମିଶନର ରାଜ୍ୟ ଉପସଭାପତି ଦାୟିତ୍ୱରେ ଅଛନ୍ତି। ଅସହାୟ ନିଷ୍ପେସିତଙ୍କ ପାଇଁ ଲଢୁଥିବା ଅଜୟଙ୍କ ଏଭଳି କାର୍ଯ୍ୟ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛି । ପଶୁପକ୍ଷୀଙ୍କୁ ଖାଦ୍ୟ ନ ଦେବା ପର୍ଯ୍ୟନ୍ତ ସେ ଖାଦ୍ୟ ଗ୍ରହଣ କରି ନ ଥାନ୍ତି। ଲକ୍‌ଡାଉନରେ ଦୋକାନ ବଜାର ବନ୍ଦ ଥିବା ବେଳେ ସେ ନିଜର କର୍ତ୍ତବ୍ୟ ପାଳନ କରିବାକୁ ଯାଇ ଗୋଟିଏ ଦିନ ବି ପଶୁପକ୍ଷୀଙ୍କୁ ଆହାର ଦେବାକୁ ଭୂଲି ନ ଥିଲେ ବୋଲି ଭାବବିହ୍ୱଳ ଢଙ୍ଗରେ କହିଛନ୍ତି ।


କୁକୁରମାନଙ୍କୁ ଅଜୟ ଖାଦ୍ୟ ଦେଉଛନ୍ତି ।

# କାଳୀପୂଜା ପାଇଁ ଉଠିଲା ଶୁଭମାଟି

**ଭୁବନ, ୩୧।୧୦(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ଭୁବନର ପ୍ରସିଦ୍ଧ କାଳୀପୂଜା ପାଇଁ ଆରମ୍ଭ ହୋଇଛି ସଜବାଜ। ଶନିବାର ପବିତ୍ର କୁମାର ପୂର୍ଣ୍ଣିମା ତିଥିରେ କାଳୀବଜାର ବଣିକ ସଂଘ ପକ୍ଷରୁ ଶୁଭମାଟି ଅନୁକୂଳ କରାଯାଇଛି। ସଂଘ ସଭାପତି ସମୀର କୁମାର ସାହୁଙ୍କ ନେତୃତ୍ୱରେ ନୀଳମାଧବ ସାହୁ, ବାବନ ପୃଷ୍ଟିଙ୍କ ସମେତ ୨୦ ଜଣ କର୍ମକର୍ତ୍ତା ନିରାଡମ୍ବର ଶୋଭାଯାତ୍ରାରେ ବ୍ରାହ୍ମଣୀ ନଦୀ ଶାଖା ରଗଡ଼ି ନାଳରେ ପହଞ୍ଚିଥିଲେ। ସେଠାରେ ପୂଜାର୍ଚ୍ଚନା ପରେ ମାଟି ଅନୁକୂଳ ହୋଇଥିଲା।

ଆସନ୍ତା ୧୪ରୁ ମା’ କାଳୀ ଧରାବତରଣ କରିବେ। ୧୯ ତାରିଖରେ ମା’ଙ୍କ ଭସାଣି ଶୋଭାଯାତ୍ରା ଅନୁଷ୍ଠିତ ହେବ। କୋଭିଡ୍ କଟକଣା ପାଇଁ ଚଳିତ ବର୍ଷ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉନାହିଁ। ସରକାରଙ୍କ କୋଭିଡ୍ ନିୟମ ଆଧାରରେ ମଣ୍ଡପରେ ପୂଜାର୍ଚ୍ଚନା କରାଯିବ ବୋଲି ସଭାପତି କହିଛନ୍ତି।

ଭୁବନ କାଳୀପୂଜା ଜିଲାରେ ପ୍ରସିଦ୍ଧି ଅର୍ଜନ କରିଛି। ପୂର୍ବରୁ ଭସାଣିକୁ ମିଶାଇ ଏହା ୧୦ଦିନ ଧରି ଅନୁଷ୍ଠିତ ହେଉଥିଲା। ଚଳିତବର୍ଷ ଏହାକୁ ୬ ଦିନରେ ସୀମିତ ରଖାଯାଇଛି। ସେହିପରି ୫ଦିନ ଧରି ଅନୁଷ୍ଠିତ ହେଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ବାତିଲ କରାଯାଇଛି। କେବଳ ପରମ୍ପରା ରକ୍ଷା କରିବାକୁ ମା’ଙ୍କ ପୂଜାର୍ଚ୍ଚନା କରାଯିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି।


ମାଟି ଅନୁକୂଳ ପୂର୍ବରୁ ପୂଜାର୍ଚ୍ଚନା କରାଯାଉଛି।

# ‘କେନ୍ଦ୍ର ସରକାର ଚାଷୀ ବିରୋଧୀ’

**ଢେଙ୍କାନାଳ ଅଫିସ, ୩୧।୧୦**

ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ପୁଣ୍ୟତିଥି ଏବଂ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀକୁ ଜିଲା କଂଗ୍ରେସ କୃଷକ ଅଧିକାର ଦିବସ ଭାବେ ପାଳନ କରିଛି। କେନ୍ଦ୍ର ସରକାରଙ୍କ ଚାଷୀମାରଣ ନୀତି ପ୍ରତିବାଦରେ ଶନିବାର ଜିଲା କାର୍ଯ୍ୟାଳୟ ସମ୍ମୁଖରେ ଦଳୀୟ କର୍ମକର୍ତ୍ତା ଧାରଣା ଦେଇଥିଲେ। କେନ୍ଦ୍ର ସରକାରଙ୍କ ନୂଆ କୃଷିନୀତି ଚାଷୀଙ୍କୁ ସର୍ବସ୍ୱାନ୍ତ କରିଦେବ। ଏହା କୃଷକ ବିରୋଧୀ। ଏହାକୁ ପ୍ରତ୍ୟାହାର କରିବାକୁ ଦାବି କରି ଦଳୀୟ କର୍ମକର୍ତ୍ତା ନାରାବାଜି କରିଥିଲେ।

ପ୍ରାରମ୍ଭରେ ସୁପର ମାର୍କେଟସ୍ଥିତ ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଧାରଣା ସ୍ଥଳରେ ମହାତ୍ମା ଗାନ୍ଧୀ, ପଟେଲ ଏବଂ ଇନ୍ଦିରାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଅତ୍ୟାବଶ୍ୟକ ସାମଗ୍ରୀ ଉପରୁ କଟକଣା ହଟିବା ପରେ ଖାଦ୍ୟଶସ୍ୟର ଦରଦାମ ନିୟନ୍ତ୍ରଣ ବ୍ୟବସାୟୀଙ୍କ ହାତକୁ ଚାଲିଯାଇଛି। ୟୁପିଏ ସରକାର ସମୟରେ ପ୍ରଣୀତ ଖାଦ୍ୟ ସୁରକ୍ଷା ଆଇନକୁ ହଟାଇଦେବାକୁ କେନ୍ଦ୍ର ସରକାର ଷଡ଼ଯନ୍ତ୍ର କରୁଥିବା ଦଳୀୟ ନେତୃବୃନ୍ଦ ଅଭିଯୋଗ କରିଥିଲେ। ଜିଲା ସଭାପତି ସରୋଜ ପଟ୍ଟନାୟକଙ୍କ ନେତୃତ୍ୱରେ ଆୟୋଜିତ ଧାରଣାରେ ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ସୁବାସିନୀ ମହାକୁଡ, ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ରୁଦ୍ରପ୍ରକାଶ ଶରଣ, ନିର୍ମଳ ମିଶ୍ର, ଅମ୍ଳାନ ଖଟୁଆ, ବିପ୍ରବର ସାହୁ, ପ୍ରେମଶଙ୍କର ମିଶ୍ର, ଡା. ତୁଷାରକାନ୍ତି ନାୟକ ପ୍ରମୁଖ ଉପସ୍ଥିତ ଥିଲେ।


ଧାରଣାରେ ସାମିଲ ହୋଇଥିବା କଂଗ୍ରେସ ନେତୃବୃନ୍ଦ

## ୫ଲକ୍ଷ ଟଙ୍କାର ଦେଶୀମଦ ଜବତ

**ଭଦ୍ରକ ଅଫିସ, ୩୧।୧୦**

ଭଦ୍ରକ ଜିଲା ଅବକାରୀ ନିରୀକ୍ଷକ ଧନେଶ୍ୱର ବରାଡ଼ଙ୍କ ତତ୍ତ୍ୱାବଧାନରେ ଜିଲା ଅବକାରୀ ବିଭାଗର ଗୋଟିଏ ସ୍ୱତନ୍ତ୍ର ଟିମ୍ ବିଭିନ୍ନ ଥାନା ଅଞ୍ଚଳରେ ଚଢ଼ାଉ କରି ୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଚୋରା ଦେଶୀ ମଦ ଜବତ କରିବା ସହ ଏକ ପିକଅପ୍ ଭ୍ୟାନ୍, ଏକ ମୋଟର ସାଇକେଲ ଜବତ କରିଛି। ଏଥିରେ ସମ୍ପୃକ୍ତ ୮ ଜଣଙ୍କୁ ଗିରଫ କରାଯାଇଛି। ଭଦ୍ରକ ଗ୍ରାମାଞ୍ଚଳ ଥାନା ଅର୍ଣ୍ଣପାଳ ବଜାର ନିକଟରୁ ଗୋଟିଏ ପିକଅପ ଭ୍ୟାନରୁ(ନଂ.ଓଡି ୦୧ ଏଏଫ୍ ୨୧୦୬)ରୁ ୫୦୦ ଲିଟର ଦେଶୀ ରନ୍ଧାମଦ ଜବତ କରିବା ସହିତ ସୋର ଥାନା ବାଲିପୁର ଗ୍ରାମର ନିରଞ୍ଜନ ମଲ୍ଲିକଙ୍କୁ ଗିରଫ କରାଯାଇଛି । ସେହିପରି ଅନ୍ୟ ଏକ ମୋଟର ସାଇକେଲରୁ (ନଂ.ଓଡି ୨୨ ପି ୪୦୭୯) ୫୦ ଲିଟର ଦେଶୀ ରନ୍ଧା ମଦ ଜବତ କରିବା ସହ ଧୁଷୁରୀ ଥାନା ଅନ୍ତର୍ଗତ ଶହୀଦନଗର ଗ୍ରାମର ଶରତ କୁମାର ନାୟକକୁ ଗିରଫ କରାଯାଇଛି। ଏତଦ୍‌ଭିନ୍ନ ଗ୍ରାମାଞ୍ଚଳ ଥାନା ପଦ୍ମପୁର, ବାସୁଦେବପୁର ଥାନା ଅଢୁଆଁ, ରଥପଦା ଓ ଚୂଡାମଣି ମେରାଇନ ଥାନା ଚୁଡାମଣି ଗ୍ରାମ ଅଞ୍ଚଳରେ ଚଢାଉ କରାଯାଇ ୫୩୦ ଲିଟର ଦେଶୀ ରନ୍ଧା ମଦ,୧୭ ଲିଟର ଦେଶୀ ମଦ ଓ ୩୩ ଲିଟର ଜିଞ୍ଜର ଜବତ କରିବା ସହିତ ୬ ଜଣଙ୍କୁ ଗିରଫ କରାଯାଇଛି । ଗିରଫ ବ୍ୟକ୍ତିମାନେ ହେଲେ ପ୍ରଦୀପ ସାହୁ, ପ୍ରମୋଦ ମହାକୁଡ଼, ଲକ୍ଷ୍ମୀଧର ମହାକୁଡ଼, ବୁଲୁ ମଲ୍ଲିକ, ସନାତନ ମଲ୍ଲିକ ଓ ଶ୍ରୀହରି ଦାସ ।

# ପଥରରେ ଛେଚି ହେଲ୍‌ପରଙ୍କୁ ହତ୍ୟା

**ଯୋଡ଼ା, ୩୧।୧୦(ଡି.ଏନ.ଏ.)**

କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ଦୁବୁନା ନିକଟସ୍ଥ ଏକ ପଡିଆରେ ଜଣେ ଡମ୍ପର ହେଲପରକୁ ପଥରରେ ଛେଚି ହତ୍ୟା କରାଯାଇଥିବା ଜଣାପଡିଛି। ମୃତ ହେଲପରଙ୍କ ନାମ ବିପିନ ବାରିକ (୨୨)। ତାଙ୍କ ଘର ସୁନ୍ଦରଗଡ ଜିଲା ବଣେଇ ଅଞ୍ଚଳର ନଗରିଆ ଗ୍ରାମରେ। ସେ ଦୀର୍ଘ ଏକ ବର୍ଷରୁ ଊର୍ଦ୍ଧ୍ୱ ହେବ ଦୁବୁନା ଗ୍ରାମର ଜଣଙ୍କ ଘରେ ରହି ତାଙ୍କ ଡମ୍ପରରେ ହେଲପର ଭାବେ କାର୍ଯ୍ୟ କରୁଥିଲେ। ଶନିବାର ଉକ୍ତ ଗ୍ରାମର ପଡିଆ ଠାରେ ବିପିନ ବାରିକଙ୍କୁ ପଥରରେ ଛେଚି କ୍ଷତ ବିକ୍ଷତ ଅବସ୍ଥାରେ ତାଙ୍କ ମୃତଦେହ ପଡିଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଜଣାଇଥିଲେ। ଏସମ୍ପର୍କରେ ପୋଲିସ ସ୍ଥାନୀୟ ଲୋକଙ୍କୁ ପଚରାଉଚରା ମଧ୍ୟ କରିଛି। ପୂର୍ବ ଶତ୍ରୁତାରୁ ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ୍ ସନ୍ଦେହ କରିଛି। ଘଟଣାସ୍ଥଳରେ ବାମେବାରୀ ପୋଲିସ୍ ସାଇଣ୍ଟିଫିକ୍ ଟିମ୍ ସହିତ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏନେଇ ବାମେବାରୀ ଥାନାରେ ଏକ ମାମଲା (ନଂ.୧୪୭/୨୦) ରୁଜୁ ହୋଇଛି।

# ୩ ପଥର ବୋଝେଇ ଟ୍ରକ୍ ଜବତ

**ଢେଙ୍କାନାଳ ଅଫିସ, ୩୧।୧୦**

ଢେଙ୍କାନାଳ ସଦର ତହସିଲ ଅନ୍ତର୍ଗତ ନାଗିଆପଶି ଏବଂ ଗଁଦିଆ ତହସିଲର ମହୁଲଖୋଲିସ୍ଥିତ ବେଆଇନ ପଥର ଖାଦାନ ଉପରେ ଶୁକ୍ରବାର ବିଳମ୍ବିତ ରାତିରେ ଅତର୍କିତ ଚଢ଼ାଉ କରାଯାଇଛି। ଘଟଣାସ୍ଥଳରୁ ୩ ପଥର ବୋଝେଇ ଟ୍ରକ୍ ଜବତ କରାଯାଇ ଗଁଦିଆ ଥାନା ଜିମା ଦିଆଯାଇଛି। ଜିଲା ପ୍ରଶାସନ, ପୋଲିସ, ବନ ବିଭାଗ ପକ୍ଷରୁ ହୋଇଥିବା ଏହି ମିଳିତ ଚଢ଼ାଉରେ ଗଁଦିଆର ତହସିଲଦାର ଆଶିଷ ରଞ୍ଜନ ସାହୁ, ଓଡ଼ାପଡ଼ାର ଅତିରିକ୍ତ ତହସିଲଦାର ସାଗରିକା ସାହୁ, ସଦର ଅତିରିକ୍ତ ତହସିଲଦାର ଲକ୍ଷ୍ମଣ ଦଳେଇ, ଗଁଦିଆ ଥାନା ଏସଆଇ ସରୋଜ କୁମାର ସେଠୀ, କପିଳାସ ରେଞ୍ଜର ଗୌତମ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।


ଜବତ ଟ୍ରକ୍ ସହ ଚଢ଼ାଉରେ ସାମିଲ ହୋଇଥିବା ଅଧିକାରୀମାନେ।

# କ୍ଷତିଗ୍ରସ୍ତଙ୍କ ଅନଶନ ଚେତାବନୀ

**କଣିହାଁ, ୩୧।୧୦(ଡି.ଏନ.ଏ.)**

କଣିହାଁ ସ୍ଥିତ ଏମ୍‌ସିଏଲର ପଥରମୁଣ୍ଡା ଗ୍ରାମର ଖଣି କ୍ଷତିଗ୍ରସ୍ତ ନିଯୁକ୍ତି ଦାବିରେ ଚଳାଇଥିବା ଆନ୍ଦୋଳନ ଶନିବାର ୨୮ ଦିନରେ ପହଞ୍ଚିଛି। ଏତେ ଦିନ ଧରି ଆନ୍ଦୋଳନ ସତ୍ତ୍ୱେ କୌଣସି ସମାଧାନର ରାସ୍ତା ବାହାରୁନାହିଁ। ୨୪ ପରିବାରର ୫୦ରୁ ଊର୍ଦ୍ଧ୍ୱ ଯୁବତୀଯୁବକ ନିଯୁକ୍ତିରୁ ବଞ୍ଚିତ ହୋଇ ରହିଛନ୍ତି। ସେମାନେ ଅନଶନ ଆରମ୍ଭ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ଆସନ୍ତା ମାସରୁ ଅନଶନ କରାଯିବା ନେଇ ଆଲୋଚନ ହୋଇଥିବା ଜଗନ୍ନାଥ ସାହୁ, ବିଜୟ ଦାସ, ପ୍ରମିଳା ଦାସଙ୍କ ସମେତ ଆନ୍ଦୋଳନକାରୀ ପ୍ରକାଶ କରିଛନ୍ତି।

**ବାଲେଶ୍ୱର ଉପନିର୍ବାଚନ**

# ଭାଜପାରେ ମିଶିଲେ ସଂଖ୍ୟାଲଘୁ

**ବାଲେଶ୍ୱର ଅଫିସ, ୩୧।୧୦**

ବାଲେଶ୍ୱର ଉପନିର୍ବାଚନର ଅନ୍ତିମ ପର୍ଯ୍ୟାୟରେ ଭାଜପାରେ ସଂଖ୍ୟାଲଘୁ ସମ୍ପ୍ରଦାୟର ବହୁ ସଦସ୍ୟ ସାମିଲ ହୋଇଛନ୍ତି। ରାଜ୍ୟ ସଂଖ୍ୟାଲଘୁ ସେଲର ସଭାପତି ସିକନ୍ଦର ଅଲ୍ଲୀଙ୍କ ସଂଯୋଜନା ଓ ଜିଲା ଯୁବମୋର୍ଚ୍ଚା ଉପସଭାପତି ରଞ୍ଜିତ ପ୍ରଧାନଙ୍କ ସହଯୋଗରେ ଶନିବାର ମିଶ୍ରଣ ପର୍ବ ଆୟୋଜିତ ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସଂଖ୍ୟାଲଘୁଙ୍କ ଲାଗି ବହୁଜନହିତକର ଯୋଜନା ଏବଂ ଭିନ୍ନ ଭିନ୍ନ ଆଇନ ପ୍ରଣୟନ କରିଥିବାରୁ ଏହି ମିଶ୍ରଣରେ ଯୋଗଦେଇଥିବା ନବାଗତ ସଦସ୍ୟମାନେ ପ୍ରକାଶ କରିଛନ୍ତି। ସ୍ଥାନୀୟ ଏମ୍‌ପି ତଥା କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱକୁ ଭରସା କରିଛନ୍ତି ବାଲେଶ୍ୱର ସଂଖ୍ୟାଲଘୁ ସମ୍ପ୍ରଦାୟ।

ବାଲେଶ୍ୱର ସହଦେବଖୁଣ୍ଟାଠାରେ ଆୟୋଜିତ ମିଶ୍ରଣ ପର୍ବରେ ଭାଜପାର ବରିଷ୍ଠ ନେତା କନକବର୍ଦ୍ଧନ ସିଂଦେଓ, ମୂରଲୀ ମନୋହର ଶର୍ମା, ପ୍ରବୀଣ ଭଞ୍ଜଦେଓ, ସଂଖ୍ୟାଲଘୁ ମୋର୍ଚ୍ଚାର ସଭାପତି ସିକନ୍ଦର ଅଲ୍ଲୀ ଓ ଜିଲା ମିଡ଼ିଆ ସଂଯୋଜକ ଶ୍ରୀନିବାସ ପ୍ରଧାନ ପ୍ରମୁଖ ନବାଗତ ସଦସ୍ୟମାନଙ୍କୁ ଉତ୍ତରୀୟ ପିନ୍ଧାଇ ଦଳକୁ ସ୍ୱାଗତ କରିଥିଲେ। ବିଜୁ ଛାତ୍ର ଜନତା ଦଳର ନେତା ଫୟାଜ ଅହମ୍ମଦଙ୍କ ନେତୃତ୍ୱରେ ଅଜୟ ଜେନା, ଗିରିଜା ଜେନା, ଜ୍ଞାନ ବେହେରା ପ୍ରମୁଖ ଶତାଧିକ ସଦସ୍ୟ ଭାଜପାରେ ଯୋଗ ଦେଇଛନ୍ତି।


ନବାଗତଙ୍କୁ ସ୍ୱାଗତ କରୁଛନ୍ତି ଭାଜପାର ବରିଷ୍ଠ ନେତା।

# ମହିଳା ଭୋଟ ଉପରେ ବିଜେଡିର ନଜର

**ବାଲେଶ୍ୱର ଅଫିସ, ୩୧।୧୦**

ଉପନିର୍ବାଚନର ଶେଷ ପର୍ଯ୍ୟାୟରେ ବିଜେଡି ବିଭିନ୍ନ ସ୍ଥାନରେ ମାରାଥନ ପ୍ରଚାର ଚଳାଇଛି। ଘର ଘର ବୁଲି ପ୍ରଚାର ସହ ନିର୍ବାଚନୀ ସଭା, ଶତାଧିକ ମହିଳା, ପୁରୁଷଙ୍କ ରାଲି, ପଦଯାତ୍ରା ଆୟୋଜନ କରୁଛନ୍ତି। ସବୁକ୍ଷେତ୍ରରେ ମହିଳାଙ୍କର ପ୍ରାଧାନ୍ୟ ରହୁଛି। ପ୍ରତ୍ୟେକ ସଭାସମିତିରେ ମହିଳାଙ୍କ ସଂଖ୍ୟା ଅଧିକ କରିବା ପାଇଁ ସୁଚିନ୍ତିତ ଯୋଜନାରେ କାର୍ଯ୍ୟ ହେଉଥିବା ଦେଖିବାକୁ ମିଳିଛି। ଦଳୀୟ ପ୍ରାର୍ଥୀ ସ୍ୱରୂପ କୁମାର ଦାସ ମହିଳାମାନଙ୍କ ସମ୍ମାନ ରକ୍ଷା ପାଇଁ କାର୍ଯ୍ୟ କରିବେ ବୋଲି ବକ୍ତବ୍ୟରେ କହୁଛନ୍ତି।

ଶନିବାର ପ୍ରାର୍ଥୀ ସ୍ୱରୂପଙ୍କ ସମେତ ବହୁ ବରିଷ୍ଠ ନେତା, ମନ୍ତ୍ରୀ, ବିଧାୟକ ନିର୍ବାଚନମଣ୍ଡଳୀର କସିପଦା, ଆଙ୍କୋ, ରୂପ୍‌ସା, ଶ୍ରୀକୋଣା, ରାଇସୁଆଁ, ବୁଆଁଳ ଏବଂ ସିନ୍ଧିଆ ପଞ୍ଚାୟତରେ ଜୋରଦାର ପ୍ରଚାର ସହ ସାମୂହିକ ବୈଠକ ଆୟୋଜନ କରିଥିଲେ। ସେହିପରି ପୌରାଞ୍ଚଳର ୫, ୬, ୨୨ ଓ ୨୪ ନମ୍ବର ୱାର୍ଡ଼ରେ ଘର ଘର ବୁଲି ପ୍ରଚାର ସହ ପଦଯାତ୍ରା କରିଥିଲେ। ସଦର ବ୍ଲକ ଶ୍ରୀକୋଣା ପଞ୍ଚାୟତ ଝାମ୍ପୁରା ହାଟ ନିକଟରେ ଆୟୋଜିତ ନିର୍ବାଚନୀ ସଭାରେ ଶକ୍ତିମନ୍ତ୍ରୀ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର ଦାୟିତ୍ୱ ନେଇଥିଲେ। କସିପଦାରେ ହୋଇଥିବା ନିର୍ବାଚନୀ ସଭାରେ ଦାୟିତ୍ୱ ନେଇଥିଲେ ପର୍ଯ୍ୟବେକ୍ଷକ ବିଜୟ ନାୟକ। ଉଭୟ ବୈଠକରେ ରାଜ୍ୟ ସରକାର ଓ ମୁଖ୍ୟମନ୍ତ୍ରୀଙ୍କର ଜନହିତକର କାର୍ଯ୍ୟ ଉପରେ ଫୋକସ କରାଯାଇଥିବା ବେଳେ ମହିଳାମାନଙ୍କୁ ସଶକ୍ତିକରଣ କରି ସେମାନେ କିପରି ଭାବେ ଆର୍ଥିକ ସ୍ୱାବଲମ୍ବୀ ହୋଇପାରିବେ ତାହା ଉପରେ ଗୁରୁତ୍ୱ ଦିଆଯାଇଥିଲା। ବରିଷ୍ଠ ନେତା ପ୍ରସନ୍ନ ପାଟଶାଣୀ ତାଙ୍କ ବକ୍ତବ୍ୟରେ ମୁଖ୍ୟମନ୍ତ୍ରୀ କରୋନା ମହାମାରୀକୁ ସୁଚାରୁ ରୂପେ ପରିଚାଳନା କରିଥିବାରୁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ ପ୍ରଶଂସା କରାଯାଇଛି ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତିରେ ଉପନିର୍ବାଚନ ପାଇଁ ପ୍ରାର୍ଥୀ ହୋଇଥିବା ସ୍ୱରୂପ ଦାସଙ୍କୁ ଭୋଟ୍ ଦେଇ ବିଜୟୀ କରିବା ପାଇଁ ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନ୍ତ୍ରୀ ପ୍ରତାପ ଜେନା, ପର୍ଯ୍ୟଟନମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ରାଜ୍ୟ ଉପସଭାପତି ଦେବୀ ମିଶ୍ର, ପୂର୍ବତନ ଏମ୍‌ପି ତଥା ଜିଲା ସଭାପତି ଇଂ. ରବୀନ୍ଦ୍ର କୁମାର ଜେନା, ଚଳଚ୍ଚିତ୍ର ଅଭିନେତା ତଥା ପୂର୍ବତନ ବିଧାୟକ ଆକାଶ ଦାସ, ବରିଷ୍ଠ ନେତା ହରପ୍ରସାଦ ସାହୁ, ଯଯାତି ଦାସ ପ୍ରମୁଖ ମଞ୍ଚାସୀନ ହୋଇ ରାଜ୍ୟ ସରକାରଙ୍କ ବିକାଶ ଉପରେ ଆଲୋକପାତ କରିବା ସହ ଭୋଟ୍ ପାଇଁ ନିବେଦନ କରିଥିଲେ। ସେହିପରି ଆଙ୍କୋ ପଞ୍ଚାୟତରେ ସଞ୍ଜୀବ ସାହୁ, ରୂପ୍‌ସା ପଞ୍ଚାୟତରେ ମୁକ୍ତିକାନ୍ତ ମଣ୍ଡଳ, ରାଇସୁଆଁରେ ଶ୍ରୀକାନ୍ତ ସାହୁ ଆୟୋଜିତ କାର୍ଯ୍ୟକ୍ରମରେ ଦାୟିତ୍ୱ ତୁଲାଇଥିଲେ। ଅପରାହ୍ନରେ ବିଜୁ ମହିଳା ଜନତା ଦଳ ପକ୍ଷରୁ ଏକ ସ୍କୁଟି ରାଲି ସହର ପରିକ୍ରମା କରିଥିଲା। ଏହାକୁ ଜିଲା ସଭାପତି ଜେନା ଉଦ୍‌ଘାଟନ କରିଥିଲେ। ଟାଉନ ସଭାନେତ୍ରୀ ରଞ୍ଜିତା ମହାପାତ୍ରଙ୍କ ନେତୃତ୍ୱରେ ଶତାଧିକ ମହିଳା ସ୍କୁଟି ରାଲି ମାଧ୍ୟମରେ ପ୍ରଚାର କରି ବିଜେଡି ସପକ୍ଷରେ ଲୋକଙ୍କୁ ଆକର୍ଷିତ କରିବା ପାଇଁ ଚେଷ୍ଟା କରିଥିଲେ।


ଶ୍ରୀକୋଣା ପଡ଼ିଆରେ ଆୟୋଜିତ ନିର୍ବାଚନୀ ସଭାରେ ବିଜେଡି ପ୍ରାର୍ଥୀଙ୍କ ସମେତ ବହୁ ବରିଷ୍ଠ ନେତା, ମନ୍ତ୍ରୀ ଓ ଅନ୍ୟମାନେ।

## ସଂକ୍ଷେପରେ

### ଫ୍ୟୁଚର ଗ୍ରୁପ୍ ବିରୋଧରେ ସେବି ଦ୍ୱାରସ୍ଥ ହେଲା ଆମାଜନ

ମୁମ୍ବାଇ,୩୧।୧୦: ଫ୍ୟୁଚର ଗ୍ରୁପ୍ ଏବଂ ରିଲାଏନ୍ସ ଡିଲ୍‌କୁ ନେଇ ଆମାଜନ ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ(ସେବି)ର ଦ୍ୱାରସ୍ଥ ହୋଇଛି। ଫ୍ୟୁଚର ଗ୍ରୁପ୍ ମିଛ କହି ଶେୟାରଧାରକଙ୍କୁ ବୋକା ବନାଇଥିବା ଆମାଜନ ଅଭିଯୋଗରେ କହିଛି। ଗତ କିଛି ମାସ ହେବ ଏହି ବିବାଦ ଲାଗି ରହିଥିବା ଜଣାପଡ଼ିଛି। ଫ୍ୟୁଚର ଗ୍ରୁପ୍ ଏହାର ରିଟେଲ କାରବାରକୁ ମୁକେଶ ଅମ୍ବାନୀଙ୍କ ରିଲାଏନ୍ସ ଗ୍ରୁପ୍‌କୁ ବିକ୍ରି କରିବା ପରେ ଏଭଳି ବିବାଦ ମୁଣ୍ଡ ଟେକିଛି। ଏହି ଡିଲ୍ ଫ୍ୟୁଚର ଗ୍ରୁପ୍ ଏବଂ ଆମାଜନ ଡିଲ୍‌କୁ ଉଲ୍ଲଂଘନ କରିଥିବା ଅଭିଯୋଗରେ କୁହାଯାଇଛି। ଏଭଳି ବିବାଦ ଫ୍ୟୁଚର ଗ୍ରୁପ୍ ଏବଂ ଆମାଜନର ସମ୍ପର୍କରେ ଭଙ୍ଗା ସୃଷ୍ଟି କରିଛି। ଆମାଜନ ପକ୍ଷରୁ ସେବି ଅଧକ୍ଷ ଅଜୟ ତ୍ୟାଗୀଙ୍କ ନିକଟକୁ ଏକ ଚିଠି ଲେଖାଯାଇଛି। ଫ୍ୟୁଚର ଗ୍ରୁପ୍ ଜାରି କରିଥିବା ନ୍ୟୁଜ ରିଲିଜ ଏବଂ ଶେୟାର ବଜାରକୁ ପ୍ରଦାନ କରାଯାଇଥିବା ତଥ୍ୟ ଭାରତୀୟ ଆଇନର ଉଲ୍ଲଂଘନ ବୋଲି ଆମାଜନ କହିଛି। ଏହି ଡିଲ୍‌କୁ ଯାଞ୍ଚ କରିବା ପରେ ମଞ୍ଜୁରୀ ପ୍ରଦାନ କରିବାକୁ ଏହି ଇ-କମର୍ସ କମ୍ପାନୀ ଅଭିଯୋଗରେ କହିଛି। ଏ ପ୍ରସଙ୍ଗ ଉପରେ ଫ୍ୟୁଚର ଗ୍ରୁପ୍‌ର ମତାମତ ଲୋଡ଼ାଯାଇଥିଲେ ମଧ ମୁଖପାତ୍ର କିଛି କହିବାକୁ ମନା କରିଦେଇଛନ୍ତି।

### ପ୍ଲାଟ୍‌ଫର୍ମ ଟିକେଟ ହେବ ମହଙ୍ଗା

ମୁମ୍ବାଇ,୩୧।୧୦: ପ୍ଲାଟ୍‌ଫର୍ମ ଟିକେଟ ମୂଲ୍ୟ ବୃଦ୍ଧି ଦ୍ୱାରା ରାଜସ୍ୱ ବଢ଼ାଇବା ଲାଗି ରେଲୱେ ଯୋଜନା ରଖିଛି। ଦେଶର ବଛା ବଛା ଷ୍ଟେଶନରେ ପ୍ଲାଟ୍‌ଫର୍ମ ଟିକେଟ ମୂଲ୍ୟ ଦୁଇଗୁଣା ବଢ଼ାଇବା ଲାଗି ରେଲୱେ ବିଚାର କରୁଛି। ଫଳରେ ଟିକେଟ ମୂଲ୍ୟ ୧୦ରୁ ୨୦ ଟଙ୍କାକୁ ବଢ଼ିଯିବ। ଏହାବାଦ ୟୁଜର୍ସ ଡେଭଲପମେଣ୍ଟ ଫିସ୍(ୟୁଡିଏଫ୍)ଲାଗୁ କରିବା ଲାଗି ମଧ ରେଲୱେ ଲକ୍ଷ୍ୟ ରଖିଛି। ଏକ ଗଣମାଧମ ରିପୋର୍ଟ ମୁତାବକ, ସାରା ଦେଶର ୧୨୧ ଷ୍ଟେଶନରେ ନଭେମ୍ବର ମାସରେ ୟୁଡିଏଫ୍ ଲାଗୁ କରାଯାଇପାରେ। ଫଳରେ ଏହି ଷ୍ଟେଶନଗୁଡିକ ଲାଗି ଟିକେଟ ମୂଲ୍ୟରେ ବୃଦ୍ଧି ଘଟିବ।

# ୮୦% ଟପିବ ସରକାରଙ୍କ ଋଣ

ମୁମ୍ବାଇ,୩୧।୧୦



- ଭାରତ ହେବ ଏସିଆର ଦ୍ୱିତୀୟ ବୃହତ୍ ଋଣଗ୍ରସ୍ତ ରାଷ୍ଟ୍ର
- ମିଳିତ ବିତ୍ତୀୟ ନିଅଣ୍ଟ ୧୩%ରୁ ଊର୍ଦ୍ଧ୍ୱ ରହିପାରେ

କରୋନା ମହାମାରୀ ଯୋଗୁ ଘରୋଇ ବଜାର କ୍ଷତିଗ୍ରସ୍ତ ହୋଇ ରହିଛି। ଦେଶର ମୋଟ ଘରୋଇ ଉତ୍ପାଦ(ଜିଡିପି) ଲଗାତର ଖସିଚାଲିଛି। ଟିକସ ସଂଗ୍ରହ ହ୍ରାସ ହୋଇଥିବା ବେଳେ ଚଳିତ ଆର୍ଥିକ ବର୍ଷରେ ମିଳିତ ବିତ୍ତୀୟ ନିଅଣ୍ଟ ୧୩%ରୁ ଊର୍ଦ୍ଧ୍ୱ ରହିପାରେ। ଏହା ଗତବର୍ଷ ତୁଳନାରେ ପ୍ରାୟ ୨ଗୁଣ ରହିବା ନେଇ ଆକଳନ କରାଯାଇଛି। ସରକାରଙ୍କ ଋଣ ଦୀର୍ଘଦିନ ଧରି ଜିଡିପିର ୭୦% ମଧ୍ୟରେ ରହି ଆସୁଥିଲା। ଚଳିତ ବର୍ଷ ଏହା ପ୍ରାୟ ୮୦% ଟପି ପ୍ରାୟ ୧.୦୧ ଲକ୍ଷ କୋଟି ଛୁଇଁବା ନେଇ ଆକଳନ କରାଯାଇଛି। ଏହା ହେଲେ ଭାରତ ଚାଇନା ପରେ ଏସିଆର ଦ୍ୱିତିୟ ସର୍ବବୃହତ୍ ଋଣଗ୍ରସ୍ତ ରାଷ୍ଟ୍ର ହେବ ବୋଲି ଆକଳନ କରାଯାଇଛି।

କେନ୍ଦ୍ର ଏବଂ ରାଜ୍ୟ ସ୍ତରରେ ବିତ୍ତୀୟ ନିଅଣ୍ଟ ଲଗାତର ବଢୁଛି। ୨୦୧୯-୨୦ରେ ଏହା ୭%ରୁ ଊର୍ଦ୍ଧ୍ୱରେ ରହିଛି। ଗତ ୫ ବର୍ଷରେ ଏହା ହାରାହାରି ୬.୬% ସ୍ତରରେ ରହିଥିଲା। ୨୦୧୬ରୁ୨୦୧୯ ମଧ୍ୟରେ ବିତ୍ତୀୟ ନିଅଣ୍ଟକୁ ୪% ଭିତରେ ରଖିବାକୁ ସରକାର ଚେଷ୍ଟା କରିଛନ୍ତି। ଆର୍ଥିକ ବର୍ଷ ୨୦୧୯-୨୦ରେ ଏହା ୪.୬% ସ୍ତରରେ ରହିଛି। କରୋନା ମହାମାରୀ ଯୋଗୁ ଅର୍ଥ ବ୍ୟବସ୍ଥା ଚାପଗ୍ରସ୍ତ ହୋଇଛି। ଫଳରେ ଚଳିତ ଆର୍ଥିକ ବର୍ଷ ମିଳିତ ବିତ୍ତୀୟ ନିଅଣ୍ଟ ମୋଟ ଜିଡିପିର ୧୩%ରୁ ବଢ଼ିଯିବ ବୋଲି ସିଙ୍ଗାପୁର ଭିତ୍ତିକ ଡିବିଏସ୍ ବ୍ୟାଙ୍କ ପକ୍ଷରୁ ହୋଇଥିବା ଏକ ଅଧ୍ୟୟନରେ କୁହାଯାଇଛି। ଅର୍ଥନୀତିଜ୍ଞ ରାଧିକା ରାଓଙ୍କ ଅଧକ୍ଷତାରେ ଏକ ପ୍ୟାନେଲ ଏ ସଂକ୍ରାନ୍ତ ରିପୋର୍ଟ ପ୍ରକାଶ କରିଛି।

ଗତ ୩ ବର୍ଷରେ ସରକାରଙ୍କ ଋଣ ହାରାହାରି ପ୍ରାୟ ୭୦% ସ୍ତରରେ ରହିଥିଲା। ମହାମାରୀ ଯୋଗୁ ସରକାରଙ୍କୁ ଅଧିକ ଋଣ କରିବାକୁ ପଡୁଛି। ଫଳରେ ଋଣ ମୋଟ ଜିଡିପିର ୮୦% ଟପିବା ନେଇ ରିପୋର୍ଟରେ ଆକଳନ କରାଯାଇଛି। ଜୁଲାଇ ଶେଷ ସୁଦ୍ଧା ସରକାରଙ୍କ ପ୍ରତିଭୂତି (ବଣ୍ଡ ଏବଂ ଟ୍ରେଜେରି ବିଲ୍) ବକେୟା ବାବଦକୁ ୭୫.୬ ଲକ୍ଷ କୋଟି ବା ୧.୦୧ ଲକ୍ଷ କୋଟି ଟଙ୍କା ରହିଥିଲା। ଏଭଳି ସ୍ଥିତିରେ ରାଜ୍ୟଗୁଡିକର ଉନ୍ନତୀକରଣ ଋଣ ବାବଦ ବକେୟା ୩୪ ଲକ୍ଷ କୋଟି ଟଙ୍କା ସ୍ତର ଛୁଇଁଛି। ଏହା ମୋଟ ପ୍ରତିଭୂତିର ପ୍ରାୟ ଅଧା ବୋଲି ଜଣାପଡିଛି। ଆର୍ଥିକ ବର୍ଷ ୨୦୧୮-୧୯ରେ ପ୍ରତିଭୂତି ଜାରି କରିଥିବା ୫ ପ୍ରମୁଖ ରାଜ୍ୟ ମଧ୍ୟରେ ମହାରାଷ୍ଟ୍ର, ଉତ୍ତରପ୍ରଦେଶ, ତାମିଲନାଡୁ, ପଶ୍ଚିମବଙ୍ଗ ଏବଂ ଆନ୍ଧ୍ର ପ୍ରଦେଶ ରହିଛି। ଜାରି କରାଯାଇଥିବା ମୋଟ ପ୍ରତିଭୂତି ମଧ୍ୟରେ ଏହି ୫ ରାଜ୍ୟର ଅଂଶ ଅଧାରୁ ଅଧିକ ରହିଛି। ସେହିଭଳି ଶୀର୍ଷ ୧୦ ରାଜ୍ୟ ମୋଟ ପ୍ରତିଭୂତିର ପ୍ରାୟ ୭୫% ଅଂଶ ଜାରି କରିଛନ୍ତି।

ଅର୍ଥ ମନ୍ତ୍ରଣାଳୟ ଡାଟା ମୁତାବକ, ମୋଟ ସରକାରୀ ପ୍ରତିଭୂତି ମଧ୍ୟରୁ ୪୦% ବ୍ୟାଙ୍କଗୁଡିକ ନିକଟରେ ରହିଛି। ସେହିଭଳି ବୀମା କମ୍ପାନୀ ୨୫%, ରିଜର୍ଭ ବ୍ୟାଙ୍କ ୧୫% ଏବଂ ବିଦେଶୀ ନିବେଶକ ୨.୪% ହାସଲ କରିଛନ୍ତି। ସେହିଭଳି ମୋଟ ଷ୍ଟେଟ ଡେଭଲପମେଣ୍ଟ ଲୋନ(ଏସ୍‌ଡିଏଲ୍) ମଧ୍ୟରୁ ପ୍ରାୟ ୮୦% ମାଲିକାନା ବ୍ୟାଙ୍କ, ବୀମା କମ୍ପାନୀ ଏବଂ ଭବିଷ୍ୟନିଧି ପାଣ୍ଠି ନିକଟରେ ରହିଛି। ଏସ୍‌ଡିଏଲ୍ ଲାଗି ସରକାରୀ ପ୍ରତିଭୂତିରେ ବିଦେଶୀ ପୋର୍ଟଫୋଲିଓ ନିବେଶ ସୀମା ୬% ରହିଛି। ଏହା ୨୦୨୧ ମାର୍ଚ୍ଚ ସୁଦ୍ଧା ଦୀର୍ଘମିଆଦୀ ଭିତ୍ତିରେ ୩.୪ ଲକ୍ଷ କୋଟି ଟଙ୍କା ଛୁଇଁପାରେ। ଏହା ଏସ୍‌ଡିଏଲ୍‌ରେ ୭୪,୭୦୦ କୋଟି ଟଙ୍କା ରହିବା ନେଇ ରିପୋର୍ଟରେ କୁହାଯାଇଛି।

# ତନିସ୍କ ପକ୍ଷରୁ ଦୀପାବଳି ଅଫର




ଭୁବନେଶ୍ୱର,୩୧।୧୦

ପ୍ରମୁଖ ଗହଣା ବ୍ରାଣ୍ଡ ତନିସ୍କ ପକ୍ଷରୁ ଦୀପାବଳି ପାଇଁ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି। ଚଳିତ ପାର୍ବଣ ସମୟରେ ପରିବାର ମଧ୍ୟରେ ଖୁସି ଆଣିଦେବା ପାଇଁ ତନିସ୍କ ପ୍ରତି ବର୍ଷ ପରି ଏ ବର୍ଷ ମଧ ପୂଜା ସ୍ୱତନ୍ତ୍ର ଅଫର ଆଣିଛି। ଗ୍ରାହକ ସୁନାଗହଣାର ଗଢ଼ା ମୂଲ୍ୟ ଓ ହୀରା ଗହଣାର ମୂଲ୍ୟ ଉପରେ ୨୫% ପର୍ଯ୍ୟନ୍ତ ରିହାତି ପାଇପାରିବେ। ସେହିଭଳି ତନିସ୍କର ସ୍ୱତନ୍ତ୍ର ଉତ୍ସବ ସମ୍ଭାର-ଏକତ୍ୱମ ସହିତ ଉତ୍ସବର ମଜା ଉଠାଇପାରିବେ। ସାରା ଭାରତର ବିଭିନ୍ନ ଅଞ୍ଚଳର ସମନ୍ୱୟରୁ ପ୍ରସ୍ତୁତ ୧୫ଟି ଭିନ୍ନ କଳାକୃତି ଏହି ସମ୍ଭାରରେ ସାମିଲ ହୋଇଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଏ ସମ୍ପର୍କରେ ତନିସ୍କର ମାର୍କେଟିଂ ଆଣ୍ଡ ରିଟେଲ, ଭିପି ଅରୁଣ ନାରାୟଣ କହିଛନ୍ତି, ବିଗତ ୬ ମାସ ମଧ୍ୟରେ ସାରା ଦେଶରେ ବିଭିନ୍ନ ଆହ୍ୱାନ ଏବଂ ମାନ୍ଦାବସ୍ଥା ମଧ ଲାଗି ରହିଛି। ଚଳିତ ପାର୍ବଣରେ ଏକ ନୂଆ ଆରମ୍ଭ ହେବ। ଏହି ସମ୍ଭାରରେ ରହିଥିବା ଗହଣାଗୁଡିକର ମୂଲ୍ୟ ୪୦ହଜାର ଟଙ୍କାରୁ ଆରମ୍ଭ ହୋଇଥିବା ବେଳେ ଭାରତର ସମସ୍ତ ତନିସ୍କ ଷ୍ଟୋର ଏବଂ ତନିସ୍କର ଇ-କମର୍ସ ପ୍ଲାଟ୍‌ଫର୍ମ ଜରିଆରେ ମଧ ଏହା ଉପଲବ୍ଧ ହେଉଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

## କେୟାର ହସ୍ପିଟାଲ ପକ୍ଷରୁ ସାଇକେଲ ଶୋଭାଯାତ୍ରା

ଭୁବନେଶ୍ୱର,୩୧।୧୦

କେୟାର ହସ୍ପିଟାଲ ଓ ଭୁବନେଶ୍ୱର ସାଇକ୍ଲିଂ ଓ ଆଡଭେଞ୍ଚର କ୍ଲବ(ବିସିଏସି)ର ମିଳିତ ସହାୟତାରେ ଶନିବାର ସକାଳେ ଏକ ଫୁଲ୍ ଓ ହାଫ୍ ମାରାଥାନ ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରା ବିସିଏସି କ୍ଲବ ପରିସରରୁ ଆରମ୍ଭ ହୋଇ ରାଜଭବନ ରୋଡ୍, କଳିଙ୍ଗ ଷ୍ଟାଡିୟମ, ଜୟଦେବ ବିହାର, ନାଲ୍‌କୋ ଛକ, ପଟିଆ ଛକ, କିଟ୍ ଛକ, ନନ୍ଦନକାନନ, ବାରଙ୍ଗ ଏବଂ ତ୍ରିଶୂଳିଆ ଛକ ଦେଇ ପୁନର୍ବାର ବିସିଏସି କ୍ଲବ ପରିସରକୁ ଫେରିଥିଲା। ଏହି ଅବସରରେ ୨୦ କି.ମି. ହାଫ୍ ମାରାଥନ ଏବଂ ୪୨ କି.ମି. ଫୁଲ୍‌ମାରାଥନା ଅନୁଷ୍ଠିତ ହୋଇଥିଲା। କ୍ଲବର ୨୦୦ରୁ ଊର୍ଦ୍ଧ୍ୱ ମେମ୍ବର ଏଥିରେ ଯୋଗଦେଇଥିଲେ। ସୁରକ୍ଷା ଦୃଷ୍ଟିରୁ କେୟାର ହସ୍ପିଟାଲ ପକ୍ଷରୁ ବିଭିନ୍ନ ଛକରେ ଫାଷ୍ଟଏଡ୍ ସେବା ସହ ରିଫ୍ରେସମେଣ୍ଟର ବ୍ୟବସ୍ଥା ହୋଇଥିଲା। ଏହାସହ ଅତ୍ୟାଧୁନିକ ଆମ୍ବୁଲାନ୍ସ ମଧ ପ୍ରତିଯୋଗୀଙ୍କ ସହିତ ରହିଥିଲା। ସେହିଭଳି ଚଳିତ କରୋନା ମହାମାରୀ ସମୟରେ ହସ୍ପିଟାଲ ପକ୍ଷରୁ ବିଭିନ୍ନ ପ୍ରକାର ସହଯୋଗ ଓ ସହାୟତା ସାଧାରଣ ଜନତାଙ୍କୁ ଯୋଗାଇ ଦିଆଯାଇଥିବା ସଂସ୍ଥାର ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

## ଷ୍ଟାଣ୍ଡ୍ ଅପ୍ ମିତ୍ର ପୋର୍ଟାଲ ଦ୍ୱାରା ଋଣ ସହାୟତା

ନୂଆଦିଲ୍ଲୀ,୩୧।୧୦

କେନ୍ଦ୍ର ସରକାରଙ୍କ ଷ୍ଟାଣ୍ଡ୍ ଅପ୍ ଯୋଜନାରେ କ୍ଷୁଦ୍ର ଉଦ୍ୟୋଗୀଙ୍କୁ ଋଣ ସହାୟତା ଯୋଗାଇ ଦିଆଯାଉଛି। ସ୍ମଲ ଇଣ୍ଡଷ୍ଟ୍ରିଜ ଡେଭଲପମେଣ୍ଟ ବ୍ୟାଙ୍କ (ସିଡ୍‌ବି) ପକ୍ଷରୁ ପ୍ରାୟ ୨୧ ହଜାର କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଋଣ ପ୍ରଦାନ କରାଯାଇଛି। ବ୍ୟାଙ୍କ ଏହାର ଷ୍ଟାଣ୍ଡ୍ ଅପ୍ ମିତ୍ର ପୋର୍ଟାଲ ସହାୟତାରେ ଋଣ ପ୍ରଦାନ ଲାଗି ବ୍ୟବସ୍ଥା କରିଛି। ଅଣୁ କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ(ଏମ୍‌ଏସ୍‌ଏମ୍‌ଇ)ଗୁଡିକୁ ଶସକ୍ତ କରିବା ଲାଗି ଏଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ସିଡ୍‌ବିର ଉପପରିଚାଳନା ନିର୍ଦ୍ଦେଶକ ଭି.ସତ୍ୟ ଭେଙ୍କଟରାଓ ସୂଚନା ଦେଇଛନ୍ତି।

## ନିର୍ମଳାଙ୍କ ସହ ମତଭେଦରୁ ଭିଆର୍‌ଏସ୍ ନେଇଥିଲେ ସୁଭାଷ ଗର୍ଗ

ମୁମ୍ବାଇ,୩୧।୧୦

ପୂର୍ବତନ ଅର୍ଥ ସଚିବ ସୁଭାଷ ଚନ୍ଦ୍ର ଗର୍ଗ ତାଙ୍କ କାର୍ଯ୍ୟକାଳ ସରିବା ପୂର୍ବରୁ ନିଜ ପଦବୀରୁ ଇସ୍ତଫା ଦେଇଥିଲେ। ସେ କାହିଁକି ଏଭଳି ନିଷ୍ପତ୍ତି ନେଇଥିଲେ ସେ ସମ୍ପର୍କରେ ଶନିବାର ଏକ ବ୍ଲଗ୍ ଲେଖାରେ ବଡ ଖୁଲାସା କରିଛନ୍ତି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କ ସହ ତାଙ୍କର ଭଲ ସମ୍ପର୍କ ନ ଥିଲା। ମତଭେଦ କାରଣରୁ ଗର୍ଗ ନିଜ ପଦବୀ ଛାଡିଥିବା ଆରୋପ ଲଗାଇଛନ୍ତି। ଏଭଳି ବିଭିନ୍ନ କାରଣ ଯୋଗୁ ତାଙ୍କ ଅନିଚ୍ଛା ସତ୍ତ୍ୱେ ସ୍ୱେଚ୍ଛାକୃତ ଅବସର (ଭିଆର୍‌ଏସ୍) ନେବାକୁ ବାଧ ହେଲେ ବୋଲି ସେ ବ୍ଲଗ୍ ପୋଷ୍ଟରେ କହିଛନ୍ତି। ତାଙ୍କୁ ୨୦୧୯ ଜୁଲାଇରେ ଅର୍ଥ ମନ୍ତ୍ରଣାଳୟର ପ୍ରମୁଖ ପଦବୀରୁ ବିଜୁଳି ମନ୍ତ୍ରଣାଳୟର ସଚିବ ଭାବେ ଅବସ୍ଥାପିତ କରାଗଲା। ଏହା ପରେ ସେ ଭିଆର୍‌ଏସ୍ ଲାଗି ଆବେଦନ କରିଥିଲେ। ୨୦୧୯ ଅକ୍ଟୋବର ୧୯ରେ ତାଙ୍କୁ କାର୍ଯ୍ୟମୁକ୍ତ କରାଯାଇଥିଲା। ଗର୍ଗ ବ୍ଲଗ୍‌ରେ କହିଛନ୍ତି, ସୀତାରାମନ ଅର୍ଥମନ୍ତ୍ରୀ ଭାବେ କାର୍ଯ୍ୟଭାର ଗ୍ରହଣ କରିବା ପରଠାରୁ ହିଁ ଗୋଟିଏ ମାସ ଭିତରେ ହିଁ ଅର୍ଥ ସଚିବ ପଦବୀ ତାଙ୍କୁ ଟ୍ରାନ୍ସଫର କରିବା ଲାଗି ପ୍ରକ୍ରିୟା ଆରମ୍ଭ ହୋଇଥିଲା।

ଯଦି ଇସ୍ତଫା ଦେଇ ନ ଥାନ୍ତେ ତେବେ ୨୦୨୦ ଅକ୍ଟୋବର ୩୧ ତାଙ୍କର ଶେଷ କାର୍ଯ୍ୟ ଦିବସ ହୋଇଥାନ୍ତା ବୋଲି ଲେଖାରେ ଗର୍ଗ ପ୍ରକାଶ କରିଛନ୍ତି। ଅର୍ଥମନ୍ତ୍ରୀଙ୍କ ସହ ଭଲ ଏବଂ ଏକ ପ୍ରଭାବଶାଳୀ ସମ୍ପର୍କ ରହି ନ ଥିଲା। ଫଳରେ ସେ ଅର୍ଥ ମନ୍ତ୍ରଣାଳୟ ବାହାରେ ଅନ୍ୟ କୌଣସି ମନ୍ତ୍ରଣାଳୟରେ ଆଉ କାମ କରିବାକୁ ଚାହିଁଲେ ନାହିଁ। ୨୦୧୯ ସାଧାରଣ ନିର୍ବାଚନ ପରେ ସୀତାରାମନ ଅର୍ଥମନ୍ତ୍ରୀ ଭାବେ ଦାୟିତ୍ୱ ସମ୍ଭାଳିଲେ। ପୂର୍ବତନ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କ ସହ ତାଙ୍କର ଭଲ ସମ୍ପର୍କ ରହିଥିଲା ବୋଲି ଗର୍ଗ କହିଛନ୍ତି। ମାତ୍ର ସୀତାରାମନଙ୍କ ସହ ତାଙ୍କର ସେଭଳି କୌଣସି ତାଳମେଳ ରହିପାରିଲା ନାହିଁ। ଅର୍ଥମନ୍ତ୍ରୀ ତାଙ୍କ ସହ କାମ କରିବା ସ୍ଥିତିରେ ନ ଥିଲେ। ଆର୍‌ବିଆଇର ଆର୍ଥିକ ପୁଞ୍ଜିଗତ ଢାଞ୍ଚା, ଏନ୍‌ବିଏଫ୍‌ସି ସମସ୍ୟା ଲାଗି ପ୍ୟାକେଜ, ଆଂଶିକ କ୍ରେଡିଟ ଗ୍ୟାରେଣ୍ଟିଂ ଯୋଜନା ଏବଂ ଏନ୍‌ବିଏଫ୍‌ସିକୁ ପୁଞ୍ଜି ଯୋଗାଣ ଭଳି ବିଭିନ୍ନ ପ୍ରସଙ୍ଗରେ ଅର୍ଥମନ୍ତ୍ରୀଙ୍କ ସହ ତାଙ୍କର ମତଭେଦ ରହିଥିଲା ବୋଲି ଗର୍ଗ ପ୍ରକାଶ କରିଛନ୍ତି।



ଶୁକ୍ରବାର ଫ୍ରାନ୍ସରେ ଦ୍ୱିତୀୟ ଲକ୍‌ଡାଉନ୍ ଆରମ୍ଭ ହେବା ପୂର୍ବରୁ ଘରମୁହାଁ ଲୋକଙ୍କ ପାଇଁ ୭୦୦ କିଲୋମିଟର ଯାଏ ଟ୍ରାଫିକ୍ ଜାମ୍।

## ୧୧ ଦେଶର ଓଡ଼ିଆ କଳାକାରଙ୍କୁ ନେଇ କୁମାର ପୂର୍ଣ୍ଣିମା

ପୁରୀ ଅଫିସ,୩୧।୧୦

**ଅନ୍‌ଲାଇନରେ ଜମିଲା ନୃତ୍ୟ, ଗୀତ**

ଏକ ଭିନ୍ନ ଶୈଳୀରେ ପ୍ରଥମଥର ପାଇଁ ୧୧ଟି ଦେଶରେ ଥିବା ଓଡ଼ିଆ କଳାକାରଙ୍କୁ ନେଇ ଶନିବାର ପାରମ୍ପରିକ ଓଡ଼ିଆ ପର୍ବ କୁମାର ପୂର୍ଣ୍ଣିମା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ପର୍ଜିଭିଭ ଅନୁଷ୍ଠାନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଜାପାନ, ଚୀନ, ହଂକଂ, ତାଇୱାନ, ସିଙ୍ଗାପୁର, ମାଲେସିଆ, ଥାଇଲାଣ୍ଡ, ମ୍ୟାନ୍‌ମାର ଏବଂ ଭାରତରେ ଥିବା ଓଡ଼ିଆ କଳାକାରଙ୍କୁ ଅନ୍‌ଲାଇନରେ ସଂଯୋଗ କରାଯାଇଥିଲା। ଆଇସିସିଆରର ଡାଇରେକ୍ଟର ଜେନେରାଲ ଦୀନେଶ କୁମାର ପଟ୍ଟନାୟକ ମୁଖ୍ୟଅତିଥି ରୂପେ ଯୋଗଦେଇଥିଲେ। ଓଡ଼ିଶାର ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ କହିଥିଲେ, ବିଦେଶରେ ଥିବା ପ୍ରବାସୀ ଓଡ଼ିଆ କଳାକାରଙ୍କୁ ଗୋଟିଏ ମଞ୍ଚକୁ ଆଣିବା ପାଇଁ ଓଡ଼ିଶା ପର୍ଜିଭିଭର ଏହି ପ୍ରୟାସ ପ୍ରଶଂସନୀୟ। ଅନ୍‌ଲାଇନ ଜରିଆରେ ଜାପାନର ଓଡ଼ିଶୀ ନୃତ୍ୟାଙ୍ଗନା ଚିସାଟୋ ମିଉରା ପାରମ୍ପରିକ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ମାହିକା ପାଣ୍ଡେ ପ୍ରସ୍ତୁତ କରିଥିଲେ ଓଡ଼ିଆ ଗୀତ କୁଆଁର ପୁନେଇ ଜହ୍ନଲୋ ଫୁଲ ବଉଳବେଣୀ। ସିଙ୍ଗାପୁରରେ ଥିବା ଓଡ଼ିଆ କଳାକାରମାନଙ୍କ ଦ୍ୱାରା ପ୍ରସ୍ତୁତ ଲୋକନୃତ୍ୟ ମଧ ବେଶ୍ ଆକର୍ଷଣୀୟ ସାଜିଥିଲା। କଣ୍ଠଶିଳ୍ପୀ ସୁଶ୍ରୀ ନାଜିଆ ଆଲାମ୍ ଓଡ଼ିଆ ଆଧୁନିକ ଗୀତ ଏଇ ମୋ ମନ ଗାଇଥିଲେ। ଜାପାନ କ୍ୟୋଟୋର ଅନ୍ତର୍ଜାତୀୟ ପର୍ଯ୍ୟଟନ ରାଷ୍ଟ୍ରଦୂତ କୁନା ଦାଶ ଏଥିରେ ନିଜ ମନ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ଲିଙ୍ଗରାଜ ଦାସ ତବଲା ବାଦନ କରିଥିବା ବେଳେ ସୁଦାମ ପ୍ରଧାନଙ୍କ ବାଲୁକା କଳା ମଧ ବେଶ୍ ଆକର୍ଷଣୀୟ ହୋଇଥିଲା। ଓଡ଼ିଶା ପର୍ଜିଭିଭର ଅଧକ୍ଷ ସଞ୍ଜୀବ କୁମାର ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

# ସ୍କୁଲ ଖୋଲିବା ନିଷ୍ପତ୍ତିକୁ ଅଭିଭାବକଙ୍କ ନାପସନ୍ଦ

ଭୁବନେଶ୍ୱର, ୩୧।୧୦(ବ୍ୟୁରୋ)

ରାଜ୍ୟରେ କରୋନା ସଂକ୍ରମଣ କମୁଥିବାରୁ ଧୀରେ ଧୀରେ ସ୍ଥିତି ସ୍ୱାଭାବିକ ହେବାରେ ଲାଗିଛି। ତେବେ ଶିକ୍ଷାନୁଷ୍ଠାନଗୁଡିକ ବନ୍ଦ ରହିଥିବାରୁ ଛାତ୍ରୀଛାତ୍ରଙ୍କ ପାଠପଢ଼ା ଓ କ୍ୟାରିୟର ଗୁରୁତର ପ୍ରଭାବିତ ହୋଇଛି। ଏପରିସ୍ଥିତିରେ ନଭେମ୍ବର ୧୫ ପରେ ନବମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ ପାଇଁ ଶିକ୍ଷାନୁଷ୍ଠାନ ଖୋଲିବା ପାଇଁ ରାଜ୍ୟ ସରକାର ପ୍ରୟାସ ଆରମ୍ଭ କରିଛନ୍ତି। କିନ୍ତୁ କେବେ ଖୋଲିବ ତାହା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତାରିଖ ଧାର୍ଯ୍ୟ କରିବ। ତେବେ ଏନେଇ ଶନିବାର ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍‌ଆର୍‌ସି) ପକ୍ଷରୁ ନିର୍ଦ୍ଦେଶନାମା ଜାରି ହେବା ପରେ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ବର୍ତ୍ତମାନ ପିଲାଙ୍କୁ ସ୍କୁଲ ଛାଡ଼ିବା ସୁରକ୍ଷିତ ମନେ କରୁନାହାନ୍ତି ଅଭିଭାବକ। ସ୍କୁଲ ଏବେ ଖୋଲା ନ ଯାଉ। ଯଦି ସ୍କୁଲ ଖୋଲିବ, ତେବେ ପିଲାଙ୍କର କିଛି ହେଲେ ସରକାର ଦାୟୀ ରହିବେ କି ବୋଲି ଅଭିଭାବକମାନେ ପ୍ରଶ୍ନ କରୁଛନ୍ତି। ତେଣୁ ସ୍କୁଲ ଖୋଲିବା ଆଗରୁ କଡ଼ା ଏସ୍‌ଓପି ଜାରି ହେବା ଉଚିତ ବୋଲି ମତପ୍ରକାଶ ପାଇଛି।

**‘ପିଲାମାନେ ସଂକ୍ରମିତ ନ ହେବାର ପ୍ରତିଶ୍ରୁତି ଦିଅନ୍ତୁ’**



ଏସ୍‌ଆର୍‌ସିଙ୍କ ନିଷ୍ପତ୍ତିକୁ ଦୃଢ଼ ନିନ୍ଦା କରୁଛୁ। ୭ଦିନ ପୂର୍ବରୁ ମୁଖ୍ୟମନ୍ତ୍ରୀ କହିଥିଲେ, ଶୀତ ହେଲେ କରୋନାର ଭୟାବହତା ବଢ଼ିବ। ନଭେମ୍ବର ୧୫ ପରେ ଶୀତ ପିକ୍‌ରେ ଥିବ। ତେଣୁ ସେହି ସମୟରେ ସ୍କୁଲ୍ ଖୋଲିବା ପାଇଁ କିପରି ନିଷ୍ପତ୍ତି ନିଆହେଲା। ଯଦି ସ୍କୁଲ ଖୋଲିବ ତେବେ କଡ଼ା ଏସ୍‌ଓପି ଜାରି ହେବା ସହିତ ପିଲା ଯେପରି କରୋନାରେ ଆକ୍ରାନ୍ତ ନ ହେବେ, ସେଥିପାଇଁ ସରକାର ପ୍ରତିଶ୍ରୁତି ଦିଅନ୍ତୁ।

**– ବାସୁଦେବ ଭଟ୍ଟ, ଅଧକ୍ଷ, ଓଡ଼ିଶା ଅଭିଭାବକ ମହାସଂଘ**

**‘ପିଲାଙ୍କ ଜୀବନକୁ ବିପଦରେ ପକାଇବା ଠିକ୍ ନୁହେଁ’**



ମୋ ଝିଅ ଦଶମ ଶ୍ରେଣୀରେ ପଢୁଛି। ସ୍କୁଲ୍ ବନ୍ଦ ଯୋଗୁ ପାଠପଢ଼ା ବ୍ୟାହତ ହେଉଥିବାରୁ ଚିନ୍ତାରେ ରହିଛୁ। ଏପଟେ ପାଠପଢ଼ା ପାଇଁ ପିଲାଙ୍କ ଜୀବନକୁ ବିପଦ ମୁହଁକୁ ଠେଲି ଦେଇପାରିବୁନି। ତେଣୁ ପିଲାଙ୍କ ସୁରକ୍ଷା ପ୍ରତି ସରକାର ଚିନ୍ତା କରନ୍ତୁ। ଯଦି ହେବ ଆମେ ଗୋଟେ ଶିକ୍ଷାବର୍ଷ ନଷ୍ଟ କରିଦେବୁ ପଛେ ଝିଅର ଜୀବନ ଓ କ୍ୟାରିୟରକୁ ନଷ୍ଟ କରିବୁ ନାହିଁ।

**– ଅରୁଣ କୁମାର ସ୍ୱାଇଁ, ଅଭିଭାବକ**

**‘ସ୍କୁଲ ଖୋଲିବା ପୂର୍ବରୁ ସ୍ୱତନ୍ତ୍ର ଏସ୍‌ଓପି ଜାରି ଜରୁରୀ’**



ନବମରୁ ଦ୍ୱାଦଶ ଶ୍ରେଣୀ ପିଲାଙ୍କ ପାଇଁ ସ୍କୁଲ ଖୋଲିବା ନିଷ୍ପତ୍ତିକୁ ଗ୍ରହଣ କରିହେଉ ନାହିଁ। ଯଦି ସ୍କୁଲ ଖୋଲିବ, ତେବେ ମୁଖ୍ୟମନ୍ତ୍ରୀ ପିଲାଙ୍କ ପାଇଁ ଦାୟୀ ରହିବେ କି? ନବମରୁ ଦ୍ୱାଦଶ ଶ୍ରେଣୀ ପିଲାଙ୍କୁ କରୋନା ହେବ ନାହିଁ ବୋଲି ତ କେଉଁଠି ଲେଖା ହୋଇନି। କେଉଁ ଭରସାରେ ଆମେ ସେମାନଙ୍କୁ ସ୍କୁଲ ଛାଡ଼ିବୁ? ସ୍କୁଲ ଖୋଲିବା ପୂର୍ବରୁ ସ୍ୱତନ୍ତ୍ର ଏସ୍‌ଓପି ଜାରି ହେବା ଉଚିତ। ଅନେକ ସ୍କୁଲ କର୍ତ୍ତୃପକ୍ଷ କହୁଛନ୍ତି, ଆମେ ସ୍କୁଲ ଖୋଲିବୁ ନାହିଁ କି ରିସ୍କ ନେବୁ ନାହିଁ।

**– ମମତା ସାମନ୍ତରାୟ, ଅଭିଭାବକ**

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଦୀପାବଳି ଧମାକା
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Shri Ram Finance
ଆଧାରକାର୍ଡ | ଏଗ୍ରିକଲ୍ଚର | ମାର୍କଶିଟ୍ | ପର୍ସନାଲ | ପ୍ରପର୍ଟି | ଗ୍ରୁପ୍
ସବୁ ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
94666-18733
94337-13915
B-34/7 A Block Vijay Enclave, Bururi, New Delhi

AMBA Finance
ମାର୍କସିଟ | ବ୍ୟବସାୟ | ବ୍ୟକ୍ତିଗତ | ଆଧାରକାର୍ଡ | ସମ୍ପତି ଋଣ | ରାସନ୍‌କାର୍ଡ
ଆଦି ସମସ୍ତ ଲୋନ ଘରେବସି ପାଆନ୍ତୁ
2% ସୁଧ 50% ଛାଡ
(ମହିଳା ଓ ବିଦ୍ୟାର୍ଥୀ ମାନଙ୍କ ପାଇଁ ବିଶେଷ ଛାଡ)
Lane No - 5, MG Road, Bangalore
9667721447

ନର୍ସିଂ ଓ ପାରାମେଡିକାଲ୍ ନାମଲେଖା
Bhava Institute Of Medical Science & Research
G.N.M
ଷ୍ଟାଫ୍ ନର୍ସ
Duration : 3 Year, Eligibility : +2 Pass (Any Stream) 40% Mark
A.N.M
ମହିଳା ସ୍ୱାସ୍ଥ୍ୟ କର୍ମୀ
Duration : 2 Year, Eligibility : +2 Pass (Any Stream)
Operation Theater Technician
ଅପରେସନ ଥିଏଟର ଟେକ୍ନିସିଆନ୍
Medical Lab Technician
ମେଡିକାଲ୍ ଲ୍ୟାବ୍ ଟେକ୍ନିସିଆନ୍
X-Ray Technician
ଏକ୍ସରେ ଟେକ୍ନିସିଆନ୍
ସମୟସୀମା : ୧ ବର୍ଷ ଓ ୨ ବର୍ଷ,
ଯୋଗ୍ୟତା : ୧୦ମ ଓ + ୨ ପାଶ୍
ପାରା-ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୩୦ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15
Phone : 0674 - 2553122,
8456845313, 9040009727 (M)

TCF FINANCE
TCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେବସି 5 ଘଣ୍ଟାରେ ପାଆନ୍ତୁ।
0% ସୁଧ 45% ଛାଡ
No File Charge No Guarantor
Online Facility Available
Plot No 428/74, Shahnajaf Rd, Lucknow, Uttar Pradesh 226001
Helpline Number
6396732814

ଖର୍ଚ୍ଚ ଲୋନ ପାସ୍ ହେଲା ପରେ
GLOBAL FINANCE
(Reg. No. KA08FGD557S113)
(ବିନା କୌଣସୀ ସାକ୍ୟୁରିଟି ରେ)
୧୯୮୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ,
ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7653848464

RIDHI FINANCE
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
9310078574
9310051634
Email : ltfinanceodisha@gmail.com

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମୁମ୍ବାଇ ୯ ଉଇକେଟରେ ବିଜୟୀ




**ଦୁବାଇ,୩୧।୧୦(ପି.ଟି.)**

ଡେଥ୍ ଓଭର ସ୍ପେଶାଲିଷ୍ଟ ଯଶପ୍ରୀତ୍ ବୁମ୍ରା ଓ ଟ୍ରେଣ୍ଟ ବୋଲ୍ଟଙ୍କ ଘାତକ ବୋଲିଂ ଓ ଇଶାନ କିଶନଙ୍କ ଧୂଆଁଧାର ବ୍ୟାଟିଂ ବଳରେ ଡିଫେଣ୍ଡିଂ ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ ଏକ ସହଜ ବିଜୟ ହାସଲ କରିଛି। ଶନିବାର ସ୍ଥାନୀୟ ଦୁବାଇ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଅନୁଷ୍ଠିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୫୧ତମ ମ୍ୟାଚ୍‌ରେ ମୁମ୍ବାଇ ୯ ଉଇକେଟରେ ଅତି ସହଜରେ ଦିଲ୍ଲୀ କ୍ୟାପିଟାଲ୍ସକୁ ପରାସ୍ତ କରିଛି। ପୂର୍ବରୁ ପ୍ଲେ- ଅଫ୍‌ରେ ସ୍ଥାନ ପକ୍କା କରିସାରିଥିବା ମୁମ୍ବାଇ ୧୩ଟି ମ୍ୟାଚ୍ ଖେଳି ୯ ବିଜୟ, ୪ ପରାଜୟ ସହ ୧୮ ପଏଣ୍ଟ ହାସଲ କରି ତାଲିକାରେ ତା'ର ଶୀର୍ଷ ସ୍ଥାନକୁ ଆହୁରି ଦୃଢ଼ କରିଛି। ଏଥିସହିତ ମୁମ୍ବାଇ ଲିଗ୍ ଟେବୁଲ୍‌ରେ ଅତିକମ୍‌ରେ ଶ୍ରେଷ୍ଠ ଦୁଇଟି ସ୍ଥାନରେ ରହିବା ନିଶ୍ଚିତ ହୋଇଛି। ଟସ୍ ଜିତି ମୁମ୍ବାଇ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ମୁମ୍ବାଇ ବୋଲରଙ୍କ ସମ୍ମୁଖୀନ ହୋଇ ନ ପାରି ଦିଲ୍ଲୀ ମାମୁଲି ପ୍ରଦର୍ଶନ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୧୦ ରନ ସଂଗ୍ରହ କରିଥିଲା। ଜବାବରେ ମୁମ୍ବାଇ ପାଖାପାଖି ୬ ଓଭର ବାକି ରଖି ୧୪.୨ ଓଭରରେ ଗୋଟିଏ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ୪୭ ବଲର ସମ୍ମୁଖୀନ ହୋଇ ୮ ଚୌକା ଓ ୩ ଛକା ସହ ଅପରାଜିତ ୭୨ ରନର ଦ୍ରୁତ ଅର୍ଦ୍ଧଶତକୀୟ ପାଳି ଖେଳିଥିବା ମୁମ୍ବାଇ ଓପନର ଇଶାନ କିଶନ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଏହି ପରାଜୟ ସହ ଦିଲ୍ଲୀର ପ୍ଲେ- ଅଫ୍ ଆଶା ଆହୁରି କଣ୍ଟକିତ ହୋଇଛି।

୧୧୧ ରନ ସହଜ ଟାର୍ଗେଟର ପିଛା କରି ମୁମ୍ବାଇ କ୍ୱିଣ୍ଟନ ଡିକକ୍‌ଙ୍କ ରୂପରେ ମାତ୍ର ଗୋଟିଏ ଉଇକେଟ ହରାଇଥିଲା। ୨୮ ବଲରୁ ୨ ଚୌକା ସହ ଡିକକ୍ ୨୬ ରନ କରିଥିବା ବେଳେ ଏନ୍‌ରିଚ୍ ନୋର୍ଜେଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଥିଲେ। ତେବେ ଏହାପରେ ଇଶାନ ୭୨ ଓ ଇନ୍‌ଫର୍ମ ବ୍ୟାଟ୍ସମ୍ୟାନ ସୂର୍ଯ୍ୟକୁମାର ଯାଦବ ୧୨ ରନ କରି ଅପରାଜିତ ରହିବା ସହ ଦଳକୁ ଜିତାଇଥିଲେ। ପ୍ରଥମ ଉଇକେଟ ଡିକକ୍ ଓ ଇଶାନ ୬୨ ବଲରୁ ୬୮ ରନ ସଂଗ୍ରହ କରିଥିଲେ। ସେହିପରି ଦ୍ୱିତୀୟ ଉଇକେଟରେ ସୂର୍ଯ୍ୟକୁମାର ଓ ଇଶାନ ୨୪ ବଲର ଅପରାଜିତ ୪୩ ରନ ସଂଗ୍ରହ କରିଥିଲେ। ପୂର୍ବରୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଦିଲ୍ଲୀ କ୍ୟାପିଟାଲ୍ସର ବ୍ୟାଟ୍ସମ୍ୟାନମାନେ ସାଂଘାତିକ ଭାବେ ବିଫଳ ହୋଇଥିଲେ। ବୁମ୍ରା ଓ ଟ୍ରେଣ୍ଟ ବୋଲ୍ଟଙ୍କ ସମ୍ମୁଖୀନ ହୋଇ ନ ପାରି ଦଳ ନିୟମିତ ବ୍ୟବଧାନରେ ଉଇକେଟମାନ ହରାଇଥିଲା। ଦିଲ୍ଲୀ ୬୬ଟି ଡଟ୍ ବଲ୍ ଦେଇଥିଲା। ଖାସ୍ କରି ବୁମ୍ରା ଘାତକ ସାବ୍ୟସ୍ତ ହୋଇଥିଲେ। ଦ୍ୱାଦଶ ଓଭରରେ ବୁମ୍ରା ମାର୍କୁସ ଷ୍ଟୋଇନିସ ଓ ପନ୍ତଙ୍କୁ ଆଉଟ କରି ଦଳର ବିପର୍ଯ୍ୟୟ ଘଟାଇଥିଲେ। ଅଧିନାୟକ ଶ୍ରେୟାସ ଆୟାର ସର୍ବାଧିକ ୨୫ ରନ ସଂଗ୍ରହ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ୨୧, ରବିଚନ୍ଦ୍ରନ ଅଶ୍ୱିନ ୧୨, କାଗିସୋ ରାବାଡ଼ା ୧୨, ସିମ୍‌ରନ ହେଟ୍‌ମେୟର ୧୧, ଓପନ ପୃଥ୍ୱୀ ଶ ୧୦ ରନ କରି ଆଉଟ ହୋଇଥିଲେ। ଅନ୍ୟମାନେ ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ଅଭିଜ୍ଞ ଶିଖର ଧାୱନ ଖାତା ଖୋଲିପାରି ନ ଥିଲେ। ଷ୍ଟୋଇନିସ ୨, ହର୍ଷାଲ ପଟେଲ ୫ ରନକରି ଆଉଟ ହୋଇଥିବା ବେଳେ ପ୍ରବୀଣ ଦୁବେ ୭ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ମୁମ୍ବାଇ ତରଫରୁ ବୁମ୍ରା ଓ ବୋଲ୍ଟ ୩ଟି ଲେଖାଏ, ନାଥନ କୁଲ୍ଟର ନାଇଲ ଓ ରାହୁଲ ଚହର ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୧୧୦/୯, (ଆୟାର- ୨୫, ପନ୍ତ- ୨୧, ଅଶ୍ୱିନ- ୧୨, ରାବାଡ଼ା- ୧୨, ହେଟମେୟର-୧୧, ପୃଥ୍ୱୀ- ୧୦, ବୋଲ୍ଟ- ୩/୨୧, ବୁମ୍ରା- ୩/୧୭, କୁଲ୍ଟର ନାଇଲ- ୧/୧୪, ରାହୁଲ ଚହର- ୧/୨୪)।

ମୁମ୍ବାଇ ଇଣ୍ଡିଆନ୍ସ ୧୪.୨ ଓଭରରେ ୧୧୧/୧, (ଇଶାନ- ୭୨*, ଡିକକ୍- ୨୬, ସୂର୍ଯ୍ୟକୁମାର- ୧୨*, ନୋର୍ଜେ- ୧/୨୫)।

## ଆଇପିଏଲ୍
(ରବିବାର ମ୍ୟାଚ୍)

ସୁପରକିଙ୍ଗ୍ସ ବନାମ କିଙ୍ଗ୍ସ ଇଲେଭେନ
ସ୍ଥାନ: ଆବୁଧାବି, ସମୟ: ଅପରାହ୍ନ ୩ଟା ୩୦

ନାଇଟ ରାଇଡର୍ସ ବନାମ ରାଜସ୍ଥାନ ରୟାଲ୍ସ
ସ୍ଥାନ: ଦୁବାଇ, ସମୟ: ରାତି ୭ଟା ୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ମୁମ୍ବାଇ ଇଣ୍ଡିଆନ୍ସ | ୧୩ | ୯ | ୪ | ୧୮ | +୧.୨୯୬ |
| ରୟାଲ ଚ୍ୟାଲେଞ୍ଜର୍ସ | ୧୩ | ୭ | ୬ | ୧୪ | -୦.୧୪୫ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୩ | ୭ | ୬ | ୧୪ | +୦.୧୫୯ |
| ସନ୍‌ରାଇଜର୍ସ | ୧୩ | ୬ | ୭ | ୧୨ | +୦.୫୫୫ |
| କିଙ୍ଗ୍ସ ଇଲେଭେନ | ୧୩ | ୬ | ୭ | ୧୨ | -୦.୧୩୩ |
| ରାଜସ୍ଥାନ ରୟାଲ୍ସ | ୧୩ | ୬ | ୭ | ୧୨ | -୦.୩୭୭ |
| ନାଇଟ ରାଇଡର୍ସ | ୧୩ | ୬ | ୭ | ୧୨ | -୦.୪୬୭ |
| ଚେନ୍ନାଇ ସୁପରକିଙ୍ଗ୍ସ | ୧୩ | ୫ | ୮ | ୧୦ | -୦.୫୩୨ |

# ବାଙ୍ଗାଲୋରକୁ ହରାଇଲା ହାଇଦ୍ରାବାଦ


ରୟାଲ୍ ଚାଲେଞ୍ଜର୍ସ ବିପକ୍ଷରେ ଉଇକେଟ ହାସଲ ପରେ ସନ୍‌ରାଇଜର୍ସ ହାଇଦ୍ରାବାଦର ସନ୍ଦୀପ ଶର୍ମାଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

**ଶାରଜା,୩୧।୧୦(ପି.ଟି.):** ଆଇପିଏଲ୍‌ରେ ଶନିବାର ଅନୁଷ୍ଠିତ ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଡେଭିଡ୍ ୱାର୍ନରଙ୍କ ନେତୃତ୍ୱାଧୀନ ସନରାଇଜର୍ସ ହାଇଦ୍ରାବାଦ ୩୫ ବଲ ବାକି ଥାଇ ୫ ଉଇକେଟରେ ବିରାଟ କୋହଲିଙ୍କ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରକୁ ପରାସ୍ତ କରିଛି। ସ୍ଥାନୀୟ ଶାରଜା କ୍ରିକେଟ ଗ୍ରାଉଣ୍ଡରେ ଟସ୍ ଜିତି ହାଇଦ୍ରାବାଦ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ବାଙ୍ଗାଲୋର ୨୦ ଓଭରରେ ୭ ଉଇକେଟ ହରାଇ ୧୨୦ ରନ ସଂଗ୍ରହ କରିଥିଲା। ଜବାବରେ ହାଇଦ୍ରାବାଦ ୧୪.୧ ଓଭରରେ ୫ ଉଇକେଟ ହରାଇ ୧୨୧ ରନ କରି ବିଜୟ ହାସଲ କରିଛି। ପରାଜୟ ସତ୍ତ୍ୱେ ୧୩ଟି ମ୍ୟାଚ୍ ଖେଳି ବାଙ୍ଗାଲୋର ୭ ବିଜୟ, ୬ ପରାଜୟ ସହ ୧୪ ପଏଣ୍ଟ ହାସଲ କରି ଦ୍ୱିତୀୟ ସ୍ଥାନ ବଜାୟ ରଖିଛି। ଏହି ବିଜୟ ସହ ହାଇଦ୍ରାବାଦ ୧୩ଟି ମ୍ୟାଚ୍ ଖେଳି ୬ ବିଜୟ, ୭ ପରାଜୟ ସହ ୧୨ ପଏଣ୍ଟ ହାସଲ କରି ଚତୁର୍ଥ ସ୍ଥାନକୁ ଉଠିଛି। ୨୦ ରନ ଦେଇ ମୂଲ୍ୟବାନ ୨ ଉଇକେଟ ଅକ୍ତିଆର କରିଥିବା ହାଇଦ୍ରାବାଦ ଦ୍ରୁତ ବୋଲର ସନ୍ଦୀପ ଶର୍ମା ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୧୨୧ ରନର ସହଜ ବିଜୟ ଲକ୍ଷ୍ୟର ପିଛା କରି ହାଇଦ୍ରାବାଦ ଅଧିନାୟକ ୱାର୍ନରଙ୍କ ଉଇକେଟ ହରାଇ ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ସେ ୫ଟି ବଲ ଖେଳି ଗୋଟିଏ ଛକା ସହ ମାତ୍ର ୮ ରନ କରି ଆଉଟ ହୋଇଥିଲେ। ୧୯ ବଲରୁ ୩ ଚୌକା ଓ ୧ ଛକା ସହ ୨୬ ରନ କରି ମନୀଷ ପାଣ୍ଡେ ଯୁଜବେନ୍ଦ୍ର ଚହଲଙ୍କ ଦ୍ୱାରା ଆଉଟ୍ ହୋଇଥିଲେ। ରିଦ୍ଧିମାନ ଶାହା ୩୨ ବଲରୁ ୪ ଚୌକା ଓ ୧ ଛକା ସହ ୩୯ ରନ କରିଥିବାବେଳେ ଏବି ଡି'ଭିଲର୍ସଙ୍କ ଦ୍ୱାରା ଷ୍ଟମ୍ପିଂ ହୋଇ ଚହଲଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। କେନ୍ ୱିଲିୟମସନ ୮, ଅଭିଷେକ ଶର୍ମା ୮ ରନ୍ ସଂଗ୍ରହ କରିଥିଲେ। ଜାସନ ହୋଲ୍ଡର ୧୦ ବଲରୁ ୧ ଚୌକା, ୩ ଛକା ସହ ଦ୍ରୁତ ୨୬ ରନକରି ଅପରାଜିତ ରହିବା ସହ ଦଳକୁ ଜିତାଇଥିଲେ। ବୋଲିଂରେ ଚହଲ ୨, ସୁନ୍ଦର, ସଇନି ଓ ଉଡାନା ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ପୂର୍ବରୁ ବାଙ୍ଗାଲୋର ତରଫରୁ ଇନ୍‌ଫର୍ମ ଯୁବ ଓପନର ଦେବଦତ୍ତ ପଡିକାଲ ୫ ରନ ଓ ବିରାଟ କୋହଲି ୭ ରନ କରି ନିରାଶ କରିଥିଲେ। ଏବି ଡି'ଭିଲର୍ସ ୨୪ଟି ବଲର ସମ୍ମୁଖୀନ ହୋଇ ଗୋଟିଏ ଲେଖାଏ ଚୌକା ଓ ଛକା ସହ ୨୪ ରନ କରି ପ୍ୟାଭିଲିୟନ ଫେରିଥିଲେ। ଓପନର ଜୋଶ ଫିଲିପ୍ ୩୧ ବଲରୁ ୪ ଚୌକା ସହ ୩୨ ରନ କରଥିଲେ। ୧୮ ବଲରୁ ୨ ଚୌକା ସହ ୨୧ ରନ କରି ୱାଶିଂଟନ ସୁନ୍ଦର ଟି. ନଟରାଜନଙ୍କ ଦ୍ୱାରା କଟ୍ ଆଣ୍ଡ୍ ବୋଲ୍ଡ ହୋଇଥିଲେ। ମହମ୍ମଦ ସିରାଜ ୨ ଓ ଗୁରକିରାତ୍ ସିଂ ୧୫ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ହାଇଦ୍ରାବାଦ ତରଫରୁ ସନ୍ଦୀପ ଓ ହୋଲ୍ଡର ୨ଟି ଲେଖାଏ, ନଟରାଜନ, ଶାହବାଜ ନଦିମ ଓ ରସିଦ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

**ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର:** ୨୦ ଓଭରରେ ୧୨୦/୭, (ଫିଲିପ- ୩୨, ଡି'ଭିଲର୍ସ- ୨୪, ସୁନ୍ଦର- ୨୧, ଗୁରକିରାତ- ୧୫*, ସନ୍ଦୀପ ଶର୍ମା- ୨/୨୦, ହୋଲ୍ଡର- ୨/୨୭)। **ସନରାଇଜର୍ସ ହାଇଦ୍ରାବାଦ:** ୧୪.୧ ଓଭରରେ ୧୨୧/୫ (ରିଦ୍ଧିମାନ- ୩୯, ହୋଲ୍ଡର- ୨୬*, ପାଣ୍ଡେ- ୨୬, ଚହଲ- ୨/୧୯, ସୁନ୍ଦର- ୧/୨୧, ସଇନି- ୧/୩୦, ଉଡାନା- ୧/୨୦)।

# କର ବା ମର ସ୍ଥିତିରେ ପଞ୍ଜାବ


ଲୋକେଶ ରାହୁଲ ଓ ମହେନ୍ଦ୍ର ସିଂ ଧୋନୀ।

**ଆବୁଧାବି,୩୧।୧୦(ପି.ଟି.)**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୫୩ତମ ମ୍ୟାଚ୍‌ରେ ରବିବାର କିଙ୍ଗ୍ସ ଏକାଦଶ ପଞ୍ଜାବ ଓ ଚେନ୍ନାଇ ସୁପର କିଙ୍ଗ୍ସ ପରସ୍ପରକୁ ଭେଟିବେ। ପ୍ଲେ- ଅଫ୍ ଦୌଡ଼ାରୁ ବାଦ୍ ପଡିସାରିଥିବା ଚେନ୍ନାଇ ସାନ୍ତ୍ୱନାମୂଳକ ବିଜୟ ହାସଲ ପାଇଁ ପ୍ରୟାସ କରିବ। ତେବେ ପଞ୍ଜାବ ପାଇଁ ଏହି ମ୍ୟାଚ୍ କରି ବା ମର ସ୍ଥିତି ସୃଷ୍ଟି କରିଛି। ପ୍ଲେ- ଅଫ୍‌ରେ ସ୍ଥାନ ହାସଲ କରିବାକୁ ହେଲେ ପଞ୍ଜାବକୁ ଏହି ମ୍ୟାଚ୍ ଜିତିବା ଅପରିହାର୍ଯ୍ୟ ହୋଇପଡିଛି। କ୍ରମାଗତ ୫ଟି ମ୍ୟାଚ୍ ଜିତିବା ପରେ ରାଜସ୍ଥାନ ରୟାଲ୍ସଠାରୁ ଗତ ମ୍ୟାଚ୍‌ରେ ୭ ଉଇକେଟରେ ପରାସ୍ତ ହେବା ପରେ ପଞ୍ଜାବର ପ୍ଲେ- ଅଫ୍ ଆଶା ପ୍ରଭାବିତ ହୋଇଛି। ପଞ୍ଜାବ ଏପର୍ଯ୍ୟନ୍ତ ୧୩ ମ୍ୟାଚ୍ ଖେଳି ୬ ବିଜୟ ଓ ୭ ପରାଜୟ ସହ ୧୨ ପଏଣ୍ଟ ହାସଲ କରି ତାଲିକାର ଚତୁର୍ଥ ସ୍ଥାନରେ ରହିଛି। ଅନ୍ୟପଟେ ଚେନ୍ନାଇ ୧୩ଟି ମ୍ୟାଚ୍ ଖେଳି ୫ ବିଜୟ ଓ ୮ ପରାଜୟ ସହ ୧୦ ପଏଣ୍ଟ ହାସଲ କରି ତାଲିକାର ନିମ୍ନରେ ରହିଛି। ଏହି ମ୍ୟାଚ୍‌ରେ ବିଜୟୀ ହେଲେ ମଧ୍ୟ ପଞ୍ଜାବ ପ୍ଲେ- ଅଫ୍‌ରେ ସ୍ଥାନ ହାସଲ କରିବ ବୋଲି ନିଶ୍ଚିତ ଭାବେ କୁହାଯାଇପାରିବ ନାହିଁ।

ଯଦି ହାଇଦ୍ରାବାଦ (୧୨ ମ୍ୟାଚ୍‌ରୁ ୧୦ ପଏଣ୍ଟ) ତା'ର ବାକି ଦୁଇଟି ମ୍ୟାଚ୍ ଜିତେ ଓ ଦିଲ୍ଲୀ କ୍ୟାପିଟାଲ୍ସ- ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ମ୍ୟାଚ୍‌ର ବିଜେତା ପଏଣ୍ଟ ତାଲିକାରେ ଉନ୍ନତ ନେଟ ରନ ରେଟ୍ କିମ୍ବା ପଏଣ୍ଟରେ ଅପେକ୍ଷାକୃତ ଉଚ୍ଚ ସ୍ଥାନରେ ରହିବେ। ଏପରିସ୍ଥଳେ ପଞ୍ଜାବ କ୍ୱାଲିଫାଏ କରିପାରିବ ନାହିଁ। ପୁଣି ଯଦି ହାଇଦ୍ରାବାଦ ତା'ର ଦୁଇଟି ମ୍ୟାଚ୍‌ରୁ ଗୋଟିଏରେ ପରାସ୍ତ ହୁଏ ତେବେ ପଞ୍ଜାବ ପ୍ଲେ- ଅଫ୍‌କୁ କ୍ୱାଲିଫାଏ କରିବାର ସମ୍ଭାବନା ଦୃଢ଼ ହେବ। କିନ୍ତୁ ଏଥିପାଇଁ ପଞ୍ଜାବକୁ ରବିବାର ଚେନ୍ନାଇକୁ ହରାଇବାକୁ ପଡିବ। ପଞ୍ଜାବ ଅଧିନାୟକ ଲୋକେଶ ରାହୁଲ ଟୁର୍ନାମେଣ୍ଟରେ ସର୍ବାଧିକ ରନ୍ ସ୍କୋରର ସାବ୍ୟସ୍ତ ହୋଇଛନ୍ତି। ସ୍ଥାନୀୟ ଶେଖ ଜାଏଦ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍‌ରେ ରାହୁଲଙ୍କୁ ବାଦ୍ ଦେଲେ ଇନ୍‌ଫର୍ମ କ୍ରିସ୍ ଗେଲ୍ ମଧ୍ୟ କମାଲ କରିବା ଆଶା କରାଯାଉଛି। ସେହିପରି ନିକୋଲାସ ପୁରନ ମଧ୍ୟ ଭଲ ଖେଳିବେ ବୋଲି ଆଶା କରାଯାଉଛି। ଇଞ୍ଜୁରି କାରଣରୁ ଗତ ୩ଟି ମ୍ୟାଚ୍ ଖେଳି ନ ଥିବା ମୟଙ୍କ ଅଗ୍ରୱାଲ ଏହି ନିର୍ଣ୍ଣାୟକ ମ୍ୟାଚ୍ ଖେଳିବେ କି ନା ଦେଖିବାକୁ ବାକି ରହିଲା।

ପଞ୍ଜାବ ବିଜୟରେ ବୋଲିଂର ଯଥେଷ୍ଟ ଭୂମିକା ରହିଛି। ତେବେ ରାଜସ୍ଥାନ ବିପକ୍ଷରେ ବୋଲରମାନେ ବହୁତ ରନ ବ୍ୟୟ କରିବା ସହ ଉଇକେଟ ମଧ୍ୟ ହାସଲ କରିପାରି ନ ଥିଲେ। ତେଣୁ ଏହି ନିର୍ଣ୍ଣାୟକ ମ୍ୟାଚ୍‌ରେ ବୋଲରମାନେ ପୁଣି ଭଲ ଖେଳିବେ ବୋଲି ଆଶା କରାଯାଉଛି। ଚେନ୍ନାଇ ବିପକ୍ଷରେ ପଞ୍ଜାବ ତା'ର ଗତ ମ୍ୟାଚ୍‌ରେ ୧୦ ଉଇକେଟରେ ବିଜୟୀ ହୋଇଥିଲା। ଅପରପକ୍ଷରେ ଦୌଡ଼ରୁ ବାଦ୍ ପଡିସାରିଥିବା ଚେନ୍ନାଇ ତରଫରୁ ୨୩ ବର୍ଷୀୟ ଋତୁରାଜ ଗାଏକ୍ୱାଡ୍ ଚମତ୍କାର ପ୍ରଦର୍ଶନ କରିଛନ୍ତି। ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ମଧ୍ୟ ଜବରଦସ୍ତ ଫର୍ମରେ ରହିଛନ୍ତି। ନ୍ୟୁଜିଲାଣ୍ଡର ମିଚେଲ ସାଣ୍ଟନର ସାମିଲ ହେବା ପରେ ଚେନ୍ନାଇର ବୋଲିଂରେ ସୁଧାର ଆସିଛି। ବିଜୟ ସହ ଅଭିଯାନ ଶେଷ କରିବା ଲକ୍ଷ୍ୟରେ ଚେନ୍ନାଇ ରହିଛି। ଫଳରେ ଏହି ମ୍ୟାଚ୍ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି।

# ରାଜସ୍ଥାନ-କୋଲକାତା ନିର୍ଣ୍ଣାୟକ ମୁକାବିଲା ଆଜି

**ଦୁବାଇ,୩୧।୧୦(ପି.ଟି.)**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୫୪ତମ ମ୍ୟାଚ୍‌ରେ ରବିବାର ରାଜସ୍ଥାନ ରୟାଲ୍ସ ଓ କୋଲକାତା ନାଇଟ ରାଇଡର୍ସ ମୁହାଁମୁହିଁ ହେବେ। ଏହି ନିର୍ଣ୍ଣାୟକ ମ୍ୟାଚ୍‌ରେ ଉଭୟ ଦଳ ନିଶ୍ଚିତ ବିଜୟ ସ୍ଥିତିର ସମ୍ମୁଖୀନ ହୋଇଛନ୍ତି। ରାଜସ୍ଥାନ ୧୩ ମ୍ୟାଚ୍ ଖେଳି ୬ ବିଜୟ, ୭ ପରାଜୟ ସହ ୧୨ ପଏଣ୍ଟ ହାସଲ କରି ପଞ୍ଚମ ସ୍ଥାନରେ ରହିଛି। ସେହିପରି କୋଲକାତା ମଧ୍ୟ ୧୩ ମ୍ୟାଚ ଖେଳି ୬ ବିଜୟ, ୭ ପରାଜୟ ସହ ୧୨ ପଏଣ୍ଟ ହାସଲ କରି ନେଟ୍ ରନ୍ ରେଟ୍‌ରେ ପଛରେ ରହି ଷଷ୍ଠ ସ୍ଥାନରେ ରହିଛି। ପ୍ଲେ- ଅଫ୍‌ରେ ସ୍ଥାନ ହାସଲ କରିବାକୁ ହେଲେ ଶେଷ ଲିଗ୍ ମ୍ୟାଚ୍‌ରେ ବିଜୟ ହାସଲ କରିବା ସହ ରାଜସ୍ଥାନକୁ ଏବେ ଅନ୍ୟ ମ୍ୟାଚ୍‌ଗୁଡିକର ଫଳାଫଳ ଉପରେ ନିର୍ଭର କରିବାକୁ ପଡିବ।

ପଞ୍ଜାବ ତା'ର ଶେଷ ମ୍ୟାଚ୍‌ରେ ପରାସ୍ତ ହେଲେ ଓ ହାଇଦ୍ରାବାଦ ଦୁଇଟି ମ୍ୟାଚ୍‌ରେ ଗୋଟିଏ ବିଜୟ ହାସଲ କଲେ ରାଜସ୍ଥାନ ପାଇଁ ସୁବିଧାଜନକ ପରିସ୍ଥିତି ସୃଷ୍ଟି ହେବ। ଏପରି ହେଲେ ରାଜସ୍ଥାନ ୧୪ ପଏଣ୍ଟ ହାସଲ କରି ସିଧା ସଳଖ ପ୍ଲେ- ଅଫ୍‌କୁ ଉଠିବ। ତେବେ ପ୍ରଥମେ କୋଲକାତାକୁ ହରାଇବା ରାଜସ୍ଥାନ ପାଇଁ ଅପରିହାର୍ଯ୍ୟ ହୋଇପଡିଛି। ଯେତେବଡ଼ ବୃହତ୍ ବିଜୟ ହେବ ଷ୍ଟିଭ୍ ସ୍ମିଥ୍‌ଙ୍କ ଦଳ ପାଇଁ ସେତେ ଭଲ ହେବ। ଅଲରାଉଣ୍ଡର ବେନ୍ ଷ୍ଟୋକ୍ସ ଜବରଦସ୍ତ ଫର୍ମରେ ରହିଛନ୍ତି ଓ ରାଜସ୍ଥାନ ପାଇଁ ଏହା ବରଦାନ ସାବ୍ୟସ୍ତ ହୋଇଛି। ସଞ୍ଜୁ ସାମସନ ମଧ୍ୟ ଫର୍ମକୁ ଫେରିଛନ୍ତି।

ଅପରପକ୍ଷରେ କୋଲକାତାର ମଧ୍ୟ ପ୍ଲେ- ଅଫ୍ ଆଶା କଣ୍ଟକିତ ହୋଇଛି। ଏବେ କୋଲକାତା ପାଇଁ ରାଜସ୍ଥାନକୁ ହରାଇବା ନିହାତି ଜରୁରୀ ହୋଇପଡିଛି। ବିଜୟୀ ହୋଇ ୧୪ ପଏଣ୍ଟ ହାସଲ କଲେ କୋଲକାତାର ପ୍ଲେ- ଅଫ୍‌ରେ ପହଞ୍ଚିବା ଆଶା ଉଜ୍ଜ୍ୱଳ ହେବ। ଗତ ଦୁଇଟି ମ୍ୟାଚ୍ ପରାଜୟ କୋଲକାତା ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। ଏହି ନିର୍ଣ୍ଣାୟକ ମ୍ୟାଚ୍‌ରେ ଶୁବମନ ଗିଲ, ନୀତୀଶ ରାଣା, ଅଧିନାୟକ ଇଅନ ମୋର୍ଗାନ ବ୍ୟାଟିଂରେ ଓ ପ୍ୟାଟ୍ କୁମିନ୍ସ , କମଲେଶ ନାଗରକୋଟି ବୋଲିଂରେ ଉନ୍ନତ ପ୍ରଦର୍ଶନ କରିବାର ଆବଶ୍ୟକତା ରହିଛି। ଉଭୟ ଦଳ କର ବା ମର ସ୍ଥିତିରେ ଥିବାରୁ ମ୍ୟାଚ୍ ରୋମାଞ୍ଚକ ହେବ।


ଅଭ୍ୟାସ ଅବସରରେ କୋଲ୍‌କାତା ନାଇଟ୍ ରାଇଡର୍ସ ଦଳ।


# ମନେ ପଡ଼ନ୍ତି

**ଚତୁର୍ଥ ଶ୍ରାଦ୍ଧବାର୍ଷିକୀ**



✓ ଲତିକା ଦାସ
ଏ/ଏମ୍-୨୦, ଭିମଟାଙ୍ଗୀ ହାଉସିଂବୋର୍ଡ଼, ଭୁବନେଶ୍ୱର
ଆବିର୍ଭାବ : ୧୭.୦୩.୧୯୩୦
ତିରୋଧାନ : ୧୭.୧୦.୨୦୧୬
(ସୋମବାର, ଗର୍ଭଣା ସଂକ୍ରାନ୍ତି)
ଚତୁର୍ଥ ଶ୍ରାଦ୍ଧବାର୍ଷିକୀରେ ଆପଣଙ୍କ ଆତ୍ମାର ସଦ୍‌ଗତି କାମନାରେ ଶ୍ରୀଜଗନ୍ନାଥଙ୍କ ପଦାରବିନ୍ଦରେ ଆମର ପ୍ରାର୍ଥନା।
ପୁତ୍ର : ଟିଙ୍କୁ, ରଞ୍ଜନ, ଜକ୍କୁ, ଡକ୍କୁ, ବାବୁ ଓ ଫକୁନା, ବୋହୂ : ବୀଣା, ବୁଟୁ, ଟିକିଲି, ବିକ୍କୁ, ରୋଜି ଓ ଫେନ୍ସୁ, ନାତି : ରାଜନ, ଲିଙ୍କନ, ନାତୁଣି : ମନିଆ, ଚାଇନା, ଶିବାନୀ, ଶାଲିନୀ, ରୂପାନୀ, ହିମାନୀ, ସିଲ୍‌କୀ ଓ ମାନୁ, ନାତୁଣିଜ୍ୱାଇଁ : ବବ୍‌ଲୁ, ପଶା, ବାପ୍ପୁ, ବିକ୍ରମ, ରାଜୀବ ଓ ଦେବୁ
ଧ-୧୮୭୭୪

**୬ଷ୍ଠ ବାର୍ଷିକ ଶ୍ରଦ୍ଧାଞ୍ଜଳି**



✓ସ୍ମୃତି ପ୍ରକାଶ ସ୍ୱାଇଁ (ଗୁଡ୍ଡୁ)
ବେଣୁଧରଭବନ, କାକଟପୁର, ପୁରୀ
ଆବିର୍ଭାବ: ୧୪।୧୨।୧୯୯୬
ତିରୋଧାନ: ୦୯।୧୦।୨୦୧୪
(କାର୍ତ୍ତିକ ପ୍ରତିପଦା ତିଥି)
ଧନରେ, ତୁ ଆମମାନଙ୍କୁ ଛାଡ଼ି ଅଫେରା ରାଇଜକୁ ଚାଲିଯିବା ଛଅବର୍ଷ ବିତିଗଲାଣି, ଜମାରୁ ବିଶ୍ୱାସ ହେଉନି- ଯେଉଁଠି ଥା', ଭଲରେ ଥା'। ତୋ ଆତ୍ମା ସଦ୍‌ଗତି ଲାଭ କରୁ ଏତିକି ପ୍ରାର୍ଥନା।
:ଶୋକସନ୍ତପ୍ତ:
ବାପା- ଅଭୟ କୁମାର ସ୍ୱାଇଁ, ବୋଉ- ଜ୍ୟୋତ୍ସ୍ନାରାଣୀ, ଭାଇ- ସୌମ୍ୟପ୍ରକାଶ (ଟିକୁ), ଭାଉଜ- ରୂପାଲୀ, ବଡ଼ବାପା, ବଡ଼ବୋଉ, ଦାଦା, ଖୁଡ଼ୀ, ମଉସା, ମାଉସୀ, ପିଉସା, ପିଉସୀ, ଅଜା, ଆଇ, ମାମୁ, ମାଇଁ, ଭଉଣୀ, ଭିଣୋଇ, ଭାଇ, ଭଉଣୀ, ଭଣଜା, ଭାଣେଜୀ, ବନ୍ଧୁ ଓ ହିତାକାଂକ୍ଷୀମାନେ।
ଧ-୧୮୭୭୬

**ସପ୍ତମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ଲକ୍ଷ୍ମୀଧର ବାଗସିଂହ
ଚିନ୍ତାମଣୀଶ୍ୱର, ଭୁବନେଶ୍ୱର
ଆଜିର ଏ ପୁଣ୍ୟତିଥିରେ ଭଗବାନଙ୍କ ନିକଟରେ ଆମ୍ଭମାନଙ୍କର ଭକ୍ତିପୂତ ପ୍ରଣାମ।
ବନ୍ଧୁ ଓ ପରିବାରବର୍ଗ।
ଧ-୬୯୧୯୪

**ଏକାଦଶାହ ଉପଲକ୍ଷେ**



ସ୍ୱର୍ଗତା ନିଶାମଣୀ ପାତ୍ର
ଗଡ଼ଶ୍ରୀରାମପୁର, ବାଲିଅନ୍ତା, ଖୋର୍ଦ୍ଧା
ଆବିର୍ଭାବ: ୧୯୧୫ମସିହା
ତିରୋଧାନ: ଚଳିତ ମାସ ତା.୨୨।୧୦।୨୦ରିଖ (ଗୁରୁବାର)
"ମା" ଆଜିକୁ ଦଶଦିନ ହୋଇଗଲା ଆମ୍ଭମାନଙ୍କୁ ଶୋକସାଗରରେ ଭସାଇଦେଇ ଚାଲିଗଲୁ ଅନେକ ଦୂରକୁ। ତୋର ସ୍ନେହ, ଶ୍ରଦ୍ଧା, ଆଦର୍ଶ, ଉପଦେଶ ଓ ଅନୁପସ୍ଥିତି ଅନୁଭବ କରୁଛୁ। ଆମ୍ଭେମାନେ ପ୍ରତିଟି ମୁହୂର୍ତ୍ତରେ ସେହି ଅନୁଭବକୁ ହୃଦୟରେ ସାଇତି ରଖି ଈଶ୍ୱରଙ୍କୁ ପ୍ରାର୍ଥନା କରୁଛୁ ଈଶ୍ୱର ତୋର ଅମର ଆତ୍ମାର ସଦ୍‌ଗତି କରନ୍ତୁ।
-:ଶୋକସନ୍ତପ୍ତ:-
ହତଭାଗ୍ୟ- ନାତି: କମଳ କୁମାର ପାତ୍ର (ଚନ୍ଦନ) ସମେତ ସମସ୍ତ ୫ପୁତ୍ର ଓ ପୁତ୍ରବଧୂ ଏବଂ ସମସ୍ତ ନାତି, ନାତୁଣୀ ଓ ଅଣନାତୁଣୀ।
ଧ-୬୯୫୭୫

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



✓ସକୁନ୍ତଳା ପରିଡ଼ା
ଶାରଳା ନଗର, ଲକ୍ଷ୍ମୀସାଗର, ଭୁବନେଶ୍ୱର
ଆବିର୍ଭାବ : ୧୯୫୬
ତିରୋଧାନ : ୨୨.୧୦.୨୦୨୦
ଆଜି ଏକାଦଶାହ ଅବସରରେ ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
-: ଶୋକସନ୍ତପ୍ତ :-
ପୁଅ-ବିଜୟ, ସଞ୍ଜୟ, ବୋହୂ-ରଶ୍ମିତା, ପ୍ରକାଶିତା, ଝିଅ-କବିତା, ମମତା, ନାତିନାତୁଣୀ - ତ୍ରିସା, ସଂସ୍କୃତି, କୁନୁ, ବୁନୁ, କ୍ୟାଥି, ଅଭି ଓ ଆତ୍ମୀୟସ୍ୱଜନ
କଲ୍ୟାଣ କାର୍ ମ୍ୟାଜିକ୍, ଆଡ୍ ଅନ୍, ପରିଡ଼ା କନ୍‌ଷ୍ଟ୍ରକ୍‌ସନ୍, କେସିଏମ୍ କାର୍ ୱା, ବ୍ରାଇଟ୍ ଆଇଜ୍ ପ୍ଲେ ସ୍କୁଲ୍ ଓ ଆମ୍ଭଜାର ଗୁଣମୁଗ୍ଧ କର୍ମଚାରୀବୃନ୍ଦ
ଧ-୧୮୭୭୩

ଧରିତ୍ରୀ
DHARITRI
ରବିବାର, ୧ ନଭେମ୍ବର, ୨୦୨୦





# ଖୁସି ମନ

**ଏକ ଭଲ ମାନସିକ ସ୍ଥିତି ମଣିଷର କାର୍ଯ୍ୟଦକ୍ଷତା ବୃଦ୍ଧି କରିଥାଏ, ଏହା ଯେକୌଣସି କାର୍ଯ୍ୟ ଲାଗି ଉର୍ଜା ଯୋଗାଇଥାଏ। ହେଲେ କେବେ କେବେ ଦୁଃଖ, ଚିନ୍ତା ଭଳି ଅନେକ କାରଣ ଭାରାକ୍ରାନ୍ତ କରିଦିଏ ମନକୁ। ଆଉ ଧୀରେ ଧୀରେ ମନ ଭିତରେ ଏହି ଭାର ବଢି ବଢି ଜଟିଳ ମାନସିକ ରୋଗର ରୂପ ନିଏ । ଯାହାଦ୍ୱାରା ମଣିଷ ସବୁଠାରୁ ବେଶି ଅଭିଶାପଗ୍ରସ୍ତ ହୋଇଯାଏ ଏବଂ ସବୁ ଥାଇ ମଧ୍ୟ ସେ ସବୁକିଛି ହରାଇବସେ। ତେଣୁ ଏକ ସୁଖୀ ଜୀବନ ଜିଇବାକୁ ହେଲେ ମନକୁ ଖୁସି ଏବଂ ସୁସ୍ଥ ରଖିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ...**

ଜଣେ ମଣିଷ ଉଭୟ ଶାରୀରିକ ଏବଂ ମାନସିକ ସ୍ତରରେ ସୁସ୍ଥ ରହିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। କାରଣ ମଣିଷର ଦେହ ଖରାପ ହେଲେ ଶରୀରକୁ କଷ୍ଟ ହୁଏ, କିନ୍ତୁ ମନ ଠିକ୍ ଥାଏ। ହେଲେ ଥରେ ମାନସିକ ରୋଗାକ୍ରାନ୍ତ ହେଲେ ମଣିଷ ସବୁଠାରୁ ବେଶି ଅଭିଶାପଗ୍ରସ୍ତ ହୋଇଯାଏ ଏବଂ ସବୁ ଥାଇ ମଧ୍ୟ ସେ



ସବୁକିଛି ହରାଇବସେ। ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥାର ଆକଳନ ଅନୁଯାୟୀ, ପୃଥିବୀର ପ୍ରାୟ ୪୫ କୋଟିରୁ ଅଧିକ ଲୋକ ଭିନ୍ନ ଭିନ୍ନ ପ୍ରକାରର ମାନସିକ ରୋଗରେ ପୀଡ଼ିତ। ଭାରତ ଏକ ବିକାଶଶୀଳ ଦେଶ ହେଲେ ମଧ୍ୟ ଏଠାରେ ମାନସିକ ରୋଗୀଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିଚାଲିଛି। ପରିତାପର ବିଷୟ ଯେ, ଆମ ଦେଶରେ ଦିନକୁ ଦିନ ଯୁବାବସ୍ଥାରେ ଅନେକେ ଏହି ରୋଗରେ ବେଶି ଆକ୍ରାନ୍ତ ହେଉଛନ୍ତି, ଏମିତି କି ଏଥିଯୋଗୁ ନିକଟରେ ଅନେକ ଆତ୍ମହତ୍ୟା ଘଟଣା ନଜରକୁ ଆସିଛି।

**ଏହାର କାରଣ:** ଯୁବ ବୟସରେ ପାଠପଢ଼ା, ଜବ୍ ଆଦିର ଚାପ, ଆର୍ଥିକ ଚାପ, ପ୍ରେମରେ ବିଫଳ, ପାରିବାରିକ ପରିସ୍ଥିତି ହେଉ କିମ୍ବା ଆଜିକାଲି ଅନେକେ ଫେସ୍‌ବୁକ୍, ଟ୍ୱିଟର୍ ଓ ହ୍ୱାଟସ୍‌ଆପ୍ ଭଳି ସୋସିଆଲ ମିଡ଼ିଆରେ ଘଣ୍ଟା ଘଣ୍ଟା ସମୟ ବିତାଇବା ଦ୍ୱାରା ପରିବାର ଏବଂ ଅନ୍ୟମାନଙ୍କଠାରୁ ଦୂରେଇଯିବା ଭଳି ବିଭିନ୍ନ କାରଣରୁ ମାନସିକ ଅବସାଦଗ୍ରସ୍ତ ବା ଡିପ୍ରେଶନ୍‌ର ଶିକାର ହେଉଛନ୍ତି। ବେଳେବେଳେ ଅଳ୍ପ କିଛି ଘଟଣାରେ ମଧ୍ୟ ସେମାନେ ନିଜ ମନ ଉପରେ ଆୟତ୍ତ ରଖି ନ ପାରି ନିଜର ହିତାହିତ ଜ୍ଞାନ ଭୁଲିଯାଆନ୍ତି ଏବଂ ମାନସିକ ଭାରସାମ୍ୟ ହରାଇ 'ଆତ୍ମହତ୍ୟା' ଭଳି ଜଘନ୍ୟ କାମ କରିବାକୁ ପଛାଉ ନାହାନ୍ତି। ବେଳେବେଳେ ଘରେ ମାନସିକ ରୋଗର ଇତିହାସ ଥିଲେ ବି କେହି କେହି ମାନସିକ ରୋଗରେ ଆକ୍ରାନ୍ତ ହୋଇଥାନ୍ତି।

**କିପରି ଜାଣିବେ:** ମନ ବି ଶରୀର ଉପରେ ଅନେକ ପ୍ରଭାବ ପକାଇଥାଏ। ଏହାର ଛୋଟ ଛୋଟ ସମସ୍ୟାକୁ ଅଣଦେଖା କରିବା ଦ୍ୱାରା ଏହା ପରବର୍ତ୍ତୀ ସମୟରେ କୌଣସି ବଡ଼ ମାନସିକ ରୋଗର କାରଣ ସାଜିପାରେ। ଯଦି ବାରମ୍ବାର ମାନସିକ ସ୍ତରରେ ଅସୁସ୍ଥ ଅନୁଭବ କରନ୍ତି ତେବେ ମନସ୍ତତ୍ତ୍ୱବିତ୍‌ଙ୍କ ପରାମର୍ଶ ନେବା ଆବଶ୍ୟକ। ତେବେ ମଣିଷ ନିଜର ମାନସିକ ସମସ୍ୟା ସହଜରେ ଚିହ୍ନି ପାରି ନ ଥାଏ। ଏଥିପାଇଁ କେତେକ ମାନସିକ ସ୍ଥିତି ଉପରେ ଧ୍ୟାନ ଦେବା ଆବଶ୍ୟକ। ଯେଉଁମାନଙ୍କ ମନରେ କାହା ପ୍ରତି ବିଶ୍ୱାସ ନ ଥାଏ, ସେମାନେ ସବୁ କଥା ଏବଂ ବ୍ୟକ୍ତିଙ୍କୁ ସନ୍ଦେହ ଏବଂ ଅବିଶ୍ୱାସ ଦୃଷ୍ଟିରେ ଦେଖନ୍ତି। ସେମାନଙ୍କୁ ଲାଗେ ଅନ୍ୟମାନେ ତାଙ୍କ ବିରୋଧରେ କଥା ହେଉଛନ୍ତି ଅବା ଷଡ଼ଯନ୍ତ୍ର କରୁଛନ୍ତି। ଏହା ଏକ ପ୍ରକାର ମାନସିକ ସମସ୍ୟା, ଯାହାକୁ ଯଥା ସମୟରେ ଦୂର କରିବା ଲାଗି ଚେଷ୍ଟା କରିବା ଦରକାର। ଏପରି ଭାବନା ଆସୁଥିଲେ ସକାରାତ୍ମକ ଚିନ୍ତା କରିବା ସହ କୌଣସି ବିଶ୍ୱସ୍ତଙ୍କୁ ଏ ସମ୍ପର୍କରେ ଜଣାଇ ସମାଧାନର ବାଟ ଖୋଜିବା ଆବଶ୍ୟକ। ଦରକାର ହେଲେ ମାନସିକରୋଗ ଚିକିତ୍ସକଙ୍କ ପରାମର୍ଶ ନେବା ଜରୁରୀ। ନଚେତ୍ ଏହା ଧୀରେ ଧୀରେ ସ୍କିଜୋଫେନିଆ ଭଳି ଗମ୍ଭୀର ମାନସିକ ରୋଗର ରୂପ ନେଇପାରେ। ଏହା ବ୍ୟତୀତ ଯଦି ମନରେ କୌଣସି ଚିନ୍ତା ଅଧିକ ରହେ ତାହା ଶରୀରକୁ ମଧ୍ୟ ହାନି ପହଞ୍ଚାଇଥାଏ। କାରଣ ଚିନ୍ତା ମନରେ ନକାରାତ୍ମକ ପ୍ରଭାବ ପକାଇଥାଏ, ଯାହା କି ରହି ରହି ଏଙ୍ଗଜାଇଟି ଡିସ୍‌ଅର୍ଡ଼ର ରୋଗର କାରଣ ସାଜିଥାଏ। ଏହା ଫଳରେ କାର୍ଯ୍ୟକ୍ଷମତା ହ୍ରାସ ପାଇଥାଏ। ଏମିତି କି ଧୀରେ ଧୀରେ ଏହା ଯୋଗୁ ବିଭିନ୍ନ ପ୍ରକାର ଫୋବିଆ ବି ଜାତ ହୋଇଥାଏ। ତଥାପି ମାନସିକ ସ୍ଥିତି ନ ସୁଧୁରିଲେ ଡାକ୍ତରଙ୍କ ପରାମର୍ଶ କ୍ରମେ ଔଷଧ ସେବନ କରିବା ଆବଶ୍ୟକ। କୌଣସି କାରଣ ଲାଗି ମନ ଉଦାସ ଲାଗୁଥିଲେ ଯଦି ଏହା ଅଧିକ ଦିନ ଲାଗି ରହେ ତେବେ ତାହା ଡିପ୍ରେଶନ୍‌ର ରୂପ ନେଇଥାଏ। ତେଣୁ ଉଦାସ ଲାଗିଲେ ପ୍ରଥମେ ଏହାର କାରଣ ଜାଣିବାକୁ ଚେଷ୍ଟା କରନ୍ତୁ। ଏହାକୁ ଭିତରେ ଦୀର୍ଘଦିନ ଚାପି ନ ରଖି କୌଣସି ବିଶ୍ୱସ୍ତଙ୍କ ନିକଟରେ ପ୍ରକାଶ କରନ୍ତୁ, ମନ ହାଲୁକା ହୋଇଯିବ। ସେହିପରି ବାରମ୍ବାର ଭୁଲିବା ଯେମିତି କି ଚିହ୍ନା ମୁହଁ ହଠାତ୍ ନ ଜାଣି ପାରିବା, ଘର ଠିକଣା କିମ୍ବା ଅନ୍ୟାନ୍ୟ ଜିନିଷ ଭୁଲିବା, କେଉଁ ସ୍ଥାନରେ କେଉଁ ଜିନିଷ ରଖିଦେଇ ଭୁଲିଯିବା ଆଦି କ୍ଷତିକାରକ ହୋଇପାରେ। ବାର୍ଦ୍ଧକ୍ୟରେ ସାଧାରଣତଃ ଅନେକଙ୍କଠାରେ ଏପରି ଲକ୍ଷଣ ଦେଖାଦେଇଥାଏ, ହେଲେ ଯୁବାବସ୍ଥାରେ ଏଭଳି ଲକ୍ଷଣ ଦେଖାଦେବା ଏକ ପ୍ରକାର ମାନସିକ ରୋଗ, ଯାହାକୁ ଡିମେନ୍ସିଆ କୁହାଯାଏ। ତେଣୁ ଏଭଳି ଲକ୍ଷଣ ଦେଖା ଦେଲେ ତୁରନ୍ତ ଚିକିତ୍ସା କରାଇନେବା ଆବଶ୍ୟକ।

**ପ୍ରତିକାର:** ଯୁବାବସ୍ଥା ଏକ ସ୍ୱର୍ଣ୍ଣକାତର ସମୟ। ତେଣୁ ଏ ସମୟରେ ପାଠପଢ଼ା ସହ ବ୍ୟକ୍ତିତ୍ୱ ଗଠନ ଓ ସକାରାତ୍ମକ ମନୋଭାବ ଉତ୍ପନ୍ନ ପାଇଁ ଚେଷ୍ଟା କରିବା ଆବଶ୍ୟକ। ଏ ସମୟରେ ମାନସିକ ସ୍ତରରେ ଫିଟ୍ ରହିବା ଲାଗି ନିଶାଦ୍ରବ୍ୟ ସେବନ, କୌଣସି ଅନୈତିକ କାର୍ଯ୍ୟ ଆଦିରୁ ଦୂରେଇ ରହିବା ସହ କୌଣସି ଇଲେକ୍ଟ୍ରୋନିକ୍ସ ଗ୍ୟାଜେଟ୍ ଆଡ଼ିକ୍ସନ ଠାରୁ ଦୂରେଇ ରହିବା ଗୁରୁତ୍ୱପୂର୍ଣ୍ଣ। ଏହା ବ୍ୟତୀତ ମାନସିକ ଅବସାଦ କିମ୍ବା ଚିନ୍ତା ଭଳି ଲକ୍ଷଣ ଦେଖାଗଲେ ତୁରନ୍ତ ମନକୁ ଏଥିରୁ ମୁକ୍ତ କରିବା ଲାଗି ବୁଲାବୁଲି, ଫିଲ୍ମ ଦେଖିବା, ସଙ୍ଗୀତ ଶୁଣିବା, ଆଧ୍ୟାତ୍ମିକ ବହି କିମ୍ବା ମହାପୁରୁଷଙ୍କ ଆତ୍ମଜୀବନୀ ପଢିବା ଆଦି ଉପାୟ ଆପଣାନ୍ତୁ। ଏହା ବ୍ୟତୀତ ପରିବାର, ସାଙ୍ଗସାଥୀଙ୍କ ସହ ସମୟ ବିତାଇଲେ ମଧ୍ୟ ମନ ଖୁସି ରହିପାରିବ। ତଥାପି ମାନସିକ ସ୍ଥିତି ନ ସୁଧୁରିଲେ ଏହା କୌଣସି ଜଟିଳ ମାନସିକ ରୋଗର ରୂପ ନେବା ପୂର୍ବରୁ ତୁରନ୍ତ ମାନସିକ ରୋଗ ବିଶେଷଜ୍ଞ ବା ଡାକ୍ତରଙ୍କ ପରାମର୍ଶ ନେବା ଦରକାର। ତେବେ ଯୁବାବସ୍ଥାରେ ମାନସିକ ସମସ୍ୟାରୁ ଦୂରେଇ ରଖିବା ଲାଗି ପରିବାର ସଦସ୍ୟ ଏବଂ ବନ୍ଧୁପରିଜନଙ୍କର ସହଯୋଗ ରହିବା ଆବଶ୍ୟକ।



ଯୁବ ପ୍ରତିଭା

## ସଫଳ ଅଭିନେତା ହେବାର ଲକ୍ଷ୍ୟ



ସମୀର

ତୁଳସୀ ଦୁଇପତ୍ରରୁ ବାସିଲା ପରି ତାଙ୍କ ପ୍ରତିଭାର ବିକାଶ ହୋଇଥିଲା ପିଲାଦିନୁ। ମଞ୍ଚ ନାଟକ ପ୍ରତି ଥିବା ତାଙ୍କର ଦୁର୍ବଳତା ବୟସ ବଢିବା ସହିତ ଏକ ନିଶାରେ ପରିଣତ ହୋଇଥିଲା। ଅବସର ସମୟ ପାଇଲେ ସେ ରଙ୍ଗମଞ୍ଚରେ ନାଟକ ଦେଖିବାକୁ ପହଞ୍ଚି ଯାଉଥିଲେ। ଏପରି କି ଘରକୁ ଫେରି ନାଟକ ଚରିତ୍ରରେ ନିଜକୁ ହଜାଇ ଦେଇ ଦର୍ପଣ ଆଗରେ ଅଭିନୟ କରି ବସୁଥିଲେ। ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ ରଙ୍ଗମଞ୍ଚ ମଧ୍ୟରେ ଅନ୍ୟତମ ଅନ୍ନପୂର୍ଣ୍ଣା ଥିଏଟରରେ ଅଭିନୟ କରିବାର ନିଶା ତାଙ୍କୁ ଯୁବାବସ୍ଥାରେ ଜଣେ ମଞ୍ଚ ଅଭିନେତା ସଜାଇ ଦେଇଥିଲା। କେବଳ ମଞ୍ଚରେ ନୁହେଁ ଓଡ଼ିଆ ଚଳଚ୍ଚିତ୍ର ଜଗତରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଏହି ଯୁବ ବ୍ୟକ୍ତିତ୍ୱ ହେଉଛନ୍ତି ପୁରୀ ବିଶ୍ୱନାଥ ବିହାର ନିବାସୀ ହରପ୍ରିୟା ଏବଂ ଶରତ ଚନ୍ଦ୍ର ଶତପଥୀଙ୍କ ପୁଅ ସମୀର। ସେ ୨୦୧୧ ମସିହାରେ ଅନ୍ନପୂର୍ଣ୍ଣା ଥିଏଟରରେ ନିଜ କ୍ୟାରିୟର ଆରମ୍ଭ କରିଥିଲେ, ଯାହାକୁ ଦର୍ଶକ ବେଶ୍ ପସନ୍ଦ କରିଥିଲେ। ହେଲେ ୨୦୧୩ ମସିହାରେ ନାଟ୍ୟକାର ଲକ୍ଷ୍ମୀଧର ମିଶ୍ରଙ୍କ ନିର୍ଦ୍ଦେଶିତ ସକାଳ ସନ୍ଧାନ ନାଟକରେ ଚରିତ୍ର ଅଭିନୟ ତାଙ୍କ ଜୀବନର ଟ୍ରନିଙ୍ଗ ପଏଣ୍ଟ ଥିଲା। ତା' ପରଠାରୁ ସେ ଆଉ ପଛକୁ ଫେରି ନାହାନ୍ତି। ବର୍ତ୍ତମାନ ସୁଦ୍ଧା ସେ ସ୍ନେହର ଡୋରି, ପତିତପାବନ, ଆଞ୍ଜୁଳାଏ ସ୍ୱପ୍ନ, କହି ହୁଏନା, ଭୁଲି ଯିବେନି ମତେ, କାୟାକଳ୍ପ, ସମ୍ପର୍କ, ଉପହାର, ଶେଷ ଚିଠି, ଗୋଟିଏ ଗୁଳି ବାକି ଅଛି ପ୍ରଭୃତି ୪୦ରୁ ଊର୍ଦ୍ଧ୍ୱ ନାଟକରେ ନିଜ ନିଖୁଣ କଳାର ପରିଚୟ ଦେଇ ସାଉଁଟିଛନ୍ତି ଅନେକ ପ୍ରଶଂସା। ମଞ୍ଚ ନାଟକ ବ୍ୟତୀତ ଚଳଚ୍ଚିତ୍ର ଜଗତରେ ମଧ୍ୟ ନିଜର ସ୍ଥାନ ସୃଷ୍ଟି କରିପାରିଛନ୍ତି ସମୀର। ଗତ ବର୍ଷ ନଭେମ୍ବରରେ ରିଲିଜ୍ ହୋଇଥିବା ଜଣେ ଚନ୍ଦା ଲୋକର ଜୀବନ କାହାଣୀ ଉପରେ ଆଧାରିତ ଓଡ଼ିଆ ଫିଲ୍ମ 'ବାଳ'ରେ ମୁଖ୍ୟ ଭୂମିକାରେ ଅଭିନୟ କରି ଅଭିନୟରେ ଥିବା ଦକ୍ଷତାକୁ ପ୍ରମାଣିତ କରିଛନ୍ତି। ବର୍ତ୍ତମାନ ତାଙ୍କ ଅଭିନୀତ ଆଉ ଏକ ଓଡ଼ିଆ ଫିଲ୍ମ ସୁପର ବୟ୍ ରିଲିଜ ଅପେକ୍ଷାରେ। ତେବେ ନିଜର ନିଖୁଣ ଅଭିନୟ ଲାଗି ତାଙ୍କୁ ମିଳିଛି ଭୁବନେଶ୍ୱର ହ୍ୱାଇଟ କାନଭାସ ଅନୁଷ୍ଠାନ ପକ୍ଷରୁ ଫିଲ୍ମ ଫେୟାର ଆୱାର୍ଡ, ପୁରୀର ୱିନିଙ୍ଗ ଆଣ୍ଡ ସୋଟିଙ୍ଗ କ୍ଲବ ପକ୍ଷରୁ ଶୋ ଟାଇମ ଆୱାର୍ଡ, ଶ୍ରୀକ୍ଷେତ୍ର ଗୌରବ, ଶ୍ରୀକ୍ଷେତ୍ର ଯୁବପ୍ରତିଭା, କୁମାର ଉତ୍ସବ ସମ୍ମାନ, ଭରତମୁନି ସମ୍ମାନ ଭଳି ଅନେକ ପୁରସ୍କାର। ଅଭିନୟ ବ୍ୟତୀତ ଜଣେ ଯୁବ ସାମାଜିକ କର୍ମୀ ଭାବେ ପୁରୀ ସହରରେ ଏକ ଜଣାଶୁଣା ନାଁ ପାଲଟିଥିବା ସମୀର କଳା, ସଂସ୍କୃତିର ବିକାଶ ଲାଗି ବିଭିନ୍ନ ପଦକ୍ଷେପ ନେବା ସହ ଲୋକଲୋଚନ ଆଢୁଆଳରେ ରହିଯାଉଥିବା ଯୁବପିଢିଙ୍କୁ ଆଗକୁ ବଢିବାରେ ସାହାଯ୍ୟ କରିଥାନ୍ତି। ସେ ଭବିଷ୍ୟତରେ ଜଣେ ପ୍ରତିଷ୍ଠିତ କଳାକାର ହେବାକୁ ଲକ୍ଷ୍ୟ ରଖିଛନ୍ତି।

– ପ୍ରଭାତ ପାଣିଗ୍ରାହୀ

## ଏ ସପ୍ତାହର ପ୍ରଶ୍ନ

୧– ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେଶନ୍‌ର ଡିଜିଟାଲ ଏକାଡେମିକ୍ ରିପୋଜିଟୋରୀ......... ?

୨– କୋଭିଡ୍–୧୯ର ଚିକିତ୍ସା ପାଇଁ ଆଣ୍ଟି ଭାଇରାଲ୍ ଡ୍ରଗ୍ ରେମ୍‌ଡେସିଭିର୍ ବ୍ୟବହାର କରିବାକୁ.......... ଦେଶ ଅନୁମତି ଦେଇଛି ?

୩–........... ରାଜ୍ୟରେ ୮୦,୦୦୦ଟି ସରକାରୀ ସ୍କୁଲରେ ସ୍ମାର୍ଟ ବ୍ଲାକ୍‌ବୋର୍ଡ ସ୍କିମ୍ ଆରମ୍ଭ କରାଯାଇଛି ?

୪– ଷ୍ଟେଟ୍ ଅଫ୍ ଗ୍ଲୋବାଲ୍ ଏୟାର୍ ୨୦୨୦ ରିପୋର୍ଟ ଅନୁଯାୟୀ ୨୦୧୯ରେ ପୃଥିବୀର ସବୁଠୁ ଅଧିକ ବାୟୁ ପ୍ରଦୂଷଣ ହୋଇଥିବା ଦେଶ........... ?

୫– ଭାରତର ପ୍ରଥମ ୟୁରାନିୟମ ଖଣି............ ଠାରେ ପ୍ରତିଷ୍ଠା କରାଯାଇଛି ?

## ଗତ ଥରର ଉତ୍ତର

୧ ରାଫେଲ ନାଡାଲ

୨ ସୂର୍ଯ୍ୟ ପରାଗ

୩ ରାଷ୍ଟ୍ରକୁଟ ରାଜା କୃଷ୍ଣ–୧


୪ ଲୁଇସ୍ ଗ୍ଲକ୍

୫ ଜମ୍ମୁ ଏବଂ କଶ୍ମୀର


## ଉତ୍ତରଦାତା



ବିପ୍ର କର, ଭୁବନେଶ୍ୱର



ନରେଶ କୁମାର କର, ହାଇଦ୍ରାବାଦ



ପ୍ରତୀକ୍ଷା ରାଉତରାୟ, ଭୁବନେଶ୍ୱର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ୨୦୨୦ର ସବୁଠୁ ଧନୀ ମହିଳା ମଡେଲ



୧– କେଣ୍ଡଲ୍ ଜେନର୍...... ୨୨.୫ ମିଲିଅନ୍ ଡଲାର
୨– କାର୍ଲି କ୍ଲସ୍...... ୧୩ ମିଲିଅନ୍ ଡଲାର
୩– ଖ୍ରିସି ଟିଗେନ୍...... ୧୧.୫ ମିଲିଅନ୍ ଡଲାର
୪– ରୋଜି ହଣ୍ଟିଙ୍ଗଟନ୍ ହ୍ୱାଇଟ୍‌ଲେ...... ୧୧.୫ ମିଲିଅନ୍ ଡଲାର
୫– କାରା ଡେଲେଭାଇନ୍...... ୧୦.୫ ମିଲିଅନ୍ ଡଲାର
୬– ଗିସେଲେ ବଣ୍ଡଚେନ୍...... ୧୦.୫ ମିଲିଅନ୍ ଡଲାର
୭– ଗିଗି ହ୍ୟାଡ଼ିଡ୍...... ୯.୫ ମିଲିଅନ୍ ଡଲାର
୮– ବେଲା ହ୍ୟାଡ଼ିଡ୍...... ୮.୫ ମିଲିଅନ୍ ଡଲାର
୯– ଜୋଆନ୍ ସ୍ମଲ୍ସ...... ୮.୫ ମିଲିଅନ୍ ଡଲାର
୧୦– ଡୌଜେନ୍ କ୍ରୋଏସ୍...... ୮ ମିଲିଅନ୍ ଡଲାର

ୟୁଥ୍ କ୍ଲବ୍

## ରେଭେନ୍ସା ଛାତ୍ରରୁ ଅସମ ବ୍ରଦର୍ସ ଗ୍ରୁପ

କଲେଜକୁ ପ୍ରତି ବର୍ଷ ଆସିଥାନ୍ତି ଅନେକ ନୂଆ ନୂଆ ଛାତ୍ରୀଛାତ୍ର। ସେମାନଙ୍କ ମଧ୍ୟରେ ଗଢିଉଠେ ଅନେକ ଛାତ୍ର ସଂଗଠନ, ଆଉ ପଢା ସାରି କଲେଜରୁ ବିଦାୟ ନେବା ସହ ଏହି ସଂଗଠନ ଭାଙ୍ଗି ବି ଯାଏ। ହେଲେ କଲେଜ ଜୀବନ ପରେ ବି ନିଜ ସଂଗଠନକୁ ସକ୍ରିୟ ରଖି ବିଭିନ୍ନ ସମାଜଧର୍ମୀ କାର୍ଯ୍ୟ କରି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି କଟକରେ ଥିବା ଅସମ ବ୍ରଦର୍ସ ଗ୍ରୁପ୍‌ର ସଦସ୍ୟମାନେ। ରେଭେନ୍ସା ବିଶ୍ୱବିଦ୍ୟାଳୟରେ ସାମ୍ବାଦିକତା ଏବଂ ଗଣ ଯୋଗାଯୋଗ ବିଭାଗରେ ପଢୁଥିବା ସମୟରେ ୨୦୧୮ରେ ସତ୍ୟବ୍ରତ ପ୍ରଧାନ, ବିନାୟକ ସିଂ, ମନୋଜ ମହାନ୍ତି, ସିଦ୍ଧାର୍ଥ ଦାଶ, ସମ୍ବିତ ବାନାର୍ଜୀଙ୍କ ସମେତ ନଅ ଜଣ ଛାତ୍ର ସମାଜ ମଙ୍ଗଳ ଏବଂ ଛାତ୍ରୀଛାତ୍ରଙ୍କ ସ୍ୱାର୍ଥ ପାଇଁ ଏହି ସଂଗଠନ ଆରମ୍ଭ କରିଥିଲେ। ସେବେଠୁ ବାଲିଯାତ୍ରା ହେଉ କି ଦୁର୍ଗାପୂଜା କିମ୍ବା ଅନ୍ୟ ସବୁ ସମୟରେ ଅସହାୟଙ୍କ ସହାୟତା ଲାଗି ଛିଡ଼ା ହୋଇଛି ଏହି ସଂଗଠନ। ଆଉ ଏହି ଗ୍ରୁପ୍‌ର ସଦସ୍ୟମାନଙ୍କ ବିଭିନ୍ନ ସମାଜଧର୍ମୀ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ଏମାନଙ୍କ ସହ ଯୋଡ଼ି ହୋଇଥିଲେ ଆହୁରି ଅନେକେ ଏବଂ ବର୍ତ୍ତମାନ ଏହି ଗ୍ରୁପ୍‌ର ସମୁଦାୟ ସଦସ୍ୟ ସଂଖ୍ୟା ୬୩। ସଭାପତି ସତ୍ୟବ୍ରତ କୁହନ୍ତି, ''ବିଶ୍ୱବିଦ୍ୟାଳୟକୁ ସଂଯୋଗ କରୁଥିବା ରାସ୍ତା ଦୀର୍ଘଦିନ ହେବ ମରାମତି ହୋଇପାରୁ ନ ଥିଲା । କୁଳପତିଙ୍କଠାରୁ ଆରମ୍ଭ କରି ପ୍ରଶାସନ ପର୍ଯ୍ୟନ୍ତ ଅବଗତ କରାଇଲେ ବି କେହି ଶୁଣୁ ନ ଥିଲେ। ସାମାନ୍ୟ ବର୍ଷା ହେଲେ ଛାତ୍ରୀଛାତ୍ର ଯିବା କଷ୍ଟକର ହୋଇପଡୁଥିଲା । ଆମ ସଂଗଠନର ସଦସ୍ୟମାନେ ନିଜ ପ୍ରଚେଷ୍ଟାରେ ରାସ୍ତା ମରାମତି କରିଥିଲୁ । ସେବେଠୁ କଟକରେ ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କରିବା ସହ ବାଲିଯାତ୍ରା ସମୟରେ ସବୁଜ ଓଡ଼ିଶା ଗଢିବା, ପଲିଥିନ ବର୍ଜନ କରି ପେପର ବ୍ୟାଗ୍ ବ୍ୟବହାର କରିବା ଦିଗରେ ଜନ ସଚେତନତା ସୃଷ୍ଟି କରିଆସୁଛୁ। ଆମକୁ ପ୍ରତ୍ୟେକ କାର୍ଯ୍ୟରେ ବିଭାଗର ମୁଖ୍ୟ ଡ. ଜୟନ୍ତ କୁମାର ସ୍ୱାଇଁ ସାହାଯ୍ୟ କରିଥାନ୍ତି। କଟକରେ ଥିବା ଏକ ଅନାଥ ଆଶ୍ରମ ଏବଂ ଏକ ବୃଦ୍ଧାଶ୍ରମକୁ ଯାଇ ଖାଦ୍ୟ, ବସ୍ତ୍ର ଏବଂ ଅନ୍ୟାନ୍ୟ ସାମଗ୍ରୀ ବଣ୍ଟନ କରିଥାଉ। ତେବେ ଅନାଥ ଆଶ୍ରମର କୌଣସି ପିଲା ଯେବେ ନିଜ ପରିବାର ସଦସ୍ୟଙ୍କ ଭଳି କୌଣସି ଆବଶ୍ୟକ ସାମଗ୍ରୀ ପାଇଁ ବରାଦ କରେ ଏବଂ ଆମେ ପରବର୍ତ୍ତୀ ସମୟରେ ତାଙ୍କର ଏହି ଆବଶ୍ୟକତା ପୂର୍ଣ୍ଣ କରିଥାଉ, ସେ ସମୟରେ ସେମାନଙ୍କ ମୁହଁରେ ଫୁଟି ଉଠୁଥିବା ହସ ଯେଉଁ ଆତ୍ମସନ୍ତୋଷ ଦିଏ ତାହା ଅବର୍ଣ୍ଣନୀୟ।'' ଏସବୁ କାର୍ଯ୍ୟ ବ୍ୟତୀତ ପ୍ରତିବର୍ଷ ସଙ୍ଗଠନ ପକ୍ଷରୁ ଶୀତଦିନେ ରାସ୍ତା କଡ଼ରେ ଶୋଉଥିବା ଅସହାୟଙ୍କୁ କମ୍ବଳ ବଣ୍ଟାଯାଇଥାଏ। ତେବେ ଏ ସମସ୍ତ କାର୍ଯ୍ୟ ସଦସ୍ୟମାନେ ନିଜ ପକେଟ ମନିରୁ ଆଦାୟ କରି ତୁଲାଇଥାନ୍ତି। ସୋସିଆଲ୍ ମିଡ଼ିଆରୁ କାହାର ଅସୁବିଧା ସମ୍ପର୍କରେ ଜାଣିଲେ ମଧ୍ୟ ଯଥାସମ୍ଭବ ସହାୟତାର ହାତ ବଢାଉଥିବା ଏହି ସଂଗଠନର ସଦସ୍ୟମାନେ ଭବିଷ୍ୟତରେ ଅଧିକରୁ ଅଧିକ ସମାଜଧର୍ମୀ କାର୍ଯ୍ୟ କରିବାକୁ ଲକ୍ଷ୍ୟ ରଖିଛନ୍ତି।

–ଅଶୋକ କୁମାର ବାରିକ



ଅସମ ବ୍ରଦର୍ସ ଗ୍ରୁପର ସଦସ୍ୟମାନେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/18-20. ରବିବାର, ନଭେମ୍ବର ୧/୨୦୨୦ Sunday, November 1/ 2020

# ସୁମାରିୱାଲା ତୃତୀୟ ଥର ନିର୍ବାଚିତ

**ଗୁରୁଗ୍ରାମ, ୩୧।୧୦ (ପି.ଟି.)**


ଆଡିଲ ସୁମାରିୱାଲ

ଆଡିଲ ସୁମାରିୱାଲ ଶନିବାର ତୃତୀୟ ଥର ପାଇଁ ନିର୍ଦ୍ୱନ୍ଦ୍ୱରେ ଆଥଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍ଆଇ)ର ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। କିମ୍ବଦନ୍ତୀ ଲଙ୍ଗଜମ୍ପର ଅଞ୍ଜୁ ବବି ଜର୍ଜ ସିନିୟର ଉପସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଏଠାରେ ଶନିବାର ଅନୁଷ୍ଠିତ ବାର୍ଷିକ ସାଧାରଣ ଅଧିବେଶନ (ଏଜିଏମ୍)ରେ ରବିନ୍ଦର ଚୌଧୁରୀ ପ୍ରତିଦ୍ୱନ୍ଦ୍ୱିତାରେ ସମ୍ପାଦକ ବିନା ନିର୍ବାଚିତ ହୋଇଛନ୍ତି। ରବିନ୍ଦର ଭାବେ ଦୀର୍ଘ ସମୟ ହେଲା ଏଏଫ୍ଆଇର ବିଭିନ୍ନ ପଦ ପଦବୀରେ ରହି ଆସିଛନ୍ତି। ଅନ୍ୟ ପଦବୀଗୁଡ଼ିକ ପାଇଁ ଜଣେ ଲେଖାଏଁ ପ୍ରାର୍ଥୀ ଛିଡ଼ା ହୋଇଥିବାରୁ ପ୍ରତିଦ୍ୱନ୍ଦ୍ୱିତା ହୋଇ ନ ଥିଲା। ସନନ୍ଦୀପ ମେହେଟା ସମ୍ପାଦକ ପଦବୀ ପାଇଁ ପ୍ରାର୍ଥୀ ହୋଇଥିଲେ। ମାତ୍ର ସେ ପ୍ରାର୍ଥିପତ୍ର ପ୍ରତ୍ୟାହାର କରି ନେଇଥିଲେ। ତାଙ୍କୁ ସିନିୟର ଯୁଗ୍ମ ସମ୍ପାଦକ କରାଯାଇଥିଲା। ମଧୁକାନ୍ତ ପାଠକ ନିର୍ଦ୍ୱନ୍ଦ୍ୱରେ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଥିଲେ। ଏଜିଏମ୍‌ରେ ୫ ଯୁଗ୍ମ ସମ୍ପାଦକ ଏବଂ ୮ କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ନିର୍ବାଚିତ ହୋଇଥିଲେ।

# ପଙ୍ଘାଲ, ସଞ୍ଜିତଙ୍କୁ ସ୍ୱର୍ଣ୍ଣ

**ନୂଆଦିଲ୍ଲୀ, ୩୧।୧୦ (ପି.ଟି.)**

ବିଶ୍ୱ ରୌପ୍ୟ ବିଜେତା ଅମିତ ପଙ୍ଘାଲ (୫୨କେଜି) ଓ ସଞ୍ଜିତ (୯୧ କେଜି) ଫ୍ରାନ୍ସର ନାଣ୍ଟିସଠାରେ ଚାଲିଥିବା ଆଲେକ୍ସିସ ଭାଷ୍ଟିନେ ଇଣ୍ଟରନ୍ୟାଶନାଲ ବକ୍ସିଂ ଟୁର୍ନାମେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏସିଆନ ଗେମ୍ସ ଚାମ୍ପିୟନ ତଥା ରାଜ୍ୟଗୋଷ୍ଠୀ କ୍ରୀଡ଼ା ରୌପ୍ୟ ବିଜେତା ଅମିତ୍ ଲଢେଇରେ ସମ୍ପୂର୍ଣ୍ଣ ପ୍ରାଧାନ୍ୟ ବିସ୍ତାର କରିଥିଲେ। ଫାଇନାଲରେ ଆମେରିକାର ରେନେ ଆବ୍ରାହମ୍‌ଙ୍କୁ ସେ ୩-୦ରେ ପରାସ୍ତ କରିଥିଲେ। ପୂର୍ବତନ ଇଣ୍ଡିଆନ୍ ଓପନ ସ୍ୱର୍ଣ୍ଣ ବିଜେତା ସଞ୍ଜିତ ଚମତ୍କାର ପ୍ରଦର୍ଶନ ସହ ଟାଇଟଲ ମୁକାବିଲାରେ


ଅମିତ ପଙ୍ଘାଲ


ସଞ୍ଜିତ

ଫ୍ରାନ୍ସର ସୋହେବ ବୋଆଫିଆଙ୍କୁ ହରାଇ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ୭୫ କେଜି କାଟେଗୋରିରେ ଏସିଆନ ରୌପ୍ୟ ବିଜେତା ଆଶିଷ କୁମାର ଆମେରିକୀୟ ପ୍ରତିଦ୍ୱନ୍ଦ୍ୱୀ ଜୋଶେଫ୍ ଜେରୋମ୍ ହିକ୍ସଙ୍କ ବିପକ୍ଷରେ ୱାକଓଭର ପାଇ ଏକ ସ୍ୱର୍ଣ୍ଣ ପଦକ ଜିତିଥିଲେ। ହିକ୍ସ ଇଞ୍ଜୁରି ପାଇଁ ଟାଇଟଲ ମୁକାବିଲାରୁ ଓହରିଯାଇଥିଲେ। ଅନ୍ୟପକ୍ଷରେ ଏସିଆନ ରୌପ୍ୟ ବିଜେତା କାଭିନ୍ଦର ସିଂ ବିଷ୍ଟ (୫୭କେଜି) ସ୍ଥାନୀୟ ଫେଭରାଇଟ୍ ସାମୁଏଲ୍ କିଷ୍ଟୋହୁରିଙ୍କଠାରୁ ୨-୧ରେ ପରାସ୍ତ ହୋଇ ରୌପ୍ୟ ପଦକ ପାଇଥିଲେ। ଭାରତ ଏହି ଟୁର୍ନାମେଣ୍ଟରେ ପୂର୍ବରୁ ୪ଥର ଏସିଆନ ପଦକ ବିଜେତା ଶିବ ଥାପା (୬୩କେଜି), ସୁମିତ ସାଙ୍ଗୱାନ (୮୧କେଜି) ଏବଂ ସତୀଶ କୁମାର (+୯୧କେଜି)ଙ୍କ ଜରିଆରେ ତିନୋଟି ବ୍ରୋଞ୍ଜ ପଦକ ହାସଲ କରିସାରିଥିଲା। ମାର୍ଚ୍ଚରେ ଜୋର୍ଡାନଠାରେ ଅଲିମ୍ପିକ କ୍ୱାଲିଫାୟର୍ସ ପରେ ଭାରତୀୟ ବକ୍ସରମାନେ ପ୍ରଥମ ଥର ଏକ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାଗ ନେଇଥିଲେ।

# ଶାରୀରିକ ଶିକ୍ଷା ଓ କ୍ରୀଡ଼ା ସମ୍ପର୍କିତ ୱେବିନାର


ୱେବିନାରରେ ଭାଗ ନେଇଥିବା ବ୍ୟକ୍ତିମାନେ।

**ଭୁବନେଶ୍ୱର, ୩୧।୧୦ (ସ୍ପୋର୍ଟ୍ସ ବ୍ୟୁରୋ)**

ଓଡ଼ିଶା ଶାରୀରିକ ଶିକ୍ଷା ବିକାଶ ପରିଷଦ (ପେଡ୍‌କୋ) ପକ୍ଷରୁ ନୂତନ ଜାତୀୟ ଶିକ୍ଷା ନୀତିରେ ଶାରୀରିକ ଶିକ୍ଷା ଓ କ୍ରୀଡ଼ାର ସ୍ଥାନ ସମ୍ପର୍କିତ ଏକ ୱେବିନାର ଅନୁଷ୍ଠିତ ହୋଇଯାଇଛି। ଏହା ଗୁରୁବାର ଓ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଏହି ଭର୍ଚୁଆଲ କର୍ମଶାଳାରେ ପ୍ରତ୍ୟେକ ଦିନ ଓଡ଼ିଶାର ବିଭିନ୍ନ ଜିଲାରୁ ୧୫୦ରୁ ଉର୍ଦ୍ଧ୍ୱ ସ୍କୁଲ ଓ କଲେଜ ଶାରୀରିକ ଶିକ୍ଷା ଭାଗ ନେଇଥିଲେ। ଏଥିରେ ଓଡ଼ିଶାର ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶାରୀରିକ ଶିକ୍ଷା ଓ କ୍ରୀଡ଼ାର ବ୍ୟବସ୍ଥା ଓ ନୂତନ ଜାତୀୟ ଶିକ୍ଷାନୀତିରେ ଶାରୀରିକ ଶିକ୍ଷା ଓ କ୍ରୀଡ଼ାକୁ ଦିଆଯାଇଥିବା ଗୁରୁତ୍ୱ ସମ୍ବନ୍ଧରେ ବକ୍ତାମାନଙ୍କ ଦ୍ୱାରା ବିସ୍ତୃତ ଆଲୋଚନା ହୋଇଥିଲା। ପରିଷଦର ଆବାହକ ତଥା ପୂର୍ବତନ ଅଧ୍ୟକ୍ଷ ମନମୋହନ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ୱେବିନାରରେ ସରକାରୀ ଶାରୀରିକ ଶିକ୍ଷା ମହାବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ବାଲିଆପାଳ ଶାରୀରିକ ଶିକ୍ଷା ମହାବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷ ଶକ୍ତିରଞ୍ଜନ ମିଶ୍ର, ଓୟୁଏଟି ପ୍ରଫେସର ସୁଶାନ୍ତ କୁମାର ଦାସ, ଏଲ.ଏନ୍.ସି.ପି ତିରୁଅନନ୍ତପୁରମର ସହକାରୀ ପ୍ରଫେସର ଆଶୁତୋଷ ଆଚାର୍ଯ୍ୟ, ଜାତୀୟ ସ୍ପୋର୍ଟ୍ସ ବିଶ୍ୱବିଦ୍ୟାଳୟ, ମଣିପୁରର ସହକାରୀ ପ୍ରଫେସର ଶ୍ୟାମସୁନ୍ଦର ରଥ, ପୂର୍ବତନ ଶାରୀରିକ ଶିକ୍ଷା ସହକାରୀ ନିର୍ଦ୍ଦେଶକ, ପ୍ରଭାକର ମଙ୍ଗରାଜ, କିଟ୍ ବିଶ୍ୱବିଦ୍ୟାଳୟର କ୍ରୀଡ଼ା ନିର୍ଦ୍ଦେଶକ ଗଗନେନ୍ଦୁ ଦାଶ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସ୍ପୋର୍ଟ୍ସ ଅଫିସର ଅଞ୍ଜନ କୁମାର ଖୁଣ୍ଟିଆ, ଡିଏଭି ସ୍କୁଲ ପୋଖରୀପୁଟ୍‌ର ଶାରୀରିକ ଶିକ୍ଷା ଶିକ୍ଷକ ନବକୃଷ୍ଣ ମହାପାତ୍ର, ଖରିଆର ମହାବିଦ୍ୟାଳୟର ଶାରୀରିକ ଶିକ୍ଷା ଶିକ୍ଷକ ସରୋଜ କୁମାର ପଣ୍ଡା, ଶାରୀରିକ ଶିକ୍ଷା ସହକାରୀ ନିର୍ଦ୍ଦେଶକ ସତ୍ୟନାରାୟଣ ରାଜଗୁରୁ, ବଲାଙ୍ଗୀର ଜିଲାର ଶାରୀରିକ ଶିକ୍ଷା ପରିଦର୍ଶକ ଜ୍ୟୋତି ପ୍ରସାଦ ପରିଡ଼ା ଏବଂ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ ପକ୍ଷରୁ କୋଅର୍ଡିନେଟର ସୁଜିତ ପାଣିଗ୍ରାହୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ।





# ସୁସ୍ଥ ହେଲେ ରୋନାଲ୍‌ଡୋ

**ତୁରିନ୍ (ଇଟାଲୀ), ୩୧।୧୦ (ଏପି):** କ୍ରିଷ୍ଟିଆନୋ ରୋନାଲ୍‌ଡୋ ୧୯ ଦିନ ପରେ କରୋନା ଭାଇରସ୍‌ରୁ ଆରୋଗ୍ୟ ଲାଭ କରିଛନ୍ତି। ସ୍ୱାବ୍ ଟେଷ୍ଟରେ ତାଙ୍କର ନେଗେଟିଭ ଆସିଛି। ତାଙ୍କର ଆଉ ହୋମ୍ ଆଇସୋଲେଶନରେ ରହିବା ଆବଶ୍ୟକତା ନାହିଁ। ନିଜ ଦେଶ ପର୍ତ୍ତୁଗାଲ ତରଫରୁ ଅନ୍ତର୍ଜାତୀୟ ମ୍ୟାଚ ଖେଳିସାରିବା ପରେ ଛୁଟିରେ ଥିବାବେଳେ ପ୍ରଥମ ଟେଷ୍ଟରେ ତାଙ୍କର ପଜିଟିଭ୍ ଆସିଥିଲା। ଏହି କାରଣରୁ ସେ ତାଙ୍କ କ୍ଲବ ଜୁଭେଣ୍ଟସ ତରଫରୁ ତିନୋଟି ମ୍ୟାଚ ଖେଳିପାରି ନ ଥିଲେ। ସିରି ଏ'ରେ ସେ କ୍ରୋଟୋନେ ଓ ହେଲାସ ଭେରୋନା ଏବଂ ଚାମ୍ପିୟନ୍ସ ଲିଗ୍‌ରେ ବାର୍ସିଲୋନା ବିପକ୍ଷ ମ୍ୟାଚ ଖେଳିବାରୁ ବଞ୍ଚିତ ହୋଇଥିଲେ। ୫ଥର ବାଲନ ଡି'ଅର ପୁରସ୍କାର ବିଜେତା ତୁରିନ୍‌ସ୍ଥିତ ନିଜ ବାସଭବନରେ କ୍ୱାରାଣ୍ଟାଇନ୍‌ରେ ଥିଲେ। ରୋନାଲ୍‌ଡୋ ଜୁଭେଣ୍ଟସର ସ୍ପେଜିଆଠାରେ ସିରି ଏ' କିମ୍ବା ବୁଦାପେଷ୍ଟଠାରେ ଚାମ୍ପିୟନ୍ସ ଲିଗ୍‌ର ଏକ ମ୍ୟାଚରେ ସେ ପ୍ରତ୍ୟାବର୍ତ୍ତନ କରିପାରନ୍ତି।


କ୍ରିଷ୍ଟିଆନୋ ରୋନାଲ୍‌ଡୋ

# ଗେଲ୍‌ଙ୍କୁ ଜରିମାନା

**ଆବୁଧାବି, ୩୧।୧୦ (ପି.ଟି.):** ବିସ୍ଫୋରକ ବ୍ୟାଟ୍ସମ୍ୟାନ କ୍ରିସ୍ ଗେଲ୍‌ଙ୍କୁ ତାଙ୍କ ମ୍ୟାଚ୍ ଫି'ର ୧୦ ପ୍ରତିଶତ ଜରିମାନା ହୋଇଛି। ଏଠାରେ ଶୁକ୍ରବାର ରାଜସ୍ଥାନ ରୟାଲ୍ସ ବିପକ୍ଷ କିଙ୍ଗ୍ସ ଇଲେଭେନ ପଞ୍ଜାବ ମ୍ୟାଚରେ ସେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଆଚରଣବିଧି ଉଲ୍ଲଂଘନ କରିଥିଲେ। ଆଇପିଏଲ୍ ପକ୍ଷରୁ କିନ୍ତୁ ଦଣ୍ଡବିଧାନର କାରଣ ସମ୍ପର୍କରେ କିଛି କୁହାଯାଇନାହିଁ। କିନ୍ତୁ ଶୁକ୍ରବାର ରାତିରେ ଶେଖ ଜାୟେଦ ଷ୍ଟାଡିୟମରେ ୯୯ରନ କରି ଆଉଟ ହେବା ପରେ ଜାମାଇକାର ଏହି କ୍ରିକେଟର ବିରକ୍ତି ପ୍ରକାଶ କରି ତାଙ୍କ ବ୍ୟାଟ୍‌କୁ ଫିଙ୍ଗି ଦେଇଥିବାରୁ ତାଙ୍କୁ ଜରିମାନା କରାଯାଇଥିବା କୁହାଯାଉଛି। କିଙ୍ଗ୍ସ ଇଲେଭେନ ପଞ୍ଜାବ ବ୍ୟାଟ୍ସମ୍ୟାନ ତାଙ୍କ ଭୁଲ୍ ସ୍ୱୀକାର କରିଛନ୍ତି ଏବଂ ଦଣ୍ଡକୁ ଗ୍ରହଣ କରିଛନ୍ତି। ୪୧ ବର୍ଷୀୟ ଗେଲ୍ ଏହି ମ୍ୟାଚରେ ୮ ଛକା ଓ ୬ ଚୌକା ଲଗାଇଥିଲେ। ମାତ୍ର ଏକ ରନ ପାଇଁ ସେ ଶତକ ହାସଲରୁ ବଞ୍ଚିତ ହୋଇଥିଲେ ମଧ୍ୟ ଟି୨୦ କ୍ରିକେଟରେ ୧୦୦୦ ଛକା ମାରିବାରେ ପ୍ରଥମ ଖେଳାଳି ବିବେଚିତ ହୋଇପାରିଛନ୍ତି।


କ୍ରିସ୍ ଗେଲ୍







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ